# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧/୨୦୧୯ (୨୦ ପୃଷ୍ଠା) Sambalpur, Tuesday, October 1 / 2019 ★★

୧୫୪ଶ ଭାଗ ୨୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



LOVED IN 70 COUNTRIES

BAJAJ THE WORLD'S FAVOURITE INDIAN

ଘରକୁ ଆଣନ୍ତୁ THE WORLD'S FAVOURITE INDIAN

₹7200/-* ପର୍ଯ୍ୟନ୍ତର ସଞ୍ଚୟ

₹6000/-* ପର୍ଯ୍ୟନ୍ତ ଡିସ୍କାଉଣ୍ଟ + 5 ଫ୍ରୀ ସର୍ଭିସ୍ + 5 ବର୍ଷର ଫ୍ରୀ ୱାରଣ୍ଟୀ



| ନୂଆ CT110 | ନୂଆ PLATINA H GEAR 110 | 2019 ଏଡିଶନ୍ Pulsar 150 | 2019 ଏଡିଶନ୍ Pulsar 220F | 2019 ଏଡିଶନ୍ DOMINAR 400 |
|---|---|---|---|---|
| ₹3200/-* | ₹3700/-* | ₹4200/-* | ₹5000/-* | ₹7200/-* |

ସଞ୍ଚୟ

ଆକର୍ଷକ ସଞ୍ଚୟ Avenger, V ଆଉ Discover ପାଇଁ ବି ମିଳୁଛି

କିଛି ଲୁଚାଛପା ଖର୍ଚ୍ଚ ନାହିଁ! ନ୍ୟୂନ ଡାଉନ୍ ପେମେଣ୍ଟ ₹4090/-#ରୁ ଆରମ୍ଭ ବା ₹0/-* ପ୍ରୋସେସିଙ୍ଗ ଫୀ

Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in | OFFER VALID TILL 8TH OCTOBER, 2019

*ସର୍ତ୍ତ ଓ ନିୟମାବଳୀ ଲାଗିବ । Dominar 400 ପାଇଁ ₹7200/- ର ସଞ୍ଚୟ ଆଉ ₹6000/- ର ଡିସ୍କାଉଣ୍ଟ ରାଶି । ବିଶଦ ବିବରଣୀ ପାଇଁ ଦେଖନ୍ତୁ: www.bajajauto.com/festiveoffer । CT, Platina, Pulsar, Discover, V, Avenger ଓ Dominar'ର ସବୁ ମଡେଲ ପାଇଁ ସ୍କିମ୍ ବୈଧ, କେବଳ CT100 KS କୁ ଛାଡ଼ିକରି । କେରଳ, ମିଜୋରାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ମଣିପୁର, ନାଗାଲାଣ୍ଡ, ସିକ୍କିମ୍ ଓ ଶ୍ରୀନଗର ସକାଶେ ସ୍କିମ୍ ଉପଲବ୍ଧ ନୁହେଁ । ଫାଇନା ନ୍ସର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । #CT100 ES ପାଇଁ ଡାଉନ୍ ପେମେଣ୍ଟ ରାଶି । ଯଥାପ୍ରଯୁଜ୍ୟ DCC ଚାର୍ଜ ଅତିରିକ୍ତ ।

BAJAJ FINANCE LTD - AF

**Authorised Dealers for BAJAJ Auto Ltd.: Sambalpur: UJJWAL** BAJAJ 9853155550 • **Rourkela:** RM BAJAJ 90780 83803 • **Baragrh** CHANDAN BAJAJ 7381415555 • **Bolangir** URBASI BAJAJ 7381052046 • **Bhawanipatna** KALINGA BAJAJ 8895088261 • **Jharsuguda UTKAL BAJAJ** 9337200356. **Authorised Service Centre: Binika** 9437151684, **Dunguripali** 9937006819, **Boudh** 7978833033, **Kuchinda** 9437392099, **Titilagarh** 9437224027, **Patnagarh** 9937301752, **Kantabanji** 9439277555, **Padampur** 9437417977, **Gaisilet** 9937517018, **Barpali** 9861368656, **Junagarh** 9437092196, **Muniguda** 9124600099, **Rajkhariar** 9437072917, **Udyanbandh** 9668115670, **Khariar Road** 9437188542, **Brajrajnagar 9937124444**, **Bamara** 9937108643, **Bagdhi** 7873430989,**Kuchinda** 9437392099, **Deogarh** 9437020444, **Rajgangpur** 8908908901, **Diptipur**- 7750039856, **Godbhaga** – 9937514987, **Saintala**-8114662939 / 9658030100, **Kesinga**- 6371162632.



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ

# ପାର୍ବଣରେ ଝଲସୁଛି ସମ୍ବଲପୁର











ଦୁର୍ଗା ପୂଜା ଅବସରରେ ସମ୍ବଲପୁରରେ ବିଦ୍ୟୁତ୍ ତୋରଣଗୁଡ଼ିକର ରଙ୍ଗିନ ଆଲୁଅ ରାତିର ସୌନ୍ଦର୍ଯ୍ୟକୁ ଅଧିକ ଶୋଭାମଣ୍ଡିତ କରୁଛି।

# 'ବ୍ରହ୍ମୋସ୍'ର ବ୍ୟାବହାରିକ ପରୀକ୍ଷା ସଫଳ

**ବାଲେଶ୍ୱର ଅଫିସ, ୩୦।୯**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍) ୩ନଂ. ଉତ୍କ୍ଷେପଣ କେନ୍ଦ୍ରରୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସୁପରସୋନିକ୍ କ୍ରୁଜ କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ବ୍ୟାବହାରିକ ପରୀକ୍ଷା ସଫଳ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ବିକଶିତ ମଡେଲ। ଏହି ପରୀକ୍ଷା ସମୟରେ ସେନା ଓ ଡିଆର୍‌ଡିଓ (ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍)ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଡିଆର୍‌ଡିଓ ଓ ସେନାବାହିନୀର ମିଳିତ ସହଯୋଗରେ ପରୀକ୍ଷା କରାଯାଇଥିବା ଏହି କ୍ଷେପଣାସ୍ତ୍ରର ଓଜନ ୩ ହଜାର କିଲୋଗ୍ରାମ୍। ୮.୪ ମିଟର ଲମ୍ବ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୨୯୦ରୁ ୪୫୦ କି.ମି.। ଦୁଇ ପର୍ଯ୍ୟାୟ ଇଞ୍ଜିନ୍ ବିଶିଷ୍ଟ ଉକ୍ତ କ୍ଷେପଣାସ୍ତ୍ର ୨୦୦ କିଲୋଗ୍ରାମ୍ ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଆକାଶ ମାର୍ଗରେ ସ୍ୱଳ୍ପ ଉଚ୍ଚତାରେ ଥାଇ 'ବ୍ରହ୍ମୋସ୍' ଅକ୍ଳେଶରେ ଶତ୍ରୁ ପକ୍ଷର ଟାର୍ଗେଟ୍‌କୁ ନଷ୍ଟ କରିଥାଏ। ଭାରତ ଓ ରୁଷ୍‌ର ମିଳିତ ସହଯୋଗରେ ଡିଆର୍‌ଡିଓ ପକ୍ଷରୁ ପ୍ରସ୍ତୁତ



ଏହି କ୍ଷେପଣାସ୍ତ୍ର ଏକ ନିର୍ଭରଯୋଗ୍ୟ କ୍ଷେପଣାସ୍ତ୍ର ଅଟେ। ଏହାର ପ୍ରଥମ ପରୀକ୍ଷା ୨୦୧୭ ମାର୍ଚ୍ଚ ୧୧ ତାରିଖରେ ହୋଇଥିଲା। ସଫଳ ମଧ୍ୟ ହୋଇଥିଲା। କ୍ଷେପଣାସ୍ତ୍ର ପରୀକ୍ଷା ସଫଳ ହେବା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଡିଆର୍‌ଡିଓ ଚେୟାରମ୍ୟାନ୍ ଜି. ସତୀଶ ରେଡ୍ଡୀ ଏବଂ ଡିଜି ମିଶାଇଲ୍ ଆଣ୍ଡ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ଏମ୍‌ଏସ୍‌ଆର୍ ପ୍ରସାଦ ଶୁଭେଚ୍ଛା ଜଣାଇଛନ୍ତି। ଡିଜି (ବ୍ରହ୍ମୋସ୍) ସୁଧୀର କୁମାର ମିଶ୍ର, ଡିଆର୍‌ଡିଏଲ୍ ଡାଇରେକ୍ଟର ଦଶରଥ ରାମ ଏବଂ ଆଇଟିଆର୍ ନିର୍ଦ୍ଦେଶକ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଭାରତ ତାର ପ୍ରତିରକ୍ଷା ଶକ୍ତିକୁ ସୁଦୃଢ଼ କରିବା ଦିଗରେ ଉକ୍ତ କ୍ଷେପଣାସ୍ତ୍ର ସାମର୍ଥ୍ୟ ରଖିଛି ବୋଲି କହିଛନ୍ତି।


## ଡକ୍ଟରେଟ ଉପାଧି ଲାଭ



ଜ୍ୟୋତିରଞ୍ଜନ ହୋତା, Faculty of Management Studies and Research, AMU, Aligarhରୁ Business Administrationରେ ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ସେ AMUର Professor Dr. Saboohi Nasim (Ph.D., IIT, Delhi) ଏବଂ KSOMର Associate Professor Dr. Sasmita Mishra (Ph.D., IIT, Kharagpur)ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ରଚିତ ଗବେଷଣାତ୍ମକ ସନ୍ଦର୍ଭଟି "Adoption of Multivendor ATM Technology" ଉପରେ ଆଧାରିତ। ପ୍ରଫେସର ହୋତାଙ୍କର Research articles Emerald Publishing (UK), GLOGIFT Society Conference (IIT, Delhi), 100th Indian Science Congress Conference, Computer Society of India ଓ Springer Nature (Portfolio of Nature Research) ଆଦି ପୃଥିବୀର ବହୁ ଉଚ୍ଚକୋଟୀର ରିସର୍ଚ୍ଚ ପ୍ରକାଶକମାନେ ପ୍ରକାଶ କରିଛନ୍ତି। ତାଙ୍କର ସନ୍ଦର୍ଭଟି Delhi Technological Universityର Senior Professor Dr. Pradip Kumar Suri (Ph.D., IIT, Delhi) ଏବଂ Quatar Universityର Research Dean Dr. Belaid Aouni (Ph.D., Laval University, Canada)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ପ୍ରଫେସର ହୋତା କଟକ ଜିଲ୍ଲା ନିଆଳି ବ୍ଲକର ପୂର୍ବଖଣ୍ଡ ଶାସନ ନିବାସୀ ସ୍ୱର୍ଗତ ବଂଶୀଧର ହୋତା ଓ ଶ୍ରୀମତୀ ସବିତା ହୋତାଙ୍କର ପୁତ୍ର ତଥା କାକଟପୁର ବ୍ଲକ ସୁହାଗପୁର ଶାସନର ଅବସରପ୍ରାପ୍ତ SBI ଅଫିସର ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଶ୍ରୀମତୀ ହେମଲତା ଶତପଥୀଙ୍କର ଜ୍ୟେଷ୍ଠ ଜାମାତା ଅଟନ୍ତି। ତାଙ୍କର ପିତା ସ୍ୱର୍ଗତ ବଂଶୀଧର ହୋତା ବିଜେବି କଲେଜର ପଦାର୍ଥ ବିଜ୍ଞାନରେ ଶିକ୍ଷାବିତ୍ ଥିଲେ ଏବଂ ତାଙ୍କର ପୁତ୍ର ଓ ତିନି କନ୍ୟାଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଫେସର ହୋତା ନିଜର ପିତା, ମାତା, ଧର୍ମପତ୍ନୀ ମନ୍ଦାକିନୀ, ଭଉଣୀ, ଭିଣୋଇ, ବନ୍ଧୁବର୍ଗ, ଦୁଇକନ୍ୟା ମୁଗ୍ଧା ଓ ସ୍ନିଗ୍ଧାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ନିଜର ଦୁଇଜଣ ଗାଇଡ୍ସ, KIIT ବିଶ୍ୱବିଦ୍ୟାଳୟର Management, KIIT School of Managementର ବନ୍ଧୁବର୍ଗ, Extended ଷଡ଼ଙ୍ଗୀ family members ତଥା ଜନ୍ମସ୍ଥାନ ପୂର୍ବଖଣ୍ଡ ଶାସନର ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୪୫୯୧


# ଫସଲ ବୀମାରାଶି ପ୍ରଦାନ ଦାବି : ଚାଷୀଙ୍କ ମହା ରେଳରୋକୋ

**ବାମରା,୩୦।୯(ଡି.ଏନ.ଏ.)**

- ୪ ଘଣ୍ଟା ୯ ଟ୍ରେନ ଚଳାଚଳ ବନ୍ଦ
- ସଗରାରୁ ବାମରା ପର୍ଯ୍ୟନ୍ତ ୨୨ କି.ମି. ଜାମ
- ୧୧ ଜିଲା ପ୍ରତିନିଧି, ଉପଖଣ୍ଡର ୪୦ ସଙ୍ଗଠନ ସାମିଲ

୨୦୧୮-୧୯ ଖରିଫ ଧାନ ଚାଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଏଯାଏ କୁଚିଣ୍ଡା ଉପଖଣ୍ଡର ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକରେ ପୈଠ କରାଯାଇ ନାହିଁ । ଏହାକୁ ନେଇ ପୂର୍ବରୁ ଆନ୍ଦୋଳନ, ଧାରଣା, ମହାବନ୍ଦ ଆଦି କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଶେଷରେ ସୋମବାର ପୂର୍ବାହ୍ନ ୧୦ଟାରୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆହ୍ୱାନ କ୍ରମେ କୁଚିଣ୍ଡା ଉପଖଣ୍ଡର ୩ଟି ବ୍ଲକରୁ ହଜାର ହଜାର ଚାଷୀ ବାମରା ଷ୍ଟେଶନରେ ରେଳରୋକୋ କରିଥିଲେ।

ସମିତିର ଆବାହକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଜିଲା ସଭାପତି ମୁରାରୀ ପୁରୋହିତ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଉପଖଣ୍ଡ ଆବାହକ କୁଶଧ୍ୱଜ ଚୌଧୁରୀ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଓ ରାଜେନ୍ଦ୍ର ଛତ୍ରିଆ, ଭୁବନେଶ୍ୱର କିଷାନ, ଜିଲା ସହ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ସାମାଜିକ କର୍ମୀ ସରୋଜ ମହାନ୍ତି, ସଞ୍ଜୀବ ବାରିକ, ହରି ଶଙ୍କର ପୁରୋହିତ, ପଦ୍ମଚରଣ ଗୁରୁ, ଖଡ୍ଗନାଥ ପିଙ୍ଗ, ରତନୀ ଛତ୍ରିଆ, ଡେଜିରାଣୀ ଏକ୍କା, ସୌଦାମିନୀ ନାୟକଙ୍କ ସହ ପ୍ରାୟ ୭ ହଜାର ମହିଳା ପୁରୁଷ ଚାଷୀ ଉଭୟ ଅପ୍ ଓ ଡାଉନ ଲାଇନ ରେଳଧାରଣା ଉପରେ ବସି ରହିଥିଲେ। ରେଳରୋକୋ ଆନ୍ଦୋଳନ ଯୋଗୁ ପୂର୍ବାହ୍ନ ୧୦ଟା ପରେ ବାମରାଠାରେ ଚକ୍ରଧରପୁର-ସମ୍ବଲପୁର ପାସେଞ୍ଜର, ସମ୍ବଲପୁର-ରାଉରକେଲା ପାସେଞ୍ଜର ଓ ସମ୍ବଲପୁର ଜମ୍ମୁ ତୱି ଏକ୍ସପ୍ରେସ ଟ୍ରେନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଟକି ରହିଥିଲା । ସେହିଭଳି ରାଉରକେଲା ରେଳଷ୍ଟେଶନଠାରେ ନୂଆଁଦିହି-ଭୁବନେଶ୍ୱର ରାଜଧାନୀ, ହାୱଡା-ମୁମ୍ବାଇ ଦୁରନ୍ତ ଏକ୍ସପ୍ରେସ ଟ୍ରେନ ଓ ଦାନାପୁର ଦୁର୍ଗ ସାଉଥ୍ ବିହାର ଏକ୍ସପ୍ରେସ, ରାଜଗାଙ୍ଗପୁରଠାରେ ପୁରୀ- ନିଜାମୁଦ୍ଦିନ କଳିଙ୍ଗ-ଏକ୍ସପ୍ରେସ, ଝାରସୁଗୁଡାଠାରେ ଟିଟିଲାଗଡ-ହାୱଡା ଇସ୍ପାତ ଏକ୍ସପ୍ରେସ ଟ୍ରେନ ଓ ସୋନାଖାନ୍‌ଠାରେ ରାଉରକେଲା ପୁରୀ ପାସେଞ୍ଜର ଆଦି ୯ଟି ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ।

ଅତିରିକ୍ତ ଏସ୍‌ପି ସମ୍ବଲପୁର ପି.କେ. ମହାପାତ୍ର ଓ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଆରପିଏଫ୍ କମାଣ୍ଡାଣ୍ଟ ରାଉରକେଲା ଏସ୍.କେ. ଚୌଧୁରୀ, ଏଆରଏମ ଝାରସୁଗୁଡା ଏ.କେ. ପଣ୍ଡା, ଏସ୍‌ଡିପିଓ ରାଜକିଶୋର ମିଶ୍ର, ଜିଆରପି ଡିଏସ୍‌ପି ବି.ଆର. କେର୍କେଟା, ଆରପିଏଫ୍ ଆଇଆଇସି ଏଲ.କେ.ଦାଶ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ବାମରା ବିଡିଓ ସୁଶୀଲ କୁଜୁର ଓ ତହସିଲଦାର ଅନିଲ କୁଲୁ, ଅତିରିକ୍ତ ତହସିଲଦାର ଜମନକିରା ସଞ୍ଜୀବ କୁଲୁ, ଅତିରିକ୍ତ ତହସିଲଦାର ଲାଇକେରା ଏମ .କେର୍କେଟା, ସହାୟକ ଜିଲା କୁଚିଣ୍ଡା ହର୍ମେନ୍ଦ୍ର ଭୋଇ ଓ କେ.ପି. ରଣା ଉପସ୍ଥିତ ଥିଲେ । ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ, ୧ ପ୍ଲାଟୁନ ଆରପିଏଫ୍, ୧ ପ୍ଲାଟୁନ ଆରପିଏସ୍‌ଏଫ୍ ସହ କୁଚିଣ୍ଡା, ଜମନକିରା ଓ ଗୋବିନ୍ଦପୁର ଥାନାର ପୋଲିସ ବାହିନୀ ସଜାଗ ରହିଥିଲେ ।

ସେହିଭଳି ସଗରା ରେଳଷ୍ଟେଶନଠାରେ ଜୟ କିଷାନ ଆଦିମ କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଯୋଗ ବିହାରୀ ପରିଡାଙ୍କ ନେତୃତ୍ୱରେ ବ୍ଲକର ଗଡପୋଷ, ସଗରା, ପିଣ୍ଡାପଥର, କିନାବଗା, ରବଗା, କୁଟାରିମାଲ, ତୁରେଇ, ବାବୁନିକ୍ତିମାଲ ଆଦି ଅଞ୍ଚଳରୁ ପ୍ରାୟ ୫ ହଜାର ମହିଳା ପୁରୁଷ ଚାଷୀ ଆନ୍ଦୋଳନ କରିଥିଲେ । ଆନ୍ଦୋଳନରେ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ସରପଞ୍ଚ ବାଣ୍ଟୁ କେଛୁଆ, କୃଷ୍ଣଚନ୍ଦ୍ର ଟପ୍ପୋ ସାମିଲ ଥିଲେ । ସେଠାରେ ମହୁଲପାଲି ଥାନା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ବେହେରା, ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଷୀ ନେତାମାନେ ଗର୍ଜିଥିଲେ । ଅପରାହ୍ନ ୨ଟା ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ଘୋଷଣା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା ।

କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ସଚିବ ବୀରବିକ୍ରମ ସିଂ ଯାଦବ ଇତି ମଧ୍ୟରେ କଥାବାର୍ତ୍ତା ପାଇଁ ଦିଲ୍ଲୀ ଯାଇଛନ୍ତି । ତୁରନ୍ତ ଏହି ବିବାଦର ସମାଧାନ ହେବ ବୋଲି କହିଥିଲେ । ଯଦି ୧୫ ଦିନ ଭିତରେ ବିବାଦର ସମାଧାନ ନ ହୁଏ ତେବେ ଏଭଳି ଏକ ଆନ୍ଦୋଳନ ହାତକୁ ନିଆଯିବ ବୋଲି ଚେତାବନୀ ଦିଆଯାଇଛି ।







ଚାଷୀମାନେ ରେଳଧାରଣା ଉପରେ ବସିଛନ୍ତି ଓ ଏକ ଟ୍ରେନ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ହୀରାକୁଦ ଡ୍ୟାମ୍‌ର ୨୨ ଗେଟ୍ ଖୋଲା

**ସମ୍ବଲପୁର,୩୦।୯(ବ୍ୟୁରୋ)**

ଉପରମୁଣ୍ଡରେ ବର୍ଷା ହେବା ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ବଢ଼ୁଛି। ସୋମବାର ରାତି ୧୦ଟାରେ ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ର ଜଳସ୍ତର ୬୩୦ ଫୁଟ ରହିଛି । ସୁରକ୍ଷା ଦୃଷ୍ଟିରେ ଡ୍ୟାମ କର୍ତ୍ତୃପକ୍ଷ ୨୨ଗେଟ ଖୋଲିଛନ୍ତି। ଏହି ୨୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରତି ସେକେଣ୍ଡରେ ଡ୍ୟାମ୍‌କୁ ୩ଲକ୍ଷ ୮୨ ହଜାର ୪୫୬ କ୍ୟୁସେକ ଜଳ ପ୍ରବେଶ କରୁଛି । ସେତିକି ପରିମାଣର ଜଳ ମଧ୍ୟ ଡ୍ୟାମ୍‌ରୁ ନିଷ୍କାସନ କରାଯାଉଛି । ୨୨ଟି ସ୍ଲୁଇସ୍ ଗେଟରେ ୩ଲକ୍ଷ ୬୧ ହଜାର ୬୮୦, ପାୱାର ଚ୍ୟାନେଲରେ ୧୭ ହଜାର ୭୯୧, ବିଭିନ୍ନ କେନାଲରେ ୨ହଜାର ୮୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ଡ୍ୟାମ ଉପରମୁଣ୍ଡରେ ୩୩.୭୮ ଓ ତଳ ମୁଣ୍ଡରେ ୧୩.୪୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପର୍ଥଲାରେ ୬୧.୬୩୩ ହଜାର, ଖଇରମାଲରେ ୫ ଲକ୍ଷ ୫୫ ହଜାର, ବଡମୂଳରେ ୩ ଲକ୍ଷ ୫୮ ହଜାର ୧୨୫ ଓ ମୁଣ୍ଡଳିରେ ୩ ଲକ୍ଷ ୭୮ ହଜାର ୫୨୦ କୁସେକ ଜଳ ପ୍ରବାହିତ ହେଉଥିବା ଡ୍ୟାମ କର୍ତ୍ତୃପକ୍ଷ କହିଛନ୍ତି।


## ମନେ ପଡ଼ନ୍ତି

### ଏକବିଂଶତମ ଶ୍ରାଦ୍ଧବାର୍ଷିକ ଉତ୍ସବ



**ସ୍ୱର୍ଗତା ଶ୍ରୀମତୀ ବିଦ୍ୟୁଲତା ପଟ୍ଟନାୟକ**
ନାନପୁର, ବାଲିଚନ୍ଦ୍ରପୁର, ଯାଜପୁର

ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ: ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପୁତ୍ର: ଅନିଲ କୁମାର ପଟ୍ଟନାୟକ(ବାପି), ବୋହୂ: ଜିତା, ଝିଅ: ଗୁନୁ, ଝୁନୁ, ଜ୍ୱାଇଁ: ମଣ୍ଟୁ, କମଲ, ନାତି, ନାତୁଣୀ- ରିଙ୍କୁ, ଚିଙ୍କୁ, ସ୍ୱେତ, କ୍ରିଷ୍ଟାଲ, ଲୋରା, ତନଭି,ସୟିନି
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୧୪୫୯୩

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଅକ୍ଷୟ କୁମାର ନାୟକ**
ଗ୍ରାମ: ବଳଭଦ୍ରପୁର
ଆବିର୍ଭାବ: ୧୪।୦୨।୧୯୫୬
ତିରୋଧାନ: ୨୧।୦୯।୨୦୧୯

ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରଣତି ଜଣାଉଛୁ।

-ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୬୨୯୨୩

### ୧୩ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ନିର୍ମଳା ମହାପାତ୍ର**
ପ୍ଲଟ ନଂ: ୧୫୫୨, ମହାନଦୀବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱୀନ ଶୁକ୍ଳ ତୃତୀୟା)

ନିର୍ମାଲ୍ୟଭବନ ଝୁରୁଛି ତୁମକୁ , ତୁମେକି ସତେ ଫେରିବ, ନିର୍ମଳ ଆକାଶେ ନିର୍ମଳା ତୁମେ, ସୁମରୁଛୁ ତୁମ ଯଶ ଗୌରବ।

ଶୋକସନ୍ତପ୍ତ:
ସ୍ୱାମୀ: ଇଂ ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ।

ଧ-୧୪୫୮୨



## CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME
- GNM (Nursing)
- ANM (Nursing)
- DMRT (X-Ray)
- DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
- MEDICAL LAB TECH.
- X-RAY TECH
- O.T TECH
- WARD TECH
- DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer · EMI Facility · Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS Hearing Systems
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ବଶୀକରଣ କବଚ
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଣ୍ଟିକା ପର୍ଯ୍ୟନ୍ତ।

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧/୨୦୧୯ | Sambalpur, Tuesday, October 1 / 2019 | ପୃଷ୍ଠା-୧



**ସୋସିଆଲ ମିଡିଆରେ ପୁଣି ନୋରାଙ୍କ କ୍ରେଜ୍**

ଆକ୍ଟ୍ରେସ୍ ନୋରା ଫତେହୀ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତାଙ୍କ ନିଆରା ଅନ୍ଦାଜ ସୋସିଆଲ ମିଡିଆରେ ଫ୍ୟାନ୍ସଙ୍କୁ ବେଶ୍ ପସନ୍ଦ ଆସିଛି।

୮

୧୬ **ଅନୁଙ୍କ ଜାତୀୟ ରେକର୍ଡ**

ଦୋହାଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତର ଅନୁ ରାଣୀ ମହିଳା ଜାଭେଲିନ ଥ୍ରୋରେ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି।



# ପ୍ରାର୍ଥିପତ୍ର ଦାଖଲ କଲେ ରୀତା, ଦିଲୀପ ଓ ସନତ୍





ବିଜେଡି ପ୍ରାର୍ଥୀ ରୀତା ସାହୁ ଓ ଭାଜପା ପ୍ରାର୍ଥୀ ସନତ୍ ଗଡ଼ତିଆ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ବିଜେପୁର ଉପନିର୍ବାଚନ**
- ସମୁଦାୟ ୭ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ
- ଆଜି ପ୍ରାର୍ଥିପତ୍ର ଯାଞ୍ଚ
- ବୁଧବାର ନାମାଙ୍କନପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ

ପଦ୍ମପୁର, ୩୦।୯ (ଡି.ଏନ.ଏ.)

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ୩୦ ତାରିଖ ଅର୍ଥାତ୍ ସୋମବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିବସ । ଆଜି ବିଜେଡି ପ୍ରାର୍ଥୀ ରୀତା ସାହୁ, କଂଗ୍ରେସ ପ୍ରାର୍ଥୀ ଦିଲୀପ ପଣ୍ଡା ଓ ଭାଜପା ପ୍ରାର୍ଥୀ ସନତ୍ ଗଡତିଆ ନିଜ ସମର୍ଥକମାନଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ଅଶୋକ ମିଉଲ, ସମାଜବାଦୀ ପାର୍ଟିରୁ ଗଙ୍ଗାଧର ପୂଝାରୀ ଏବଂ ଡୋଲାମଣି ବେହେରା ଓ ବୃନ୍ଦାବନ ପୁରୋହିତ ସ୍ୱାଧୀନ ଭାବେ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ପ୍ରାର୍ଥିପତ୍ର ଯାଞ୍ଚ ହେବ ଏବଂ ଆସନ୍ତା ୩ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ରହିଥିବା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

ସୋମବାର ପୂର୍ବାହ୍ନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଉପଜିଲାପାଳ ତଥା ରିଟର୍ନିଂ ଅଫିସର ତନ୍ମୟ କୁମାର ଦରୱାନଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେ ୪ ସେଟ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ କିଶୋର ଚନ୍ଦ୍ର ଦେବତା, ଜନାର୍ଦ୍ଦନ ପାଣିଗ୍ରାହୀ, ନିମାଇଁ ଚରଣ ସାହୁ ଓ ମଧୁ ପ୍ରଧାନ ପ୍ରମୁଖ ତାଙ୍କ ପ୍ରସ୍ତାବକ ଓ ସମର୍ଥକ ରହିଛନ୍ତି । ପ୍ରାର୍ଥିପତ୍ର ଦାଖଲ ବେଳେ ମନ୍ତ୍ରୀ ନବ କିଶୋର ଦାସ, ପ୍ରଫୁଲ୍ଲ ମଲ୍ଲିକ, ଟୁକୁନୀ ସାହୁ, ସୁଶାନ୍ତ ସିଂ, ପଦ୍ମନାଭ ବେହେରା, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରଭାସ ସିଂହ, ବିଧାୟକ କିଶୋର ମହାନ୍ତି, ବିଜୟ ରଞ୍ଜନ ସିଂ ବରିହା, ସ୍ନେହାଙ୍ଗିନୀ ଛୁରିଆ, ପ୍ରଣବ ପ୍ରକାଶ ଦାଶ, ପ୍ରଦୀପ ଅମାତ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ଦିଲୀପ ପଣ୍ଡା ଦଳୀୟ ସମର୍ଥକ ☞ପୃଷ୍ଠା-୨

**ଆଉ ନୁହେଁ ପଲିଥିନ**

# ୨ରୁ ସବୁ ସହରରେ ନିଷେଧ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ପଲିଥିନ ଓ ପ୍ଲାଷ୍ଟିକ ତିଆରି ଜିନିଷ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ପ୍ଲାଷ୍ଟିକ ୫୦୦ ବର୍ଷ ଧରି ନଷ୍ଟ ହେଉ ନାହିଁ। ଏହା ମାଟିର ଉର୍ବରତାକୁ ନଷ୍ଟ କରିବା ସହ ଡ୍ରେନ ଅବରୋଧ, ବର୍ଷା ପାଣି ଅବରୋଧ ଓ ବୃକ୍ଷଲତା ବୃଦ୍ଧିରେ ବାଧା ସୃଷ୍ଟି କରୁଛି। ଗୋରୁ ପଲିଥିନକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାର ଭୟାବହତା ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ ଟି ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର) ରେ ପଲିଥିନ ଉପରେ କଟକଣା ଲଗାଯାଇଥିବାବେଳେ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ୧୦୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି ) ଏବଂ ମ୍ୟୁନିସିପାଲିଟିରେ ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଜାରି କରାଯିବ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପରିବେଶ(ସୁରକ୍ଷା) ଆଇନ ୧୯୮୬ ଆଧାରରେ ପ୍ରସ୍ତୁତ କରାଯାଇଥିବା ନିର୍ଦ୍ଦେଶନାମାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ ପାଣିବୋତଲ, ଥର୍ମୋକୋଲ, ସାଜସଜା ପାଇଁ ବ୍ୟବହୃତ ଥର୍ମୋକୋଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି।

- ମାସକ ଭିତରେ ପଲିଥିନ ନଷ୍ଟ କରିବାକୁ ନିର୍ଦ୍ଦେଶ
- ନିର୍ଦ୍ଦେଶନାମାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ




**କାହା ଉପରେ ଲାଗିବ କଟକଣା**
- ୨୦୦ ମିଲିଲିଟର ପାଣିବୋତଲ
- ପାଣିପାଉଚ
- ପ୍ଲାଷ୍ଟିକ ବ୍ୟାଗ, ଥରେ ମାତ୍ର ବ୍ୟବହାର ଉପଯୋଗୀ ଥର୍ମୋକୋଲ
- ହୋଟେଲରେ ଖାଦ୍ୟ ପାଇଁ ବ୍ୟବହାର ହେଉଥିବା ପ୍ଲାଷ୍ଟିକ କଣ୍ଟେନର ଓ ଷ୍ଟ୍ର
- ଥର୍ମୋକୋଲ ସାଜସଜ୍ଜା ସାମଗ୍ରୀ

**କାହାକୁ ଛାଡ଼**
- ୨୦୦ ମିଲିଲିଟରରୁ ଊର୍ଦ୍ଧ୍ୱ ପାଣିବୋତଲ, ମୃଦୁପାନୀୟ
- ୫୦ ମାଇକ୍ରନରୁ ଊର୍ଦ୍ଧ୍ୱ ମୋଟେଇର କଣ୍ଟେନର
- ନର୍ସରୀ, କୃଷି କ୍ଷେତ୍ରରେ ବ୍ୟବହୃତ ପ୍ଲାଷ୍ଟିକ
- ପ୍ଲାଷ୍ଟିକ ଲାଗିଥିବା କାର୍ଟୁନ
- ଶାମ୍ପୁ, ତେଲ, ଚକୋଲେଟ୍, ଚିପସ ଆଦି ପ୍ୟାକେଟ
- ଘରୋଇ ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ
- ସ୍ୱାସ୍ଥ୍ୟ ସମ୍ପର୍କିତ ଯନ୍ତ୍ରପାତି
- ମାଛ ପରିବହନ ହେଉଥିବା ଥର୍ମୋକୋଲ ବାକ୍ସ

ନଷ୍ଟ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ଆଇଏସ)୧୭୦୮୮:୨୦୦୮ ମାନଦଣ୍ଡ ଅନୁଯାୟୀ ହେବା ଆବଶ୍ୟକ। ଏହାର ଉତ୍ପାଦନକାରୀ ଏବଂ ବିକ୍ରେତାଙ୍କୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଠାରୁ ସାର୍ଟିଫିକେଟ ଆଣିବାକୁ ହେବ। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ କିମ୍ବା ୫୦ ମାଇକ୍ରନ ମୋଟେଇ ପଲିଥିନରେ କୌଣସି ଖାଦ୍ୟ ସାମଗ୍ରୀ, ଦୁଗ୍ଧ, ପାଣି, ଖାଇବା ତେଲକୁ ପ୍ୟାକ କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ତେବେ ମେଡିସିନ, ରକ୍ତ ସଂରକ୍ଷଣ, ନମୁନା ସଂଗ୍ରହ, ଡାକ୍ତରୀ ଯନ୍ତ୍ରପାତି ପାଇଁ ଏହି କଟକଣାକୁ କୋହଳ କରାଯାଇଛି।

ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ☞ପୃଷ୍ଠା-୨

**ବିଦ୍ୟାଳୟ ଶିକ୍ଷା ଗୁଣବତ୍ତା ସୂଚକାଙ୍କ**

# ସପ୍ତମ ସ୍ଥାନରେ ଓଡ଼ିଶା

**ନୀତି ଆୟୋଗ ପ୍ରକାଶ କଲା ରିପୋର୍ଟ**

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଦେଶରେ ପ୍ରାଥମିକ ଶିକ୍ଷାର ସ୍ଥିତି ଏବଂ ମାନକୁ ନେଇ ସୋମବାର ନୀତି ଆୟୋଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ବିଦ୍ୟାଳୟ ଶିକ୍ଷା ଗୁଣବତ୍ତା ସୂଚକାଙ୍କ ବା ସ୍କୁଲ ଏଜୁକେଶନ କ୍ୱାଲିଟି ଇଣ୍ଡେକ୍ସ ୨୦୧୬-୧୭ର ବୃହତ୍ ରାଜ୍ୟ ବର୍ଗରେ ଥିବା ଓଡ଼ିଶାକୁ ସାମଗ୍ରିକ କ୍ଷେତ୍ରରେ ସପ୍ତମ ସ୍ଥାନ ମିଳିଛି। ତେବେ ଭିତ୍ତିଭୂମି, କମ୍ପ୍ୟୁଟର ସହାୟତାରେ ପାଠପଢ଼ା ଓ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ପଛରେ ରହିଛି।

୨୦୧୫-୧୬କୁ ଆଧାର ବର୍ଷ ଓ ୧୬-୧୭ ବର୍ଷ ତୁଳନାତ୍ମକ ବର୍ଷ ଭାବେ ନେଇ ନୀତି ଆୟୋଗ ପ୍ରାୟ ୩୦ଟି କ୍ଷେତ୍ରରେ ପ୍ରାଥମିକ ଶିକ୍ଷାର ଚିତ୍ରକୁ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଦେଶର ପ୍ରାଥମିକ ଶିକ୍ଷାର ସ୍ଥିତି କିପରି ରହିଛି, କେଉଁ ରାଜ୍ୟରେ କେଉଁ ଧରଣର ବିଦ୍ୟାଳୟ ଶିକ୍ଷା ମିଳୁଛି, ସମଗ୍ର ଦେଶରେ ପ୍ରାଥମିକ ଶିକ୍ଷାର ମାନ ଓ ଗୁଣବତ୍ତା ଜାଣିବାକୁ ପ୍ରଥମ ଥର ଲାଗି ନୀତି ଆୟୋଗଙ୍କ ପକ୍ଷରୁ ଏଭଳି ସୂଚକାଙ୍କ ପ୍ରକାଶ ପାଇଛି। ୨୦ଟି ବଡ଼ ରାଜ୍ୟ ଏବଂ ୮ଟି ଛୋଟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଦୁଇଟି ବର୍ଗରେ ରିପୋର୍ଟ ପ୍ରସ୍ତୁତ ହୋଇଛି। ୨୦ଟି ବଡ଼ ରାଜ୍ୟ ତାଲିକାରେ ଓଡ଼ିଶା ୭ ନମ୍ବର ସ୍ଥାନ ହାସଲ କରିଛି। ଏହାକୁ ତୃତୀୟ ସ୍ଥାନକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୫-୧୬ରେ ଓଡ଼ିଶା ସାମଗ୍ରିକ ଭାବେ ୪୭.୮% ସ୍କୋର ସହ ୧୩ତମ ସ୍ଥାନରେ ଥିଲା। ୨୦୧୫-୧୬ ତୁଳନାରେ ୨୦୧୬-୧୭ରେ ୧୨.୪% ବୃଦ୍ଧିପାଇ ୬୦.୨% ସ୍କୋର ହୋଇଛି। ସେହିପରି ଶିକ୍ଷକ-ଛାତ୍ରୀଛାତ୍ର ଉପସ୍ଥାନ, ଉପଯୁକ୍ତ ପ୍ରଶାସନିକ ବ୍ୟବସ୍ଥା, ତାଲିମ, ଦାୟିତ୍ୱବୋଧ, ସ୍ୱଚ୍ଛତା (ଗଭର୍ନାନ୍ସ ପ୍ରୋସେସ୍ ଏଡିଙ୍ଗ ଆଉଟକମ୍‌ସ) ଆଦି କ୍ଷେତ୍ରରେ ଓଡ଼ିଶା ୧୮.୫% ସ୍କୋର ବୃଦ୍ଧିପାଇଛି। ଏହା ୨୦୧୫-୧୬ରେ ୪୩.୪% ଥିବା ବେଳେ ୨୦୧୬-୧୭ରେ ୬୧.୯% ରହିଛି। ସେପଟେ ଭିତ୍ତିଭୂମି ଓ ସୁବିଧା ସୁଯୋଗ କ୍ଷେତ୍ରରେ ୨୦୧୫-୧୬ ତୁଳନାରେ ୨୦୧୬-୧୭ରେ ଓଡ଼ିଶାର ପ୍ରଦର୍ଶନ ୨୭ରୁ ୨୫.୮% ସ୍କୋରକୁ ଖସି ଆସିଛି। ସେହିଭଳି ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ବି ଓଡ଼ିଶାର ସ୍ଥାନ ଅତି ନଗଣ୍ୟ ରହିଛି। ଏ କ୍ଷେତ୍ରରେ ରାଜ୍ୟକୁ ଶୂନ ପ୍ରତିଶତ ସ୍କୋର ଅର୍ଥାତ କୌଣସି ଗୋଟିଏ ବି ସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ହେଉ ନ ଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, ପ୍ରାଥମିକ ସ୍ତରରେ ମାତ୍ର ୬.୪% ପିଲାଙ୍କୁ କମ୍ପ୍ୟୁଟର ସହାୟତାରେ ପାଠପଢ଼ା ସୁବିଧା ମିଳିପାରୁଛି। ଇଂଲିଶ, ମାତୃଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଭଳି ୫ଟି ମୁଖ୍ୟ ବିଷୟରେ ରାଜ୍ୟର ମାତ୍ର ୪% ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ରାଜ୍ୟରେ ମାତ୍ର ୪୮.୮% ସ୍କୁଲରେ ପ୍ରଧାନଶିକ୍ଷକ ଥିବା ଜଣାପଡ଼ିଛି।

ଅନ୍ୟପଟେ କେରଳ ବଡ଼ ରାଜ୍ୟ ତାଲିକାରେ ୭୬.୬% ସ୍କୋର ସହ ପ୍ରଥମ ସ୍ଥାନରେ ଥିବା ବେଳେ ୩୬.୪% ସ୍କୋର ସହ ଉତ୍ତର ପ୍ରଦେଶ ଶେଷରେ ରହିଛି। କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼ ପ୍ରଥମ ସ୍ଥାନରେ ରହିଛି। ଛୋଟ ରାଜ୍ୟ ତାଲିକାରେ ମଣିପୁର ୧ନଂ ସ୍ଥାନ ହାସଲ କରିଛି। ନୀତି ଆୟୋଗର ଏହି ସର୍ଭେରେ ପଶ୍ଚିମବଙ୍ଗ ଭାଗ ନେଇ ନ ଥିଲା। ତେଣୁ ତାଲିକାରେ ପଶ୍ଚିମବଙ୍ଗକୁ ସାମିଲ କରାଯାଇ ନାହିଁ। ପୂର୍ବରୁ ସ୍ୱାସ୍ଥ୍ୟକ୍ଷେତ୍ର ଓ ଜଳସ୍ଥିତିକୁ ନେଇ ରିପୋର୍ଟ ପ୍ରକାଶ କରି ସାରିଥିବା ନୀତି ଆୟୋଗ ଶିକ୍ଷା କ୍ଷେତ୍ରରେ ପ୍ରଥମ କରି ଏଭଳି ସୂଚକାଙ୍କ ପ୍ରକାଶ କରିଛି।

# ୨ କୁଳପତି ନିଯୁକ୍ତ

- ଗୋବିନ୍ଦ ଜେ. ଚକ୍ରପାଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
- ହରିହର ହୋତା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି କରିଛନ୍ତି। ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଫେସର ହରିହର ହୋତାଙ୍କୁ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ଦିଆଯାଇଥିବା ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରଫେସର ଚକ୍ରପାଣି ଆଇଆଇଟି ରୁର୍କିରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ସେ ୨୦୦୮ ଏପ୍ରିଲରୁ ରୁରକିରେ ଅଧ୍ୟାପନା କରୁଛନ୍ତି। ୨୩ ବର୍ଷ ଧରି ସେ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୧୯୬୩ ମେ’ ୧୮ରେ ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ପ୍ଲାଷ୍ଟିକ ଯୁଗ

**ଆଜିର ମନ୍ତବ୍ୟ**

“ ଜମ୍ମୁ-କଶ୍ମୀରରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ଲାଗି ୩୭୦ ଧାରା ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି।

-ଅମିତ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ବିଦେଶୀ ବଜାରରୁ ଭାରତର ଋଣ ପରିମାଣ ୫୫୭.୪ ବିଲିୟନ ଡଲାର ରହିଛି।

– ରିଜର୍ଭ ବ୍ୟାଙ୍କ

NECC NATIONAL EGG CO-ORDINATION COMMITTEE 30.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

**ରେଳ ଆବର୍ଜନାରୁ ବାହାରିବ ଇନ୍ଧନ**

# ଭୁବନେଶ୍ୱରରେ ହେବ ପ୍ରଥମ ‘ସ୍କ୍ରାପ୍ ଟୁ ଏନର୍ଜି ପ୍ଲାଣ୍ଟ’

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ରେଳ ଆବର୍ଜନାରୁ ବାହାରିବ ଇନ୍ଧନ (ଲାଇଟ୍ ଡିଜେଲ ଅଏଲ୍)। ଭାରତୀୟ ରେଳପଥ ପକ୍ଷରୁ ଭୁବନେଶ୍ୱରରେ ସ୍ଥାପନ ହେବାକୁ ଯାଉଛି ପ୍ରଥମ ପ୍ଲାଣ୍ଟ। ସୋମବାର ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ପରିସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ‘ସ୍କ୍ରାପ୍ ଟୁ ଏନର୍ଜି ପ୍ଲାଣ୍ଟ’ ପାଇଁ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମୋଟ ବ୍ୟୟ ଅଟକଳ ୨ କୋଟି ରହିଥିବାବେଳେ ଆସନ୍ତା ବର୍ଷ ଜାନୁଆରୀ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଠାରେ ଦୈନିକ ୫୦୦ କିଲୋଗ୍ରାମ ଆବର୍ଜନାରୁ ଶକ୍ତି ଉତ୍ପାଦନ କରିବା କ୍ଷମତା ରହିବ। ପ୍ଲାଣ୍ଟ ପରିଚାଳନା ପାଇଁ ବାର୍ଷିକ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ଓ ୧୨ ଲକ୍ଷ ଟଙ୍କା ଆୟ କରିହେବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ମଞ୍ଚେଶ୍ୱର ରେଳଡବା କାରଖାନା ଓ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନ ନିକଟ କୋଚିଂ ଡିପୋରୁ ମାତ୍ରାଧିକ ଅଣଲୌହ ଓ ଧାତବ ସାମଗ୍ରୀ (ସ୍କ୍ରାପ) ନିଷ୍କାସିତ ହୋଇଥାଏ। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଏସବୁ ଆବର୍ଜନାକୁ ମାଟିରେ ପୋତିଦିଆଯାଇଥାଏ। ଏଥିଯୋଗୁ ପରିବେଶଜନିତ କ୍ଷତି ହେଉଥିବାରୁ ରେଳପଥର ଚିନ୍ତା ବଢ଼ିଥିଲା। ଏହି ଆବର୍ଜନାରୁ ଇନ୍ଧନ ଉତ୍ପାଦନ କରିବାକୁ ଯୋଜନା ଆରମ୍ଭ ହୋଇଥିଲା। ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ‘ପଲିକ୍ରାକ’ ପଦ୍ଧତିରେ ଏଠାରେ ଇନ୍ଧନ ଉତ୍ପାଦନ ହେବ। ଏହାକୁ ବିଶ୍ୱର ପ୍ରଥମ ବିଷମ ଉତ୍ପ୍ରେରକ ପ୍ରକ୍ରିୟା (ହେଟ୍ରୋଜେନସ୍ କାଟାଲିଟିକ୍ ପ୍ରୋସେସ୍) କୁହାଯାଉଛି। ଏହି ପ୍ରଣାଳୀରେ ବର୍ଜ୍ୟବସ୍ତୁକୁ ସିଧାସଳଖ ପ୍ରକ୍ରିୟାକରଣ କରାଯାଇ ୨୪ ଘଣ୍ଟା ଭିତରେ ଇନ୍ଧନ ସୃଷ୍ଟି କରାଯାଇପାରିବ। ଏହା ଏକ ସଂଲଗ୍ନ ବା ନିବୁଜ ୟୁନିଟ ହୋଇଥିବାରୁ ଧୂଳିଜନିତ କୌଣସି ପ୍ରଦୂଷଣର ଆଶଙ୍କା ନାହିଁ। ଏହି ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ଗ୍ୟାସ୍‌କୁ ପୁନଃ ବ୍ୟବହାର କରାଯାଇ ଖର୍ଚ୍ଚ କାଟ କରାଯିବ। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ପ୍ଲାଣ୍ଟ ୟୁନିଟ୍‌କୁ ଅଣକୁଶଳୀ କାରିଗର ପରିଚାଳନା କରିପାରିବେ। ଏହା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହୋଇଥିବାରୁ କମ୍ ମାନବ ସମ୍ବଳ ଆବଶ୍ୟକ। ଏହି ପ୍ରକ୍ରିୟାରେ ଉର୍ଜା ଉତ୍ପାଦନ ପାଇଁ ସ୍ୱଳ୍ପ ଇନ୍ଧନ ବ୍ୟବହାର ହୁଏ। ଏହି ପ୍ଲାଣ୍ଟ ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ କୋଚିଂ ଡିପୋ ଓ ରେଳ ଡବା କାରଖାନା ଫିଡର ଭାବେ କାର୍ଯ୍ୟ କରିବେ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।



ପ୍ଲାଣ୍ଟ ଶିଳାନ୍ୟାସ ଅବସରରେ ଉପସ୍ଥିତ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଓ ଅନ୍ୟ ଅଧିକାରୀ।

- ମଞ୍ଚେଶ୍ୱରରେ ଶିଳାନ୍ୟାସ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ବୃକ୍ଷ ଉଦ୍‌ଗମ ମାତ୍ରକେ ଫଳ ଲାଭର ଆଶା କରାଯାଇପାରେ କି? ବୃକ୍ଷ ବଢ଼ି ଫଳ ଧରିବାକୁ ସମୟ ଲଗେ। ସେହିପରି ମଣିଷ ବଡ଼ ହେବାକୁ ସମୟ ଓ ଯୋଗ୍ୟତା ଲୋଡ଼ା।
- ଶ୍ରୀ ରାମକୃଷ୍ଣ ପରମହଂସ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଜଗତ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

## ନାରାୟଣୀ ମନ୍ଦିରକୁ ବିଜେ ହେଲେ ଦୁର୍ଗାମାଧବ

**ପୁରୀ ଅଫିସ, ୩୦।୯**

ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ସୋମବାର ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ସକାଳ ଧୂପ ବଢ଼ିବା ପରେ ଦୁର୍ଗାମାଧବ ଜୟ ବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପଠାରେ ଥିବା ବିମାନରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଓ ବୈଜୟନ୍ତୀ ପଟୁଆରରେ ବିମାନକୁ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହିକୁ ବିଜେ କରାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପାରମ୍ପରିକ ପନ୍ତି ଅନୁଷ୍ଠିତ ହୋଇଥିଲା। ବିମାନକୁ ମା' ନାରାୟଣୀଙ୍କ ମନ୍ଦିର ପରିସରକୁ ବିଜେ କରାଯାଇଥିଲା। ମନ୍ଦିର ଭିତର ଖଟରେ ଦୁର୍ଗାମାଧବ ବିଜେ କରିବା ପରେ ଭିତରଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇ ଭଣ୍ଡାରକୁ ବିଜେ କରିଥିଲେ। ଏହି ଉପାସନାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଦୁର୍ଗାମାଧବ ଏଭଳି ଭାବେ ନବମୀ ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ ପରେ ପୂଜା ପାଉଛନ୍ତି ଶ୍ରୀଦୁର୍ଗାମାଧବ। ନାରାୟଣୀ ମନ୍ଦିରକୁ ବିଜେ କରିବେ।

ସୂଚନାଯୋଗ୍ୟ, ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳପୂଜାରେ ପ୍ରଥମ ୮ଦିନ ମା' ବିମଳାଙ୍କ ମନ୍ଦିରକୁ ଏବଂ ଏହାପରେ ନବମୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିସ୍ଥ ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ କରିଥାନ୍ତି।

**ପ୍ରଥମ ପୃଷ୍ଠାରୁ...**

### ୨ରୁ ସବୁ...

ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରି ପାରିବେ। ଜିଲାପାଳ ପଲିଥିନ କଟକଣାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ, ଏସପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିବେ। ପ୍ଲାଷ୍ଟିକ ନିଷେଧ ବିଷୟରେ ସିନେମା ହଲ ମାଲିକମାନେ ଶୋ' ଆରମ୍ଭ କରିବା ପୂର୍ବରୁ ପ୍ରଦର୍ଶନ କରିବେ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସେଣ୍ଟର ଫର ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ପଲିଥିନ ବିକ୍ରି, ଉତ୍ପାଦନ, ଗଚ୍ଛିତ କରୁଥିବା ସଂସ୍ଥା କିମ୍ବା ବ୍ୟବସାୟୀ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ମଧ୍ୟରେ ସେଗୁଡ଼ିକୁ ନଷ୍ଟ କରିବାକୁ କୁହାଯାଇଛି।

ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାର ୨୦୧୮ରେ ୫ ମହାନଗର ନିଗମରେ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଥିବା ବେଳେ ଚଳିତ ବର୍ଷ ସମସ୍ତ ସହରରେ ଏହାକୁ ଲାଗୁ କରାଯିବ। ଆସନ୍ତା ବର୍ଷରୁ ସମଗ୍ର ରାଜ୍ୟରେ ପଲିଥିନ ଉପରେ କଟକଣା ଜାରି କରାଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି।

### ୨ କୁଳପତି...

ଜନ୍ମିତ ପ୍ରଫେସର ଚକ୍ରପାଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଆଇଆଇଟି ବମ୍ବେରୁ ଆପ୍ଲାଏଡ ଜିଓଲୋଜିରେ ଏମ୍‌ଏସ୍‌ସି ଡିଗ୍ରୀ ଲାଭ କରିଛନ୍ତି। ଜେଏନ୍‌ୟୁରୁ ଏନ୍‌ଭାଇରନ୍‌ମେଣ୍ଟାଲ ସାଇନ୍ସରେ ଏମ୍‌ଫିଲ୍ ଓ ଏନ୍‌ଭାଇରନ୍‌ମେଣ୍ଟାଲ ଜିଓସାଇନ୍ସରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ବେଳେ ଆମେରିକାର ଡେଲାୱର ବିଶ୍ୱବିଦ୍ୟାଳୟରୁ ମେରାଇନ୍ ସାଇନ୍ସରେ ପୋଷ୍ଟ ଡକ୍ଟରେଟ୍ କରିଛନ୍ତି। ଚକ୍ରପାଣି ଦେଶର ଜଣେ ଜଣାଶୁଣା ଭୂତତ୍ତ୍ୱବିତ୍‌ଭାବେ ପରିଚିତ। ସେହିପରି ପ୍ରଫେସର ହୋତା ଏବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଫେସର ହୋତା ପଞ୍ଜାବ ଟେକ୍ନିକାଲ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ଲାଭ କରିଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ପ୍ରଫେସର ହୋତାଙ୍କର ୩୦ବର୍ଷର ଅଭିଜ୍ଞତା ରହିଛି।

### ପ୍ରାର୍ଥୀପତ୍ର ଦାଖଲ...

ଓ କର୍ମୀମାନଙ୍କ ସହିତ ଏକ ଶୋଭାଯାତ୍ରାରେ ଆସି ପଦ୍ମପୁର ଉପଜିଲାପାଳଙ୍କ ନିକଟରେ ୩ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଦିଲୀପଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ସତ୍ୟଭୂଷଣ ସାହୁ, ସମରେନ୍ଦ୍ର ମିଶ୍ର, ନୀପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଭାଜପା ପ୍ରାର୍ଥୀ ସନତ୍ ଗଡତିଆ ମଧ୍ୟ ସୋମବାର ଦଳୀୟ କର୍ମୀ ଓ ନେତାମାନଙ୍କ ଗହଣରେ ଆସି ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କନକବର୍ଦ୍ଧନ ସିଂଦେଓ, ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ତାଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ ।

**ଦୋଷ ମାନିଲେ ଅଧିକାରୀ**

# ନାମ ଲେଖାଇଥିବା ପିଲାଙ୍କର ଅସୁବିଧା ହେବନି: ନିର୍ଦ୍ଦେଶକ

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ନାମଲେଖା କ୍ଷେତ୍ରରେ ବଡ଼ଧରଣର ତ୍ରୁଟି ଧରିତ୍ରୀ ଦୃଷ୍ଟିକୁ ଆସିବାପରେ ଏନେଇ 'ପିଲା ଯିବେ କୁଆଡ଼େ' ଶୀର୍ଷକ ଖବର ସୋମବାର ପ୍ରକାଶ ପାଇଥିଲା। ଖବର ଏହା ଥିଲା ଯେ, ଗତ ୧୯ତାରିଖରେ ରାଜ୍ୟର ବିଭିନ୍ନ ସରକାରୀ ଜୁନିଅର କଲେଜଗୁଡିକୁ ପରିଷଦର ସାମସ୍(ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ) ପକ୍ଷରୁ ପିଲାଙ୍କ ଆଡ୍‌ମିଶନ ଲାଗି ତାଲିକା ପଠାଯାଇଥିଲା। ସେହି ତାଲିକା ଅନୁଯାୟୀ ଛାତ୍ରୀଛାତ୍ରମାନେ ନାମ ଲେଖାଇଥିଲେ। ମାତ୍ର ୨୦ ତାରିଖରେ ପରିଷଦ ପକ୍ଷରୁ ଆଉ ଏକ ଚିଠି କଲେଜଗୁଡ଼ିକରେ ପହଞ୍ଚିଥିଲା, ଯେଉଁଥିରେ ୧୯ ତାରିଖର ନାମଲେଖା ତାଲିକା ଭୁଲ୍ ଥିବା ଦର୍ଶାଯାଇଥିଲା। ଏପରିକି ୨୧ ତାରିଖରେ ଆଉ ଏକ ତାଲିକା ପହଞ୍ଚିବ ବୋଲି କୁହାଯାଇଥିଲା। ଏହାପରେ ୧୯ ତାରିଖରେ ନାମ ଲେଖାଇଥିବା ପିଲାମାନଙ୍କୁ କଲେଜରୁ ରସିଦ୍ ମିଳିଥିବା ସତ୍ତ୍ୱେ ଟଙ୍କା ଫେରାଇ ନେବାକୁ କଲେଜ କର୍ତ୍ତୃପକ୍ଷ ଜଣାଇଥିଲେ। ଫଳରେ ରାଜ୍ୟର ପ୍ରାୟ ୨୦ ହଜାର ଛାତ୍ରୀଛାତ୍ର ସେମାନଙ୍କ ପାଠପଢ଼ା ଭବିଷ୍ୟତକୁ ଚିନ୍ତାରେ ପଡ଼ିଯାଇଥିବାବେଳେ ଦୋଷ ଲୁଚାଇବା ପାଇଁ ଅଧିକାରୀମାନେ ଜୋରଦାର ଉଦ୍ୟମ କରିଥିଲେ। କିନ୍ତୁ ଖବର ପ୍ରକାଶ ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ସୁନ୍ଦରଲାଲ ସିଲ୍ ଓ ସାମସ୍ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ପିଏମ୍‌ୟୁ) ଅଫିସର ଇନ୍‌ଚାର୍ଜ(ଓଆଇସି) ଭାଗୀରଥି କାଣ୍ଡି ଦୋଷ ହୋଇଥିବା ସୋମବାର ସ୍ୱୀକାର କରିଛନ୍ତି।

ପରିଷଦ ନିର୍ଦ୍ଦେଶକ ସିଲ୍ କହିଛନ୍ତି, ଯେଉଁ ପିଲାମାନଙ୍କ ନାମଲେଖାରେ ତ୍ରୁଟି ହୋଇଛି ତା'ର ସମାଧାନ ତୁରନ୍ତ କରାଯିବ। ସେମାନଙ୍କୁ ଯଥାଶୀଘ୍ର ଆଡ୍‌ମିଶନ ମିଳିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ସମସ୍ୟା ଉପୁଜିବା ପରେ କଲେଜ କର୍ତ୍ତୃପକ୍ଷମାନେ ପ୍ରଥମେ ସାମସ୍ ପିଏମ୍‌ୟୁ ଓଆଇସି କାଣ୍ଡିଙ୍କୁ ଜଣାଇଥିବା କହିଥିଲେ। ମାତ୍ର ଏହି ଘଟଣା ସମ୍ପର୍କରେ ତାଙ୍କୁ କେହି ଅବଗତ କରି ନ ଥିବା କହି କାଣ୍ଡି ରବିବାର କଲେଜ କର୍ତ୍ତୃପକ୍ଷମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇଥିଲେ। ସୋମବାର ଏ ସମ୍ପର୍କିତ ଅଧିକ ଖବର ସଂଗ୍ରହ ବେଳେ କାଣ୍ଡି କହିଛନ୍ତି, ଏମିତି ଭୁଲ୍ ହୋଇଯାଏ। ନିଶ୍ଚିତ ଏହାର ସମାଧାନ କରାଯିବ।

ଅପରପକ୍ଷରେ ଏଭଳି ତ୍ରୁଟିକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶକ ସିଲ୍ ଏବଂ କାଣ୍ଡିଙ୍କୁ ତାଗିଦ୍ କରାଯାଇଥିବା ଜଣାପଡିଛି। ଏଭଳି ଘଟଣା ଘଟିଥିବା ସତ୍ତ୍ୱେ ଏତେଦିନ ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ଏବଂ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ କରି ଆସନ୍ତା ୫ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

**୧୦୦ ପ୍ରଭାବଶାଳୀ ଭାରତୀୟ ତାଲିକା**

# ଶୀର୍ଷରେ ମୋଦି

- ନବୀନଙ୍କୁ ଟପିଲେ ଧର୍ମେନ୍ଦ୍ର
- ପ୍ରମୋଦ ମିଶ୍ର, ଶକ୍ତିକାନ୍ତ ଦାସ ସାମିଲ

**ନୂଆଦିଲ୍ଲୀ,୩୦।୯**

ଭାରତର ସବୁଠୁ ପ୍ରଭାବଶାଳୀ ୧୦୦ ବ୍ୟକ୍ତିଙ୍କ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ପେଟ୍ରୋଲିୟମ,ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସ୍ଥାନ ପାଇଛନ୍ତି। ତେବେ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ପେଟ୍ରୋଲିୟମ ମନ୍ତ୍ରୀଙ୍କ ନାଁ ତାଲିକାର ୧୪ଶ ସ୍ଥାନରେ ରହିଥିବାବେଳେ ୫ ଥରର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ୩୯ତମ ସ୍ଥାନରେ ରହିଛନ୍ତି। ଏକ ଦୈନିକ ଇଂଲିଶ ଖବରକାଗଜ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ତଥା ଓଡ଼ିଆ ଅଫିସର ପ୍ରମୋଦ କୁମାର ମିଶ୍ର ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ସ୍ଥାନ ପାଇଛନ୍ତି।

ତାଲିକାର ପ୍ରଥମ ୧୦ ଜଣଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ (୨ୟ), ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ (୩ୟ), ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭଗବତ (୪ର୍ଥ), ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଅମ୍ବାନୀ (୫ମ), ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ (ଷଷ୍ଠ), ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ (୭ମ), କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ (୮ମ), ସଡକ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତୀନ ଗଡକରୀ (୯ମ) ଏବଂ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା (୧୦ମ) ରହିଛନ୍ତି।

ଚଳିତ ମାସରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ପଦୋନ୍ନତି ପାଇଥିବା ଓଡ଼ିଶାର ପ୍ରମୋଦ କୁମାର ମିଶ୍ର ପ୍ରଭାବଶାଳୀ ତାଲିକାର ୧୯ନମ୍ବର ସ୍ଥାନରେ ରହିଛନ୍ତି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ୨୦୦୧ରୁ ୨୦୦୪ ପ୍ରମୋଦ ତାଙ୍କର ପ୍ରମୁଖ ସଚିବ ଥିଲେ। ସେହିପରି ଅନ୍ୟତମ ଓଡ଼ିଆ ଅଫିସର ଶକ୍ତିକାନ୍ତ ଦାସ ୨୯ତମ ସ୍ଥାନରେ ରହିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ରିଜର୍ଭ ବ୍ୟାଙ୍କ ଗଭର୍ନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଆର୍ଥିକ ବ୍ୟାପାର ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ତେବେ ଏହି ତାଲିକାର ସତ୍ୟାସତ୍ୟ ଉପରେ ଧରିତ୍ରୀ କୌଣସି ମତ ରଖୁନାହିଁ।

**ମାଲେସିଆ ଜାହାଜ ଅଟକିବା ପ୍ରସଙ୍ଗ**

# ଜିଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ପୁରୀ ଅଫିସ, ୩୦।୯**

ମାଲେସିଆର ଏକ ପଣ୍ୟବାହୀ ଜାହାଜ ଅଚଳ ହୋଇପଡ଼ିବାରୁ ଚିଲିକା ମୁହାଣ ନିକଟରେ ଅଟକି ରହିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପୁରୀ ଜିଲାପାଳ, ଏସ୍‌ପି ଏବଂ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ନୋଟିସ୍ କରିଛନ୍ତି। ଉକ୍ତ ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨ତାରିଖରେ ଏହି ମାଲେସିଆ ଜାହାଜ ମୋଙ୍ଗଲା ବନ୍ଦରରୁ ବାହାରି ବିଶାଖାପାଟଣା ଅଭିମୁଖେ ଯାଇଥିଲା। ସେଠାରୁ ଫେରିବାବେଳେ ଅଚଳ ହୋଇପଡ଼ିବାରୁ ଓଡ଼ିଶା ଉପକୂଳକୁ ଚାଲି ଆସିଥିଲା। ଏଥିସହ ଏହାର ବୈଷୟିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ଏ ସଂକ୍ରାନ୍ତରେ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଜାହାଜ ମାଲିକଙ୍କୁ ଅବଗତ କରାଯିବା ସହ ଏଥିରେ ଥିବା ତେଲ ଲିକ୍ ହେଲେ ଚିଲିକାର ଜୈବ ବିବିଧତା ନଷ୍ଟ ହେବ ବୋଲି କୁହାଯାଇଥିଲା। ଏ ନେଇ ମାନବାଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଏନ୍‌ଏଚ୍‌ଆର୍‌ସି ଉପରୋକ୍ତ ୩ କର୍ତ୍ତୃପକ୍ଷଙ୍କୁ ନୋଟିସ୍ କରିଛନ୍ତି। ଉଲ୍ଲେଖଥାଉ କି, ଏହି ଜାହାଜରୁ ତେଲ କଢାଯାଇ ଏହାର ଇଞ୍ଜିନ ଚାଲିଗଲାଣି, କିନ୍ତୁ କଣ୍ଟେନର ଏପର୍ଯ୍ୟନ୍ତ ଯାଇପାରିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ସପ୍ତମସ୍ଥ ଚନ୍ଦ୍ର ପାରିବାରିକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, କାରଣ ତାଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ**



କୋଣଭାବସ୍ଥ ତିନୋଟି ଗ୍ରହ ପ୍ରଭାବରେ ଆଜି ଭାଇ, ବନ୍ଧୁ ଓ ନିଜର ଲୋକମାନଙ୍କୁ ମନେଇବାରେ ସଫଳ ହେବେ, ଯାହାକି ଆଗାମୀ ସମୟ ପାଇଁ କାମରେ ଆସିପାରେ। ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। କୌଣସି ନିଷ୍ପତ୍ତିର ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମିଥୁନ**



ଚନ୍ଦ୍ର ଓ ବୁଧଙ୍କ ସମ୍ବନ୍ଧରୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ ହାତକୁ ନେଇଥିବା କାମହାସଲରେ ସମର୍ଥ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା ଲାଗିରହିବ। ଅଫିସ୍ କିମ୍ବା ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ**



କେନ୍ଦ୍ରସ୍ଥ ଚନ୍ଦ୍ର ଲୋକସମ୍ପର୍କ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଅର୍ଥର ଅଭାବ ଅନୁଭବ କରିବେ, ଏହା ସାଙ୍ଗକୁ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଶେୟାର ବଜାର, ପ୍ଲଟିଙ୍ଗ୍ କାରବାର କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବାର ଆଶା ରହିଛି।

**ସିଂହ**



ରବି ଓ ଶନିଙ୍କ ସ୍ଥିତି ଜନିତ କୌଣସି ବ୍ୟକ୍ତି ରାଗ ଶୁଝାଇବାକୁ ଯାଇ କଅଁଳ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ ହେବ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**କନ୍ୟା**



ଆଜିର ଗ୍ରହସ୍ଥିତି ପ୍ରଭାବରେ ହସଖୁସିର ସହ ଆଲୋଚନାରେ ସମୟ କଟାଇବେ ଓ ଯାହା ଆଶା କରିଛନ୍ତି ତାହା ଅବଶ୍ୟ ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢିଯାଉଥିବାରୁ ଦୁର୍ଭାବନା ବଢ଼ିପାରେ। ନିଜର ଫାଇଦା ହାସଲ ପାଇଁ ନିକଟସ୍ଥ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି।

**ତୁଳା**



କର୍ମାଧିପତି ରାଶିରେ ଥିବାରୁ ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାମ ଅଳ୍ପ ପରିଶ୍ରମରେ ସହଜରେ ସାଧିତ ହୋଇପାରିବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**ବିଛା**



ଗ୍ରହସ୍ଥିତିର ସାମ୍ୟତା କାରଣରୁ ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତଦେବାକୁ ପଡ଼ିପାରେ।

**ଧନୁ**



କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରୁହନ୍ତୁ ନତୁବା ଅନର୍ଥ ଅବଶ୍ୟମ୍ଭାବୀ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି। କୌଣସି ଯୁକ୍ତିତର୍କ କାରଣରୁ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଘରେ ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ମକର**



ବ୍ୟୟଭାବସ୍ଥ ଶନି ଜନିତ ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଖଳ ଲୋକମାନଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। କର୍ମକ୍ଷେତ୍ରରେ ବିଗତ ଦିନର ଘଟଣା ଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**



ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ବନ୍ଧୁଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟୟକୁ ନେଇ ଆଳାପ ଆଲୋଚନାରେ ସମୟ କଟାଇବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମୀନ**



ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଉଦ୍ୟମ ସଫଳ ଦିଗରେ ଦୁଇଜଣ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

ଆଜି ଆଶ୍ୱିନ ଶୁକ୍ଳ ତୃତୀୟା ଚତୁର୍ଥୀ ମଙ୍ଗଳବାର, ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ସକାଳ ଘ୬।୨୯ମି. ମଧ୍ୟେ, ଘ୭।୧୬ମି. ଗତେ ଘ୧୦।୧୦ମି. ମଧ୍ୟେ ଅମୃତବେଳା, ଦିବା ଘ୧୦।୨୦ମି. ଗତେ ଘ୧୧।୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୩୪ମି. ଗତେ ଘ୪।୦୩ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**




**SALE**

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

2BHK flat near Kedargouri Temple Lewis Road, Bhubaneswar. Buyer Contact: 8328890345. D-65696

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/- . 9937044887, 8249240653. D-66790

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502. D-68104




Shivam logistic packers movers. Household/ car relocation countrywide. 9777044177, 9338461133. D-14523

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

Monalisa Massage Club: All types body massage with hiprofile smart lady rooms service available- 9708545108. D-14592

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା




# ୫ ଦିନର ସଂଗ୍ରାମ ପରେ ଆଖିବୁଜିଲା ଅସୁସ୍ଥ ହାତୀ

**ନରାଜ,୩୦।୯(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ବାଆଁରା ଗ୍ରାମ ନିକଟବର୍ତ୍ତୀ ଚନ୍ଦକା-ଡମପଡ଼ା ବନଖଣ୍ଡ ସଂଲଗ୍ନ ଜଙ୍ଗଲର ଏକ ବିଲରେ ଗତ ୫ଦିନ ହେବ ଅସୁସ୍ଥ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ୧୦ବର୍ଷର ମାଈ ହାତୀର ସୋମବାର ମୃତ୍ୟୁ ହୋଇଛି। ଓୟୁଏଟି ପ୍ରଫେସର ଡା.ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ନାନା ଔଷଧ ସମେତ ସାଲାଇନ ପ୍ରଭୃତି ଦେଇ ଚିକିତ୍ସା ଜାରି ରହିଥିବାବେଳେ ଦୁଇଦିନ ପୂର୍ବରୁ ହାତୀଟିର ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଯାଇଥିଲା। କିନ୍ତୁ ହଠାତ ସୋମବାର ଅପରାହ୍ନ ୩ଟା ୩୦ରେ କୌଣସି ଖାଦ୍ୟ ଗ୍ରହଣ କରି ନ ଥିବାବେଳେ କିଛି ସମୟ ପରେ ହାତୀଟିର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ଗତ ବୁଧବାର ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ମାଈ ହାତୀଟି ଦଳ ସହ ଗ୍ରାମର ଏକ ଜମିରେ ପଶିଥିଲେ। କିନ୍ତୁ ଅଚାନକ ହାତୀଟି ତଳେ ପଡିଯାଇଥିଲା, ଦଳରେ ଥିବା ହାତୀମାନେ ଉଠାଇବାକୁ ଚେଷ୍ଟା କରି ମଧ୍ୟ ସକାଳ ହେବାରୁ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ପରେ ଲୋକମାନେ ଦେଖିବାପରେ ବନ ବିଭାଗକୁ ଜଣାଇଥିଲେ। ଓୟୁଏଟିର ଟିମ ଓ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ପରୀକ୍ଷା ଓ ଚିକିତ୍ସା କରିବାରୁ ଖାଦ୍ୟ ଗ୍ରହଣ କରିଥିଲେ। କିନ୍ତୁ ସୋମବାର ହାତୀଟିର ସ୍ୱାସ୍ଥ୍ୟରେ ଅବନତି ହେବାର ଲକ୍ଷ୍ୟ କରାଯାଇଥିଲା। ଅପରପକ୍ଷେ ହାତୀ ମୃତ୍ୟୁର କାରଣ ଜଣାପଡି ନାହିଁ। ହର୍ପିସ ଆକ୍ରାନ୍ତ ନା ଅନ୍ୟ କିଛି କାରଣ ଯୋଗୁ ମୃତ୍ୟୁ ହୋଇଛି ତାହା ବ୍ୟବଚ୍ଛେଦ ଓ ରକ୍ତ ପରୀକ୍ଷା ପରେ ଜଣାପଡିବ ବୋଲି ସୂଚନା ମିଳିଛି।

"ଶକ୍ତି କେବଳ ଶାରୀରିକ ସୁସ୍ଥତାରେ ଆସି ନ ଥାଏ, ମାନସିକ ସ୍ତରରେ ଗୋଟିଏ ଭଲ ଉଦ୍ୟମ ମାଧ୍ୟମରେ ଆସିଥାଏ, ଯାହା ସମାଜକୁ ପରିବର୍ତ୍ତନ କରିବାରେ ସହାୟ ହୁଏ, ଆଉ ମନରେ ଆଣେ ପ୍ରକୃତ ଶାନ୍ତି।"

ଅକ୍ଟୋବର ୨ରେ ସାରା ବିଶ୍ୱ ପାଳିବ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଦିନ




ମହାତ୍ମା ଗାନ୍ଧୀଙ୍କ ବିଷୟରେ କିଛି କଥା
ଦେଖନ୍ତୁ ଭିଡିଓ
YouTube /dharitrilive

## ୨୦ ହଜାର ଟଙ୍କା ଲାଞ୍ଚ ନେଇ ଫସିଲେ
# ଭିଜିଲାନ୍ସ ଜାଲରେ ବାଣପୁର ବ୍ଲକ ଜେଇ

**ଖୋର୍ଦ୍ଧା ଅଫିସ,୩୦।୯:** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର କନିଷ୍ଠଯନ୍ତ୍ରୀ(ଜେଇ) ଦୁର୍ଗା ପ୍ରସାଦ ଦଳେଇ ୨୦ ହଜାର ଟଙ୍କା ଲାଞ୍ଚ ନେଇ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଭିଜିଲାନ୍ସ ଦୁର୍ଗା ପ୍ରସାଦଙ୍କ ନାଁରେ ନଂ. ୪୨/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୁର୍ଗା ପ୍ରସାଦଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ବାଣପୁରରେ ଏକ ମସ୍‌ଜିଦ୍‌ର ବିଲ୍ଡିଂ କରିବାକୁ ୨ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମଗବୁଲ କଳାପାହାଡ଼ ନାମକ ଜଣେ ବ୍ୟକ୍ତି ପାଇଥିଲେ। ୨ ଲକ୍ଷ ଟଙ୍କାର ବିଲ୍ ମଞ୍ଜୁର ପାଇଁ ଜେଇ ଦୁର୍ଗା ପ୍ରସାଦ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମଗବୁଲ୍ ହଁ କରି ଭୁବନେଶ୍ୱର ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବ୍ଲକ କାର୍ଯ୍ୟାଳୟ ଭିତରେ ମଗବୁଲ୍ ଲାଞ୍ଚ ଦେଇ ଫେରିବା ପରେ ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିଥିଲା। ଅନ୍ୟପକ୍ଷେ କିଛି କାଗଜପତ୍ର ମଧ୍ୟ ଅନୁରୂପ ଭାବେ ଜବତ ହୋଇଛି। ଭୁବନେଶ୍ୱର ଡିଭିଜନର ଭିଜିଲାନ୍ସ ଡିଏସ୍‌ପି ଅନୁପମା ମହାପାତ୍ର ଓ କେ.ବି. ଆଚାର୍ଯ୍ୟ ଚଢାଉର ନେତୃତ୍ୱ ନେଇଥିଲେ।

# ଆରମ୍ଭ ହେଲା ଏସ୍‌ଆଇଏ ସର୍ଭେ

**ପୁରୀ ଅଫିସ, ୩୦।୯**

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବ। ଏହି ସୁରକ୍ଷା ଜୋନ ମଧ୍ୟରୁ ମଠ, ମନ୍ଦିର, ଦୋକାନ, ଲଜ୍, ବାସଗୃହ ଆଦି ଭଙ୍ଗାଯାଇ ଜମି ଅଧିଗ୍ରହଣ ହେବ। ଏଥିଲାଗି ସୋମବାରଠାରୁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ଭେ ଆରମ୍ଭ ହୋଇଛି। ଏ ନେଇ ଗଠିତ ୫ଟି ଟିମ୍ ଘରକୁ ଘର ବୁଲି ସର୍ଭେ କରୁଛନ୍ତି। ୫ ଶିକ୍ଷାନବିସ ଆଇଏଏସ୍ ଅଧିକାରୀ ଏହି ୫ଟିମ୍‌ର ନେତୃତ୍ୱ ନେଉଛନ୍ତି। ନବକୃଷ୍ଣ ଚୌଧୁରୀ ବିକାଶ ଶିକ୍ଷାକେନ୍ଦ୍ରର କର୍ମଚାରୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସର୍ଭେ ହେଉଛି। ପ୍ରଥମ ଦିନର ସର୍ଭେ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ପୂର୍ବାହ୍ନ ୧୧ଟାରେ ଟିମ୍‌ଗୁଡ଼ିକ ପହଞ୍ଚି ଏସ୍‌ଆଇଏ ସର୍ଭେ ଆରମ୍ଭ କରିଥିଲେ। ପ୍ରଥମେ ଉତ୍ତର ଦ୍ୱାର ପାର୍ଶ୍ୱସ୍ଥ ଚୁଡ଼ଙ୍ଗସାହି ମୌଜାର ସର୍ଭେ କରାଯାଇଥିଲା। ଏହି ମୌଜାରୁ ପ୍ରାୟ ୪ଏକର ଜମି ଅଧିଗ୍ରହଣ କରାଯିବ। ଚୁଡ଼ଙ୍ଗ ସାହି ମୌଜା ବାଣୁଆସାହିର ପ୍ରତ୍ୟେକ ଘରକୁ ଯାଇ ଅଧିକାରୀ ଏବଂ କର୍ମଚାରୀମାନେ ସର୍ଭେ କରିଥିଲେ। ବିସ୍ଥାପିତ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ। ରାଜ୍ୟ ସରକାରଙ୍କ ଭୂମି ଅଧିଗ୍ରହଣ ଆଇନ, ପୁନର୍ବାସ ଓ ଥଇଥାନ ସହାୟତା କ'ଣ ରହିଛି ତାହା ବୁଝାଇଥିଲେ। ଏହାପରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଲାଗି ଥିବା ନିର୍ଦ୍ଦିଷ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ପରିବାରରେ କେତେ ଜମି, କେତେ ଜମି ଉପରେ ଘର, କେତେ ମହଲା କୋଠା, ପରିବାର ସଦସ୍ୟ ସଂଖ୍ୟା ଆଦି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। କୋଠା, ଜମିର ମାପଚୁପ ମଧ୍ୟ କରିଥିଲେ। ପ୍ରଥମ ଦିନରେ ୧୦ଟି ଘରର ସର୍ଭେ ହୋଇଛି ଓ ଲୋକେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେହିପରି ଜିଲାପାଳ ବଳୱନ୍ତ ସିଂ କହିଛନ୍ତି, ସର୍ଭେ ପୂର୍ବରୁ ୩୦ ପ୍ରତିଶତ ବିସ୍ଥାପିତ ହେବାକୁ ଥିବା ଲୋକେ ଆସି ପ୍ରଶାସନ ସହ ଆଲୋଚନା କରିଛନ୍ତି। ଆଲୋଚନା ସକାରାତ୍ମକ ଥିଲା। ତେଣୁ ଆଗକୁ ସମସ୍ତଙ୍କ ସହଯୋଗ ମିଳିବ ଏବଂ କାମ ତ୍ୱରାନ୍ୱିତ ହେବ ବୋଲି ଆମେ ଆଶା ରଖିଛୁ।

ସୂଚନାଥାଉ କି, ଶ୍ରୀମନ୍ଦିର ଚୌହଦ୍ଦିର ୭୫ ମିଟର ସୁରକ୍ଷା ଜୋନ ମଧ୍ୟରେ ଥିବା ୫ଟି ମୌଜା ବାସେଳି ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିରେ ଏହି ସର୍ଭେ କରାଯିବ। ଉକ୍ତ ମୌଜାଗୁଡ଼ିକରୁ ସରକାରୀ ଓ ଘରୋଇ ଜମିକୁ ମିଶାଇ ୧୫.୧୯୧ ଏକର ଜମି ଅଧିଗ୍ରହଣ ହେବ। ୨୩୦ ଘର ସମେତ ପ୍ରାୟ ୩୦୦ ପ୍ଲଟରେ ସର୍ଭେ କରାଯାଇ ସବିଶେଷ ତଥ୍ୟ ସଂଗ୍ରହ କରାଯିବ।



ଜଣେ ଗୃହକର୍ତ୍ତାଙ୍କଠାରୁ ଅଧିକାରୀମାନେ ତଥ୍ୟ ସଂଗ୍ରହ କରୁଛନ୍ତି।

**୭୫ ମିଟର ଉଚ୍ଛେଦ ପ୍ରସଙ୍ଗ**
- ଘର ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି ୫ ଟିମ୍
- ନେତୃତ୍ୱ ନେଉଛନ୍ତି ୫ ଶିକ୍ଷା ନବିସ ଆଇଏଏସ୍ ଅଧିକାରୀ

# ବାଲିମେଳା ଡ୍ୟାମ ଜଳପତ୍ତନ ବୃଦ୍ଧି

**ଚିତ୍ରକୋଣ୍ଡା, ୩୦।୯(ଡି.ଏନ.ଏ.):** ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମର ଜଳପତ୍ତନ ବୃଦ୍ଧି ପାଇ ୧୫୧୩ ଫୁଟକୁ ଛୁଇଁଛି। ଡ୍ୟାମର ଜଳଧାରଣ କ୍ଷମତା ୧୫୧୬ ଫୁଟ ରହିଥିବା ବେଳେ ଏହାର ବିପଦ ସଙ୍କୁଳ ସ୍ତର ୧୫୧୮ ଫୁଟ ରହିଛି। ଗଲା ୨୦୧୮-୧୯ ଆର୍ଥିକ ବର୍ଷର ଠିକ୍ ଏହି ସମୟରେ ୧୫୧୫ ଫୁଟ ଥିଲା। ଫଳରେ ସେତେବେଳେ ଜିଲା ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତରେ ଗେଟ୍ ଖୋଲା ଯାଇଥିଲା ଜଳ ଛଡାଯାଇଥିଲା। ତେବେ ବର୍ତ୍ତମାନର ଜଳଧାରଣ ସ୍ଥିତି ଅନୁଯାୟୀ ଗେଟ୍ ଖୋଲାଯିବାର କୌଣସି ସୂଚନା ମିଳିନାହିଁ।

With Best Wishes From......
K-nox Cinema
4th Floor, KASVI MALL
MINING ROAD
KEONJHAR TOWN-758001
DIST : KEONJHAR






# ପ୍ଲାଷ୍ଟିକ୍ ଯୁଗ

ଜଳବାୟୁ ପରିବର୍ତ୍ତନ ବିଶ୍ୱ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ନକାରାତ୍ମକ ପ୍ରଭାବ ଅନୁଭୂତ ହେଲାଣି। ଏହାର ସଦ୍ୟ ପ୍ରମାଣ ସେପ୍ଟେମ୍ବରରେ ଦେଖିବାକୁ ମିଳିଛି। ଉକ୍ତ ମାସରେ ଭାରତରେ ଯେତେ ପରିମାଣର ବର୍ଷା ହୋଇଯାଇଛି, ତାହା ୧୦୨ ବର୍ଷର ବର୍ଷାଠାରୁ ଅଧିକ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସି ଜୁନ୍‌ରେ ୩୩ ପ୍ରତିଶତ ନିଅଣ୍ଟିଆ ବର୍ଷା କରିଥିଲା। ହେଲେ ଅଗଷ୍ଟ–ସେପ୍ଟେମ୍ବରରେ ପ୍ରବଳ ବର୍ଷା ହୋଇ ଦେଶର ବିଭିନ୍ନ ଭାଗରେ ବ୍ୟାପକ କ୍ଷୟକ୍ଷତି କରିଛି । ଏପରି କି ମୌସୁମୀ ଆହୁରି ୪ ବା ୫ ଦିନ ଭିତରେ ଫେରିବାର ସଂକେତ ଦେଉନାହିଁ। ଋତୁଚକ୍ରରେ ଏଭଳି ଅନିୟମିତତାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ଯେତେବେଳେ ପ୍ରକୃତିର ନିୟମିତ ଚକ୍ର ବିଗିଡ଼ିଯିବ, ସେତେବେଳେ ପ୍ରାଣିଜଗତର ଜୀବନଧାରଣରେ ଘୋର ଅସଙ୍ଗତି ଦେଖାଦେବା ସ୍ୱାଭାବିକ। ଏହି ବିଷୟକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ ମଧ୍ୟ ଅନେକେ ଚେତୁ ନାହାନ୍ତି। ନିକଟରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ବିଶ୍ୱ ନେତାଗଣ ଏହି ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସ୍ୱିଡେନ୍‌ର ୧୬ ବର୍ଷୀୟା ବାଳିକା ଗ୍ରେଟା ଥନବର୍ଗଙ୍କ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଦେଇଥିବା ଭାଷଣ ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ଏହି ପ୍ରସଙ୍ଗ ନେଇ ପୃଥିବୀର ଅନେକ ନେତା ବ୍ୟସ୍ତତା ଦର୍ଶାଉଥିଲେ ମଧ୍ୟ ବାସ୍ତବରେ ସେଭଳି ପଦକ୍ଷେପ ନେଉନାହାନ୍ତି। ସେଥିପାଇଁ ସେ ଆବେଗଭରା କଣ୍ଠରେ କହିଥିଲେ–ଆପଣମାନେ କେବଳ ଫାଙ୍କା ଶବ୍ଦ ଜରିଆରେ ଆମ ଶୈଶବକୁ ଚୋରାଇ ନେଉଛନ୍ତି। ଏହା କରିବା ଲାଗି ଆପଣମାନଙ୍କ ଆସ୍ପର୍ଦ୍ଧା କେମିତି ହେଲା ବୋଲି ଗ୍ରେଟା ପ୍ରଶ୍ନ କରିଥିଲେ। ଗ୍ରେଟାଙ୍କ ଉଦ୍‌ବେଗକୁ କେବଳ ନେତାମାନେ ନୁହନ୍ତି, ବିଶ୍ୱବାସୀ ହୃଦୟଙ୍ଗମ କରିବା ଦରକାର।

ସବୁଜ ଗୃହ ବାଷ୍ପ, ଅତ୍ୟଧିକ ଅଙ୍ଗାରକାମ୍ଳ ଓ କ୍ଲୋରୋଫ୍ଲୋରୋ କାର୍ବନ ନିର୍ଗମନ ଯୋଗୁ ବାୟୁମଣ୍ଡଳ ବିଷାକ୍ତ ହେଉଛି ବୋଲି ସାଧାରଣରେ କୁହାଯାଉଛି। ଏଥିପାଇଁ ଗାଡ଼ିମୋଟର ଧୂଆଁ, କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ବାଷ୍ପକୁ ବେଶି ଦାୟୀ କରାଯାଉଛି। ସେହିପରି ଅତ୍ୟଧିକ ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ଭୂପୃଷ୍ଠ ଓ ସମୁଦ୍ର ଭାରାକ୍ରାନ୍ତ। ଏପରି କି ବୈଜ୍ଞାନିକମାନେ କହୁଛନ୍ତି ଯେ, ପୃଥିବୀର ଇତିହାସ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦାର୍ଥର ନାମରେ ନାମିତ ହୋଇଥିଲା। ଯଥା– ପ୍ରସ୍ତର ଯୁଗ, ଲୌହ ଯୁଗ, ତାମ୍ର ଯୁଗ ଭଳି ଆଜିର ସମୟ ଭବିଷ୍ୟତରେ ପ୍ଲାଷ୍ଟିକ୍ ଯୁଗ ଭାବେ ପରିଚିତ ହେବ। କାରଣ ଆଗାମୀ ସମୟରେ ଗବେଷକମାନେ ଯେତେବେଳେ ଆଜିର ଯୁଗ ସମ୍ପର୍କରେ ଅନୁଧ୍ୟାନ କରିବେ ସବୁ ଜୀବାଶ୍ମ (ଫସିଲ୍)ରେ ପ୍ଲାଷ୍ଟିକ୍‌ର ଆତ୍ମା ମିଳିବ। ବୈଜ୍ଞାନିକମାନଙ୍କ ଭବିଷ୍ୟବାଣୀକୁ ଧ୍ୟାନ ଦେଲେ ମନେହେଉଛି ଯେ, ଆମ ସମସ୍ତଙ୍କ ଆତ୍ମାରେ ଦୈବୀ ଶକ୍ତିକୁ ହଟାଇ ପ୍ଲାଷ୍ଟିକ୍ ଶକ୍ତି ପ୍ରବେଶ କରିସାରିଲାଣି। ଜଳଜୀବଙ୍କ ପେଟରେ ପ୍ଲାଷ୍ଟିକ୍ ପଶି ସେମାନଙ୍କ ଜୀବନ ନେଲାଣି। ସେହିପରି ତାପମାତ୍ରା ବୃଦ୍ଧି ଯୋଗୁ ବରଫମଣ୍ଡଳ ତରଳିଯାଇ ସମୁଦ୍ରରେ ମିଶିବାରୁ ସାଗର ତା'ର ଲୁଣିଆ ଅଂଶ କ୍ରମଶଃ ହରାଇ ବସୁଛି। ୨୯ ସେପ୍ଟେମ୍ବରରେ ଆମେରିକାରେ ଅସ୍ୱାଭାବିକ ବରଫଝଡ଼ ଯୋଗୁ କାଲିଫର୍ନିଆ, ୱାଶିଂଟନ୍, ମୋନ୍‌ଟାନା, ନେଭାଡା ଆଦି ଅଞ୍ଚଳ ୩ ଫୁଟ ଉଚ୍ଚ ବରଫରେ ଆବୃତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ କିଭଳି ରହୁଛି ଏହା ତା'ର ସଦ୍ୟ ଦୃଷ୍ଟାନ୍ତ। ଏସବୁ ବ୍ୟତୀତ ଦୁନିଆରେ ଅନେକ ପ୍ରକାରର ପ୍ରଦୂଷଣ ଘଟୁଛି, ଯାହା ବିଷୟରେ ମଣିଷ ଅବଗତ ହୋଇପାରୁ ନାହିଁ କିମ୍ବା ବିଶେଷ ଆଲୋଚନା କରାଯାଉ ନାହିଁ। ଏଭଳି ପରିପ୍ରେକ୍ଷୀରେ ଫ୍ରାନ୍ସର ଦୃଷ୍ଟାନ୍ତ ଦିଆଯାଇପାରେ। ଖାଦ୍ୟ ନଷ୍ଟ ଓ ତାହାକୁ ବାହାରେ ଫିଙ୍ଗି ଦିଆଯିବା କାରଣରୁ ପରିବେଶ ପ୍ରଦୂଷଣ ହେଉଥିବା ବିଷୟକୁ ଫ୍ରାନ୍ସ ଗୁରୁତ୍ୱ ଦେଉଛି। ୨୦୧୨ରୁ ଫ୍ରାନ୍ସ ଖାଦ୍ୟନୀତି କାର୍ଯ୍ୟକାରୀ କରିଆସୁଛି। ଏବେ ଏହାକୁ ଜନଆନ୍ଦୋଳନରେ ପରିଣତ କରିପାରିଥିବାରୁ ଫ୍ରାନ୍ସ ଏହି ଧରଣର ପ୍ରଦୂଷଣକୁ ରୋକିବାରେ ବେଶ୍ ସହାୟକ ହୋଇଛି। ଫ୍ରାନ୍ସ ତୁଳନାରେ ଭାରତର ଜନସଂଖ୍ୟା ୧୯ ଗୁଣାରୁ ଅଧିକ। ସେହି ଦୃଷ୍ଟିରୁ ଦେଖିଲେ ଏଠାରେ ଖାଦ୍ୟ ନଷ୍ଟର ପରିମାଣ ସର୍ବାଧିକ। ଦେଖାଯାଏ, ବିବାହ ବ୍ରତଠାରୁ ଆରମ୍ଭ କରି ଅନେକ ସାମାଜିକ କାର୍ଯ୍ୟରେ ଭାରତୀୟମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥାଆନ୍ତି। ଫଳରେ ଅଧିକାଂଶ ସମୟରେ ଖାଦ୍ୟ ବଳକା ରହିଯାଇଥାଏ। ଏହି ବଳକା ଖାଦ୍ୟକୁ ବାହାରେ ଫୋପାଡ଼ି ଦିଆଯାଉଥିବାର ଦୃଶ୍ୟ ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ବାହାରେ ମଳତ୍ୟାଗ କଲେ ଯେପରି ଏହା ପରିବେଶକୁ ଦୂଷିତ କରିଦିଏ, ଠିକ୍ ସେହିପରି ଖାଦ୍ୟଗୁଡ଼ିକ ବାହାରେ ଦୀର୍ଘ ସମୟ ପଡ଼ିରହିବା ପରେ ତାହା ପଚିଶଢ଼ି ଯାଏ। ଏଣୁ ସେଥିରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ। ଏହିଭଳି ଅନେକ କାରଣରୁ ପରିବେଶ ପ୍ରଦୂଷଣ ହେଉଛି ଓ ତାହା ଜଳବାୟୁ ପରିବର୍ତ୍ତନରେ ଦାୟୀ ହେଉଛି।

ଆଜିର ପରିବର୍ତ୍ତିତ ସମୟରେ ମଣିଷର କାର୍ଯ୍ୟ ଓ ଚିନ୍ତାଧାରା ଧରିତ୍ରୀର ତାପମାତ୍ରାକୁ ସନ୍ତୁଳନ କରି ନ ରଖିଲେ ଜଳବାୟୁ ପରିବର୍ତ୍ତନ ସବୁକିଛି ବିଗାଡ଼ି ଦେବ। ପୃଥିବୀର ତାପମାତ୍ରା ଏହା ମଧ୍ୟକୁ ପ୍ରବେଶ କରୁଥିବା ଶକ୍ତି ଓ ଗ୍ରହରୁ ନିଃଶେଷ ହେଉଥିବା ଶକ୍ତି ମଧ୍ୟରେ ସମତୁଲତା ରକ୍ଷା କରିଥାଏ। ସୂର୍ଯ୍ୟଙ୍କଠାରୁ ଆସୁଥିବା ରଶ୍ମି ଧରଣୀ ଧାରଣ କଲେ ଏହା ଉତ୍ତପ୍ତ ହୋଇଥାଏ। କିନ୍ତୁ ଯେତେବେଳେ ସୂର୍ଯ୍ୟ ରଶ୍ମି ମହାକାଶକୁ ପ୍ରତିଫଳିତ ହୁଏ, ପୃଥିବୀ ଗରମ ହେବାରୁ ଦୂରେଇ ରହେ। ଅର୍ଥାତ୍ ବିଶୋଷିତ ଶକ୍ତି ବା ଆବ୍‌ଜର୍ବଡ ଏନର୍ଜି ମହାକାଶକୁ ଫେରିଗଲେ ପୃଥିବୀ ଥଣ୍ଡା ପଡ଼େ। ବିଜ୍ଞାନର ଏହି ନିୟମ ବର୍ତ୍ତମାନ ବିଗିଡ଼ିବାରେ ଲାଗିଛି। ପ୍ରାକୃତିକ ହେଉ ବା ମନୁଷ୍ୟକୃତ କାରଣ ଯୋଗୁ ଧରିତ୍ରୀ ଉତ୍ତପ୍ତ ରହୁଥିବାରୁ ଏବେ ବିଶ୍ୱବାସୀ ଜୀବନର ପ୍ରତି କ୍ଷେତ୍ରରେ ସକାରାତ୍ମକ ପଦକ୍ଷେପ ନେବା ଜରୁରୀ। ନ ହେଲେ ସମସ୍ତଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | 5 | E | | | | | | | 0 | D | 6 | |
| | | | 0 | | 2 | | 6 | 8 | 4 | | 1 | B | | |
| 7 | 2 | | 8 | | | | 4 | | | | | | | |
| | | 1 | | | | | | | D | 8 | 6 | | | C |
| | | 4 | | | | | | 0 | 9 | B | A | | | |
| | D | | | | | | A | 2 | | 9 | | | | 7 |
| | | | | | | | | | | 4 | | | | |
| | 1 | | 3 | | 0 | C | B | | 6 | | 5 | | | E |
| 3 | | 6 | D | | | 0 | | 1 | | | B | | | |
| | | 9 | | 7 | 8 | | D | | C | | | 6 | | |
| | | | | | | | 9 | A | 2 | | E | | | |
| 8 | | | | 1 | 3 | B | | | | | 4 | 7 | | |
| | C | A | | 9 | D | 4 | 1 | | | | 8 | | | B |
| | 5 | | | | 4 | | 0 | 7 | | 6 | | 9 | | 1 |
| | 6 | 0 | C | | E | | | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 2 | E | A | 8 | 4 | 7 | 0 | 1 | 3 | 9 | 5 | B | 6 | C |
| 5 | C | 6 | 1 | B | 3 | 2 | D | 9 | 0 | 7 | 4 | 8 | E | A |
| 9 | B | 3 | D | 2 | 7 | A | 4 | 6 | C | 8 | E | 1 | 5 | 0 |
| 4 | 0 | A | E | 6 | 9 | 8 | 5 | C | B | D | 1 | 3 | 2 | 7 |
| 1 | 7 | 8 | C | 0 | 5 | E | 3 | B | A | 2 | 6 | 4 | 9 | D |
| 3 | 4 | 2 | 9 | 1 | 0 | 6 | B | 5 | 7 | A | D | E | C | 8 |
| 0 | D | 7 | 2 | C | B | 9 | A | 3 | E | 5 | 8 | 6 | 4 | 1 |
| A | 9 | 1 | 8 | E | D | 4 | C | 7 | 6 | 3 | B | 5 | 0 | 2 |
| 8 | 6 | 5 | 3 | 4 | A | 1 | 2 | E | 9 | 0 | C | D | 7 | B |
| B | E | C | 5 | 7 | 6 | D | 8 | 0 | 4 | 1 | 2 | A | 3 | 9 |
| 7 | 5 | B | 0 | 9 | 2 | 3 | E | D | 8 | 4 | A | C | 1 | 6 |
| E | 8 | 0 | 6 | D | C | 5 | 9 | 2 | 1 | B | 3 | 7 | A | 4 |
| C | A | 4 | 7 | 5 | E | 0 | 1 | 8 | D | 6 | 9 | 2 | B | 3 |
| 6 | 3 | D | B | A | 1 | C | 7 | 4 | 2 | E | 0 | 9 | 8 | 5 |
| 2 | 1 | 9 | 4 | 3 | 8 | B | 6 | A | 5 | C | 7 | 0 | D | E |

ଗତକାଲିର ଉତ୍ତର

# ଆଜିର ନାରୀ ପ୍ରତିଭା



ବୈକୁଣ୍ଠନାଥ ମିଶ୍ର

ନାରୀ ଆଉ ଅସୂର୍ଯ୍ୟଂପଶ୍ୟା, ଦୁର୍ବଳା ଓ ପରମୁଖାପେକ୍ଷୀ ହୋଇ ରହିନାହିଁ। ସମୟ ନାରୀ ମଧ୍ୟରେ ଏକ ଅପୂର୍ବ ଜାଗରଣ ସୃଷ୍ଟିକରି ତାକୁ ସମାଜର ମହାସ୍ରୋତରେ ଅଗ୍ରଗଣ୍ୟା କରିବାରେ ସହାୟକ ହୋଇଛି। ଦିନ ଥିଲା ସେ ଏକ ମୂକ ଗୋମାତା ସଦୃଶ ବିବେଚିତ ହେଉଥିଲା। ତା'ର ଇଚ୍ଛା ଅନିଚ୍ଛା ପ୍ରତି ଏ ପୁରୁଷପ୍ରଧାନ ସମାଜ ଆଖିବୁଜି ଦେଉଥିଲା। ଏକ ଯନ୍ତ୍ରମାନବ ରୂପେ ତାକୁ ବ୍ୟବହାର କରାଯାଉଥିଲା।

ସମାଜର ବର୍ବରତାର ଶିକୁଳି ମଧ୍ୟରୁ ମୁକ୍ତ ହୋଇ ଆଜିର ନାରୀ କେବଳ ଇତିହାସ ରଚିନାହାନ୍ତି, ବରଂ ସେମାନେ ସାଜିଛନ୍ତି ଅନନ୍ୟ ଉଦାହରଣ। କଟକ ଜିଲାର ୬୫ ବର୍ଷୀୟା ଭିନ୍ନ ଚେତନାର ଅଧିକାରିଣୀ ହେଲେ ଶାନ୍ତା ମହାପାତ୍ର। ଉପକୂଳ ଓଡ଼ିଶାର ସଭ୍ୟ ଶିକ୍ଷିତ ପରିବାରର ପିଲାମାନଙ୍କ ସହଜ ଜୀବନଶୈଳୀ ସହ ବଣପାହାଡ଼ ଘେରା ଅନ୍ଧାରି ଇଲାକାର ଆଦିମ ଅଧିବାସୀ ପିଲାମାନଙ୍କର ଜୀବନଶୈଳୀକୁ ତୁଳନା କରି ତାଙ୍କ ବ୍ୟଥାଭରା ହୃଦୟ ଆନ୍ଦୋଳିତ ହେଲା। ସେ ନିଜର ସହଜ ଓ ସୁଖମୟ ଜୀବନଯାପନକୁ ପରିହାର କରି ସେହି ଅପାଂକ୍ତେୟ ଅଲୋଡ଼ା ଶିଶୁମାନଙ୍କର ସେବାଯତ୍ନ ଓ ଶିକ୍ଷାର ବିକାଶ କଳ୍ପେ ସମର୍ପି ଦେଲେ ଜୀବନକୁ। ଦାରିଦ୍ର୍ୟ ନିଷ୍ପେଷିତ କୋମଳମତି ଶିଶୁମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଓ ସେମାନଙ୍କ ପାଇଁ କିଛି କରିବାର ଯେଉଁ ପ୍ରୟାସ ଟିକକ ତାଙ୍କ ମନ ମଧ୍ୟରେ ଜାଗ୍ରତ ହେଲା ତାକୁ ସାକାର କରିବାର ସଙ୍କଳ୍ପ ନେଇ ସେ ଧାଇଁଗଲେ ଅପେକ୍ଷାକୃତ ଅନୁନ୍ନତ ରାୟଗଡା ଜିଲାର ନିୟମଗିରି ଇଲାକାକୁ। ନିୟମଗିରି ପାହାଡ଼ରେ ବାସକରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ପିଲାମାନଙ୍କୁ ସଭ୍ୟତାର ଅରୁଣାଲୋକରେ ଅରୁଣାୟିତ କରିବା ଥିଲା ତାଙ୍କ ଜୀବନର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଅଭିଳାଷ। ଡଙ୍ଗରିଆ ଓ ଝରଣିଆ କନ୍ଧ ସମାଜର ମୁରବିମାନଙ୍କର ନାଲିଆଖିକୁ ଭ୍ରୂକ୍ଷେପ ନ କରି ନିଜ ହାତରେ କୋଳେଇ ନେଇଥିଲେ ଅବୋଧ ଡଙ୍ଗରିଆ ଓ ଝରଣିଆ ଶିଶୁମାନଙ୍କୁ। ପ୍ରକୃତି କୋଳରେ ଅଯତ୍ନର ଶିକାର ହୋଇଥିବା ସେହି ଶିଶୁମାନଙ୍କର ନିକଟତର ହେବା ଆଦୌ ସହଜସାଧ୍ୟ ନ ଥିଲା। ହେଲେ ଶାନ୍ତାଙ୍କର ଦୁର୍ବାର ଇଚ୍ଛାଶକ୍ତି ଯୋଗୁ ସବୁକିଛି ସମ୍ଭବ ହେଲା। କ୍ରମେ ମୁରବିମାନେ ତାଙ୍କ ମହତ୍ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କଲେ ଓ ତାଙ୍କୁ କନ୍ଧ ସମାଜର ହିତାକାଂକ୍ଷୀ ରୂପେ ଗ୍ରହଣ କଲେ। ଫଳରେ ସେ ପାଲଟିଗଲେ ଅବୋଧ ଶିଶୁମାନଙ୍କର ସ୍ନେହମୟୀ ମା'। ତାଙ୍କ ନିଷ୍ଠାପର ସାଧନାର ପ୍ରତିଫଳନ ସ୍ୱରୂପ ନିୟମଗିରି ଅଞ୍ଚଳରେ ଗଢ଼ିଉଠିଛି ଆଜି ଏକ ଆବାସିକ ଶିକ୍ଷାକେନ୍ଦ୍ର। ସମୁଦ୍ର ପତ୍ତନର ପ୍ରାୟ ୬ ହଜାର ମିଟର ଉଚ୍ଚତାରେ ଅବସ୍ଥିତ ଏହି ନିୟମଗିରି ଇଲାକାରେ ରହିଛି ୮ ଗୋଟି ପଞ୍ଚାୟତ। ଏବେ ଆଉ ଶାନ୍ତା ଅପରିଚିତା ନୁହନ୍ତି ସେହି ବଣଜଙ୍ଗଲ ଘେରା ପାହାଡ଼ି ମୁଲକରେ। ପ୍ରାଥମିକ ଅବସ୍ଥାରେ ତାଙ୍କ ପ୍ରତି ନିକ୍ଷେପ କରାଯାଉଥିବା ସେ ସନ୍ଦେହ ଓ ବିସ୍ମୟଭରା ଦୃଷ୍ଟି ବଦଳିଯାଇଛି ଭାବୋଚ୍ଛ୍ୱାସରେ। କନ୍ଧ ଶିଶୁମାନଙ୍କର ଶିକ୍ଷାର ଭାର ବହନ କରି ସେମାନଙ୍କୁ ପ୍ରଦାନ କରିଛନ୍ତି ଆଧୁନିକତାର ନବ ଉନ୍ମେଷ। ଗତ ଶତାବ୍ଦୀର ଶେଷ ଦଶକରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ସେ ଜାରି ରଖିଛନ୍ତି ତାଙ୍କ ଐକାନ୍ତିକ ଉଦ୍ୟମ। ସରକାରୀ ସାହାଯ୍ୟ ଦୁଷ୍ପ୍ରାପ୍ୟ ସତ୍ତ୍ୱେ ଉତ୍କଟ ଅଭାବକୁ ସାମ୍ନା କରି ହାରିଯାଇ ନାହାନ୍ତି ଶାନ୍ତା। ଲକ୍ଷ୍ୟସ୍ଥଳରେ ଉପନୀତ ହେବାର କି ଅଦମ୍ୟ ଇଚ୍ଛାଶକ୍ତି ଓ ଅଟଳ ପ୍ରୟାସ। ପ୍ରକୃତି କୋଳରେ ଶାନ୍ତ ପରିବେଶରେ ଗଢ଼ି ଉଠିଥିବା ଶାନ୍ତାଙ୍କର ଏହି କ୍ଷୁଦ୍ର ଅନୁଷ୍ଠାନଟି ଯୁଗଯୁଗରୁ ସାଇତା ହୋଇଥିବା କନ୍ଧମାନଙ୍କର ଜଡ଼ତାକୁ ଅପସାରଣ କରି ତାଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାର ଏହି ଅପୂର୍ବ ଉତ୍ସାହ ବାସ୍ତବିକ ଅନୁକରଣୀୟ। ଚିର ଅବହେଳିତ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚାଇବା ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ସେ କହନ୍ତି। ତାଙ୍କ ପାଇଁ ଆଉ ଅନେକ କିଛି କରିବାର ଅଛି। ନାରୀ ଚରିତ୍ରର ଏକ ଗଠନମୂଳକ ପରିଭାଷା ହେଲେ ଶାନ୍ତା।

ଗୁଜରାଟର କୁମ୍ଭକାର ପରିବାରରେ ଜନ୍ମିତ ଆଉ ଜଣେ ନାରୀ ହେଲେ ବନୱାରୀ ଦେବୀ। ସେ ଥିଲେ ମହିଳା ବିକାଶ କାର୍ଯ୍ୟକ୍ରମର ଜଣେ ସକ୍ରିୟ ସଭ୍ୟା। ସେ ମହିଳା ସାଥୀ ହିସାବରେ ତାଙ୍କ ଅଗ୍ରଣୀ ଭୂମିକା ବେଶ୍ ସ୍ୱଚ୍ଛନ୍ଦରେ ନିର୍ବାହ କରୁଥିଲେ। ୧୯୯୨ ମସିହାରେ ତାଙ୍କ ଅଞ୍ଚଳର ପ୍ରଭାବଶାଳୀ ଗୁଜ୍ଜର ସମ୍ପ୍ରଦାୟର ଜଣେ ୯ ବର୍ଷୀୟା କୁମାରୀର ବିବାହକୁ ସେ ବିରୋଧ କଲେ। ଫଳରେ ଉକ୍ତ ସମ୍ପ୍ରଦାୟର କିଛି ଉଦ୍‌ଭ୍ରାନ୍ତ ଯୁବକ ବନୱାରୀଙ୍କୁ ପ୍ରକାଶ୍ୟ ଦିବାଲୋକରେ ତାଙ୍କ ସ୍ୱାମୀଙ୍କ ସମ୍ମୁଖରେ ଗଣବଳାତ୍କାର କଲେ। ଅକଥନୀୟ ଲଜ୍ଜା ଓ ଅତିଶୟ ମାନସିକ ଦୁର୍ବଳତା ସତ୍ତ୍ୱେ ସେ ପୋଲିସର ଆଶ୍ରୟ ନେଲେ ସିନା, ହେଲେ ଉପଯୁକ୍ତ ସାକ୍ଷୀ ଅଭାବରୁ ବିଚାରାଳୟରେ ଦୋଷୀମାନେ ଦୋଷମୁକ୍ତ ହେଲେ। ତା' ପରେ ବନୱାରୀ ଦେବୀଙ୍କ ଜୀବନରେ ଦୁର୍ଦ୍ଦିନର କଳା ବାଦଲ ଘନେଇ ଆସିଲା। ତାଙ୍କୁ 'ମହିଳା ସାଥୀ' ପଦରୁ ହଟାଇ ଦିଆଗଲା। ପ୍ରତି ମୁହୂର୍ତ୍ତରେ ତାଙ୍କୁ ବିପଦର ଖଣ୍ଡାଧାରରେ ବାଟ ଚାଲିବାକୁ ହେଲା। ତଥାପି ସମାଜସେବାରୁ ସେ ନିବୃତ୍ତ ହେଲେନାହିଁ। କୁମାରୀ ବିବାହ ବିରୋଧରେ ତାଙ୍କ ସ୍ୱର ଅଧିକ ଶାଣିତ ହେଲା। ୧୯୯୭ରେ ସୁପ୍ରିମ୍‌କୋର୍ଟଙ୍କ ବିଶାଖା ଗାଇଡ୍‌ଲାଇନ୍ ପ୍ରକାଶିତ ହେଲା। କୋର୍ଟ ତାଙ୍କ ରାୟରେ ମହିଳାଙ୍କ କର୍ମକ୍ଷେତ୍ରକୁ ଯୌନ ଶୋଷଣମୁକ୍ତ କରିବାକୁ ନିର୍ଦ୍ଦେଶ ଦେଲେ। ବନୱାରୀଙ୍କ ମନରେ ଆଶା ସଞ୍ଚାର ହେଲା। ଦୀର୍ଘ ୫ ବର୍ଷ ପରେ ତାଙ୍କୁ ନ୍ୟାୟ ମିଳିଲା। ବଳାତ୍କାରୀ କାରାଦଣ୍ଡ ଭୋଗିଲେ। ସମାଜର ଉଚ୍ଚବର୍ଗଙ୍କ ବିରୋଧରେ ବିରୋଧରେ ସ୍ୱର ଉତ୍ତୋଳନ କରିବା କେତେ ଭୟଙ୍କର ତାହା କଳ୍ପନା କରିହେବ ନାହିଁ। ନିମ୍ନ ସମ୍ପ୍ରଦାୟର ସାଧାରଣ ଜଣେ ଗ୍ରାମୀଣ ମହିଳାଙ୍କ ଆଦର୍ଶ ପ୍ରତି ସମର୍ଥନ ମିଳିଲା। ସବୁ ସମ୍ପ୍ରଦାୟର ସଂଖ୍ୟାଧିକ ମହିଳା ତାଙ୍କ ଆଦର୍ଶକୁ ସ୍ୱଚ୍ଛ ମନରେ ଗ୍ରହଣ କଲେ। କେବଳ ଗୁଜ୍ଜର ସମ୍ପ୍ରଦାୟ ନୁହେଁ, ଏ ଅଞ୍ଚଳରୁ ବାଲ୍ୟ ବିବାହ ବହୁ ପରିମାଣରେ ହ୍ରାସ ପାଇଛି। ଏହା ମୂଳରେ କେବଳ ବନୱାରୀ ଦେବୀଙ୍କ ନିଷ୍ଠାପର ସଂଗ୍ରାମ ହିଁ ନିହିତ।

କେରଳର ୭୫ ବର୍ଷୀୟା ମହିଳା ହେଲେ ମିନାକ୍ଷୀ ଦେବୀ। ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାରେ ମିନାକ୍ଷୀ ଆମ୍ମା ବୋଲି ସମ୍ବୋଧନ କରନ୍ତି। ନିଜେ ପ୍ରତିଷ୍ଠା କରିଥିବା ଗୁରୁକୁଳରେ ସେ କେରଳର ପ୍ରାଚୀନ ସାମରିକ କୌଶଳ ବା ମାର୍ଶାଲ ଆର୍ଟ 'କଲାରିପାୟାଟ୍ଟୁ' ଶିକ୍ଷା ଦେଉଛନ୍ତି। ସ୍ୱାମୀ ତାଙ୍କର ଥିଲେ ଉକ୍ତ ସାମରିକ କଳାରେ ଜଣେ ନିପୁଣ ବ୍ୟକ୍ତି ଓ ସେ ମଧ୍ୟ ଥିଲେ ମିନାକ୍ଷୀଙ୍କ ଗୁରୁ। ସ୍ୱାମୀଙ୍କ ଅକାଳ ବିୟୋଗରେ ମିନାକ୍ଷୀ ଭାଙ୍ଗି ନ ପଡ଼ି ଉକ୍ତ ସାମରିକ କଳାକୁ ସାର୍ବଜନୀନ କରି ଏହାର ପ୍ରସାର ନିମିତ୍ତ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ବର୍ତ୍ତମାନ ତାଙ୍କ ଗୁରୁକୁଳରେ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଅଛନ୍ତି। ମିନାକ୍ଷୀ ଦେବୀ ଶାଢ଼ି ଉପରେ ପୋଷାକ ପରିଧାନ କରି ଶିକ୍ଷାଦାନ କରନ୍ତି। ସାମରିକ ପୋଷାକ ପରିଧାନ କରିଦେଲେ ସେ ଭୁଲିଯାନ୍ତି ତାଙ୍କ ବୟସର ଆଧିକ୍ୟକୁ। ତାଙ୍କଠାରୁ ମାର୍ଶାଲ ଆର୍ଟ ଶିକ୍ଷା କରିବା ପାଇଁ କେବଳ ଭାରତ ନୁହେଁ, ବିଦେଶରୁ ମଧ୍ୟ ପ୍ରତିବର୍ଷ ଅନେକ ଛାତ୍ରୀଛାତ୍ର ଏଠାକୁ ଆସୁଛନ୍ତି। ସେ ପିଲାମାନଙ୍କଠାରୁ କୌଣସି ଅର୍ଥ ନିଅନ୍ତି ନାହିଁ। କେବଳ ବିଦାୟ ସମୟରେ ଯାହା କିଛି ସେମାନେ ଖୁସିରେ ଗୁରୁଦକ୍ଷିଣା ଦେଇଥାନ୍ତି। ବୟସ ତାଙ୍କଠାରେ ହାର ମାନିଛି। ସମାଜର ସବୁସ୍ତରର ଲୋକଙ୍କଠାରୁ ତାଙ୍କୁ ମିଳିଛି ଢେର ସ୍ନେହ ଓ ସମ୍ମାନ। କେରଳରେ ତାଙ୍କ ଲୋକପ୍ରିୟତାର ପଟାନ୍ତର ନାହିଁ।

ମଧ୍ୟଯୁଗୀୟ ନାରୀ ଥିଲା ପୁରୁଷ ସମାଜର କ୍ରୀତଦାସୀ ସ୍ୱରୂପ। କିନ୍ତୁ ଆଜିର ନାରୀ ମଧ୍ୟଯୁଗୀୟ ବର୍ବରତାର ଖୋଳପା ମଧ୍ୟରୁ ବାହାରି ଆସି ସବୁ କ୍ଷେତ୍ରରେ ସୃଷ୍ଟି କରିଛି ସଫଳତାର ଅନନ୍ୟ ଉଦାହରଣ। ନାରୀ ଜାତି ସୁସଙ୍ଗଠିତ, ଶିକ୍ଷିତ, କର୍ମଠ ଓ ନୀତିନିପୁଣା ହେଲେ ଦେଶର ପ୍ରଗତି ଅବଶ୍ୟମ୍ଭାବୀ। ସମାଜରୁ ଶୋଷଣ, ନିଷ୍ପେଷଣ ଓ ଦୁର୍ନୀତିର ବଳୟକୁ ଛିନ୍ନ କରି ନାରୀ ହିଁ ସୃଷ୍ଟି କରିପାରିବ ଏକ ଅଭିନବ ଭାରତବର୍ଷ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ଆଚାରରେ ଫୁଟୁ ଗାନ୍ଧୀ ବିଚାର



ମୋହନ ଭାଗବତ

ସନାତନ କାଳରୁ ପ୍ରଚଳିତ ଭାରତର ଇତିହାସ ଗାଥାର ଏକ ପର୍ବ ଭାରତର ଆଧୁନିକ ଇତିହାସ ତଥା ସ୍ୱାଧୀନ ଭାରତର ଉତ୍ଥାନର କାହାଣୀ। ସେଥିରେ ଯେଉଁ ମହାପୁରୁଷମାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି, ତନ୍ମଧ୍ୟରେ ପ୍ରାତଃସ୍ମରଣୀୟ ମହାତ୍ମାଗାନ୍ଧୀଙ୍କ ନାମ ପ୍ରମୁଖ। ଭାରତ ହେଉଛି ଏକ ଆଧ୍ୟାତ୍ମିକ ଦେଶ ଏବଂ ଆଧ୍ୟାତ୍ମିକତା ଆଧାରରେ ହିଁ ଏହାର ଉତ୍ଥାନ ସମ୍ଭବ। ଏହାକୁ ଆଧାର କରି ଭାରତୀୟ ରାଜନୀତିର ଆଧ୍ୟାତ୍ମିକ ମୂଳଦୁଆ ସ୍ଥାପନ କରିବାର ଚେଷ୍ଟା ମହାତ୍ମା ଗାନ୍ଧୀ ହିଁ କରିଥିଲେ।

ଗାନ୍ଧିଜୀଙ୍କ ଚେଷ୍ଟା କେବଳ କ୍ଷମତା ରାଜନୀତିରେ ସୀମିତ ନ ଥିଲା। ସମାଜ ତଥା ଏହାର ନେତୃବର୍ଗଙ୍କ ସାତ୍ତ୍ୱିକ ଆଚରଣ ଉପରେ ଗାନ୍ଧିଜୀ ପ୍ରାଧାନ୍ୟ ଦେଇଥିଲେ। ମହତ୍ତ୍ୱାକାଂକ୍ଷା ତଥା ସ୍ୱାର୍ଥପ୍ରେରିତ ଅହଂକାର ଏବଂ ବିକାରକୁ ଆଧାର କରି ଚାଲିଥିବା ବିଶ୍ୱ ରାଜନୀତିକୁ ସେ ଅଗ୍ରାହ୍ୟ କରିଥିଲେ। ତାଙ୍କର ସ୍ୱପ୍ନ ଥିଲା– ଭାରତୀୟ ଜନଜୀବନ ସତ୍ୟ, ଅହିଂସା, ସ୍ୱାବଲମ୍ବନ ଓ ମାନବକଲ୍ୟାଣର ପ୍ରକୃତ ସ୍ୱାଧୀନତା ଉପରେ ଆଧାରିତ ହେଉ; ଦେଶ ଓ ମାନବିକତା ନିମନ୍ତେ ଉତ୍ସର୍ଗୀକୃତ ହେଉ। ଗାନ୍ଧିଜୀଙ୍କ ଏହି ଚିନ୍ତାଧାରା ତାଙ୍କ ନିଜ ଜୀବନରେ ସାକାର ହୋଇଥିଲା।

୧୯୨୨ ମସିହାରେ ଗାନ୍ଧିଜୀ ଗିରଫ ହେବାପରେ ନାଗପୁର ନଗର କଂଗ୍ରେସ ଦ୍ୱାରା ଏକ ଜନସଭା ଆୟୋଜିତ ହୋଇଥିଲା। ଏଥିରେ ବକ୍ତା ଭାବରେ ଯୋଗଦେଇ ଡକ୍ଟର ହେଡଗେୱାର ଗାନ୍ଧିଜୀଙ୍କୁ 'ପୁଣ୍ୟ ପୁରୁଷ' ଭାବେ ସମ୍ବୋଧନ କରି କହିଥିଲେ ଯେ, ଗାନ୍ଧିଜୀଙ୍କ କଥା ଓ କାମରେ କୌଣସି ପାର୍ଥକ୍ୟ ନାହିଁ। ସେ ନିଜ ଧୈର୍ଯ୍ୟ ଓ ବିଚାର ନିମନ୍ତେ ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲେ। ହେଡଗେୱାର କହିଥିଲେ ଯେ, କେବଳ ଗାନ୍ଧିଜୀଙ୍କ ଗୁଣଗାନ କଲେ ତାଙ୍କ କାର୍ଯ୍ୟ ଆଗକୁ ବଢି ପାରିବ ନାହିଁ। ଗାନ୍ଧିଜୀଙ୍କ ଏହିସବୁ ଗୁଣକୁ ଆମେ ଜୀବନରେ ଅନୁସରଣ କରିବା ଦରକାର।

ଗାନ୍ଧିଜୀ ଭଲ ଭାବରେ ଜାଣିଥିଲେ ପରାଧୀନ ମାନସିକତା ଅତ୍ୟନ୍ତ କ୍ଷତିକାରକ। ଏହାର ଉଦାହରଣ ଦେଇ 'ହିନ୍ଦ୍ ସ୍ୱରାଜ'ରେ ସେ ଲେଖିଛନ୍ତି ଯେ, ଏହି ମାନସିକତାରୁ ମୁକ୍ତି ପାଇବା ପାଇଁ ଶୁଦ୍ଧ, ସ୍ୱଦେଶୀ ଦୃଷ୍ଟିସମ୍ପନ୍ନ ଭାରତର ବିକାଶ ତଥା ଆଚରଣ ଆବଶ୍ୟକ। ସେ ସମୟରେ ସଂସାରକୁ ଚକିତ କରୁଥିବା ଭୌତିକତାବାଦୀ ପାଶ୍ଚାତ୍ୟ ଦର୍ଶନ ଶିକ୍ଷାକୁ ବିକୃତ କରି ସମସ୍ତଙ୍କୁ ଆର୍ଥିକ ଦୃଷ୍ଟିରୁ ନିର୍ଭରଶୀଳ କରିବାର ଚେଷ୍ଟାରେ ଆଗେଇ ଚାଲୁଥିଲା। ଏପରି ସମୟରେ ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରଚେଷ୍ଟା ନିଜସ୍ୱ ଜୀବନ ଆଧାରରେ ସମାଜକୁ ନୂତନ ବିଚାର ଦେବାର ଏକ ସଫଳ ପ୍ରୟୋଗ ଥିଲା। ହେଲେ ପରାଧୀନତାର ମାନସିକତାରେ ଗ୍ରସ୍ତ ଲୋକେ କିଛି ନ ବୁଝି ନ ବିଚାରି ପାଶ୍ଚାତ୍ୟ ବିଚାରକୁ ପ୍ରାମାଣିକତାର ସହ ସ୍ୱୀକାର କରିନେଇ ନିଜର ପୂର୍ବ ପୁରୁଷ, ପୂର୍ବ ଗୌରବ ଏବଂ ପୂର୍ବ ସଂସ୍କାରକୁ ହୀନ ତଥା ହେୟ ମନେ କରି ଅନ୍ଧାନୁକରଣ ଏବଂ ଚାଟୁକାରିତାରେ ମଜ୍ଜି ଯାଇଥିଲେ। ଏହାର ସୁଦୂରବିସ୍ତାରୀ ପ୍ରଭାବ ଆଜି ମଧ୍ୟ ଭାରତୀୟ ଚାଲିଚଳନ ଉପରେ ସ୍ପଷ୍ଟ ଦେଖାଯାଉଛି।

ଅନ୍ୟ ଦେଶମାନଙ୍କର ସମକାଳୀନ ମହାପୁରୁଷମାନେ ମଧ୍ୟ ଗାନ୍ଧିଜୀଙ୍କ ଚିନ୍ତାଧାରାକୁ କିଛି ମାତ୍ରାରେ ଗ୍ରହଣ କରି ନିଜ ଦେଶର ବିଚାରକୁ ମାର୍ଜିତ କରିଛନ୍ତି। ମହାନ ବୈଜ୍ଞାନିକ ଆଇନ୍‌ଷ୍ଟାଇନ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ପରେ କହିଥିଲେ ଯେ, ଆଗାମୀ ପିଢି ପାଇଁ ହୁଏତ ଏହା ବିଶ୍ୱାସ କରିବା ମଧ୍ୟ କଠିନ ହୋଇପାରେ ଯେ, ଗାନ୍ଧିଜୀଙ୍କ ଭଳି ଜଣେ ବ୍ୟକ୍ତି ଏହି ଭୂମିରେ ଜୀବନ ଧାରଣକରି ଚାଲି ଯାଇଛନ୍ତି। ଗାନ୍ଧିଜୀ ତାଙ୍କର ନିଜସ୍ୱ ଜୀବନଶୈଳୀ ଏବଂ ପବିତ୍ର ଆଚରଣ ଦ୍ୱାରା ଆମ ସମ୍ମୁଖରେ ଏହିଭଳି ଉଦାହରଣମାନ ପ୍ରସ୍ତୁତ କରି ଯାଇଛନ୍ତି।

ଗାନ୍ଧିଜୀ ୧୯୩୬ ମସିହାରେ ୱାର୍ଦ୍ଧା ନିକଟରେ ଚାଲିଥିବା ସଂଘ ଶିବରକୁ ଆସିଥିଲେ। ତା' ପରଦିନ ଡକ୍ଟର ହେଡଗେୱାର ଗାନ୍ଧିଜୀଙ୍କୁ ତାଙ୍କ ରହିବା ସ୍ଥାନରେ ସାକ୍ଷାତ କରିଥିଲେ। ଗାନ୍ଧିଜୀଙ୍କ ସହିତ ତାଙ୍କର ସୁଦୀର୍ଘ ଚର୍ଚ୍ଚା ଏବଂ ପ୍ରଶ୍ନୋତ୍ତର ବର୍ତ୍ତମାନ ପ୍ରକାଶିତ ହୋଇ ସାରିଛି। ବିଭାଜନର ରକ୍ତରଞ୍ଜିତ ସମୟରେ ଦିଲ୍ଲୀରେ ତାଙ୍କ ନିବାସ ସ୍ଥାନ ନିକଟରେ ଚାଲୁଥିବା ଶାଖାକୁ ମଧ୍ୟ ଗାନ୍ଧିଜୀ ଯାଇଥିଲେ। ସଂଘ ଶାଖାରେ ଉପସ୍ଥିତ ରହି ସେ ଯେଉଁ ମାର୍ଗଦର୍ଶନ ଦେଇଥିଲେ, ତାହା ୨୭ ଜୁନ ୧୯୪୭ର 'ହରିଜନ' ପତ୍ରିକାରେ ପ୍ରକାଶିତ ହୋଇଥିଲା। ସଂଘର ସ୍ୱୟଂସେବକମାନଙ୍କ ଅନୁଶାସନ ଏବଂ ସେମାନଙ୍କଠାରେ ଜାତିପ୍ରଥା ଜନିତ ଭେଦଭାବର ସଂପୂର୍ଣ୍ଣ ଅଭାବ ଦେଖି ଗାନ୍ଧିଜୀ ପ୍ରସନ୍ନତା ବ୍ୟକ୍ତ କରିଥିଲେ। ଭାରତର ପୁନର୍ଗଠନର ସ୍ୱପ୍ନ ଦେଖୁଥିବା ଏବଂ ସାମାଜିକ ସମତାକୁ ସଂପୂର୍ଣ୍ଣ ସମର୍ଥନ ଭିତ୍ତିରେ ନିଜ ଆଚରଣ ଦ୍ୱାରା ଉଦାହରଣ ପ୍ରସ୍ତୁତ କରିଥିବା ଗାନ୍ଧିଜୀ ସମସ୍ତଙ୍କ ନିମନ୍ତେ ଆଦର୍ଶ ପୁରୁଷ ଅଟନ୍ତି। ଆମେ ସମସ୍ତେ ପୂଜ୍ୟ ଗାନ୍ଧିଜୀଙ୍କୁ ଭଲଭାବେ ବୁଝିବା ଏବଂ ତାଙ୍କ ଆଦର୍ଶକୁ ନିଜ ଜୀବନରେ ପାଳନ କରିବା ଆବଶ୍ୟକ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତ୍ୟେକ ପ୍ରଭାତୀ ଶାଖାରେ ଏକ ସ୍ତୋତ୍ର ଦ୍ୱାରା ନିଜ ଦେଶର ମହାପୁରୁଷମାନଙ୍କୁ ସ୍ମରଣ କରିବା ପରମ୍ପରା ସଂଘ ସ୍ଥାପିତ ହେବା ଦିନଠାରୁ ପ୍ରଚଳିତ ହୋଇ ଆସୁଛି। ଏହାକୁ ଏକାତ୍ମତା ସ୍ତୋତ୍ର କୁହାଯାଏ। ୧୯୬୩ ମସିହାରେ ଏହାର ପୁନଃରଚନା କରାଯାଇଥିଲା ଏବଂ ଏଥିରେ କିଛି ନୂତନ ନାମ ଯୋଡା ଯାଇଥିଲା, ଯେଉଁଥିରେ ଗାନ୍ଧିଜୀଙ୍କ ନାମ ସାମିଲ କରାଯାଇଥିଲା। ସେତେବେଳକୁ ତାଙ୍କର ଦେହାନ୍ତ ହୋଇ ସାରିଥିଲା। ସଂଘର ସ୍ୱୟଂସେବକମାନେ ପ୍ରତିଦିନ ପ୍ରାତଃକାଳରେ ଏହି ଏକାତ୍ମତା ସ୍ତୋତ୍ର ମାଧ୍ୟମରେ ଗାନ୍ଧିଜୀଙ୍କ ନାମ ଉଚ୍ଚାରଣ କରି ତାଙ୍କର ଉପରୋକ୍ତ ଗୁଣଯୁକ୍ତ ଜୀବନକୁ ସ୍ମରଣ କରିଥାନ୍ତି।

ଗାନ୍ଧିଜୀଙ୍କ ଜନ୍ମର ୧୫୦ତମ ବର୍ଷରେ ତାଙ୍କୁ ସ୍ମରଣ କରି ଆମେ ସମସ୍ତେ ସଂକଳ୍ପ ନେବା ଯେ, ତାଙ୍କ ଭଳି ପବିତ୍ର ତ୍ୟାଗମୟ ଏବଂ ସ୍ୱଚ୍ଛ ତଥା ସ୍ୱାବଲମ୍ବୀ ଜୀବନ ଦୃଷ୍ଟିର ଅନୁସରଣ କରି ଆମେ ସମସ୍ତେ ଭାରତକୁ ବିଶ୍ୱଗୁରୁ ରୂପେ ସ୍ଥାପିତ କରିବା ନିମନ୍ତେ ନିଜ ନିଜ ଜୀବନକୁ ସମର୍ପଣ ଓ ତ୍ୟାଗର ଭାବରେ ସମୃଦ୍ଧ କରିବା।

ସରସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ

## ଏଇ ଭାରତରେ

ଦେଶର ବିଭିନ୍ନ ସ୍ଥାନରେ ନବରାତ୍ର ପାଳନ କରାଯାଉଛି, ହେଲେ ଗୁଜରାଟର ସୁରତରେ ଏଥର ଏହା ଭିନ୍ନ ଢଙ୍ଗରେ ପାଳିତ ହୋଇଛି। ଏଠାରେ ଆୟୋଜିତ ଗରବା ନୃତ୍ୟରେ ଭକ୍ତି ସହ କର୍ତ୍ତବ୍ୟବୋଧ ତଥା ସଚେତନତାର ବାର୍ତ୍ତା ଯୋଡାଯାଇଛି। ସୁରତର ଏକ ମଲ୍‌ରେ ଆୟୋଜିତ ନବରାତ୍ର ସମାରୋହରେ ଭାଗନେଇ ଏକ ଡ୍ୟାନ୍ସ ଗ୍ରୁପ୍ ଗରବା ନୃତ୍ୟ ମାଧ୍ୟମରେ ସଡ଼କ ସୁରକ୍ଷା ଉପରେ ସଚେତନତା ଭିତ୍ତିକ ବାର୍ତ୍ତା ଦେଇଛି। ମଲ୍‌ରେ ପ୍ରଦର୍ଶିତ ହୋଇଥିବା ଏହି ସାଂସ୍କୃତିକ ସମାରୋହରେ ଡ୍ୟାନ୍ସ ଗ୍ରୁପର ସଦସ୍ୟମାନେ ହେଲ୍‌ମେଟ ପିନ୍ଧି ନୃତ୍ୟ ପରିବେଷଣ କରିଛନ୍ତି। ଜୀବନ ସୁରକ୍ଷିତ ରହିଲେ ସବୁ ପର୍ବର ଆନନ୍ଦ ନେବା ସମ୍ଭବ ଓ ସେଥିପାଇଁ ହେଲ୍‌ମେଟ ପିନ୍ଧିବା ଜରୁରୀ ବୋଲି କହିଛନ୍ତି ଡ୍ୟାନ୍ସ ଗ୍ରୁପର ଜଣେ ସଦସ୍ୟ। ଏହି ସମାରୋହରେ ମହିଳାମାନେ ପରମ୍ପରା ସହ ଟାଟୁକୁ ବି ସ୍ଥାନ ଦେଇଛନ୍ତି। ଟାଟୁଗୁଡ଼ିକ ରାଷ୍ଟ୍ରୀୟ ଘଟଣା ଉପରେ ଆଧାରିତ। ଗରବା ନୃତ୍ୟରେ ଭାଗ ନେଇଥିବା ମହିଳାମାନେ ପିଠିରେ ଧାରା ୩୭୦, ଚନ୍ଦ୍ରୟାନ–୨ ସମ୍ବନ୍ଧିତ ଟାଟୁ କରିଥିଲେ। ପିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାଟୁ ମଧ୍ୟ ଦେଖିବାକୁ ମିଳିଛି। ପ୍ଲାଷ୍ଟିକ୍‌ରୁ ପୃଥିବୀକୁ ରକ୍ଷା କରିବା ପାଇଁ ଟାଟୁ ମାଧ୍ୟମରେ ବି ବାର୍ତ୍ତା ଦିଆଯାଇଛି ଏହି ନୃତ୍ୟରେ।

## ଚିରନ୍ତନୀ

'ବ୍ୟର୍ଥତା ! ହା ହା !' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ !' (ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧ ଅକ୍ଟୋବର ୧୯୯୪**

- ଆଙ୍ଗୋଲାର ଦକ୍ଷିଣାଞ୍ଚଳରେ ଏକ ଯାତ୍ରୀବାହୀ ଟ୍ରେନ ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୩୦୦ ଜଣ ମୃତ୍ୟୁବରଣ କରିଛନ୍ତି।
- ଗୀତିକାର ମଜରୁହ ସୁଲ୍‌ତାନ ପୁରୀଙ୍କୁ ସମ୍ମାନଜନକ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ।
- ଦଳର ସାମାଜିକ ନ୍ୟାୟ ସମ୍ପର୍କିତ ନୀତି ବିରୋଧରେ ପ୍ରତିବାଦ କରି ଜନତା ଦଳ ସାଧାରଣ ସମ୍ପାଦକ ରାମବିଳାସ ପାଶ୍ୱାନ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରିଜର୍ଭ ବ୍ୟାଙ୍କର ଅଦୂରଦର୍ଶୀ କାର୍ଯ୍ୟ

ମହାଶୟ,

ଧରିତ୍ରୀ (୭।୯) ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଡ. ଭରତ ଝୁନ୍‌ଝୁନ୍‌ୱାଲାଙ୍କ ପ୍ରବନ୍ଧ 'ବିପଦକୁ ଠେଲିଦେଉଛି ରିଜର୍ଭବ୍ୟାଙ୍କ' ବେଶ୍ ଚିନ୍ତାଜନକ, ଅର୍ଥନୀତି ପ୍ରତି ବିପଦ। ପ୍ରତ୍ୟେକ ଆର୍ଥିକ ବର୍ଷରେ ଆର୍‌ବିଆଇ ନିଜ ଲାଭାଂଶରୁ କିଛି ସଞ୍ଚିତ କରିଥାଏ। ମାତ୍ର ୨୦୧୪ ମସିହାରୁ ଆର୍‌ବିଆଇ ତା'ର ଲାଭାଂଶରୁ ସଞ୍ଚିତ ଅର୍ଥ ରଖିନାହିଁ। ଏହି ସଞ୍ଚିତ ଅର୍ଥ ଦେଶର ଅର୍ଥନୈତିକ ସଂକଟ ସମୟରେ ଦରକାର ପଡ଼େ। ମାତ୍ର ୨୦୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ୧.୭୬ ଲକ୍ଷ କୋଟି ଟଙ୍କା ଲାଭ ପାଇଛି ଓ ପୂରା ରାଶିକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛି। ଏହାକୁ ଉଭୟେ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ଅଦୂରଦର୍ଶୀ କାର୍ଯ୍ୟ ବୋଲି ବିଚାର କରାଯାଉଛି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ପୂଜା ଓ ପ୍ରଦୂଷଣ

ଦଶହରା ପରେ ରାବଣ ପୋଡ଼ି କରିବା ଆଧୁନିକ ପରମ୍ପରାରେ ପରିଣତ ହୋଇଛି। କିନ୍ତୁ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ପୂଜା ମଣ୍ଡପରେ ମୂର୍ତ୍ତି ପୂଜା ବାହାନାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନ୍ତରାଳରେ ନିଶାପାନ ଓ ଉନ୍ମତ୍ତ ନୃତ୍ୟ ପ୍ରଦର୍ଶନ ହେଉଛି। ପୂଜା ପରେ ଭସାଣିରେ ଭାସିଯାଇ କିଛି ମଦଭକ୍ତ ନିଖୋଜ ହେବା ଓ ପରେ ଅଗ୍ନିଶମ ବିଭାଗ ଦ୍ୱାରା ଶବ ଆକାରରେ ଉଦ୍ଧାର ହେବା କ'ଣ ମୁକ୍ତିର ମାର୍ଗ ? ଏହା ଆମ ଅନାଚାରର ଫଳ। ତେଣୁ ପୂଜାରେ ଭକ୍ତିଭାବ ରହୁ, ମଦମାଂସ ଓ ଅଶ୍ଳୀଳ ନୃତ୍ୟ ବନ୍ଦ ହେଉ। ଉଚ୍ଚ ସ୍ୱରର ବାଜା ଦ୍ୱାରା ଶବ୍ଦ ପ୍ରଦୂଷଣ, ରାସାୟନିକ ରଙ୍ଗ ବୋଳା ହୋଇଥିବା ମୂର୍ତ୍ତି ବିସର୍ଜନ ଦ୍ୱାରା ଜଳ ପ୍ରଦୂଷଣ ଏବଂ ରାବଣ ପୋଡ଼ି ଦ୍ୱାରା ବାୟୁ ପ୍ରଦୂଷଣ ବନ୍ଦ ହେଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଟେ କୁଠିରେ ଆଠଟା ଶ୍ରେଣୀର ଛାତ୍ରୀଛାତ୍ର

## ୭ ଦିନ୍ ଭିତରେ ସମାଧାନ ନାଇଁକଲେ ସ୍କୁଲରେ ତାଲା ଝୁଲବା

ଲାଠୋର, ୩୦।୯(ଡି.ଏନ୍.ଏ.)



ଦଦ୍‌ରା ଅବସ୍ତାରେ ଥିବାର ଫୁଲଝରର ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ ଫୁଲଝରର ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ପରକାର ଅବେବସ୍ତା ଭିତରେ ଚାଲିଛେ। ୧୯୬୧ ସାଲେ ଥାପିତ ଇ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ତକ୍ ଥିଲାବେଲେ ଏହେଦେ ୧୧୮ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ସେନ୍ତା ଛାତ୍ରୀଛାତ୍ରକୁଁ ପାଠ୍ ପଢ଼ାବାର ଲାଗି ୪ ଝନ୍ ଶିକ୍ଷକ ବି ନିୟୋଜିତ ଅଛନ୍। ସ୍କୁଲରେ ୩ଟା ପଢ଼ାକୁଠି ଥିଲାବେଲେ ସେଥିରୁ ୨ଟା ବିପଦ୍ ଅବସ୍ତାରେ ରହିଛେ। ସେଥିରଲାଗି ୮ଟା ଶ୍ରେଣୀର ପାଠ୍‌ପଢ଼ା ଗୁଟେ କୁଠିରେ ଚାଲିଛେ। ସେନ୍ତା ସ୍କୁଲର ଅଫିସ ଘର କଥା ନାଇଁ କହେବାର ଭଲ। ଛାତ୍ରମାନକର ଶୌଚାଳୟ ଠିକ୍‌ଠାକ୍ ଥିଲାବେଲେ ଛାତ୍ରୀମାନକର ଶୌଚାଳୟ ଦରଖଁଡ଼ିଆ ହେଇ ପଡ଼ିରହିଛେ। ସ୍କୁଲର ସାମନା ଫାଲେ ବାଡ଼ା ଆର ଗେଟ ଥିଲାବେଲେ ପଛଫାଲ ଅଧାପନ୍ତରିଆ ହେଇ ପଡ଼ିରହିଛେ। ଯେନ୍‌ଥିରଲାଗି ସ୍କୁଲ ପରିସରଟା ବୁଲା ଗାଈଗୋରୁ ଆର ବଦ୍‌ମାସିଆ ଲୁକ୍‌କର ପାଏନ୍‌ଘାଟ ପାଲଟିଛେ। ସ୍କୁଲ ସମସିଆ ବାବ୍‌ଦେ ଅନେକ ଥର ପରିଚାଳନା ସମିତି ବିଭାଗୀୟ କତ୍ତୁରପକ୍ଷକଁର ଦୃରୁଷ୍ଟି ଆକରଷନ୍ କରି ନିରାଶ ହେଇଛନ୍। ଇ ବାବ୍‌ଦେ ପ୍ରାଧାନ ଶିକ୍ଷକ ଆର୍ତ୍ତତ୍ରାଣ ଖମାରୀକୁଁ ପଚରାଲାରୁ ସ୍କୁଲ ସମସିଆ ବାବ୍‌ଦେ ଆମେ ଉଚ କତ୍ତୁରପକ୍ଷକୁଁ ଜନେଇଛୁଁ ବଲି କହିଛନ୍। ସେନ୍ତା ସ୍କୁଲ ପରିଚାଳନା ସମିତି ସଭାପତି ଗୋବର୍ଦ୍ଧନ ପୁଟେ କହିଛନ୍ ଯେ, ଭିନେ ଭିନେ ସମିଆରେ ସମସିଆର ସମାଧାନ ଲାଗି ବିଭାଗୀୟ କତ୍ତୁରପକ୍ଷକୁଁ ଜନେଇଛୁଁ, ହେଲେ କିଛି ଲାଭ ନାଇଁ। ଆଏବାର ସାତ୍ ଦିନ ଭିତରେ ସମସିଆର ସମାଧାନ ଦିଗେ ପଦକ୍ଷେପ ନାଇଁ ନେଲେ ସ୍କୁଲରେ ତାଲା ପକାବାର ନିଷ୍ପତି ନେଇଛୁଁ। କମିଟି ସଦସିଅ ତୀର୍ଥ ଶବର କହିଛନ୍ ଯେ, ଦଦ୍‌ରା ଅବସ୍ତାରେ ଥିବାର ପଢ଼ାକୁଠିମାନ ଛାତ୍ରୀଛାତ୍ରକଁର ଜୀବନ୍ ଉପରେ ବିପଦ୍ ସୁରୁଷ୍ଟି କରୁଛେ। ନୂତନ ପଢ଼ାକୁଠି ତିଆର ନାଇଁ ହେଲେ ପିଲାଛୁଆକୁ ସ୍କୁଲକେ ନାଇଁ ପଠଉଁ ବଲି ଥିର କରିଛୁଁ। ବିଭାଗୀୟ ଉଚ କତ୍ତୁରପକ୍ଷ ଇ ଦିଗେ ଦୃରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ସ୍କୁଲ ସମସିଆର ସମାଧାନ କରବାକେ ଦାବି ହେଉଛେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ନନ୍ଦିନୀ ପଟ୍ଟନାୟକ



ସୁଶାନ୍ତ କୁମାର ସେଠୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଚିକରଡ଼ା ଗ୍ରାମରେ ଝାଡ଼ାବାନ୍ତି

## ଦୂଷିତ ପାଣି ପିଇ ୩୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଗୋପାଳପୁର,୩୦।୯:** ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଚିକରଡ଼ା ଗ୍ରାମରେ ଦୂଷିତ ପାଣି ପିଇ ରବିବାର ୩୦୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୋମବାର ୩୦ ଜଣ ଗୁରୁତରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆରବିଏସ୍‌କେ (ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ)ର ଦୁଇଟି ଟିମ ଗ୍ରାମରେ ପହଞ୍ଚି ପ୍ରତି ଘରକୁ ଓଆର୍‌ଏସ୍ ଔଷଧ ସହ ପାଣିରେ ବ୍ଲିଚିଂ ମିଶାଇ ପିଇବାକୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ଜିଲାର ବିଭିନ୍ନ ସ୍ଥାନରେ କିଛିଦିନ ହେଲା ବର୍ଷା ଲାଗି ରହିଛି। ଚିକରଡ଼ା ଗ୍ରାମର ବୋରୱେଲ ଖାଲୁଆ ସ୍ଥାନରେ ଥିବାରୁ ଦୂଷିତ ପାଣି ସେଠାରେ ଜମି ରହିଥିଲା। ପରେ ବୋରୱେଲ ଭିତରକୁ ତାହା ପଶି ଯାଇଥିଲା। ଗତ କିଛିଦିନ ଧରି ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏହି ପାଣି ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଥିଲା। ଖବର ପାଇ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ପହଞ୍ଚି ସ୍ୱାସ୍ଥ୍ୟ ଅଧିକାରୀ, ଗ୍ରାମ୍ୟ ଓ ଜଳ ଯୋଗାଣ ଅଧିକାରୀ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣା ଉପରେ ଦୃଷ୍ଟି ରଖାଯାଇଥିବା ବିଡ଼ିଓ ସୂଚନା ଦେଇଛନ୍ତି । ଅନ୍ୟ ସାହିରେ ମଧ ଝାଡ଼ାବାନ୍ତି ବ୍ୟାପୀବାରେ ଲାଗିଛି। ଏହାର ପ୍ରତିକାର ପାଇଁ ଔଷଧ, ବ୍ଲିଚିଂ ଏବଂ ଓଆର୍‌ଏସ୍ ପ୍ୟାକେଟ ବଣ୍ଟନ କରାଯାଇଥିବା ବିଡିଓ କହିଛନ୍ତି।

## ଭାରତକୁ ବିଶ୍ୱରେ ୧ ନମ୍ବର କରିବାର ଲକ୍ଷ୍ୟ ରହିଛି: ଧର୍ମେନ୍ଦ୍ର




ଯୁବଫୋରମ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର,୩୦।୯(ବ୍ୟୁରୋ)

୨୦୩୦ ସୁଦ୍ଧା ଭାରତକୁ ବିଶ୍ୱରେ ୧ନମ୍ବର ଦେଶ ବନାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏ ଦିଗରେ ଯୁବକମାନଙ୍କୁ କାମ କରିବାର ଆବଶ୍ୟକତା ରହିଛି। ସୋମବାର ସୁନ୍ଦରଗଡଠାରେ ଭାରତ ସ୍କାଉଟ ଏବଂ ଗାଇଡ୍‌ସ ରାଷ୍ଟ୍ରୀୟ ମୁଖ୍ୟାଳୟ ତରଫରୁ ରୋଭର୍ସ ଓ ରେଞ୍ଜର୍ସଙ୍କ ପାଇଁ ଆୟୋଜିତ ହେଉଥିବା ଯୁବଫୋରମ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ପ୍ରତି କ୍ଷଣରେ ଲୋକମାନେ ଭବିଷ୍ୟତ କଥା ଚିନ୍ତା କରୁଛନ୍ତି। ଯୁବପିଢ଼ିମାନେ ଏବେ ଭବିଷ୍ୟତକୁ ଦେଖି ନୂଆ ଭାରତ ଗଢିବାର କଳ୍ପନା କରିବା ଦରକାର। ଯୁବବର୍ଗ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶଭାବେ ବନାଇବା ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଓ ନାଗାସାକି ଭଳି ଦୁଇଟି ବଡ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ସେହି ସମୟରୁ ଏପର୍ଯ୍ୟନ୍ତ ଜାପାନ୍ ନିଜ ଦୃଢ ଇଚ୍ଛାଶକ୍ତି ଓ ନିଷ୍ପତ୍ତି କାରଣରୁ ଏବେ ବିକଶିତ ରାଷ୍ଟ୍ରଭାବେ ଉଭା ହୋଇପାରିଛି। ଜାପାନ ପାଖରେ ୧ ପ୍ରତିଶତ ଲୁହା ପଥର ନ ଥାଇ ମଧ୍ୟ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡିକ ପାଖରୁ କଞ୍ଚାମାଲ କିଣି ନିଜ ଦେଶରେ କମ୍ ମୂଲ୍ୟରେ ଇସ୍ପାତ୍ ଉତ୍ପାଦ ତିଆରି କରି ବିକ୍ରି କରୁଛି। ଜାପାନ ଯୁବକମାନଙ୍କ ଉଦ୍ୟମ ଯୋଗୁ ବିଶ୍ୱରେ ଏହା ଅଗ୍ରଣୀ ଦେଶ ହୋଇପାରିଛି। ଦୀର୍ଘଦିନ ଧରି ସଂଗ୍ରାମ କରିବାପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରଠାରୁ ଏ ପର୍ଯ୍ୟନ୍ତ ଭଲ ଅର୍ଥନୀତି ଥାଇ ସତ୍ତ୍ୱେ ସମ୍ପ୍ରତି ବିକଶିତ ରାଷ୍ଟ୍ରଭାବେ ପରିଗଣିତ ହୋଇପାରିନାହିଁ। ଖଣିଜ ସମ୍ବଳରେ ଭରପୂର ସୁନ୍ଦରଗଡ ଜିଲା ଓ ରାଉରକେଲା ଭଳି ଇସ୍ପାତ୍ କାରଖାନା ଥାଇ ସୁଦ୍ଧା ଏଠାର ଉତ୍ପାଦିତ ଜିନିଷ ଜାପାନର ଇସ୍ପାତ୍‌ଠାରୁ ଶସ୍ତା ମୂଲ୍ୟରେ ବିକ୍ରି ହୋଇପାରୁନାହିଁ। ଆଜିର ଦିନରେ ଏହି ପ୍ରସଙ୍ଗରେ ଯୁବପିଢ଼ିଙ୍କୁ ଭାବିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## କନ୍ଧମାଳ ଦଙ୍ଗା ମାମଲା: ଜଣେ ଅଭିଯୁକ୍ତଙ୍କୁ ୬ମାସ ଜେଲ

ଫୁଲବାଣୀ ଅଫିସ, ୩୦।୯

କନ୍ଧମାଳ ଜିଲାରେ ୨୦୦୮ରେ ହୋଇଥିବା ଏକ ଦଙ୍ଗା ମାମଲାର ବିଚାର କରି ବାଲିଗୁଡ଼ା ଅତିରିକ୍ତ ଦୌରାଜଜ ଅରବିନ୍ଦ ପଟ୍ଟନାୟକ ଅଭିଯୁକ୍ତ ପ୍ରକାଶ ପ୍ରଧାନଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୦୮ ଅଗଷ୍ଟ ୩୦ ତାରିଖ ଅପରାହ୍ନରେ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ କଣ୍ଡାବାଡ଼ି ଗ୍ରାମରେ କେତେଜଣ ଦଙ୍ଗାକାରୀ ରାଜାବନ ପ୍ରଧାନ ଓ ଅନ୍ୟମାନଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଆକ୍ରମଣ କରିଥିଲେ। ଏଥିରେ ରାଜାବନ ଓ ତାଙ୍କ ଭାଇ ଯାକବ ପ୍ରଧାନଙ୍କର ଘର କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ରାଜାବନ ଦାରିଙ୍ଗବାଡ଼ି ଥାନାରେ ଏତଲା ଦେଇଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ପ୍ରକାଶ ପ୍ରଧାନ ଫେରାର୍ ହୋଇ ଯାଇଥିଲେ। ତାଙ୍କ ନାମରେ ଥାନାରେ ନଂ.୬୦/୦୮ରେ ମାମଲା ଥିଲା। ଦୀର୍ଘବର୍ଷ ପରେ ୱାରେଣ୍ଟ ବଳରେ ପ୍ରକାଶଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଥିବା ସ୍ୱତନ୍ତ୍ର ପିପି ବିଜୟ କୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୨ ମୋବାଇଲ ଚୋର ଥାନାରେ ଅଟକ

ତିହିଡ଼ି, ୩୦।୯ (ଡି.ଏନ.ଏ.)

ତିହିଡ଼ି ଥାନା କୋହ୍ଲ ପଞ୍ଚାୟତ ଅଧୀନ ଅମରପୁର ଗ୍ରାମର ୨ ମୋବାଇଲ ଚୋରଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏଥିସହ ପୋଲିସ ସେମାନଙ୍କ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ୩ ଯୁବକ ବାଇକ୍‌ରେ ଯାଇ ଗୁଆମାଳ ରାସ୍ତାରେ ଜଣେ ସାଇକେଲ ଆରୋହୀଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ତାଳପଦା ବଜାରସ୍ଥିତ ଏକ ପାନ ଦୋକାନରୁ ସେହି ଯୁବକମାନେ ମୋବାଇଲ ଚୋରି କରି ନେଇ ଯାଉଥିଲେ। ସେମାନଙ୍କୁ ଅନୁସରଣ କରି କେତେକ ବ୍ୟକ୍ତି ରାସ୍ତାରେ ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଖସି ପଳାଇ ଯାଇଥିଲେ। ଅନ୍ୟ ଦୁଇଜଣଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ।

## ସାପ କାମୁଡ଼ାରେ ମହିଳା ଚାଷୀଙ୍କ ମୃତ୍ୟୁ

ବାସୁଦେବପୁର, ୩୦।୯ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିଦେଇପୁର ପାଳମଣ୍ଡଳପଡ଼ା ଗ୍ରାମରେ ସୋମବାର ଗୌରୀ ମଣ୍ଡଳ ନାମ୍ନୀ ଜଣେ ମହିଳା ଚାଷୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ସକାଳେ ନିକଟସ୍ଥ ଚାଷ ବିଲକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଷିଆ ସାମୁଦ୍ରିକ ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

## ଚଣ୍ଡୀ ବେଶରେ ମା’



ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର ମା’ ଦୁର୍ଗାଙ୍କ ଚଣ୍ଡୀ ବେଶ।



## ଜିଲା ଚିଠି
## କୋରାପୁଟ

## ବଢୁଛି ଜବରଦଖଲ

କୋରାପୁଟ ସହର ସମେତ ଜିଲାର ଅନ୍ୟ ଛୋଟ ସହରାଞ୍ଚଳରେ ସରକାରୀ ଜମି ଏବେ ସଙ୍କୁଚିତ ହେବାରେ ଲାଗିଛି। ଦିନକୁ ଦିନ ଜବରଦଖଲ ବଢୁଥିବା ବେଳେ ସରକାରୀ ଉଦାସୀନତା ଜବରଦଖଲକାରୀଙ୍କୁ ଅଧିକ ପ୍ରୋତ୍ସାହିତ କରୁଛି। ଆଗକୁ କୌଣସି ସରକାରୀ ନିର୍ମାଣଜନିତ ଭିତ୍ତିଭୂମି ପାଇଁ ସହରରେ ଜମିର ସଙ୍କଟ ସୃଷ୍ଟି କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। କୋରାପୁଟ ସହରର ଢେପସାହି, ହାଉସିଂବୋର୍ଡ, ରେଲୱେ ଷ୍ଟେଶନ, ରେଲୱେ କଲୋନୀ,ପମ୍ପ ହାଉସ, ସୁନାପୁର, ପୁରୁଣା କୋରାପୁଟ, କୁକୁଡ଼ା ଫାର୍ମ, ରଥଶର୍ମା କଲୋନୀ, କନକଦୁର୍ଗା ମନ୍ଦିର, ବନଭାରତୀ, ହାଟପଦା, ହାତୀଲାଇନ, ଆର୍ଟିଓ କଲୋନୀରେ ଶହ ଶହ ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସରକାରୀ ନଥିରେ ଏଯାବତ୍ ମାତ୍ର ୧୬୩୨ଟି ଜବରଦଖଲ ମାମଲା ରୁଜୁ କରାଯାଇଥିବା ତହସିଲ ପକ୍ଷରୁ ଜଣାପଡ଼ିଛି। କିନ୍ତୁ ବେସରକାରୀ ହିସାବ ଅନୁସାରେ ଏସବୁ ଅଞ୍ଚଳରେ ୩ ହଜାର ୫ଶହରୁ ଅଧିକ ଜବରଦଖଲ ସହ ସରକାରୀ ସୁବିଧା ମଧ୍ୟ ଅକ୍ତିଆର କରାଯାଇଛି। ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ପୌରାଞ୍ଚଳ ପକ୍ଷରୁ ରାସ୍ତା ସୁବିଧା ଜବରଦଖଲ ଅଞ୍ଚଳ ଓ ଜବରଦଖଲକାରୀଙ୍କୁ ଉପଲବ୍ଧ କରାଯାଇଛି। ଏବେ ସରକାରୀ ପଟ୍ଟା ଦିଆଯିବା ବ୍ୟବସ୍ଥା ଏପରି ଲୋକଙ୍କୁ ଅଧିକ ଜମି ହାତେଇବା ପାଇଁ ପ୍ରୋତ୍ସାହିତ କରୁଛି। ଉଲ୍ଲେଖଯୋଗ୍ୟ, କୋରାପୁଟ ସହରର ବନଭାରତୀ ଓ ହାଟପଦା ଅଞ୍ଚଳରେ ପୌରାଞ୍ଚଳର ପ୍ରାୟ ୨୦ ଏକର ଜମି ରହିଥିଲା। ହାଟପଦାରେ ସହରର ବୁଲା ଗୋରୁଙ୍କ ପାଇଁ କାଞ୍ଜିଆହୁଦା ମଧ୍ୟ ପୂର୍ବରୁ ରହିଥିଲା। ଏସବୁ ଜମିର ଏବେ ଚିହ୍ନବର୍ଣ୍ଣ ନାହିଁ। କେଉଁଠି ୨ ମହଲା ତ କେଉଁଠି ୩ ମହଲା ଘର ସବୁ ତିଆରି ହୋଇଛି। ଏସବୁ ସରକାରୀ ଜମିରେ ଘରକରି ଏହାକୁ ଭଡ଼ାରେ ଲଗାଇ ଜବରଦଖଲକାରୀ ବହୁ ଲାଭବାନ ହେଉଛନ୍ତି। କିନ୍ତୁ ପ୍ରଶାସନ ଏସବୁ ଦେଖି ମଧ୍ୟ ଆଖି ବୁଜିଦେଇଛି। କାଞ୍ଜିଆହୁଦା ଓ କାଠଗୋଲା କରାଯାଇ ସେଥିରୁ ପୌରାଞ୍ଚଳକୁ ଯେଉଁ ରାଜସ୍ୱ ଆସୁଥିଲା, ତାହା ବନ୍ଦ ହୋଇଯାଇଛି। କୋରାପୁଟ ସହରର ବାଟାଶପ୍ ନିକଟ, ହାତୀଲାଇନ, ଜେଲ ନିକଟ, ଦଧିଚିଲାଇନ, ହାଉସିଂବୋର୍ଡ ଅଞ୍ଚଳରେ ଜିଲା ମେଡିକାଲର ଏକର ଏକର ଜମି ଏବେ ଜବରଦଖଲକାରୀଙ୍କ କବଳରେ ରହିଛି। ଏହାର ପୁନରୁଦ୍ଧାର ପାଇଁ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କେହି ବି ତତ୍ପର ନାହାନ୍ତି। ସେହିପରି ପୂର୍ତ୍ତ ବିଭାଗକୁ ୨୦୧୪ରେ ମେଡିକାଲ କଲେଜ ନିର୍ମାଣ ପାଇଁ ୨୧ ଏକର ଜମି ଦିଆଯାଇଥିଲା। ସେଥିରୁ ମାତ୍ର ସାଢ଼େ ୧୮ ଏକର ଜମିରେ ମେଡିକାଲ କଲେଜ ନିର୍ମାଣ କରାଯାଇଥିବା ବେଳେ ବଳକା ଅଢ଼େଇ ଏକର ଜମି ଏବେ ଜବରଦଖଲରେ ରହିଛି। ଆଗକୁ କୋରାପୁଟ ମେଡିକାଲରେ ୫୦ କୋଟିଟଙ୍କା ବ୍ୟୟରେ ଏକ କ୍ୟାନ୍‌ସର ୟୁନିଟ୍ କରାଯିବା ପାଇଁ ପ୍ରସ୍ତାବ ରହିଥିବା ବେଳେ ଏଥିପାଇଁ ବହୁ ଏକର ସରକାରୀ ଜମିର ଆବଶ୍ୟକତା ରହିଛି। ବେଳ ଥାଉଣୁ ପ୍ରଶାସନ ଜବରଦଖଲକାରୀଙ୍କ ବିରୋଧରେ ପଦକ୍ଷେପ ନେଇ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

– ଅମିତାଭ ବେହେରା

### ଟଙ୍କା ଆଦାୟ କରିବାକୁ ଆସି ମାଡ଼ ଖାଇବା ଘଟଣା

## ଜେଲ୍ ଗଲେ ୪ ଯୁବକ

ବାସୁଦେବପୁର, ୩୦।୯ (ଡି.ଏନ.ଏ.)

**ଦେଶୀ ବନ୍ଧୁକ, ୨ ଜୀବନ୍ତ ଗୁଳି ସହ ବୋଲେରୋ ଜବତ**

ବାଲେଶ୍ୱର ଜିଲା ବଳରାମଗଡ଼ି ଅଞ୍ଚଳରୁ ୮ ଜଣ ଯୁବକ ବାସୁଦେବପୁର ବ୍ଲକ ପତୁଆଁ ଗ୍ରାମକୁ ଟଙ୍କା ଆଦାୟ କରିବାକୁ ଆସିଥିବା ବେଳେ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ସେମାନେ ଆସିଥିବା ବୋଲେରୋରେ ମାରଣାସ୍ତ୍ର ଥିବା ଦେଖି ପତୁଆଁ ଗ୍ରାମର ଲୋକେ ସେମାନଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଗାଁ ଲୋକଙ୍କ କବଳରୁ ୪ ଜଣଙ୍କୁ ବାସୁଦେବପୁର ଥାନା ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖିଥିଲା। ପୋଲିସ ଘଟଣାର ତଦନ୍ତ କରିବା ବେଳେ ଉକ୍ତ ବୋଲେରୋରୁ ଏକ ଦେଶୀ ବନ୍ଧୁକ ଓ ଦୁଇଟି ଜୀବନ୍ତ ଗୁଳି ସହ ଗାଡ଼ିକୁ ଜବତ କରିଥିଲା। ଏହି ଘଟଣାରେ ଗ୍ରାମର କୋଇଲି ମଳିକଙ୍କ ଏତଲା ଆଧାରରେ ପୋଲିସ ମାମଲା(ନଂ.୩୧୩/୧୯) ରୁଜୁ କରିଛି। ରବିବାର ଅପରାହ୍ନରେ ପୋଲିସ ଉକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ବାଲେଶ୍ୱର ସଦର ଥାନା ବୁଲିସାହି ଗ୍ରାମର କାର୍ତ୍ତିକ ଜେନା, ଚାନ୍ଦିପୁର ଥାନା ଶ୍ରୀକେଣାର ସେକ୍ ପିଣ୍ଟୁ ଉଦ୍ଦିନ, ବଳରାମଗଡ଼ି ସାମୁଦ୍ରିକ ଥାନା ମିର୍ଜାପୁରର ଗଜେନ୍ଦ୍ର ମାଝି ଓ ଲୋପାଳଗଡି ଗ୍ରାମର ଯୁଧିଷ୍ଠିର ଗିରି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଅନ୍ୟ ୪ ଜଣ ଫେରାର ଅଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

**URGENTLY REQUIRED**

**Shree Sai Higher Secondary School & Degree College**
Kurumpuri, Nuapada(Dist), ODISHA-766105
(Managed by:JHKVC TRUST)

Applications are invited for walk-interview for the following posts on contractual basis. Interested candidates may meet the Chairman JHKVC Trust

**+2 Teaching Faculty**
**English, Maths, Physics & Sociology**

**ELIGIBILITY :**
Qualification : Minimum Master Degree or More
Experience : Minimum 2 years or more
(Salary is not a constraint for deserving candidate)

Contact:Directly attend the interview
Email your resume to the Principal
Jhkvctrust@gmail.com
Contact No:9938099777,9437188407

## ୩ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୩୦।୯(ଡ଼ି.ଏନ୍.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୭ ଲିଟର ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଡିକୁଲ ନାଏକ, ଛଣୁଆ ଗ୍ରାମର ସତ୍ୟ ନାରାୟଣ ମହାନ୍ତ ଓ ଭୀମସେନ ପାତ୍ର। ସବ ଇନ୍ସପେକ୍ଟର ସୁବଳ କୁମାର ମହାନ୍ତି, ପୂର୍ଣ୍ଣେନ୍ଦୁ ରାଉତ ଏବଂ ଏଏସଆଇ ସିଦ୍ଧେଶ୍ୱର ନାୟକ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ସଢ଼େଇପାଲି ଏଡିବି, ସା/ପୋ/ଜିଲ୍ଲା: ସୁନ୍ଦରଗଡ଼

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତିମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା : ଶ୍ରୀ ପ୍ରସନଜିତ୍ କର, ପିତା: ଶ୍ରୀ ପ୍ରଫୁଲ୍ଲ କର, ସା: ଖମାରିପଡ଼ା, ପୋ/ଜିଲ୍ଲା: ସୁନ୍ଦରଗଡ଼ । | ଜାମିନଦାର ଏବଂ ସମ୍ପତ୍ତି ମାଲିକଙ୍କ ନାମ : ଶ୍ରୀ ପୀତବାସ ପତି, ପିତା: ପଞ୍ଚାନନ ପତି, ସା: ନୂଆପଡ଼ା (ମହେଶଡିହି), ଜିଲ୍ଲା: ସୁନ୍ଦରଗଡ଼ । | ଶ୍ରୀ ପୀତବାସ ପତି, ପିତା: ପଞ୍ଚାନନ ପତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ପତ୍ରାପାଲି, ଥାନା/ତହସିଲ/ଜିଲ୍ଲା: ସୁନ୍ଦରଗଡ଼, ଖାତା ନଂ.: ୨୩୯/୪୬, ପ୍ଲଟ୍ ନଂ.: ୬୫୦, କ୍ଷେତ୍ର: ଏକର ୦.୨୭ ଡିସିମିଲ । | ୦୧.୦୩.୨୦୧୯ | ୨୫.୦୯.୨୦୧୯ | ତା.୦୧.୦୩.୨୦୧୯ ସୁଦ୍ଧା ଟ.୩୪,୩୦,୮୯୬/- + ତା.୦୨.୦୩.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୩୦.୦୯.୨୦୧୯, ସ୍ଥାନ : ସୁନ୍ଦରଗଡ଼
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

- ଉତ୍କଳଗୌରବ ମଧୁସୂଦନ ଦାସ

**ସଂକ୍ଷେପରେ**

## ଗାଁ ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ତଳଗା, ୩୦।୯(ଡି.ଏନ.ଏ.): ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ରାଣିଗଞ୍ଜ ଗ୍ରାମର ଯୁବକମାନେ ସୋମବାର ଗାଁ ରାସ୍ତା ସଫେଇ ଓ ମରାମତି କିଛନ୍ତି। ରାଣିଗଞ୍ଜ ଗାଁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡରେ ଅବସ୍ଥିତ । ଜାତୀୟ ରାଜପଥ ଠାରୁ ଗ୍ରାମକୁ ଥିବା ଅଧକିମି ରାସ୍ତା ଉପରେ କାଦୁଅ ଜମି ରହିବା ସହ ରାସ୍ତା ଖାଲଖମା ଥିଲା। ଫଳରେ ଲୋକମାନେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ଏଥିପ୍ରତି କାହାର ଦୃଷ୍ଟି ନ ପଡିବାରୁ ଶେଷରେ ଗ୍ରାମର ରାଜୀବ କହଁର, ଉଗ୍ରସେନ କହଁର, ଦିଲୀପ କହଁର, ସର୍ଦ୍ଦାର କହଁର, କୁନା ବାଘ, ସନ୍ତୋଷ ବାଘ, ଭାବ ବାଘ, ଜୟନ୍ତୀ ବେହେରାଙ୍କ ସମେତ ବହୁ ଯୁବକ ଏହି ରାସ୍ତାକୁ ମରାମତି କରିଥିଲେ ।



ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତ୍ରିରଙ୍ଗା କପ୍ ଫୁଟବଲ ଟୁର୍ନାମେଣ୍ଟର ଅତିଥି ଓ ଖେଳାଳି ।

### ଖୁଣ୍ଟପାଲି ତ୍ରିରଙ୍ଗା କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ବରଡ଼ୋଲ, ଧାଙ୍ଗେର

ବରଗଡ଼ ଅଫିସ,୩୦।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲକୁ ବରଡ଼ୋଲ ଏବଂ ଧାଙ୍ଗେର ଦଳ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ବରଡ଼ୋଲ ଦଳ ଲୁହୁରାଚଟି ଦଳକୁ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଧାଙ୍ଗେର ଦଳ ଖଲିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ଅକ୍ଟୋବର ୨ରେ ଫାଇନାଲ ମ୍ୟାଚ ଖେଳାଯିବ। ସୋମବାର ମ୍ୟାଚକୁ ରେଫରୀ ମନୋଜ ପ୍ରଧାନ, ଶ୍ୟାମା ପ୍ରସାଦ ବିଶି, ରାଜାରାମ ବାଗ, ଶିବାନନ୍ଦ ଦାଶ, ଅନୀଲ ବାଗ ଏବଂ ଅରକ୍ଷିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ



ମାଁ ସମଲେଶ୍ୱରୀ ବ୍ରହ୍ମଚାରିଣୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

ବରଗଡ଼ ଅଫିସ,୩୦।୯

ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ତିଥି ସୋମବାର ନବରାତ୍ର ପୂଜାର ଦ୍ୱିତୀୟ ଦିବସରେ ବରଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ବିହିତ ପୂଜା ହୋଇଥିଲା। ଏହି ଅବସରରେ ମାଁଙ୍କୁ ବ୍ରହ୍ମଚାରିଣୀ ବେଶରେ ସଜ୍ଜିତ କରି ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ସମଲେଶ୍ୱରୀଙ୍କ ମନ୍ଦିର ସମେତ ଶ୍ୟାମା କାଳୀ ମନ୍ଦିର ତଥା ଜିଲାର ବିଭିନ୍ନ ଶକ୍ତିପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା। ସେହିପରି ଗୌରୀ ମଣ୍ଡପ ନାୟକ ପଡାର ସନ୍ଧ୍ୟା ଆରତିରେ ଶହ ଶହ ଭକ୍ତଙ୍କ ଉପସ୍ଥିତି ପରିବେଶକୁ ଭକ୍ତିମୟ କରିଥିଲା । ମଙ୍ଗଳବାର ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ ଅନୁଷ୍ଠିତ ହେବ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ନ ଖାଏ ଝିଅ
ତାକୁ ଜୋଇଁ ପତରରେ ଦିଅ ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାର ଯେମିତି କିଛି ଊଣା ରହି ନ ଯାଏ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘରକଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେଡ଼ିକି ଦିଅଁକୁ ତେଡ଼ିକି ପୂଜା,
ବାଲି ଗରଡ଼ାକୁ ଚାଉଳ ଭଜା ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବଘିଆପଡାରେ ଜିଲାପାଳଙ୍କ ଜନଶୁଣାଣି ଶିବିର



ବଘିଆପଡାଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଓ ସମାଧାନ ଶିବିର ଚାଲିଛି ।

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ବଘିଆପଡାଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଓ ମହା ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ତହସିଲଦାର ଲଲାଟେନ୍ଦୁ ସିଂ ଓ ବିଡିଓ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହିତ ତୁରନ୍ତ ସେସବୁର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏହି ଶିବିରରେ ସମୁଦାୟ ୧୦୪ ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ସେଥିମଧ୍ୟରୁ ୯୨ଟି ବ୍ୟକ୍ତିଗତ ମାମଲା, ୧୨ ଟି ଗ୍ରାମ ସମସ୍ୟା ଶୁଣାଣି କରାଯିବା ସହିତ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହଯୋଗ ପାଇଁ ସୁପାରିଶ କରାଯାଇଥିଲା। ଏହି ଶିବିରରେ ଜିଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ବଲାଙ୍ଗୀର ବିଜୟୀ

କୋମନା,୩୦।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ଖେଳ ପଡିଆରେ ଜୟ ମା' ବସ୍ତ୍ରାଣୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ପ୍ରତିଷ୍ଠିତ ଫୁଟବଲ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ଓ ଜେମ୍‌ବିଏଫସି କୁରେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ କୁରେଶ୍ୱର ଦଳକୁ ୫-୦ ଗୋଲ ଦେଇ ବିଜୟ ହୋଇ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହରିକେଶ ଜାଲ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁରେଶ୍ୱର ସରପଞ୍ଚ ଅନନ୍ତ ଚରଣ ସାହୁ, ବଣିକ ସଂଘ ସଭାପତି ଜହରଲାଲ ସୁନାନୀ, ଡାକ୍ତର କୁଳପଦ୍ମ ପଣ୍ଡା, ଶ୍ୟାମ ମାଝି, ରତ୍ନମଣି ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ବଳରାମ ସରାଫ, ମଗଶିର ମଲ୍ଲିକ, ଅମନ ଛତ୍ରିଆ ଓ ଚୁଡାମଣି ନାୟକ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡେ।

- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବ୍ଲକସ୍ତରୀୟ ହାଇସ୍କୁଲ ବିଜ୍ଞାନ ଆଲୋଚନାଚକ୍ର

ରେଢାଖୋଲ, ୩୦।୯(ଡି.ଏନ.ଏ) ରେଢାଖୋଲ ବ୍ଲକ ଗୌରଚନ୍ଦ୍ର ହାଇସ୍କୁଲରେ ସୋମବାର ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ହାଇସ୍କୁଲର ୧୬ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ । ମାନବ ସେବାରେ ପର୍ଯ୍ୟାୟ ସାରଣୀର ରସାୟନ ମୌଳିକ ଗୁଡିକର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନାକଟିଦେଉଳ କଲେଜର ପଦାର୍ଥ ବିଜ୍ଞାନ ଅଧାପକ ସଞ୍ଜୀବ କୁମାର ଦାସ, ମହିଳା କଲେଜ ରସାୟନ ବିଜ୍ଞାନ ଅଧାପକ ଭୂକେଶ କୁମାର ପ୍ରଦାନ ବିଚାରକ ଭାବେ ଯୋଗ ଦେଇଥିଲେ । ଆଲୋଚନାଚକ୍ରରେ ମୋଚିବାହାଲ ହାଇସ୍କୁଲର ଛାତ୍ରୀ ପୂଜାରାଣୀ ସାହୁ ପ୍ରଥମ ହୋଇଥିବା ବେଳେ ଗୌରଚନ୍ଦ୍ର ହାଇସ୍କୁଲର ଛାତ୍ରୀ ଶିବାନୀ ପ୍ରଧାନ ଦ୍ୱିତୀୟ ଓ ବଡନୂଆପଡା ହାଇସ୍କୁଲର ଛାତ୍ରୀ ଡିଲେଶ୍ୱରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶିକ୍ଷକ ସୁଶାନ୍ତ ମିଶ୍ର, ବିଜୟ କୁମାର ପ୍ରଧାନ, ରାଜୀବଲୋଚନ ଚାନ୍ଦ, ସସ୍ମିତା ପ୍ରଧାନ ପ୍ରମୁଖ ଆଲୋଚନାଚକ୍ରରେ ସହଯୋଗ କରିଥିଲେ ।

### ଡୁମାଳ ପରିଷଦ ନୂଆଁଖାଇ ଭେଟ ପ୍ରସ୍ତୁତି ବୈଠକ

ପଡିଆବାହାଲ,୩୦।୯(ଡି.ଏନ.ଏ.) ଡୁମାଲ ପରିଷଦ ଆଗାମୀ ୧୦ ତାରିଖ ସରାପାଲି କେନ୍ଦ୍ର କୁଞ୍ଜବନଠାରେ ନୂଆଁଖାଇ ଭେଟଘାଟ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ମାନେଶ୍ୱର ମାନଧାତା ବାବା ମନ୍ଦିରରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଲାଲ ପଧାନ ଅଧକ୍ଷତା କରିଥିଲେ। ବିଜୟ ମହାକୁର, ଗୌରୀଶଙ୍କର ପାତ୍ର, ରମେଶ ପଧାନ, ଝାଣ୍ଟୁ ଖମାରୀ, ପୂର୍ଣ୍ଣଚନ୍ଦ୍ର ଛନ୍ଦ, କପିଳେଶ୍ୱର ମହାକୁର, ପ୍ରଫୁଲ୍ଲ ପଧାନ, ଜିଲା ଡୁମାଳ ପରିଷଦ ସମ୍ପାଦକ ଗଙ୍ଗାଧର ବଘାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଆମେ ଚାହୁଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ



ସମ୍ବଲପୁର ଡିଆରଏମ୍ ଅଫିସ ମୁଖ୍ୟ ଫାଟକରେ ସୋମବାର ଆନ୍ଦୋଳନକାରୀ ପିକେଟିଂ କରୁଛନ୍ତି।



ବୁର୍ଲାସ୍ଥିତ ଏମ୍‌ସିଏଲ୍ ମୁଖ୍ୟ ଫାଟକରେ ସୋମବାର ଆନ୍ଦୋଳନକାରୀ ବସି ରହିଛନ୍ତି ।

**ସମ୍ବଲପୁର, ୩୦।୯ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟି ବେଞ୍ଚ ପ୍ରତିଷ୍ଠା ଦାବିରେ ସୋମବାର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତର, ବୀମା, ବ୍ୟାଙ୍କ ଗୁଡିକ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ସମ୍ବଲପୁରସ୍ଥିତ ରେଳମଣ୍ଡଳ ପ୍ରବନ୍ଧକଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ପୂର୍ବାହ୍ନ ସାଢ଼େ ୯ଟାରେ ପିକେଟିଂ କରିଥିଲେ । ଏହି ସମୟରେ ଜଣେ କର୍ମଚାରୀ ଅଫିସ ଭିତରକୁ ଯିବାକୁ ଅଡି ବସିଥିଲେ। ଏହାକୁ କେନ୍ଦ୍ର କରି ଆନ୍ଦୋଳନକାରୀ ଓ ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତି ସମୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ପୋଲିସ ହସ୍ତକ୍ଷେପରେ ପରିସ୍ଥିତି ଶାନ୍ତ ପଡିଥିଲା । ଗେଟ୍ ସମ୍ମୁଖରେ ଅଟକି ରହିଥିବା ସମସ୍ତ କାର୍ମଚାରୀ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରି ଯାଇଥିଲେ। ସେହିଭଳି ସମ୍ବଲପୁର କଚେରି ଛକଠାରେ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ଏହାଦ୍ୱାରା ବିଚାରପତିମାନେ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରି ଯାଇଥିଲେ। ବୁର୍ଲାସ୍ଥିତ ଏମ୍‌ସିଏଲ୍ ମୁଖ୍ୟ ଗେଟ୍ ଆଗରେ ମଧ୍ୟ ପିକେଟିଂ କରି ବନ୍ଦ କରାଯାଇଥିଲା। ତେବେ ନାଗରିକ କ୍ରିୟାନୁଷ୍ଠାନ କମିଟି, ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ମିଳିତ ଭାବେ ସମ୍ବଲପୁର ସହରର ବିଭିନ୍ନ ଅଫିସ ଫାଟକ ଆଗରେ ଆନ୍ଦୋଳନ କରି ବନ୍ଦ କରିଥିଲେ।






କୁଚିଣ୍ଡାରେ ଓକିଲମାନେ ଆନ୍ଦୋଳନରେ ବସିଛନ୍ତି (ବାମ)। ସମ୍ବଲପୁର ଡିଆରଏମ୍ ଅଫିସ ଦ୍ୱିତୀୟ ଗେଟରେ ସୋମବାର ଆନ୍ଦୋଳନକାରୀ ବସିଥିବାରୁ କର୍ମଚାରୀମାନେ ଭିତରକୁ ଯିବାକୁ ଅନୁରୋଧ କରୁଛନ୍ତି ।

**କୁଚିଣ୍ଡା,(ଡି.ଏନ.ଏ.)**

କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦରେ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ଗତ ୨୬, ୨୭ ଓ ୩୦ ତାରିଖ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, କମ୍ପାନୀ ଆଦି ସଂସ୍ଥା କାର୍ଯ୍ୟାଳୟ ଆଗରେ ପିକେଟିଂ କରି ଗେଟ ବନ୍ଦ କରି ଓକିଲମାନେ ବସି ରହିଥିଲେ । ଏହା ଦ୍ୱାରା ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ ହୋଇଯାଇଥିଲା । ଓକିଲଙ୍କ ତିନି ଦିନିଆ ବନ୍ଦର ସୋମବାର ଥିଲା ୩ୟ ଦିବସ । ଯଦି ସରକାର ଏଥିରେ ବି କର୍ଣ୍ଣପାତ ନ କରନ୍ତି କିମ୍ବା ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରନ୍ତି ତେବେ ଆଗାମୀ ଦିନରେ କଠୋର ପଦକ୍ଷେପ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୋମବାର କୋର୍ଟ ସମ୍ମୁଖ ଗେଟରେ ତାଲା ବନ୍ଦ କରାଯାଇଥିଲା। ସେଠାରେ ଓକିଲ ସଂଘ ସଭାପତି ଅକ୍ଷୟ କୁମାର ନାୟକ, ଓକିଲ ରଶ୍ମିନ ଶର୍ମା, ମିନକେତନ ମିଶ୍ର, କୈଳାଶ ଅଗ୍ରୱାଲ, ରବିନ୍ଦ୍ର ପରିଡା, ସରକାରୀ ଓକିଲ ରବିନ୍ଦ୍ର ନାୟକ, ଅସିତ ଗଙ୍ଗଦେବ, ଦେବେନ୍ଦ୍ର ପଟେଲ, ମୁରଲୀ କୁସୁମ, ନିଳିନ୍ଦ୍ର କୁମାର ପଟେଲ ପ୍ରମୁଖ ବସି ରହିଥିଲେ। କ୍ଷୁଦ୍ରଜଳ ସେଚନ ଓ କୃଷି ବିଭାଗଠାରେ କେନ୍ଦ୍ରୀୟ କମିଟି ସଭ୍ୟ ପ୍ରମୋଦ ଛୁରିଆ, ତୁଳାରାମ ବାଘ, ପ୍ରଫୁଲ୍ଲ ବାରିକଙ୍କ ସମେତ ବହୁ ଓକିଲ ସାମିଲ ଥିଲେ। ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା, ସଞ୍ଜୟ ପାଣିଗ୍ରାହୀ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ବନ୍ଦରେ ସାମିଲ ଥିଲେ।

# ବିବେକାନନ୍ଦ ଶିଳା ସ୍ମାରକୀ ସୁବର୍ଣ୍ଣ ଜୟନ୍ତୀ




ସୋମବାର ସମ୍ବଲପୁରରେ ଡ. ମୁରଲୀ ପ୍ରସାଦ ପ୍ରେମନାଥ ନାୟକ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

**ସମ୍ବଲପୁର, ୩୦।୯ (ବ୍ୟୁରୋ)**

ବିବେକାନନ୍ଦ ଶିଳା ସ୍ମାରକୀ ସୁବର୍ଣ୍ଣ ଜୟନ୍ତୀ ସକାଶେ ବର୍ଷ ବ୍ୟାପି ବିବିଧ କାଯ'}କ୍ରମ ହେବ । ସ୍କୁଲ, କଲେଜ ଗୁଡିକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବେକାନନ୍ଦ ଶିଳା ସ୍ମାରକୀକୁ ନେଇ ଆଲୋଚନା କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରଶିଳା ସ୍ମାରକୀ ବିଷୟରେ ଜ୍ଞାନ ଆହାରଣ କରିବେ। ସୋମବାର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲ ସଭା କକ୍ଷରେ ବିବେକାନନ୍ଦ କେନ୍ଦ୍ର କନ୍ୟା କୁମାରୀ ସମ୍ବଲପୁର ଶାଖା କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି । ସମ୍ବଲପୁର ନଗର ସଞ୍ଚାଳକ ପ୍ରଫେସର ସୁଦର୍ଶନ ପୂଜାରୀ, ସହନଗର ସଞ୍ଚାଳକ ଡ. ମୂରଲୀ ପ୍ରସାଦ ପ୍ରେମନାଥ ନାୟକ, ନଗର ପ୍ରମୁଖ ସମରେନ୍ଦ୍ର ନାୟକ, ସହ ନଗର ପ୍ରମୁଖ ଡ. ବସନ୍ତ କୁମାର ଦାଶ ଖବରଦାତାଙ୍କୁ ସୂଚନା ଦେଇଥିଲେ।

# ଏଲ୍‌ଆଇସିକୁ ଘରୋଇକରଣ କରାଇ ଦିଆଯିବ ନାହିଁ

**ସମ୍ବଲପୁର, ୩୦।୯ (ବ୍ୟୁରୋ)**




ସୋମବାର ସମ୍ବଲପୁର ପାନ୍ଥ ନିବାସଠାରେ ଭାରତୀୟ ଜୀବନ ବୀମା କର୍ମଚାରୀ ସଂଘ ରାଷ୍ଟ୍ରୀୟ ସଭାପତି ଅମାନୁଲ୍ଲା ଖାନ୍ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ଭାରତୀୟ ଜୀବନ ବୀମା (ଏଲଆଇସି) ଦେଶର ସର୍ବବୃହତ୍ତ ଆର୍ଥୀକ ସଂସ୍ଥା। ଏହାକୁ ଘରୋଇ କରଣ କରିବାର ଚକ୍ରାନ୍ତ ଚାଲିଛି । ଏହା ବିରୋଧରେ ଦେଶବ୍ୟାପି ସଂଗ୍ରାମ ଜାରି ରହିବ । ସୋମବାର ସମ୍ବଲପୁର ପାନ୍ଥ ନିବାସଠାରେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଗଠନ ରାଷ୍ଟ୍ରୀୟ ସଭାପତି ଅମାନୁଲ୍ଲା ଖାନ୍ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ବୀମା ପ୍ରିମିୟମ ଉପରେ ଲଗା ଯାଇଥିବା ୧୮ ପ୍ରତିଶତ ଜିଏସଟିକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାର ଉପରେ ଚାପ ପ୍ରୟୋଗ କରାଯିବ । ରାଷ୍ଟ୍ରାୟତ ବୀମା ଶିଳ୍ପକୁ କର୍ପୋରେଟ୍ ସ୍ୱାର୍ଥ ଓ ବିଭିୟ ନିଅଣ୍ଟର ଭରଣା କରିବା ପାଇଁ ପୁଞ୍ଜି ବଜାରରେ ତାଲିକା ଭୁକ୍ତ କରିବା ଏକ ଦେଶ ଦ୍ରୋହୀ ପଦକ୍ଷେପ। ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ହେଉଥିବା ଆକ୍ରମଣ ବିରୋଧରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରାଯିବ । ଜାନୁୟାରୀ ୮ରେ ଏଥିପାଇଁ ଜାତୀୟସ୍ତରୀୟ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ସାଧାରଣ ସମ୍ପାଦକ ଭି. ରମେଶ ଓ ପୂର୍ବାଞ୍ଚଳ ଜୀବନ ବୀମା କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଗରିବ ଓ ଶ୍ରମିକ ମାରଣନୀତି ଉପରେ ବକ୍ତବ୍ୟ ଦେଇଥିଲେ ।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ରେଙ୍ଗାଲି,୩୦।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ କମଳଛକ ନିକଟରେ ସୋମବାର ଏକ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ନିଧି ଖରସେଲ (୭୫) । ଆହତ ହେଲେ ବିହାରି ଭର୍ଏଁସାଲ। ସୂଚନାଯୋଗ୍ୟ ଯେ, ପୂର୍ବାହ୍ନ ୧୧ଟାରେ ଏକ ହାଇୱା (ନଂ. ଓଡି୧୫ଇ-୪୭୬୮) ଭାରସାମ୍ୟ ହରାଇ ରାସ୍ତା କଡରେ ଆସୁଥିବା ସାଇକେଲ ଆରୋହୀ ଶାସନ ଥାନା ଅନ୍ତର୍ଗତ ଶାଗୁନପାଲି ଗ୍ରାମର ନିଧି ଏବଂ ଗଣ୍ଡପାଲି ଗ୍ରାମର ବିହାରିଙ୍କୁ ଧକ୍କା ଦେଇଥିଲା । ଏଥିରେ ବିହାରି ଆହତ ହୋଇଥିବା ବେଳେ ନିଧିଙ୍କ ଉପରେ ମାଡି ଯାଇ ଓଲଟି ପଡିଥିଲା । ଫଳରେ ନିଧିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା । ଆହତ ବିହାରୀଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା । ଶାସନ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଫଟୋରେ ଖବର









ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ସୋମବାର ମହାତ୍ମା ଗାନ୍ଧୀଙ୍କ ଉପରେ ଆଧାରିତ କୁଇଜ ପ୍ରତିଯୋଗିତାରେ ସଞ୍ଜୀବ ବାବୁ ସୂଚନା ଦେଉଛନ୍ତି (ବାମ)। ସୋମବାର ସମ୍ବଲପୁର ଅମ୍ବେଡକର ଭବନଠାରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ କର୍ମକର୍ତ୍ତା ଓ ବକ୍ତାମାନେ (ମଝି)। ସମ୍ବଲପୁର ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଭୁତାପଡା ଆଦିବାସୀ କ୍ଲବ ଖେଳାଳି ରଞ୍ଜିତ ଓରାମଙ୍କୁ ସୋମବାର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ଶାରୀରିକ ପରିଶ୍ରମ ଓ ସନ୍ତୁଳିତ ଖାଦ୍ୟ ସବୁବେଳେ ନିଜକୁ ଫିଟ୍ ରଖିଥାଏ।
- ଅକ୍ଷୟ କୁମାର,ବଲିଉଡ୍ ଅଭିନେତା






# 'ଦୋସ୍ତାନା-୨'ରେ କାର୍ତ୍ତିକ-ଲକ୍ଷ୍ୟଙ୍କ ଯୋଡ଼ି

ନୂଆଦିଲ୍ଲୀ: ବଲିଉଡ୍ ଡ୍ୟାସିଂ ଆକ୍ଟର କାର୍ତ୍ତିକ ଆର୍ୟନ୍‌ଙ୍କ ଫ୍ୟାନ୍ ଫଲୋଇଂ ଯେମିତି, ହାତରେ ଅଫର୍ ମଧ୍ୟ ସେମିତି। କାର୍ତ୍ତିକଙ୍କ ହାତରେ 'ଭୁଲ୍ ଭୁଲୈୟା', 'ପତି, ପତ୍ନୀ ଔର ୱୋ' ଭଳି ଫିଲ୍ମ ଥିବାବେଳେ ଆଗକୁ ସୁପରହିଟ୍ ଫିଲ୍ମ 'ଦୋସ୍ତାନାର'ର ୨ୟ ସିକ୍ୱେଲ ପାଇଁ ମଧ୍ୟ ଅଫର୍ ରହିଛି। ଏନେଇ କାର୍ତ୍ତିକ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। ଫିଲ୍ମରେ ଶ୍ରୀଦେବୀ ତନୟା ଜାହ୍ନବୀଙ୍କ ସହ ସେ ନଜରକୁ ଆସିବେ।

ନିଜର ଅପକମିଂ ଫିଲ୍ମ 'ଦୋସ୍ତାନା-୨'ର ସ୍କ୍ରିପ୍ଟ ହାତରେ ଧରି ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି କାର୍ତ୍ତିକ। ଏହାସହ ଫିଲ୍ମର ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ କ୍ୟାପଶନ୍‌ରେ ଲେଖିଛନ୍ତି। ତେବେ ଏହି ଫିଲ୍ମରେ ଅଭିନେତା ଲକ୍ଷ୍ୟ ବଲିଉଡ୍‌ରେ ପାଦ ଦେବାକୁ ଯାଉଛନ୍ତି। କିଛି ଦିନ ପୂର୍ବରୁ କରଣ ଜୋହର ଏନେଇ ଘୋଷଣା କରିଥିଲେ। ଲକ୍ଷ୍ୟ ଜଣେ ଟିଭି ଆକ୍ଟର। ସେ ଏମ୍‌ଟିଭି ରୋଡିଜ୍ ସହ ଅନେକ ଟିଭି ସିରିଏଲରେ ଅଭିନୟ କରିସାରିଛନ୍ତି। ତେବେ 'ଦୋସ୍ତାନା' ଫିଲ୍ମରେ ଜନ୍ ଆବ୍ରାହମ୍ ଓ ଅଭିଷେକ ବଚ୍ଚନଙ୍କ ଯୋଡ଼ି ଭଳି 'ଦୋସ୍ତାନା-୨'ରେ କାର୍ତ୍ତିକ-ଲକ୍ଷ୍ୟଙ୍କ ଯୋଡ଼ି କମାଲ କରିପାରୁଛି କି ନାହିଁ ତାହା ସମୟ କହିବ।

# ସୋସିଆଲ ମିଡିଆରେ ପୁଣି ନୋରାଙ୍କ କ୍ରେଜ୍

**ନୂଆଦିଲ୍ଲୀ:** ଆକ୍ଟ୍ରେସ୍ ନୋରା ଫତେହୀ ଖୁବ୍ କମ୍ ସମୟରେ ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗୋଟିଏ ପରେ ଗୋଟିଏ ଗୀତରେ ନଜରକୁ ଆସୁଛନ୍ତି ନୋରା। ଯେକୌଣସି ଗୀତ ହେଉନା କାହିଁକି ନୋରା ଡ୍ୟାନ୍ସ କଲେ ଗୀତଟି ହୋଇଯାଏ ସୁପରହିଟ୍। ଏହାସହ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍ ନୋରା। ନିଜର ଏପିକ୍ ଡ୍ୟାନ୍ସ ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ନିଜ ଫ୍ୟାନ୍ସଙ୍କ ସହ ଶେୟାର କରିବାକୁ ସେ କେବେ ଭୁଲନ୍ତିନି। ଫ୍ୟାନ୍ସମାନେ ମଧ୍ୟ ନୋରାଙ୍କ ସବୁ ଭିଡିଓକୁ ଅନେକ ମାତ୍ରାରେ ସେୟାର କରିବା ସହ ଲାଇକ୍ ଓ କମେଣ୍ଟ ମଧ୍ୟ ଦେଇଥାନ୍ତି। ଏବେ ଏମିତି ଏକ ଭିଡିଓ ସେ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭିଡିଓରେ ଏୟାରପୋର୍ଟରେ ନଜର ଆସିଛନ୍ତି ନୋରା। ଏୟାରପୋର୍ଟ ଭେଇକିଲ୍‌ରେ ସେ ବସି ଯାଉଥିବା ଦେଖିବାକୁ ମିଳିଛି। ତେବେ କିଛି ସମୟ ପରେ ସେ ଭେଇକିଲରୁ ହଠାତ୍ ଓହ୍ଲାଇ ପଡ଼ି ଚୁଲବୁଲି ଅନ୍ଦାଜରେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ନୋରାଙ୍କ ଏହି ନିଆରା ଅନ୍ଦାଜ ସୋସିଆଲ ମିଡିଆରେ ତାଙ୍କ ଫ୍ୟାନ୍ସଙ୍କୁ ବେଶ୍ ପସନ୍ଦ ଆସିବା ସହ ଭାଇରାଲ ହେବାରେ ଲାଗିଛି। ତେବେ ନୋରା ଆଗକୁ ରେମୋ ଡି'ସୁଜାଙ୍କ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ ଡି'ରେ ନଜରକୁ ଆସିବେ। ବରୁଣ ଧୱନ ଓ ଶ୍ରଦ୍ଧା କପୁରଙ୍କ ଅଭିନୀତ ଏହି ଫିଲ୍ମଟି ୨୦୨୦ରେ ରିଲିଜ ହେବ।



# ଚିକିତ୍ସାରେ ତ୍ରୁଟି: ପ୍ରତିବର୍ଷ ଘଟୁଛି ୨୬ ଲକ୍ଷ ଲୋକଙ୍କ ଜୀବନହାନି

ଜେନେଭା: ପ୍ରତିବର୍ଷ ଚିକିତ୍ସାରେ ତ୍ରୁଟି ଯୋଗୁ ୨୬ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ପ୍ରତିବର୍ଷ ପୃଥିବୀର ୧୩ କୋଟି ୮୦ ଲକ୍ଷରୁ ଅଧିକ ଲୋକ ଚିକିତ୍ସାରେ ତ୍ରୁଟି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି। ରୋଗ ଚିହ୍ନଟରେ ଭୁଲ, ଆବଶ୍ୟକ ଔଷଧ ଦେବାରେ ଅବହେଳା



ଏବଂ ଔଷଧର ଅନାବଶ୍ୟକ ବ୍ୟବହାର ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ବିକଶିତ ରାଷ୍ଟ୍ରରେ ପ୍ରତି ୧୦ ଜଣରେ ଜଣେ ରୋଗୀଙ୍କର ଏହି ସମସ୍ୟା ଯୋଗୁ ମୃତ୍ୟୁ ଘଟୁଛି। ଏହାଦ୍ୱାରା ବର୍ଷକୁ ୪୨ ଶହ କୋଟି ଡଲାର କ୍ଷତି ହେଉଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# 'ଶୋଲେ' ଅଭିନେତା ଭିଜୁ ଖୋଟେଙ୍କ ଦେହାନ୍ତ

ନୂଆଦିଲ୍ଲୀ: ଭେଟେରାନ୍ ବଲିଉଡ୍ ଅଭିନେତା ଭିଜୁ ଖୋଟେଙ୍କ ୭୭ବର୍ଷ ବୟସରେ ନିଧନ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିବାବେଳେ ମୁମ୍ବାଇସ୍ଥିତ ନିଜ ବାସଭବନରେ ସୋମବାର ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଫିଲ୍ମ 'ଶୋଲେ'ରେ କାଲିଆ ଚରିତ୍ରରେ ଭିଜୁ ଅନେକ ଲୋକପ୍ରିୟତା ହାସଲ କରିଥିଲେ। ଫିଲ୍ମରେ ଗବ୍ବର ସିଂହ (ଅମଜାଦ ଖାନ)ଙ୍କ ସହ ତାଙ୍କର ଏକ ଡାଏଲଗ୍ 'ତେରା କ୍ୟା ହୋଗା କାଲିଆ' ବଲିଉଡ ଜଗତର ଏକ ଚିରସବୁଜ ଦୃଶ୍ୟ ଭାବେ ଲୋକପ୍ରିୟ। ଏହାସହ ଭିଜୁ ଚାଇନାଗେଟ୍, ମେଲା, ଅନ୍ଦାଜ ଅପନା ଅପନା, ଗୋଲ୍‌ମାଲ୍-୩ ଓ ନଗୀନା ଭଳି ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଥିଲେ। ୧୯୪୫ ଡିସେମ୍ବର ୧୭ରେ ମୁମ୍ବାଇରେ ଭିଜୁ ଜନ୍ମଗ୍ରହଣ



କରିଥିଲେ। ତାଙ୍କ ଭଉଣୀ ଶୁଭା ଖୋଟେ ମଧ୍ୟ ଜଣେ ଭେଟେରାନ ଅଭିନେତ୍ରୀ। ଭିଜୁଙ୍କ ବାପା ଜଣେ ରଙ୍ଗମଞ୍ଚ କଳାକାର ଥିଲେ। ୧୯୬୪ରେ ରିଲିଜ୍ ଫିଲ୍ମ 'ୟା ମଲକ୍'ରୁ ସେ ଅଭିନୟ ଦୁନିଆରେ ପାଦ ଦେଇଥିଲେ। ଭିଜୁଙ୍କ ଦେହାନ୍ତ ପରେ ବଲିଉଡରେ ଶୋକର ଛାୟା ଖେଳିଯାଇଛି।

# ୧୭୫ ବର୍ଷର ପୁରୁଣା ସ୍କୁଲ, ଯେଉଁଠି ଏବେ ବି ଗାନ୍ଧୀ ଟୋପି ପିନ୍ଧି ପଢୁଛନ୍ତି ଛାତ୍ର

ଭୋପାଳ, :ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିଟି ଜିନିଷକୁ ସାଇତି ରଖିବା ପାଇଁ ସବୁବେଳେ ପ୍ରଚେଷ୍ଟା ହୋଇଆସିଛି। ସେ ଟୋପି ହେଉ ଅବା ସେ ବ୍ୟବହାର କରୁଥିବା ଚର୍ଖା ଆଜି ବି ଐତିହାସିକ ହୋଇ ରହିଛି। ମଧ୍ୟପ୍ରଦେଶର ନରସିଂହପୁରରେ ଏକ ସ୍କୁଲରେ ଏବେ ବି ଛାତ୍ରମାନେ ଗାନ୍ଧୀ ଟୋପି ପିନ୍ଧି ସ୍କୁଲକୁ ଆସୁଛନ୍ତି। ୧୭୫ ବର୍ଷ ପୁରୁଣା ଶାସକୀୟ ମାଧ୍ୟମିକ ବାଳକ ଶାଳା ନାମକ ଏହି ସ୍କୁଲରେ ପିଲାମାନେ ପାଠ ପଢିବାବେଳେ ମଧ୍ୟ ଟୋପି ପିନ୍ଧିଥାନ୍ତି। ଏହି ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୧୯୪୫, ଅକ୍ଟୋବର ୩ରେ ମହାତ୍ମା ଗାନ୍ଧୀ ଏହି ସ୍କୁଲ ପରିଦର୍ଶନରେ



ଆସିଥିଲେ। ସେତେବେଳେ ଦେଶରେ ଅସହଯୋଗ ଆନ୍ଦୋଳନ ଚାଲିଥିଲା। ସେବେଠାରୁ ସ୍କୁଲର ଛାତ୍ରମାନେ ଟୋପି ପିନ୍ଧି ସ୍କୁଲକୁ ଆସିଥାନ୍ତି। କେବଳ ଛାତ୍ର ନୁହଁନ୍ତି, ଶିକ୍ଷକମାନେ ମଧ୍ୟ ଟୋପି ପିନ୍ଧିଥାନ୍ତି। ଶିକ୍ଷକଙ୍କ କହିବା ଅନୁଯାୟୀ, ପିଲାମାନେ ଗାନ୍ଧି ଟୋପି ପିନ୍ଧି ଆସିଲେ ସେମାନଙ୍କ ମନରେ ଦେଶ ଭକ୍ତି ଭାବନା ଜାଗ୍ରତ ହେବ।

# ଅଲୋଡ଼ା ନ ହେଉ ଜୀବନ



## ଆନ୍ତର୍ଜାତିକ ବୟୋବୃଦ୍ଧ ଦିବସ

ବୟସର ଅପରାହ୍ନରେ ବାର୍ଦ୍ଧକ୍ୟ କବଳିତ ଜୀବନ ଏବେ କେମିତି ଅଲୋଡା ହେବା ଭଳି ମନେହେଉଛି। ଦେଶ, ସମାଜ ଓ ପରିବାର ଗଠନରେ ବୟୋବୃଦ୍ଧମାନେ ନିଭାଇଥିବା ଭୂମିକା ଅଣଦେଖା କରି ସେମାନଙ୍କୁ ଏକ ପ୍ରକାର ଯନ୍ତ୍ରଣାର ଯନ୍ତା ମଧ୍ୟକୁ ଠେଲି ଦେଉଛେ। ଅଣ ନିଃଶ୍ୱାସୀ ହୋଇପଡୁଛନ୍ତି ସେମାନେ । ସମସ୍ତଙ୍କୁ ସାହାରା ହୋଇଥିବା ଜୀବନଟି ବେସାହାରା ହୋଇଯାଉଛି। ଏଣୁ ଏହି ବୟୋବୃଦ୍ଧମାନଙ୍କ ଦେଖାଶୁଣା କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବୟୋବୃଦ୍ଧ ଦିବସ ପାଳନ କରାଯାଉଛି। ୧୯୯୦ ଡିସେମ୍ବର ୧୪ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପ୍ରତିବର୍ଷ ଅକ୍ଟୋବର ୧ରେ ପାଳନ କରାଯିବ ବୋଲି ସ୍ଥିର କରାଯାଇଥିଲା। ୧୯୯୧ରେ ଅକ୍ଟୋବର ୧ରେ ପ୍ରଥମେ ଏହି ଦିବସ ପାଳନ ହେବା ପରେ ପ୍ରତିବର୍ଷ ସବୁ ଦେଶରେ ଏହା ପାଳନ ହୋଇ ଆସୁଛି। ନିଃସଙ୍ଗତା ଓ ସାମାଜିକ ,ପାରିବାରିକ ସ୍ତରରେ ସେମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଦୂର କରିବା ସହ ସେମାନଙ୍କୁ ଆଦର କରିବା,ସମ୍ମାନ ଦେବା ଓ ତାଙ୍କ ଯତ୍ନ କିଭଳି ନିଆଯିବ ସେହି ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଉଛି। ଭାରତରେ ଏହି ଦିବସର ଲକ୍ଷ୍ୟ ଉପରେ ଅବଗତ କରିବା ପାଇଁ ସାମାଜିକ କାର୍ଯ୍ୟକ୍ରମମାନ ଆୟୋଜନ ହେଉଛି। ଅନେକ ଜାଗାରେ ସେମାନଙ୍କୁ ସମ୍ମାନିତ ମଧ୍ୟ କରାଯାଉଛି।

ବିଶ୍ୱରେ ବୟୋବୃଦ୍ଧମାନଙ୍କ ପାଇଁ ଏହି ଦିନଟି ସ୍ୱତନ୍ତ୍ର। ବର୍ଦ୍ଧିତ ଜନସଂଖ୍ୟା ସମସ୍ୟା ଭିତରେ ସାର୍ବଜନିନ ସ୍ଥାନରେ ସେମାନେ କେମିତି ସୁବିଧା ପାଇପାରିବେ ଓ ସେମାନଙ୍କୁ ସବୁ କ୍ଷେତ୍ରରେ କିପରି ସାହାଯ୍ୟ ଯୋଗାଇ ଦିଆଯିବ ସେହି ବିଷୟରେ ଗୁରୁତ୍ୱ ଦିଆଯାଏ। ଏହାବାଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦିନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବରିଷ୍ଠ ନାଗରିକ ତଥା ବୃଦ୍ଧମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ସେମାନଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଦେଖାଶୁଣା କରିବା ଉପରେ ଆଲୋକପାତ କରାଯାଇଥାଏ। ଏକ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କାର୍ଯ୍ୟଧାରା ଉପରେ ଧ୍ୟାନ ମଧ୍ୟ ଦିଆଯାଏ।

ବିଶ୍ୱରେ ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ୭୦୦ ମିଲିୟନ ବା ୭୦ କୋଟି ବୃଦ୍ଧ ରହିଛନ୍ତି ବୋଲି ଏକ ରିର୍ପୋଟରୁ ଜଣାପଡିଛି। ଏହା ୨୦୫୦ ସୁଦ୍ଧା ୨ ବିଲିଅନ ବା ୨୦୦ କୋଟିରେ ପହଞ୍ଚିଯିବ। ଯଦି ଏବେଠାରୁ ଏମାନଙ୍କ ସମସ୍ୟା ସୁଧାରିବାରେ ହେଳା କରାଯାଏ ତେବେ ଏହା ଏକ ପ୍ରମୁଖ ବିଶ୍ୱସ୍ତରୀୟ ସମସ୍ୟା ଭାବେ ଉଭା ହେବ। ବୟୋବୃଦ୍ଧଙ୍କ ସମସ୍ୟା ଦୂର କରିବା ପାଇଁ ଏବେଠାରୁ ବହୁ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି। ଭିଏନା ପ୍ଲାନ୍ ଅଫ୍ ଆକ୍ସନ ଅନ୍ ଏଜିଂ ଆଣ୍ଡ୍ ଓଲ୍ଡ ପର୍ଶନସ୍ ପାଇଁ ଜାତିସଂଘ ନେଇଥିବା ସିଦ୍ଧାନ୍ତକୁ ସମସ୍ତେ ପାଳନ କରିବା ଆବଶ୍ୟକ। ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି 'ଦ ଜର୍ନି ଟୁ ଏଜିଂ ଇକ୍ୱାଲିଟି' । ଭାରତରେ ୧୯୯୯ରେ ବୟୋବୃଦ୍ଧମାନଙ୍କ ପାଇ ଏକ ରାଷ୍ଟ୍ରୀୟ ନୀତି ପ୍ରସ୍ତୁତ କରାଯାଇଥିଲା। ଏହାପରେ ମାତାପିତାଙ୍କ ଭରଣ ପୋଷଣ ଆଇନ,୨୦୦୭ରେ ମାତାପିତାଙ୍କ ଭରଣପୋଷଣ, ବୃଦ୍ଧାଶ୍ରମ ପ୍ରତିଷ୍ଠା, ଚିକିତ୍ସା ସୁବିଧା ଓ ସମ୍ପତ୍ତି ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହାସତ୍ତ୍ୱେ ଭାରତରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଉଛି ଓ ଏଥିରୁ ସ୍ପଷ୍ଟ ହେଉଛି ଯେ ସେମାନଙ୍କୁ ଉପେକ୍ଷା କରାଯାଉଛି। ସମାଜରେ ଏହି ଅନୁଭବୀଙ୍କୁ ଅଣଦେଖା କରିବା ଦ୍ୱାରା ଆମେ ବି ସେମାନଙ୍କ ଅନୁଭବରୁ ଦୂରକୁ ଚାଲିଯାଉଛେ।



# ମହାତ୍ମାଙ୍କ ଜନ୍ମଦିନ ପାଇଁ ୧,୦୦୦ ଫୁଟ୍ ଲମ୍ବର ଗ୍ରୀଟିଂ କାର୍ଡ

**ଫିରୋଜାବାଦ:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରିବା ଲାଗି ସାରା ଦେଶରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫିରୋଜାବାଦରେ ୬୦ଜଣ ଛାତ୍ର ଏହାକୁ ଭିନ୍ନ ଢଙ୍ଗରେ ପାଳନ କରିବାକୁ ଆୟୋଜନ କରିଛନ୍ତି। ବାପୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ସେମାନେ ୧,୦୦୦ ଫୁଟ ଲମ୍ବର ଏକ ଗ୍ରୀଟିଂ କାର୍ଡ ପ୍ରସ୍ତୁତ କରିଛନ୍ତି। ଏହି କାର୍ଡରେ ସ୍କେଚିଂ ଓ ଡ୍ରଇଂ ମାଧ୍ୟମରେ ସମାଜିକ ବାର୍ତ୍ତା ପ୍ରଦାନ କରାଯାଇଛି। ମୁଖ୍ୟତଃ ଭାରତକୁ ଦୁର୍ନୀତି ଓ ପ୍ରଦୂଷଣ ମୁକ୍ତ କରିବାର ବାର୍ତ୍ତା ଏଥିରେ ଦିଆଯାଇଛି। ଏହାକୁ ପ୍ରସ୍ତୁତ କରିବା ପାଇଁ ଛାତ୍ରମାନଙ୍କୁ ୧୦ଦିନ ଲାଗିଛି। ଏହାର ଡିଜିଟାଲ ଭର୍ସନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଯିବା ଯୋଜନା କରାଯାଇଛି। ଏହା ମାଧ୍ୟମରେ ଗାନ୍ଧିଜୀଙ୍କ ପଥ ଅନୁସରଣ କରି ଭାରତକୁ ବିକାଶର ଉଚ୍ଚସ୍ତରରେ ପହଞ୍ଚାଇ ବିଶ୍ୱର ଆଗୁଆ ଦେଶମାନଙ୍କ ମଧ୍ୟରେ ଦେଖିବାର ଦୃଢ ଆଶାପୋଷଣ କରାଯାଇଛି। ଏହି କାର୍ଡକୁ ଫିରୋଜାବାଦର ମହାତ୍ମା ଗାନ୍ଧୀ ପାର୍କ ନିକଟରେ ପ୍ରଦର୍ଶନ କରାଯିବ ବୋଲି ପ୍ରୋଜେକ୍ଟର ପ୍ରମୋଟର କହିଛନ୍ତି। ଏହା ଭାରତର ସବୁଠାରୁ ବଡ଼ ଗ୍ରୀଟିଂକାର୍ଡ ବୋଲି କୁହାଯାଉଛି।

# ସମାଜ ପ୍ରତି ବିମୁଖ ଥିବା ଲୋକେ ହୁଅନ୍ତି ସୃଜନଶୀଳ...

**ନ୍ୟୁୟର୍କ:** ସମାଜ ପ୍ରତି ବିମୁଖ ଥିବା ବ୍ୟକ୍ତି ସୃଜନଶୀଳ ହୋଇଥାନ୍ତି। ଏପରି ବ୍ୟକ୍ତି ଜନଗହଳିକୁ ପସନ୍ଦ କରି ନ ଥାନ୍ତି କିମ୍ବା କାହା ସହିତ ଅଧିକ କଥା କହିବାକୁ ଚାହିଁ ନ ଥାନ୍ତି। ତାଙ୍କର ଏପରି ସ୍ୱଭାବ କେତେକ କ୍ଷେତ୍ରରେ ସମାଜ ଉପଯୋଗୀ ହୋଇପାରି ନ ଥାଏ। ସେମାନେ ଏକୁଟିଆ ନିକାଞ୍ଚନରେ ବସି ପ୍ରାୟତଃ ଚିନ୍ତା କରିବାକୁ ଭଲ ପାଇଥାନ୍ତି। ଏହାଦ୍ୱାରା ସେମାନଙ୍କଠାରେ ବିଭିନ୍ନ ସୃଜନାତ୍ମକ ଭାବର ପରିପ୍ରକାଶ ହୋଇଥାଏ ବୋଲି ନ୍ୟୁୟର୍କ ବୁଫାଲୋ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି।



ସମାଜ ପ୍ରତି ବିମୁଖ ବ୍ୟକ୍ତି ପଢ଼ିବା, ଲେଖିବା, ବିଭିନ୍ନ ପରୀକ୍ଷାନିରୀକ୍ଷାରେ ଅଧିକ ସମୟ କଟାଇଥାନ୍ତି। ପ୍ରାକୃତିକ ପରିବେଶ ଉପରେ ସେମାନଙ୍କ ଅନୁସନ୍ଧିତ୍ସୁ ମନୋଭାବ ଯୋଗୁ ବେଳେ ବେଳେ ପୃଥିବୀର ଅନେକ ଅଜଣା ରହସ୍ୟ ମଧ୍ୟ ଖୋଲି ଯାଇଥାଏ। ସମାଜପ୍ରତି ବିମୁଖ ରହୁଥିବା ଏପରି ବ୍ୟକ୍ତିଙ୍କ ଗବେଷଣା ପରବର୍ତ୍ତୀ ସମୟରେ ସମାଜର କଲ୍ୟାଣ କରେ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି।

# ଜଣେ ବନବାସୀ ମହିଳାଙ୍କ କୃତିଯାତ୍ରାର କାହାଣୀ




ଉମରିୟା: ଭିକ୍ଷାଥାଳରୁ ପ୍ରତିଭା ସାଉଁଟି ଆଣି ସଙ୍ଗୀତ କ୍ଷେତ୍ରରେ ରାନୁ ମଣ୍ଡଳଙ୍କୁ ପ୍ରତିଷ୍ଠା ଦେବା ଭଳି ଘଟଣା ଦେଖିବାକୁ ମିଳିଛି ଜଣେ ଦିନମଜୁରିଆ ବନବାସୀଙ୍କ କ୍ଷେତ୍ରରେ। ତାଙ୍କ କଳାକୃତି ଦେଶର ସୀମା ଲଂଘି ଇଟାଲୀରେ ପହଞ୍ଚିଯାଇଛି। ବିଶ୍ୱ ଦରବାରରେ ତାଙ୍କୁ ମିଳିଛି ଏକ ଭିନ୍ନ ପରିଚୟ। ଆନ୍ତର୍ଜାତିକ ବ୍ୟକ୍ତିତ୍ୱ ପାଲଟିଯାଇଥିବା ଏହି ମହିଳ ଜଣଙ୍କ ହେଉଛନ୍ତି ଯୋଧୟା ବାଇ। ବୟସ ୮୦। ଶିକ୍ଷାଗତ ଯୋଗ୍ୟତା ଶୂନ। ମଧ୍ୟପ୍ରଦେଶ ଆଦିବାସୀ ବହୁଳ ଉମରିୟା ଜିଲାର ଏକ ଛୋଟ ଗାଁ ଲୋଢ଼ାରେ ରହନ୍ତି ଯୋଧୟା। ଇଟାଲୀର ମେଲାନ ସହରରେ ତାଙ୍କ ଚିତ୍ରକଳାକୁ ପ୍ରଦର୍ଶିତ କରାଯାଉଛି। ଏହି ପ୍ରଦର୍ଶନୀ ଅକ୍ଟୋବର ୧୧ ଯାଏ ଚାଲିବ। ଭୋପାଳରୁ ଇଟାଲୀ ଯାଏ ତାଙ୍କ କୃତିଯାତ୍ରାର କାହାଣୀ ପଛରେ ସ୍ଥାନୀୟ ନିବାସୀ ଆଶିଷ ସ୍ୱାମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ଏହି ଚିତ୍ର ସମ୍ବନ୍ଧରେ ଭୋପାଳର ବୋନ୍ ଟ୍ରାଇବାଲ ଆର୍ଟରେ ପହଞ୍ଚାଇ ଦେବା ପରେ ଏହା ସମ୍ଭବ ହୋଇପାରିଛି। କେବଳ ଏତିକି ନୁହେଁ ସେଠାରେ ମେଲାନ ଆର୍ଟ ଗ୍ୟାଲେରିରେ ଯୋଧୟାଙ୍କ ଚିତ୍ର ପ୍ରଦର୍ଶନୀର ଶୁଭାରମ୍ଭ ଲାଗି ସ୍ୱତନ୍ତ୍ର କାର୍ଡ ଡିଜାଇନ କରାଯାଇଛି। ଏହା ଉପରେ ତାଙ୍କ ଅଙ୍କିତ ଭଗବାନ୍ ଶଙ୍କରଙ୍କ ଛବି ସ୍ଥାନପାଇଛି ଓ ଏହା ତଳେ ତାଙ୍କ ଦସ୍ତଖତ ମଧ୍ୟ ରହିଛି। ଯୋଧୟାଙ୍କ ଦୁଃଖ ଜୀବନ ସମୁଦ୍ର ଭଳି ଅସୀମ। ମାତ୍ର ୩୦ ବର୍ଷ ବୟସରେ ତାଙ୍କ ସ୍ୱାମୀ ଆରପାରିକୁ ଚାଲିଗଲା ପରେ ପରିବାର ଦାୟିତ୍ୱ ପଡିଥିଲା ତାଙ୍କ ଉପରେ। ଦିନମଜୁରିରେ ଗୁଜରାଣ ମେଣ୍ଟାଇ ପିଲାଙ୍କ ଲାଳନ ପାଳନ କରିଛନ୍ତି। ସ୍କୁଲ ଦୁଆରମୁହଁ ମାଡି ନ ଥିବା ଯୋଧୟା କିନ୍ତୁ ଆଦିବାସୀ କଳା କ୍ଷେତ୍ରରେ ଯେଉଁ ଇତିହାସ ରଚିଛନ୍ତି ସେ ଯାଏ ପହଞ୍ଚିବା ଏତେ ସହଜ କଥା ନୁହେଁ।



"କ୍ଷମତା ଲୋଭରେ ଉତ୍ତରପ୍ରଦେଶର ଭାଜପା ସରକାର ଗଣତନ୍ତ୍ରକୁ ଧ୍ୱଂସ କରିବାରେ ଲାଗିଛି। - ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ଚାଇନା ଫ୍ୟାକ୍ଟ୍ରିରେ ନିଆଁ ଲାଗି ୧୯ ମୃତ

**ବେଜିଂ,୩୦।୯(ପି.ଟି.)**-ଚାଇନାର ଏକ କାରଖାନାରେ ନିଆଁଲାଗି ୧୯ ଜଣଙ୍କ ମୃତ୍ୟୁ ଘଟିଛି। ନିଙ୍ଗାଇ କାଉଣ୍ଟିରେ ଥିବା ରୁଇକି ଡେଲି ନେସେସିଟିଜ୍ କମ୍ପାନୀର ଏହି ଫ୍ୟାକ୍ଟ୍ରିରେ ରବିବାର ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ଗତ ୬ ମାସ ମଧ୍ୟରେ ଚାଇନାରେ ଏହା ପଞ୍ଚମ ଶିଳ୍ପାଞ୍ଚଳ ଅଗ୍ନି ଦୁର୍ଘଟଣା। ଗତ ଏପ୍ରିଲରେ ଏକ ଔଷଧ କମ୍ପାନୀରେ ନିଆଁଲାଗି ୧୦ଜଣଙ୍କ ମୃତ୍ୟୁ ଘଟିଥିଲା। ମାର୍ଚ୍ଚରେ ଏକ ସ୍କ୍ରାପ ମେଟାଲ ପ୍ଲାଣ୍ଟରେ ବିସ୍ଫୋରଣ ହେବାରୁ ୭ ଜଣ ପ୍ରାଣ ହରାଇଥିଲେ। ସେହି ମାସରେ ଶାନ୍‌ଡୋଙ୍ଗ ପ୍ରଦେଶର ଏକ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ୟାନଚେଙ୍ଗ୍ ସହରରେ ଏକ କୀଟନାଶକ ଉତ୍ପାଦନ କାରଖାନାରେ ବିସ୍ଫୋରଣ ହେବାରୁ ୭୮ ଜଣ ପ୍ରାଣ ହରାଇବା ସହ ୬୦୦ ଆହତ ହୋଇଥିଲେ।

### ମଦର ଟେରେସା ସିଷ୍ଟର କନ୍‌ସିଲିଆଙ୍କୁ ଜାମିନ



**ରାଞ୍ଚି,୩୦।୯**-ଶିଶୁ ଚୋରାଚାଲାଣ ଅଭିଯୋଗରେ ଗିରଫ ମିଶନାରିଜ୍ ଅଫ ଚାରିଟି ସଦସ୍ୟା ତଥା ଅନ୍ୟତମ ମଦର ଟେରେସା ସିଷ୍ଟର କନ୍‌ସିଲିଆ ବାକ୍ସଲାଙ୍କୁ ଜାମିନ ମିଳିଛି। ୮ ମାସ ପୂର୍ବେ ଗିରଫ ହୋଇଥିବା କନ୍‌ସିଲିଆଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଝାଡ଼ଖଣ୍ଡର ନିର୍ମଳ ହୃଦୟ କନ୍‌ଭେଣ୍ଟରୁ ଶିଶୁ ଚାଲାଣ କରିବା ଅଭିଯୋଗରେ ୨୦୧୮ ଜୁଲାଇ ୫ରେ ସିଷ୍ଟର କନ୍‌ସିଲିଆ ଓ କନ୍‌ଭେଣ୍ଟ କର୍ମଚାରୀ ଅନିମା ଇନ୍ଦୱାରଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ଅନିମା ଜାମିନରେ ଆସିଥିଲେ।

### ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନ୍
### ଆଜିଠାରୁ ସାମ୍ବିଧାନିକ ପୀଠରେ ଶୁଣାଣି

**ନୂଆଦିଲ୍ଲୀ,୩୦।୯(ପି.ଟି.)**-ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ୍ ଦାଏର ହୋଇଥିବାବେଳେ ମଙ୍ଗଳବାରଠାରୁ ଏହାର ଶୁଣାଣି ଆରମ୍ଭ ହେବ। ଉକ୍ତ ପିଟିଶନ୍‌ଗୁଡ଼ିକୁ ସୋମବାର ସାମ୍ବିଧାନିକ ପୀଠକୁ ପଠାଇ ଦିଆଯାଇଛି। ଏଥିସହିତ ଉପତ୍ୟକାରେ ନାବାଳକଙ୍କୁ ବେଆଇନ ଭାବେ ଅଟକ ରଖାଯିବା ଓ ଖବରଦାତାମାନଙ୍କୁ ସେଠାକୁ ଛଡା ନଯିବା ଆଦି କଟକଣା ବିରୋଧରେ ଦାଏର ପିଟିଶନଗୁଡ଼ିକୁ ମଧ୍ୟ ଉକ୍ତ ୫ ଜଣିଆ ପୀଠକୁ ପଠାଯାଇଛି। ଜଷ୍ଟିସ୍ ଏନ୍.ଭି. ରମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଏସ.କେ. କୌଲ, ଆର୍. ସୁଭାଷ ରେଡ୍ଡୀ, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନିଷ୍ପତ୍ତିକୁ ବିରୋଧ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ୍ ଦାଏର ହୋଇଥିଲା।

# ବର୍ଷା ବିପ୍ରାତ: ମୃତ୍ୟୁସଂଖ୍ୟା ୧୩୪

## ବିହାର ଉପମୁଖ୍ୟମନ୍ତ୍ରୀ ଓ ପରିବାରଙ୍କୁ ଉଦ୍ଧାର କଲା ଏନ୍‌ଡିଆର୍‌ଏଫ୍

**ନୂଆଦିଲ୍ଲୀ, ୩୦।୯(ପି.ଟି.)**

ବିହାର ଓ ଉତ୍ତରପ୍ରଦେଶରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୧୩୪ରେ ପହଞ୍ଚିଛି। ଲଗାଣ ବର୍ଷା ଯୋଗୁ ଦୁଇ ରାଜ୍ୟରେ ବନ୍ୟା ଦେଖାଦେବାରୁ ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଅନେକ ଲୋକ ପାଣିଘେରରେ ରହିଥିବାବେଳେ ବର୍ଷା କିଛିଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଓ ତାଙ୍କ ପରିବାର ସେମାନଙ୍କ ପାଟନା ବାସଭବନରେ ଜଳବନ୍ଦୀ ରହିଥିବାବେଳେ ସୋମବାର ସେମାନଙ୍କୁ ଏନ୍‌ଡିଆର୍‌ଏଫ୍ ଟିମ୍ ବୋଟ୍ ସହାୟତାରେ ଉଦ୍ଧାର କରିଛି। ବିହାର ସରକାର ବାୟୁସେନା ହେଲିକପ୍ଟରରେ ପ୍ରପୀଡ଼ିତଙ୍କୁ ରିଲିଫ ଯୋଗାଇବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି।

ବିହାରରେ ତିନିଦିନ ଧରି ଲାଗି ରହିଥିବା ବର୍ଷାରେ ମୃତ୍ୟୁସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ଶହେ ବର୍ଷ ମଧ୍ୟରେ ବିହାରରେ ଏଭଳି ବର୍ଷା ହୋଇ ନ ଥିଲା ବୋଲି କୁହାଯାଉଛି। ରାଜଧାନୀର ଅଧିକାଂଶ ହସ୍ପିଟାଲରେ ପାଣି ପଶିଯାଇଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଜେଲ୍‌ରେ ପାଣି ପଶିଯିବାରୁ ବନ୍ଦୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ପାଟନାର ଅଧିକାଂଶ ଅଞ୍ଚଳରେ ୪ରୁ ୬ ଫୁଟ ଉଚ୍ଚତାର ପାଣି ଲହଡି ଭାଙ୍ଗୁଛି। ବ୍ୟସ୍ତବହୁଳ ଡାକ ବଙ୍ଗଳା ଚୌରାହା,





ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଉଦ୍ଧାର କରାଯାଉଛି।

- **ଉତ୍ତରପ୍ରଦେଶ, ବିହାର ସ୍ଥିତି ସଙ୍ଗିନ**
- **୯୦୦ କଏଦୀଙ୍କୁ ସ୍ଥାନାନ୍ତର କରାଯିବ**

ଏନ୍‌ଏମ୍‌ସିଏଚ୍ ଓ ଅନ୍ୟ ଅଞ୍ଚଳରେ ଛାତିଏ ଉଚ୍ଚର ପାଣି ଚାଲୁଛି। ସେହିପରି ରାଜେନ୍ଦ୍ର ନଗର, ରାମକ୍ରିଷ୍ଣ ନଗର, କଙ୍କରବାଗ୍, ବୋରିଂ ରୋଡ, ନାଲା ରୋଡ୍, ଗାନ୍ଧୀ ମୈଦାନ, ଦନାପୁର, ଗୋଲା ରୋଡ ଆଦି ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ୧୯୭୫ ପରେ ପାଟନାରେ ଏଭଳି ବର୍ଷା ବିପ୍ରାତ କେବେ ହୋଇ ନ ଥିଲା।

ଉତ୍ତରପ୍ରଦେଶ ସ୍ଥିତି ମଧ୍ୟ ସମାନ। ବାଲିଆ ଜିଲା ଜେଲ୍‌ରେ ଗଙ୍ଗା ନଦୀର ପାଣି ପଶିଯିବାରୁ ସେଠାରୁ ପ୍ରାୟ ୯୦୦ କଏଦୀଙ୍କୁ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ୫୦୦ କଏଦୀଙ୍କୁ ଆଜମଗଡ଼ ଜେଲ୍‌କୁ ଓ ଅନ୍ୟମାନଙ୍କୁ ଆମ୍ବେଦକରନଗର ଜେଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏମାନଙ୍କ ସ୍ଥାନାନ୍ତର ଲାଗି ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ମଧ୍ୟ କରାଯାଇଛି। ବର୍ଷା ଓ ବନ୍ୟା ଯୋଗୁ କେବଳ ଉତ୍ତରପ୍ରଦେଶରେ ମୃତ୍ୟୁସଂଖ୍ୟା ୧୦୦ରେ ପହଞ୍ଚିଛି। ଏହାଛଡ଼ା ଝାଡ଼ଖଣ୍ଡର ଦୁମ୍‌କାରେ କାନ୍ଥପଡ଼ି ୩ ଜଣ ପ୍ରାଣ ହରାଇଥିବାବେଳେ ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନରେ ବର୍ଷାଜନିତ କାରଣରୁ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗୁଜରାଟର ରାଜକୋଟ ଜିଲାରେ ବନ୍ୟା ଜଳରେ ଏକ କାର ଭାସିଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି।

## ଆଇଏନ୍‌ଏକ୍ସ ମିଡିଆ ମାମଲା
# ଚିଦାମ୍ବରମଙ୍କୁ ମିଳିଲାନି ଜାମିନ

**ନୂଆଦିଲ୍ଲୀ,୩୦।୯(ପି.ଟି.)**



ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଚାରପତି ସୁରେଶ କୈତ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ୨୦୦୭ରେ ଚିଦାମ୍ବରମ କେନ୍ଦ୍ର ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍‌ଏକ୍ସ ମିଡିଆରେ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ଦେବାରେ ବ୍ୟାପକ ଅନିୟମିତତା ହୋଇଥିଲା। ମାମଲାର ତଦନ୍ତ କରୁଥିବା ସିବିଆଇ ଅଗଷ୍ଟ ୨୧ରେ ତାଙ୍କୁ ଗିରଫ କରି ହାଜତରେ ଜେରା କରିବା ପରେ ଏବେ ସେ ତିହାର ଜେଲ୍‌ରେ ରହିଛନ୍ତି। ତଦନ୍ତ ଅଗ୍ରଗତି ସ୍ଥିତିରେ ଥିବାରୁ ଚିଦାମ୍ବରମଙ୍କୁ ଜାମିନରେ ଛାଡ଼ିଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବେ ବୋଲି ସିବିଆଇ କୋର୍ଟଙ୍କୁ କହିଥିଲା। ସେ ପ୍ରମାଣ ନଷ୍ଟ କରିବା ସହ ବିଦେଶ ପଳାଇଯିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ଖଣ୍ଡପୀଠ ଅନୁଭବ କରିବା ପରେ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଓ ବରିଷ୍ଠ ଆଇନଜୀବୀ ଅମିତ୍ ମହାଜନ କୋର୍ଟରେ ଉପସ୍ଥିତ ରହି ଯୁକ୍ତି ଉପସ୍ଥାପନ କରିଥିଲେ। ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଚିଦାମ୍ବରମଙ୍କୁ ଜାମିନରେ ଛଡ଼ାଯିବା ଉଚିତ ନୁହେଁ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ଚିଦାମ୍ବରମ ତାଙ୍କ ପିଟିଶନ୍‌ରେ ଦର୍ଶାଇଥିଲେ, ସେ ଅର୍ଥମନ୍ତ୍ରୀ ଥିଲାବେଳେ ଅନେକ ଲୋକ ତାଙ୍କୁ ଭେଟିବାକୁ ଆସୁଥିଲେ। ତେବେ ଆଇଏନ୍‌ଏକ୍ସ ମିଡିଆର କୌଣସି ପ୍ରତିନିଧି ତାଙ୍କୁ ଭେଟିଥିବା ସେ ମନେ ପକାଇପାରୁ ନାହାନ୍ତି ବୋଲି କହିଥିଲେ। ଇନ୍ଦ୍ରାଣୀ ମୁଖାର୍ଜୀ ଚିଦାମ୍ବରମଙ୍କୁ ଭେଟିଥିବା ତଦନ୍ତରୁ ଜଣାପଡିଛି ବୋଲି ସିବିଆଇ କହିଛି। ଅର୍ଥ ମନ୍ତ୍ରଣାଳୟର ଭିଜିଟର୍ସ ରେଜିଷ୍ଟର ମିଳୁ ନ ଥିବାବେଳେ ହୋଟେଲରୁ ଇନ୍ଦ୍ରାଣୀ ଓ ତାଙ୍କ ସ୍ୱାମୀ ପିଟର ଯେଉଁ କାରରେ ଚିଦାମ୍ବରମଙ୍କ ପାଖକୁ ଆସିଥିଲେ ତାହାର ବିବରଣୀ ମିଳିଛି।

# ଗୁଜରାଟରେ ବସ୍ ଓଲଟି ୨୧ ମୃତ



**ଅହମଦାବାଦ,୩୦।୯**

ଗୁଜରାଟର ବନସକଣ୍ଠା ଜିଲାରେ ସୋମବାର ଏକ ବସ୍ ଓଲଟିପଡ଼ିବାରୁ ୨୧ ଜଣଙ୍କ ମୃତ୍ୟୁ ହେବା ସହ ୫୦ ଆହତ ହୋଇଛନ୍ତି। ଅମ୍ବାଜି ସହର ନିକଟବର୍ତ୍ତୀ ତ୍ରିଶୁଳିଆ ଘାଟଠାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପ୍ରବଳ ବର୍ଷା ହେଉଥିବାରୁ ପାହାଡିଆ ରାସ୍ତାରେ ଡ୍ରାଇଭର ଭାରସାମ୍ୟ ହରାଇଥିଲା। ଫଳରେ ୭୦ ଯାତ୍ରୀଙ୍କୁ ନେଇ ଯାଉଥିବା ଲକ୍‌ଜୁରୀ ଘରୋଇ ବସ୍‌ଟି ଓଲଟି ପଡିଥିଲା ବୋଲି ବନସ୍‌କଣ୍ଠା ଏସ୍‌ପି ଅଜିତ୍ ରାଜିଆନ୍ କହିଛନ୍ତି। ମୃତକଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ବାୟୁସେନା ମୁଖ୍ୟ ଦାୟିତ୍ୱ ନେଲେ ଭଦୌରିଆ

**ନୂଆଦିଲ୍ଲୀ,୩୦।୯(ପି.ଟି.)**



ଭାରତୀୟ ବାୟୁସେନା (ଆଇଏଏଫ୍)ର ୨୬ତମ ମୁଖ୍ୟଭାବେ ଏୟାର ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବାୟୁସେନାରେ ୪୧ ବର୍ଷର ଚାକିରି ପରେ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ ଅବସର ଗ୍ରହଣ କରିଛନ୍ତି। ଏୟାର ମାର୍ଶାଲ ଭଦୌରିଆ ୧୯୮୦ ଜୁନ୍‌ରେ ଆଇଏଏଫ୍‌ରେ ଯୋଗ ଦେଇ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କୁ 'ସୋର୍ଡ ଅଫ ଅନର'ରେ ସମ୍ମାନିତ କରାଯାଇଥିଲା। ଜାଗୁଆର ସ୍କ୍ୱାଡ୍ରନ୍‌ର ନେତୃତ୍ୱ ନେଉଥିବା ଭଦୌରିଆ ରାଫାଲ ଜେଟ୍ ସମେତ ୨୬ ପ୍ରକାର ଯୁଦ୍ଧବିମାନ ଓ ପରିବହନ ବିମାନ ଉଡ଼ାଇଛନ୍ତି। ତାଙ୍କର ୪୨୫୦ ଘଣ୍ଟା ଉଡ଼ାଣ ଅଭିଜ୍ଞତା ରହିଛି।

ବାଲାକୋଟ ଭଳି ଏୟାରଷ୍ଟ୍ରାଇକ୍ ପାଇଁ ବାୟୁସେନା ସବୁବେଳେ ପ୍ରସ୍ତୁତ ରହିଛି ବୋଲି ଦାୟିତ୍ୱ ଗ୍ରହଣ ପରେ ଏୟାର ଚିଫ୍ ମାର୍ଶାଲ ଭଦୌରିଆ କହିଛନ୍ତି। ରାଫାଲ ଜେଟ୍ ସାମିଲ ହେବା ପରେ ବାୟୁସେନାର ସାମର୍ଥ୍ୟ ଯଥେଷ୍ଟ ବୃଦ୍ଧି ପାଇବ। ଆଇଏଏଫ୍ ପାଇଁ ଏହା ଗେମ୍‌ଚେଞ୍ଜର ହେବ ବୋଲି ସେ ମତ ଦେଇଛନ୍ତି।

## ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ
# ବିଲ୍‌କିସ୍‌ଙ୍କୁ କ୍ଷତିପୂରଣ ଦିଅ

**ନୂଆଦିଲ୍ଲୀ,୩୦।୯(ପି.ଟି.)**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ଗଣବଳାତ୍କାରର ଶିକାର ହୋଇଥିବା ବିଲ୍‌କିସ୍ ବାନୋଙ୍କୁ ୨ ସପ୍ତାହ ମଧ୍ୟରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଚାକିରି ଓ ତାଙ୍କ ପସନ୍ଦର ରହିବା ସୁବିଧା ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ସୋମବାର ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ପ୍ରକାଶଥାଉ କି, ଗଣବଳାତ୍କାର ବେଳେ ବିଲ୍‌କିସ୍ ୫ ମାସର ଗର୍ଭବତୀ ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର କାହିଁକି ଏପର୍ଯ୍ୟନ୍ତ ଏସବୁ ଯୋଗାଇ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟ ଏନେଇ ଏପ୍ରିଲ ୨୩ରେ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଠିକ୍‌ଭାବେ ପାଳନ କରାଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ଖଣ୍ଡପୀଠଙ୍କ ଆଗରେ ଉପସ୍ଥିତ ଥିଲେ। ନିର୍ଦ୍ଦେଶର ପୁନଃ ସମୀକ୍ଷା କରା ନ ଯାଇ ତୁରନ୍ତ ବିଲ୍‌କିସ୍‌ଙ୍କୁ ୨ ସପ୍ତାହ ମଧ୍ୟରେ କ୍ଷତିପୂରଣ, ଚାକିରି ଓ ରହିବା ଲାଗି ଉପଯୁକ୍ତ ଘର ରାଜ୍ୟ ସରକାର ଯୋଗାଇ ଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ହରିୟାଣା ବିଧାନସଭା ନିର୍ବାଚନ
# ଯୋଗେଶ୍ୱର, ବବିତାଙ୍କୁ ଟିକେଟ

**ନୂଆଦିଲ୍ଲୀ,୩୦।୯(ପି.ଟି.)**–୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ଅକ୍ଟୋବର ୨୧ରେ ନିର୍ବାଚନ ହେବାକୁ ଯାଉଥିବାବେଳେ ସୋମବାର ଭାଜପା ୭୮ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କୁ ପୁଣି ଥରେ କର୍ନାଲରୁ ପ୍ରାର୍ଥୀ କରାଯାଇଥିଲାବେଳେ ଏକାଧିକ କ୍ରୀଡାବିତ୍‌ଙ୍କୁ ଟିକେଟ ମିଳିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଅଲିମ୍ପିକ୍ ମେଡାଲ ବିଜେତା ଯୋଗେଶ୍ୱର ଦତ୍ତ, ରେସ୍‌ଲର ବବିତା ଫୋଗତ ଏବଂ ପୂର୍ବତନ ହକି ଅଧିନାୟକ ସନ୍ଦିପ୍ ସିଂ। ବବିତା ଦାଦ୍ରିରୁ, ସନ୍ଦିପ୍ ପେହୋୱା ଏବଂ ଯୋଗେଶ୍ୱର ବରୋଦା ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ସୂଚନା ଦେଇଛନ୍ତି। ୩୮ ବିଧାୟକଙ୍କୁ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଟିକେଟ ଦିଆଯାଇଥିବାବେଳେ ୭ ଜଣଙ୍କୁ ବାଦ୍ ଦିଆଯାଇଛି। ହରିୟାଣା ଭାଜପା ସଭାପତି ସୁଭାଷ ବରାଳ ତୋହାନାରୁ, କ୍ୟାପ୍‌ଟେନ ଅଭିମନ୍ୟୁ ନାର୍ନୋଉରୁ ଏବଂ ଓମ୍ ପ୍ରକାଶ ଧନ୍‌କର ବଡ଼୍‌ଲିରୁ ନିର୍ବାଚନ ଲଢ଼ିବେ। ଭାଜପାର ପ୍ରଥମ ପର୍ଯ୍ୟାୟ ତାଲିକାରେ ୯ ମହିଳା ଓ ୨ ମୁସଲମାନ ପ୍ରାର୍ଥୀ ସ୍ଥାନ ପାଇଛନ୍ତି।

**୭୮ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କଲା ଭାଜପା**



ବବିତା ଫୋଗତ



ଯୋଗେଶ୍ୱର ଦତ୍ତ

## କର୍ତ୍ତାରପୁର କରିଡର ଉଦ୍‌ଘାଟନ
# ମନମୋହନଙ୍କୁ ଆମନ୍ତ୍ରଣ କରିବ ପାକିସ୍ତାନ

**ଇସ୍‌ଲାମାବାଦ,୩୦।୯(ପି.ଟି.)**



ପଞ୍ଜାବ ଗୁର୍‌ଦାସପୁର ଜିଲାର ଡେରା ବାବା ନାନକଙ୍କ ପୀଠକୁ ପାକିସ୍ତାନ କର୍ତ୍ତାରପୁରର ଦରବାର ସାହିବ ସହ ଯୋଡ଼ିବା ଲାଗି ନିର୍ମିତ କର୍ତ୍ତାରପୁର କରିଡର ନଭେମ୍ବରରେ ଉଦ୍‌ଘାଟନ ହେବାକୁ ଯାଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ଲାଗି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଆମନ୍ତ୍ରଣ କରିବା ଲାଗି ପାକିସ୍ତାନ ନିଷ୍ପତ୍ତି ନେଇଛି। ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀ ସୋମବାର ଏହି ସୂଚନା ଦେଇଛନ୍ତି। ଏହି କରିଡର କାର୍ଯ୍ୟକାରୀ ହେଲେ ଭାରତୀୟ ତୀର୍ଥଯାତ୍ରୀମାନଙ୍କୁ ବିନା ଭିଜାରେ କର୍ତ୍ତାରପୁର ସାହିବ୍ ଯିବାର ସୁଯୋଗ ମିଳିବ। ଭାରତୀୟ ଶିଖ୍ ତୀର୍ଥଯାତ୍ରୀଙ୍କ ଲାଗି ନଭେମ୍ବର ୯ରେ ପାକିସ୍ତାନ ଏହି କରିଡର ଖୋଲିବାକୁ ନିଷ୍ପତ୍ତି ନେଇଛି। ଏହା ଏକ ବଡ଼ କାର୍ଯ୍ୟକ୍ରମ ହୋଇଥିବାରୁ ମନମୋହନଙ୍କୁ ଉତ୍ସବରେ ଅତିଥି କରିବାକୁ ନିଷ୍ପତ୍ତି ନେଇଛୁ। ଖୁବ୍ ଶୀଘ୍ର ତାଙ୍କ ପାଖକୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣପତ୍ର ପଠାଯିବ ବୋଲି କୁରେଶୀ କହିଛନ୍ତି।

# ଆମେରିକାରେ ୩ ଫୁଟ୍ ତୁଷାରପାତ

**ୱାଶିଂଟନ,୩୦।୯**

ଆମେରିକାରେ ଗ୍ରୀଷ୍ମଋତୁ ଶେଷ ହେବାର ସପ୍ତାହେ ପରେ ସେଠାରେ ପ୍ରବଳ ତୁଷାର ଝଡ଼ ହୋଇଛି। ପଶ୍ଚିମାଞ୍ଚଳରେ ରବିବାର ରେକର୍ଡ ପରିମାଣର ୩ ଫୁଟ୍ ଉଚ୍ଚରେ ତୁଷାର ଜମିବା ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ଶୀତଋତୁ ଆରମ୍ଭରୁ ଏଭଳି ତୁଷାରପାତ ହେବା ପ୍ରଥମ ଘଟଣା। କାଲିଫର୍ନିଆ, ଓରେଗନ୍, ୱାଶିଂଟନ, ମୋଣ୍ଟାନା, ଇଡାହୋ, ନେଭାଡା, ଉଟାହ ଆଦି ଅଞ୍ଚଳରେ ତୁଷାରପାତ ଯୋଗୁ ତାପମାତ୍ରା ସ୍ୱାଭାବିକଠାରୁ ୩୦ ଡିଗ୍ରୀ ତଳେ ରହିଛି। ସେପ୍ଟେମ୍ବରରେ ଏଭଳି ଅଭୂତପୂର୍ବ ତୁଷାର ଝଡ଼ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିବା ମୋଣ୍ଟାନା ଗଭର୍ନର ଷ୍ଟିଭ୍ ବୁଲକ କହିଛନ୍ତି। ପ୍ରବଳ ବେଗରେ ପବନ ବହିବାରୁ ବହୁ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡିବା ଯୋଗୁ ରାସ୍ତା ଅବରୋଧ ହେବା ସହ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ବ୍ରାଉନିଂ ଟାଉନର ଗ୍ଲାସିୟର ପାର୍କ ନିକଟରେ ୪୦ ଇଞ୍ଚ ଉଚ୍ଚର ବରଫ ପଡିଥିବା ଦେଖାଯାଇଛି।

**ସେପ୍ଟେମ୍ବରରେ ତୁଷାର ଝଡ଼ ପ୍ରଥମ ଘଟଣା**



## ଇତିହାସର ଆଇନାରେ
**ଅକ୍ଟୋବର ୧ର ପ୍ରମୁଖ ଘଟଣା**

୨୦୦୧ ଅକ୍ଟୋବର ୧ରେ ଜମ୍ମୁ-କଶ୍ମୀର ବିଧାନସଭା ଉପରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ଜୈଶ-ଇ-ମହମ୍ମଦ ସଙ୍ଗଠନର ୩ ଆତ୍ମଘାତୀ ବିସ୍ଫୋରକ ବୋଝେଇ ଟାଟା ସୁମୋ ଗାଡ଼ିକୁ ମୁଖ୍ୟ ଗେଟ୍ ନିକଟରେ ବିସ୍ଫୋରଣ କରିବାରୁ ୩୮ ଜଣ ପ୍ରାଣ ହରାଇଥିଲେ।

୨୦୧୭ ଅକ୍ଟୋବର ୧ରେ ଲସ୍‌ଭେଗାସ୍‌ରେ ଜଣେ ଯୁବକ ଏକାଠି ହୋଇଥିବା ଲୋକଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରିବାରୁ ୫୮ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୪୨୨ ବ୍ୟକ୍ତି ଆହତ ମଧ୍ୟ ହୋଇଥିଲେ। ଅଭିଯୁକ୍ତ ନାଭେଡ଼ାର ୬୪ ବର୍ଷୀୟ ବ୍ୟକ୍ତି ଷ୍ଟିଫେନ ପାଡୋକଙ୍କୁ ଗିରଫ କରାଯାଇଥିଲା। ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ।

# ଅଯୋଗ୍ୟ ବିଧାୟକଙ୍କୁ ଭାଜପାର ଟିକେଟ୍ ଲୋଭ

**ବେଙ୍ଗାଲୁରୁ, ୩୦।୯(ପି.ଟି.)**

**କର୍ନାଟକ ନିର୍ବାଚନ**



ଅଯୋଗ୍ୟ ଘୋଷିତ କଂଗ୍ରେସ ଓ ଜେଡିଏସ୍ ବିଧାୟକଙ୍କୁ ମନାଇବା ଲାଗି ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଯଦି ସମସ୍ତ ୧୫ ଅଯୋଗ୍ୟ ଘୋଷିତ ବିଧାୟକ ଚାହିଁବେ ଦଳରେ ସାମିଲ ହୋଇ ଆଗାମୀ ଉପନିର୍ବାଚନ ଲାଗି ଭାଜପାରୁ ପ୍ରାର୍ଥୀ ହୋଇପାରିବେ ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରାପ୍ପା ସୋମବାର ପ୍ରକାଶ କରିଛନ୍ତି। ଭାଜପା ଅଧ୍ୟକ୍ଷ ଅମିତ ଶାହ ଏହା ଚାହୁଁଥିବା ସେ ମତ ଦେଇଛନ୍ତି। ଗତ ଜୁଲାଇ ମାସରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ବିରୋଧରେ ଏମାନେ ସ୍ୱର ଉତ୍ତୋଳନ କରଥିଲେ। ସରକାର ପତନ ପରେ ଭାଜପା କ୍ଷମତାସୀନ ହେବା ଲାଗି ରାସ୍ତା ଫିଟିଥିଲା। ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ଭାଜପା ପକ୍ଷରୁ ଚତୁରତାର ସହ ଗୋଟିଚାଳନା କରାଯାଇଛି। ଦଳରେ ଏକାଧିକ ପରାଜିତ ଓ ନବାଗତ ପ୍ରାର୍ଥୀଙ୍କୁ ଅଣଦେଖା କରି ଅଯୋଗ୍ୟ ଘୋଷିତ ବିଧାୟକଙ୍କୁ ସୁଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ପରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଅସନ୍ତୁଷ୍ଟଙ୍କୁ ବିଭିନ୍ନ କର୍ପୋରେଶନ ଓ ବୋର୍ଡରେ ଅବସ୍ଥାପିତ କରାଯାଇ ପାରିବ ବୋଲି ୟେଦୁରାପ୍ପା କହିଛନ୍ତି। ଶିମୋଗା ଜିଲା ଶିକାରୀପୁର ବାସଭବନରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କିଛି ଦ୍ୱନ୍ଦ୍ୱ ନାହିଁ। ସେମାନେ ଚାହିଁଲେ ସମସ୍ତ ୧୫ଙ୍କୁ ଦଳ ଟିକେଟ ଦେବାକୁ ପ୍ରସ୍ତୁତ। ସେମାନଙ୍କ ବିଜୟ ଲାଗି ଭାଜପା ପଦକ୍ଷେପ ନେବ। ଦଳ ପ୍ରତି ସେମାନେ ଆସ୍ଥା ରଖିବା ଦରକାର।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର



■ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ତୃତୀୟ ଦିନରେ ଓକିଲଙ୍କ ଆନ୍ଦୋଳନ, ପ୍ରଶାସନିକ କାର୍ଯ୍ୟ ଅଚଳ

ରେଢାଖୋଲ,୩୦।୯(ଡି.ଏନ.ଏ)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତି ମାସର ଶେଷ ୩ କାର୍ଯ୍ୟ ଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ଆନ୍ଦୋଳନ କରିଆସୁଛି। ଏହି ପରିପେକ୍ଷୀରେ ଚଳିତ ମାସ ୨୬, ୨୭ ଓ ୩୦ତାରିଖରେ ଆନ୍ଦୋଳନ ଯୋଗୁ ଉପଖଣ୍ଡ ପ୍ରଶାସନ ସମ୍ପୂର୍ଣ୍ଣ ଠପ୍ ହୋଇପଡିଥିଲା। ସୋମବାର ପୂର୍ବାହ୍ନ ୧୦ଟା ବେଳେ ନାଗରିକ ଓ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ଉପଜିଲାପାଳ, ତହସିଲଦାର, ବନ ବିଭାଗ, ବ୍ଲକ ଅଫିସ୍ ସମେତ ସମସ୍ତ ସରକାରୀ ଅଫିସ୍, ବ୍ୟାଙ୍କ, ଡାକଘର, ବିଏସଏନଏଲ ଆଦି କେନ୍ଦ୍ରୀୟ ଅଫିସ୍ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଯୋଗୁ ବିଚାରପତି ଓ କର୍ମଚାରୀମାନେ ଫେରିଯାଇଥିଲେ। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସିଥିବା ଜନସାଧାରଣଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଓକିଲ ଆନ୍ଦୋଳନ ଯୋଗୁ ବ୍ଲକ, ଉପଜିଲାପାଳ, ତହସିଲ, ସିଭିଲ କୋର୍ଟ ସମେତ ସମସ୍ତ ଅଫିସ୍ ବନ୍ଦ ରହିଥିଲା। ଓକିଲ ସଂଘ ସଭାପତି ଅଭୟ କୁମାର ବୀର,



ଓକିଲ ଓ ନାଗରିକ ମଞ୍ଚର କର୍ମକର୍ତ୍ତା ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରୁଛନ୍ତି ।

ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ ଓ ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବରିଷ୍ଠ ନାଗରିକ ସମିତିର ଉମାକାନ୍ତ ପ୍ରଧାନ ଶ୍ରୀବନ୍ତ ପୁରୋହିତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ସାପ କାମୁଡାରେ ଛାତ୍ରୀଙ୍କ ମୃତ୍ୟୁ

ଚିପିଲିମା, ୩୦।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଚିପିଲିମା ନିକଟସ୍ଥ ଗୋବିନ୍ଦପାଲି ସରସ୍ୱତୀ ଶିଶୁ ମନ୍ଦିରର ୬ଷ୍ଠ ଶ୍ରେଣୀ ଛାତ୍ରୀ ଶିବାନୀ ପଣ୍ଡା (୧୩)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତ ରୁପାପାଲି ରାଧାକୃଷ୍ଣ ମନ୍ଦିରର ପୂଜକ ଜ୍ୟୋତପ୍ରକାଶ ପଣ୍ଡାଙ୍କ ଝିଅ। (୧୩)। ରବିବାର ରାତିରେ ସେ ଘରେ ଶୋଇଥିବା ସମୟରେ ସାପ କାମୁଡି ଦେଇଥିଲା। ଏହା ଜଣା ପଡିବା ପରେ ସଙ୍ଗେ ସଙ୍ଗେ ଘର ଲୋକେ ବୁର୍ଲା ମେଡିକାଲ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ। ଏ ନେଇ ବୁର୍ଲା ମେଡିକାଲ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮୮୯/୧୯)ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ଶିବାନୀଙ୍କ ମୃତଦେହକୁ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ସ୍କୁଲରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଛି । ଶିବାନୀଙ୍କ ଏହି ଅକାଳ ମୃତ୍ୟୁରେ ସ୍କୁଲରେ ଶୋକସଭା ସହ ଛୁଟି କରାଯାଇଥିଲା। ତାଙ୍କ ମୃତଦେହ ଘରକୁ ଫେରିବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ। ତେବେ ସମ୍ବଲପୁର ରାଜଘାଟରେ ଶିବାନୀଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ଏକ ଦିବସୀୟ ଫୁଟବଲ: ରୋହିଦାସ କ୍ଲବ ଚାମ୍ପିୟନ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

ନାକଟିଦେଉଳ,୩୦।୯(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଢ଼ଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଢ଼ଇଁଚା ପତିତପାବନ ୟୁଥ କ୍ଲବ ପକ୍ଷରୁ ରବିବାର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ରେଢାଖୋଲ ରୋହିଦାସ କ୍ଲବ ଏବଂ ଆମ୍ରପାଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ରୋହିଦାସ କ୍ଲବ ୧-୦ ଗୋଲରେ ଆମ୍ରପାଳକୁ ହରାଇ ଚାମ୍ପିୟନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଜିତେନ୍ଦ୍ରିୟ ପ୍ରଧାନ, ପ୍ରକାଶ ଚନ୍ଦ୍ର ପଣ୍ଡା ଏବଂ ଯୋଗେଶ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ପତିତପାବନ ୟୁଥ କ୍ଲବ ସଭାପତି ପରମେଶ୍ୱର ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି, ନାକଟିଦେଉଳ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା, ଢ଼ଇଁଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ ଏବଂ ୱେସ୍କୋର କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ବିଶ୍ରୁ ମହାରଣା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ବାପୁଜୀ ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୨୬ତମ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ସେପ୍ଟେମ୍ବରରେ ଦିଆଯାଇଛି ୧.୨୩ଲକ୍ଷ ଲର୍ନିଂ

■ ଭୁବନେଶ୍ୱରରେ ନେଇଛନ୍ତି ୨୪ହଜାର

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ସେପ୍ଟେମ୍ବର ମାସରେ ମୋଟ ୧.୨୩ଲକ୍ଷ ଲର୍ନର ଲାଇସେନ୍ସ ଲୋକମାନଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ୨୦୧୮ ମସିହାରେ ମୋଟ ୩.୩୫ଲକ୍ଷ ଲର୍ନିଂ ଲାଇସେନ୍ସ ଇସ୍ୟୁ କରାଯାଇଥିଲା। ଲୋକମାନଙ୍କୁ ସହଜରେ ସୁବିଧା ଯୋଗାଇବା ପାଇଁ ଆର୍‌ଟିଓ ଗୁଡିକ ବର୍ତ୍ତମାନ ଟେଷ୍ଟିଂ କ୍ଷମତା ବୃଦ୍ଧି କରିଛନ୍ତି। ଆର୍‌ଟିଓ ଗୁଡିକ ବର୍ତ୍ତମାନ ଅଫିସ ସମୟଠାରୁ ଅଧିକ ସମୟ କାର୍ଯ୍ୟକରି ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି। ଏପରି କି ଛୁଟିଦିନଗୁଡିକରେ ମଧ୍ୟ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଏହି ସମୟ ମଧ୍ୟରେ କେବଳ ଭୁବନେଶ୍ୱରରେ ୨୪ହଜାର ଲୋକଙ୍କୁ ଲର୍ନିଂ ଲାଇସେନ୍ସ ଦିଆଯାଇଛି ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି।

# ରେଙ୍ଗାଲି ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ



ରେଙ୍ଗାଲିରେ ଅଗ୍ରସେନ୍ ଜୟନ୍ତୀ ଅବସରରେ ଆୟୋଜିତ ପ୍ରତିଯୋଗିତାର ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ରେଙ୍ଗାଲି,୩୦।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ମାରୱାଡି ସମାଜ ପକ୍ଷରୁ ସ୍ଥାନୀୟ ହରିହର ଧର୍ମଶାଳାଠାରେ ଅଗ୍ରସେନ ଜୟନ୍ତୀ ପାଳିତ ରବିବାର ହୋଇଯାଇଛି । ଏହି ଉପଲକ୍ଷେ ଜୟନ୍ତୀ ଗୋଟିଏ ସପ୍ତାହ ପୂର୍ବରୁ ବାଳିକା, ବାଳକ, ପୁରଷ ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରବିବାର ସକାଳେ ଏକ ରାଲି ରେଙ୍ଗାଲି ସହର ପରିକ୍ରମା କରିଥିଲା । ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଉରକେଲାର ବ୍ରିଜମୋହନ ଅଗ୍ରୱାଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ୧୦ ବର୍ଷ ପରେ ହଜିଲା ପୁଅଙ୍କୁ ପାଇଲେ ମା’

କୋଦଳା,୩୦।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ତୁରୁବୁଡି ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳକ ୧୦ବର୍ଷ ତଳେ କେଉଁଆଡ଼େ ଚାଲିଯାଇଥିଲେ। ଗତ ଶୁକ୍ରବାର ହଜିଲା ପୁଅ ତାଙ୍କ ମା’ଙ୍କ ପାଖକୁ ଫେରିଛନ୍ତି। ନାବାଳକ ଜଣକ ହେଲେ ଶେଖ ବାବା ଓରଫ କାଳିଆ (୧୭)। କଥା କହିପାରୁ ନ ଥିବା ଶେଖ ବାବା ୭ ବର୍ଷର ହୋଇଥିବା ବେଳେ କୌଣସି ପ୍ରକାରେ ପରିବାର ଲୋକଙ୍କଠାରୁ ଅଲଗା ହୋଇଯାଇଥିଲେ। ପ୍ରାୟ ୩ ବର୍ଷ ତଳେ ବ୍ରହ୍ମପୁରରେ ସେ ଅସହାୟ ଅବସ୍ଥାରେ ବୁଲୁଥିଲେ। ତାଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ଉଦ୍ଧାର କରିଥିଲା। କଥା କହିପାରୁ ନଥିବାରୁ ତାଙ୍କ ନାମ କାଳିଆ ରଖି ତଦାରଖ ନିମନ୍ତେ ୨୦୧୬ ଜାନୁୟାରୀ ୨୧ ତାରିଖରେ କୋଦଳା ବାଲ ବିକାଶ ବିଶ୍ୱନାଥ ଅପାସରା ମାନସିକ ଓ ଭିନ୍ନକ୍ଷମ ବିଦ୍ୟାଳୟକୁ ଛଡା ଯାଇଥିଲା।



ମା’ ଓ ପୁଅ ।

ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାଳିଆଙ୍କ ହସ୍ତାକ୍ଷର ଦେଖି ସେ ମୁସଲିମ ସମ୍ପ୍ରଦାୟର ହୋଇଥାଇପାରନ୍ତି ବୋଲି ଜାଣି ସ୍ଥାନୀୟ କେତେଜଣଙ୍କ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ସହାୟତା ନେଇଥିଲେ। ଗତ ୧୫ ତାରିଖରେ କାଳିଆଙ୍କ ପରିଚୟ ମିଳିପାରି ଥିଲା। କାଳିଆ ଦିଗପହଣ୍ଡି ଥାନା ଅନ୍ତର୍ଗତ ତୁରୁବୁଡି ଗ୍ରାମର ସ୍ୱର୍ଗତ ଶେଖ କମଲ ଓ ସାହାଜବୀଙ୍କ ପୁଅ ଶେଖ ବାବା ବୋଲି ଜଣାପଡିଥିଲା। ଏହାଛଡା ସ୍ଥାନୀୟ ସରପଞ୍ଚ କୁରୁ ସେଠୀ ଓ ପରିବାର ଲୋକେ ଶେଖବାବାଙ୍କ ଶରୀରରେ ଥିବା ସମସ୍ତ ଚିହ୍ନ ଓ ପିଲାଦିନ ଫଟୋକୁ ଦେଖି ତାଙ୍କୁ ଚିହ୍ନଟ କରିଥିଲେ। ଶୁକ୍ରବାର ବ୍ରହ୍ମପୁରସ୍ଥିତ ଜିଲା ଶିଶୁ କଲ୍ୟାଣ କମିଟି ମାଧମରେ ଶେଖବାବାଙ୍କୁ ତାଙ୍କ ମା’ ସାହାଜବୀଙ୍କୁ ହସ୍ତାନ୍ତର କରାଯାଇଥିବା କୋଦଳା ମାନସିକ ଓ ଭିନ୍ନକ୍ଷମ ବିଦ୍ୟାଳୟ ଅଧକ୍ଷ ଅବିରେଶ ପ୍ରସାଦ ମହାପାତ୍ର ଜଣାଇଛନ୍ତି।

# ଅଗ୍ରସେନ ଜୟନ୍ତୀ ଶୋଭାଯାତ୍ରା


ଅଗ୍ରସେନ ଜୟନ୍ତୀ ସମିତି ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରୁଛି ।

ବାମରା,୩୦।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ସଦରଠାରେ ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି । ବାମରାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରୁ ଅଗ୍ରସେନ ଜୟନ୍ତୀ ସମିତି ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ମନ୍ଦିରଠାରେ ଅଗ୍ରସେନ ମହାରାଜଙ୍କୁ ପୂଜାର୍ଚ୍ଚନା ପରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ଅଗ୍ରୱାଲ ମହିଳା ସମିତି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଆରତୀ ଥାଳ, ହିନ୍ଦୀ ଲିଖନ, ଫେନ୍ସି ଡ୍ରେସ ଓ ସାଳିତା ବାନ୍ଧିବା ପ୍ରତିଯୋଗିତା ହୋଇଥିଲା । ମାଧବିକା ଅଧକ୍ଷ ସପନା ଲାଠ, ରଶ୍ମି ଅଗ୍ରୱାଲ, ଜ୍ୟୋସ୍ନା ଲାଠ, ପାୟଲ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଦିଲୀପ ଅଗ୍ରୱାଲ, ସୁନିଲ ଲାଠ, ବିଷ୍ଣୁ ଅଗ୍ରୱାଲ, ପିଣ୍ଟୁ ଅଗ୍ରୱାଲ, ଶିବୁ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଗିରି ଅଗ୍ରୱାଲ, ବାବି ଅଗ୍ରୱାଲ, ଦିପକ ଅଗ୍ରୱାଲ ଓ ଅଶୋକ ଅଗ୍ରୱାଲ ସହ ଅନ୍ୟମାନେ ସହଯୋଗ କରିଥିଲେ । ବାମରାଠାରେ ଅଗ୍ରସେନ ଭବନ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସନ୍ଧ୍ୟାରେ ଆଳତି କାର୍ଯ୍ୟକ୍ରମ ଓ ପୁରସ୍କାର ବଣ୍ଟନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ଆନ୍ତଃ କଲେଜ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

ନାକଟିଦେଉଳ,୩୦।୯(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ସଂଯୁକ୍ତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ୟୁଥ ରେଡ଼କ୍ରସର ତିନିଦିନିଆ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି । ପ୍ରାରମ୍ଭରେ ରେଡ଼କ୍ରସର ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି, ରେଢାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ, ସମ୍ବଲପୁର ଜିଲା ୟୁଥ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ଖଗେଶ୍ୱର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରୀମାନେ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରେଡ଼କ୍ରସର ଉପଦେଷ୍ଟା ଅଧ୍ୟାପକ ଦେବେଶ କୁମାର



ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ କନ୍ଦର୍ପ ରାଉଳ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ରେଡ଼କ୍ରସର ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ଲଳିତ ମୋହନ ପଣ୍ଡା, ଅଞ୍ଜନ କୁମାର ମିଶ୍ର ଏବଂ ସତ୍ୟ ନାରାୟଣ ପଟେଲ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା ଏବଂ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ସମ୍ବଲପୁର ଜିଲାର ୩୦ଟି କଲେଜରୁ ପ୍ରାୟ ୧୪୦ଜଣ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଛନ୍ତି । ଉଦଘାଟନୀ ସମାରୋହ ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତମ ନୃତ୍ୟ ପରିବେଷଣ କରିଥିଲେ । ଯୁକ୍ତ ଦୁଇ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ହେମାନନ୍ଦ ପ୍ରଧାନ, ଅଧ୍ୟାପିକା ବିନିତା ମୁର୍ମୁ, ଅଧ୍ୟାପିକା ପୁଷ୍ପାଞ୍ଜଳି ରଣା, ବିନୋଦ ବିହାରୀ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜିଲା ସ୍କୁଲରେ ବିବିଧ ପ୍ରତିଯୋଗିତା

ସମ୍ବଲପୁର, ୩୦।୯ (ବ୍ୟୁରୋ)

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ସୋମବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଜିଲା ଶିକ୍ଷା ଓ ସଂସ୍କୃତି ବିଭାଗ ପକ୍ଷରୁ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ରଚନା ଏବଂ କୁଇଜରେ ଭାଗ ନେଇ ଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଦିବସରେ ପୁରସ୍କୃତ କରାଯିବ। ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର


ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ଛାତ୍ରୀଛାତ୍ର ଚିତ୍ର ଆଙ୍କୁଛନ୍ତି।

ଦାଶ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ



### ଘରଭଙ୍ଗା ସହାୟତା ପାଇଁ ଆର୍‌ଆଇଙ୍କୁ ଫେରାଦ

**ବିନିକା,୩୦।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ତହସଲ ସିଂଘିଯୁବା ରାଜସ୍ୱ ସର୍କଲ ଅନ୍ତର୍ଗତ କମିରା ଗ୍ରାମର ଉଦିଆଁ ମେହେର(୬୦)ଙ୍କ ଝାଟିମାଟି ଘର ବର୍ଷାରେ ଭାଙ୍ଗି ଯାଇଥିଲା। ସେ ଓ ତାଙ୍କ ସ୍ୱାମୀ ଅମର ମେହେର(୬୫) ଏବେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ସେହିଭଳି ସିଂଘିଯୁବା ସର୍କଲ ଭାଲୁପାଲି ମୌଜାର ଦିବ୍ୟାଙ୍ଗ ପୂର୍ଣ୍ଣଚନ୍ଦ୍ର ଭୋଇ। ବର୍ଷାରେ ଘର ଭାଙ୍ଗବା ପରେ ଏବେ ବାରଦୁଆର ହେଉଛନ୍ତି। ଉଭୟେ ତୁରନ୍ତ ସହାୟତା ପାଇଁ ସୋମବାର ଆର୍‌ଆଇ ସରୋଜ ବାଘଙ୍କୁ ନିବେଦନ କରିଛନ୍ତି। ଅଭିଯୋଗକାରୀମଙ୍କ ଘରଭଙ୍ଗା ରିପୋର୍ଟ ପ୍ରସ୍ତୁତ କରି ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ଆରଆଇ ବାଘ କହିଛନ୍ତି।

### ମିଳିତ ଜନଶୁଣାଣି ଶିବିର

**ଗୁଡଭେଲା,୩୦।୯(ଡି.ଏନ.ଏ.):** ଗୁଡଭେଲା ବ୍ଲକ ପରିସରରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠ ଯୋଗଦେଇ ୬୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୪୫ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ମଙ୍ଗଳ ଅଧିକାରୀ ପି.ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

## ୯୮ ଅଭିଯୋଗର ତତ୍କାଳ ସମାଧାନ ହେଲା

**ଅମରପାଲି, ୩୦।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ସେଗୁଡିକର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଦେବୀପ୍ରସାଦ ଦାଶ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ବିଡିଓ ନିରଞ୍ଜନ ନାଏକ, ତହସିଲଦାର ଖଦାଳ ପାତ୍ର, ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୋପଦାର, ସିଡିଏମଓ ଡା, ପ୍ରଦୀପ ଗୁରୁ, ଏସଡିଏମଓ ଡା. ସଞ୍ଜୟ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ବୀରମହାରାଜପୁର ଥାନା ଅଧିକାରୀ ପ୍ରଭା ଧନ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଡିଏସଡବ୍ଲୁଓ ଆସ୍ତେରିଆ କେରକେଟାଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୧୦୭ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ୯୯ଟି ଅଭିଯୋଗ ବ୍ୟକ୍ତିଗତ, ୮ଟି ଅଭିଯୋଗ ଗ୍ରାମ୍ୟସ୍ତରୀୟ ଥିଲା। ସେଥିମଧ୍ୟରୁ ୯୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏନଏଫସିଏଫ ଯୋଜନାରୁ ମେଣ୍ଡିଲିପାଲିର ସୁକାନ୍ତି ମହାନନ୍ଦ, କମଲପୁରର ଉର୍ମିଳା ଖମାରୀ ଓ ରିଙ୍କି ଖମାରୀ, ଲୁମୁରଚୁନାର ପୁଷ୍ପାଞ୍ଜଳି ମିଶ୍ର ଓ ପଥରଘାଟର ପିନି ମହାପାତ୍ରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ତେନ୍ତୁଲିମହଦାର ଭର ପାତ୍ର ଓ ଜଗନ୍ନାଥପାଲିର ପ୍ରତିମା ମେହେରଙ୍କୁ ୬ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା ।




ଜନଶୁଣାଣି ଶିବିରରେ ମଞ୍ଚାସୀନ ଜିଲାପାଳ ମୋନିଷା ବାନାର୍ଜୀ ଓ ଅନ୍ୟମାନେ।



ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ ତାରା ବେଶରେ ଦର୍ଶନ ଦେଉଛନ୍ତି।

# ଛାତ୍ରୀମାନେ ନେଲେ ଆତ୍ମ ସୁରକ୍ଷା ତାଲିମ

**ବିନିକା,୩୦।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର ମହାବିଦ୍ୟାଳୟରେ ୧୨ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କର ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ। କଲେଜ ଅଧ୍ୟକ୍ଷ ଶିବ ଶଙ୍କର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପିକା ରେଖା ପଧାନଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଧିରେନ କୁମାର ନାୟକ ଓ ମନୋରଞ୍ଜନ ପଧାନ ଯୋଗଦେଇଥଇଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ । ମାଷ୍ଟର ଟ୍ରେନର ସ୍ମିତାରାଣୀ ମେହେର ଓ ଟିକିରାଣୀ ସାହୁ ତାଲିମ ପ୍ରଦାନ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଶିବିରର ସହ ସଂଯୋଜକ ନାରାୟଣ ଚୌଧୁରୀ।



ଶିବିରରେ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଛାତ୍ରୀମାନେ।

# ୫୯ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ

**ମୁରିବାହାଲ, ୩୦।୯ (ଡି.ଏନ.ଏ)**

ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ ମୁରିବାହାଲ ବ୍ଲକ ଅଫିସ ପରିସରରେ ୨୦୧୯-୨୦ ଆର୍ଥୀକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବିଡିଓ ସିପକ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଲକ୍ଷ୍ମଣ ବାଗ, ଜଗନ୍ନାଥ ନାଗ, ରମାକାନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟା ସ୍ମୃତିଧାରା ମହାପାତ୍ର, ହସିତା ବେହେରା, ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୯ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିପିଇଓ ନୀଳକଣ୍ଠ କାଳସାଏ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

# କରିଷ୍ମା, ଦେବସ୍ମିତା ଜିଲାସ୍ତରକୁ ମନୋନୀତ

**ଅମରପାଲି, ୩୦।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ପ୍ରାକ୍ତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡା. ପ୍ରଫୁଲ୍ଲ ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଆଲୋଚନାଚକ୍ରର ବିଷୟ ଥିଲା ମାନବ କଲ୍ୟାଣରେ ପର୍ଯ୍ୟାୟ ସାରଣୀର ଅବଦାନ। ଏଥିରେ ବ୍ଲକର ୨୩ଟି ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ୨୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତିନୋଟି ପର୍ଯ୍ୟାୟରେ କ୍ରମାନୁସାରେ ଲିଖିତ ଜ୍ଞାନ ପରୀକ୍ଷ, ଦ୍ୱିତୀୟରେ ବକ୍ତବ୍ୟ ପ୍ରଦାନ ଓ ତୃତୀୟରେ ମୌଖିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଉଲୁଣ୍ଡା ବ୍ଲକ ଚଡେଇପଙ୍କ ହାଇସ୍କୁଲର ବିଜ୍ଞାନ ଶିକ୍ଷକ କାଳିଆ କର୍ମୀ ଓ ବୀରମହାରାଜପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ବିରଞ୍ଚି ନାରାୟଣ ମିଶ୍ର ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ କେଞ୍ଜିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର କରିଷ୍ମା ପଧାନ ପ୍ରଥମ ଓ ରଥପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଦେବସ୍ମିତା ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।




ବୀରମହାରାଜପୁର ବାଳକ ହାଇସ୍କୁଲରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି ।

ବାର୍ତ୍ତା

ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ସାରା ଦେଶରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ' ଭାବରେ ପାଳନ କରାଯାଇଥାଏ ।

ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନମାନଙ୍କୁ ସାଧୁବାଦ ଜଣାଉଛି ।

ରକ୍ତଦାନ ମହାପୂଣ୍ୟ । ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରୁଛି । ରାଜ୍ୟରେ ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଜନ ସଚେତନତା ଜରୁରୀ ।

ଆସନ୍ତୁ, ଆଜିର ଏହି ପୂଣ୍ୟ ଦିବସରେ ଆମେ ସଂକଳ୍ପ ନେବା - ସ୍ୱେଚ୍ଛାକୃତ ଭାବେ ନିୟମିତ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-95
10080/13/0004/1920

ବାର୍ତ୍ତା

ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେଉଥିବା ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ରାଜ୍ୟର ସମସ୍ତ ରକ୍ତଦାତା ଓ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରାଉଥିବା ଅନୁଷ୍ଠାନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ।

ରକ୍ତଦାନ ଏକ ମହତ୍ ଓ ପୂଣ୍ୟ କାମ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ତିନି-ଚତୁର୍ଥାଂଶରୁ ଅଧିକ ରକ୍ତ ସ୍ୱେଚ୍ଛାସେବୀମାନଙ୍କଠାରୁ ସଂଗ୍ରହ କରାଯାଇଥାଏ । ୧୮ରୁ ୬୫ ବର୍ଷର ଯେକୌଣସି ସୁସ୍ଥବ୍ୟକ୍ତି ରକ୍ତଦାନ କରିପାରିବେ । ରକ୍ତଦାନ କଲେ ଶରୀର ସୁସ୍ଥ ରହିଥାଏ ଓ ଜରୁରୀ ଭାବେ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କର ମୂଲ୍ୟବାନ ଜୀବନ ରକ୍ଷା ହୋଇଥାଏ । ତେଣୁ ରାଜ୍ୟ ସରକାରଙ୍କ ତରଫରୁ ମୁଁ ସମସ୍ତ ଯୋଗ୍ୟ ରକ୍ତଦାତାଙ୍କୁ ଏଥିପାଇଁ ଆହ୍ୱାନ କରୁଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଦରକାର କରୁଥିବା ବହୁମୂଲ୍ୟ ଜୀବନ ବଞ୍ଚାଇ ଏହି ମହତ୍ କାର୍ଯ୍ୟରେ ସାମିଲ ହେବା ।

(ନବ କିଶୋର ଦାସ)
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

DSPL-95
10080/13/0004/1920

# ରାଜ୍ୟ ରାଜସ୍ୱ ଅତିରିକ୍ତ ସମ୍ପାଦକଙ୍କ ବିନିକା ତହସିଲ ଗସ୍ତ

**ବିନିକା,୩୦।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ତହସଲ ଅଞ୍ଚଳକୁ ସୋମବାର ରାଜ୍ୟ କ୍ଷୁଦ୍ର ଖଣିଜ ଓ ଖଇରାତ ରାଜସ୍ୱ ବିଭାଗର ଅତିରିକ୍ତ ସମ୍ପାଦକ ବିଭୁତି ଭୂଷଣ ଦାଶ ଗସ୍ତ କରିଥିଲେ। ସର୍ବପ୍ରଥମେ ସେ ସେଲେଡି ଆର୍.ଆଇ ସର୍କଲକୁ ଯାଇ କାଗଜପତ୍ର ଯାଞ୍ଚ କରିଥିଲେ । ତଦ୍‌ପରେ ସେ ବିନିକା ତହସିଲ କାର୍ଯ୍ୟାଳୟକୁ ରାଜସ୍ୱ ସମ୍ପର୍କିତ କାର୍ଯ୍ୟର ଯାଞ୍ଚ କରିଥିଲେ । ଏହିଗସ୍ତକୁ ନେଇ ତହସିଲ ଅଧୀନ ୮ଟି ରାଜସ୍ୱ ସର୍କଲରେ ତତ୍ପରତା ପ୍ରକାଶ ପାଇଛି।




ସୁବଳୟା ଡିଗ୍ରୀ କଲେଜରେ ଅଗ୍ନିନିରୋଧ ସଚେତନତା ପ୍ରଶିକ୍ଷଣ ଦିଆଯାଉଛି।

# ଅଗ୍ନିନିରୋଧ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୩୦।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଡିଗ୍ରୀ କଲେଜରେ ଅଗ୍ନିନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡେନ ଗ୍ୟାସ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଦମକଳ ବାହିନୀ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଦମକଳ କେନ୍ଦ୍ରର ଫାୟାର ଅଫିସର କବି ସେଠ ଆଗ୍ନିକ ଭବାନୀ ଶଙ୍କର ସାହୁ, ସୁଶିଲ କୁମାର ସାହୁ, ବିହାରୀଲାଲ ବାଘ ପ୍ରମୁଖ ଗ୍ୟାସରେ ଅଗ୍ନି ସଂଯୋଗ ହେଲେ କିପରି ଏହାର ସମ୍ମୁଖୀନ ହେବାକୁ ହେବ ତାହାର କୌଶଳ ଛାତ୍ରୀଛାତ୍ରଙ୍କୁ ଦେଖାଇଥିଲେ। କଲେଜ ଅଧ୍ୟକ୍ଷ ବଳଦେବ ପୂଜାହାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସୁବଳୟା ଇଣ୍ଡେନ ଗ୍ୟାସର ସଞ୍ଜିବ ମେହେର ଓ କ୍ଷୀରୋସିନ୍ଧୁ ମେହେର ପରିଚାଳନା କରିଥିଲେ ।

DSPL-93
NATIONAL HEALTH MISSION
NPHCE

ଆନ୍ତର୍ଜାତିକ ବୟସ୍କ ଦିବସ
୧ ଅକ୍ଟୋବର ୨୦୧୯

ବୟସ୍କ (୬୦ ବର୍ଷ ବୟସରୁ ଅଧିକ)ମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ ଜନିତ ସମସ୍ୟା ଯଥା :- ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମଧୁମେହ, ଶ୍ୱାସରୋଗ, ଦୃଷ୍ଟିହୀନତା, ଶ୍ରବଣ ସମସ୍ୟା, ମାନସିକ ଅସୁସ୍ଥତା ଓ କର୍କଟ ରୋଗ ଆଦି ଦେଖାଯାଇଥାଏ । ଏ ସବୁ ସମସ୍ୟାର ପ୍ରତିକାର ତଥା ଜନ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୧ ଅକ୍ଟୋବରକୁ ଆନ୍ତର୍ଜାତିକ ବୟସ୍କ ଦିବସ ଭାବରେ ପାଳନ କରାଯାଉଅଛି ।

10003/13/0046/1920

ମନେ ରଖନ୍ତୁ :
- ଉପଯୁକ୍ତ ସମ୍ମାନର ସହିତ ଜୀବନ ଧାରଣ ପ୍ରତ୍ୟେକ ବୟସ୍କଙ୍କ ମୌଳିକ ଅଧିକାର ।
- ସମାଜପ୍ରତି ବୟସ୍କ ମାନଙ୍କ ଅବଦାନ ଅତୁଳନୀୟ, ପରିବାର,ଗୋଷ୍ଠୀ ତଥା ସାମାଜିକ ସ୍ତରରେ ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଓ ଚଳଣି ପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରାଇ ବୟସାଧିକ୍ୟ ଜନିତ ଅନେକ ଜଟିଳ ସମସ୍ୟାକୁ ପ୍ରତିରୋଧ କରାଯାଇପାରିବ ।

ଆସନ୍ତୁ ବୟସ୍କମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଆମେ ବିଶେଷ ଯତ୍ନବାନ୍ ହୋଇ ସୁସ୍ଥ ସମାଜ ଗଠନରେ ସାମିଲ ହେବା

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର



ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଯେଉଁଭଳି ପ୍ରଦର୍ଶନରେ ସ୍ଥିରତା ବଜାୟ ରଖନ୍ତି ସେହିଭଳି ଭାରତ ବିପକ୍ଷ ଆଗାମୀ ଟେଷ୍ଟ ସିରିଜରେ ବୋଲିଂ କରିବାକୁ ଚେଷ୍ଟା କରିବି ।

–କେଶବ ମହାରାଜା, ଦକ୍ଷିଣ ଆଫ୍ରିକା ସ୍ପିନର



ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ଆଗାମୀ ଦିନରେ ୫ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଚାମ୍ପିୟନଶିପ୍‌ରେ ପଏଣ୍ଟ ବ୍ୟବସ୍ଥା ଲାଗୁ ପରଠାରୁ କୌଣସି ଦଳକୁ ହାଲ୍‌କା ଭାବିବା ଉଚିତ୍ ନୁହେଁ ।

– ଅଜିଙ୍କ୍ୟ ରାହାନେ, ଭାରତୀୟ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ନାଗଲଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ବୁଏନ୍ସ ଆୟାର୍ସ(ଆର୍ଜେଣ୍ଟିନା),୩୦।୯:** ଏଠାରେ ଚାଲିଥିବା ଏଟିପି ଚ୍ୟାଲେଞ୍ଜର କ୍ଲେ କୋର୍ଟ ଇଭେଣ୍ଟରେ ଟାଇଟଲ ହାସଲ କରିବା ପରେ ଭାରତୀୟ ଉଦୀୟମାନ ଟେନିସ ଖେଳାଳି ସୁମିତ ନାଗଲ ସୋମବାର କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ହାତେଇଛନ୍ତି। ପୂର୍ବ ଅପେକ୍ଷା ୨୬ ସ୍ଥାନ ଉପରକୁ ଉଠି ୧୩୫ତମ ମାନ୍ୟତା ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ନାଗଲ ଘରୋଇ ଖେଳାଳି ଫାକୁନ୍‌ଡୋ ବାଗ୍‌ନିସଙ୍କୁ ୬-୪, ୬-୨ ସେଟ୍‌ରେ ହରାଇଥିଲେ। ମ୍ୟାଚ୍ ଜିତିବା ପାଇଁ ଭାରତୀୟ ଖେଳାଳିଙ୍କୁ ୩୭ ମିନିଟ୍ ଲାଗିଥିଲା। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଚ୍ୟାଲେଞ୍ଜର ଟ୍ରଫି ଥିଲା। ସେ ପ୍ରଥମ ଟାଇଟଲ ୨୦୧୭ରେ ବେଙ୍ଗାଲୁରୁ ଚ୍ୟାଲେଞ୍ଜ ଇଭେଣ୍ଟରେ ପାଇଥିଲେ। ଉଲ୍ଲେଖଥାଉ କି, ୨୨ ବର୍ଷୀୟ ନାଗଲ ଚଳିତବର୍ଷ କ୍ୟାରିୟରରେ ପ୍ରଥମ ଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳିଥିଲେ। ସେ ଅଷ୍ଟ୍ରେଲିଆନ ଓପନର ପ୍ରଥମ ରାଉଣ୍ଡରେ ରୋଜର ଫେଡରରଙ୍କଠାରୁ ହାରିଥିଲେ। କିନ୍ତୁ ମ୍ୟାଚ୍‌ର ପ୍ରଥମ ସେଟ୍‌ରେ ଫେଡରରଙ୍କୁ ହରାଇଥିଲେ ନାଗଲ।

### ଟର୍ନରଙ୍କ ଆଙ୍ଗୁଠି ଭାଙ୍ଗିଲା

**ମେଲବୋର୍ନ,୩୦।୯:** ଅଷ୍ଟ୍ରେଲିଆର ଅଲରାଉଣ୍ଡର ଆଷ୍ଟୋନ ଟର୍ନର ଆସନ୍ତା ମାସ ୨୩ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍‌ରେ ନ ଖେଳିପାରନ୍ତି। ଟ୍ରେନିଂବେଳେ ତାଙ୍କ ଡାହାଣ ବିଷି ଆଙ୍ଗୁଠି ଫ୍ରାକଚର ହୋଇଯାଇଛି। ଏଥିଯୋଗୁ ତାଙ୍କୁ ୪ରୁ ୬ ସପ୍ତାହ ବିଶ୍ରାମ ନେବାକୁ ପଡ଼ିବ। ଅଭ୍ୟାସବେଳେ ଟର୍ନରଙ୍କ ଡାହାଣ ହାତର ବିଷି ଆଙ୍ଗୁଠିରେ ଆଘାତ ଲାଗିଛି। ଆହତ ସମସ୍ୟାକୁ ଯାଞ୍ଚ କରିବା ପରେ ତାଙ୍କୁ ଅତିକମ୍‌ରେ ୪ ସପ୍ତାହ ବିଶ୍ରାମ ଦରକାର ବୋଲି ୱାକା ସ୍ପୋର୍ଟ୍ସ ସାଇନ୍ସ ମେଡିସିନ ମ୍ୟାନେଜର ନିକ ଜୋନ୍‌ସ କହିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ହାରିଲେ ହାଲେପ୍

**ବେଜିଂ, ୩୦।୯ (ଏଏଫ୍‌ପି):** ରୋମାନିଆ ମହିଳା ଟେନିସ ତାରକା ତଥା ୱିମ୍ବଲଡନ ଚାମ୍ପିୟନ ସିମୋନା ହାଲେପ୍ ଏଠାରେ ଚାଲିଥିବା ଚାଇନା ଓପନ୍ ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୩୮ତମ ସ୍ଥାନରେ ରହିଥିବା ରୁଷିଆର ଏକଟେରିନା ଆଲେକ୍ସଜାଣ୍ଡ୍ରୋଭ ୬-୨, ୬-୩ ସିଧାସଳଖ ସେଟ୍‌ରେ ୨୮ ବର୍ଷୀୟା ହାଲେପ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ହାଲେପ୍ ଏହି ମ୍ୟାଚ୍‌ରେ ମାତ୍ର ୬୪ ମିନିଟ୍ ଲଢ଼େଇ କରି ସମର୍ପଣ କରିଥିଲେ। ସେହିଭଳି ୟୁଏସ୍ ଓପନ୍ ବିଜୟିନୀ ଆଣ୍ଡ୍ରେସ୍କୁ ବାଏଙ୍କା ସହଜ ସାଧ ବିଜୟ ହାସଲ କରିଛନ୍ତି। ୧୯ ବର୍ଷୀୟା ବାଏଙ୍କା ୬-୨, ୨-୬, ୬-୧ ସେଟ୍‌ରେ ବେଲାରୁଶର ଆଲେକ୍ସଜାଣ୍ଡର ସାସନୋଭିଚଙ୍କୁ ହରାଇଛନ୍ତି। ଗତ ୟୁଏସ୍ ଓପନ୍ ଫାଇନାଲରେ ଆମେରିକାର କିମ୍ବଦନ୍ତୀ ଖେଳାଳି ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ବାଏଙ୍କା କ୍ୟାରିୟର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଥିଲେ।



ସୁଲତାନ ଜୋହର କପ୍ ଲାଗି ମନୋନୀତ ଭାରତୀୟ ଜୁନିୟର ହକି ଦଳ।

# ଭାରତୀୟ ଜୁନିୟର ଦଳରେ ଓଡ଼ିଶାରୁ ୪

**ନୂଆଦିଲ୍ଲୀ, ୩୦।୯ (ପି.ଟି.)**

ମାଲେସିଆରେ ଆସନ୍ତା ଅକ୍ଟୋବର ୧୨ରୁ ହେବାକୁ ଥିବା ସମ୍ମାନଜନକ ସୁଲତାନ ଜୋହର୍ କପ୍ ଲାଗି ସୋମବାର ଭାରତୀୟ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ମନଦୀପ୍ ମୋର୍‌ଙ୍କୁ ଏହି ୧୮ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସଞ୍ଜୟଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଓଡ଼ିଶାର ୪ଜଣ ଖେଳାଳି ଏଥିରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ପ୍ରତାପ ଲାକ୍ରା, ସୁମନ ବେକ୍, ଫର୍‌ୱାର୍ଡ ସୁଦୀପ ଚିର୍‌ମାକୋ ଓ ଶୀଳାନନ୍ଦ ଲାକ୍ରା। ଏହି ପ୍ରତିଯୋଗିତା ଅକ୍ଟୋବର ୧୯ ପର୍ଯ୍ୟନ୍ତ ମାଲେସିଆର ଜୋହର ବାହରୁଠାରେ ଅନୁଷ୍ଠିତ ହେବ। ରାଉଣ୍ଡ ରବିନ୍ ଲିଗ୍ ମ୍ୟାଚ୍‌ରେ ମାଲେସିଆ, ନ୍ୟୁଜିଲାଣ୍ଡ, ଜାପାନ, ଅଷ୍ଟ୍ରେଲିଆ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ବି.ଜେ. କରିଅପ୍ପା ଆଶାପୋଷଣ କରିଛନ୍ତି।

### ସୁଲତାନ ଜୋହର କପ୍ ହକି

**ଭାରତୀୟ ଜୁନିୟର ପୁରୁଷ ହକି ଦଳ:** ପ୍ରଶାନ୍ତ କୁମାର ଚୌହାନ, ପଙ୍କଜ (ଉଭୟେ ଗୋଲ୍‌କିପର), ସଞ୍ଜୟ (ଉପ-ଅଧିନାୟକ), ଦୀନାଚନ୍ଦ୍ର ସିଂ ମୋଇରଙ୍ଗଥେମ୍, ପ୍ରତାପ ଲାକ୍ରା, ସୁମନ ବେକ୍, ମନଦୀପ୍ ମୋର୍, ଯଶଦୀପ୍ ସିୱାଚ୍, ଶ୍ରଦ୍ଧାନନ୍ଦ ତିୱାରୀ (ସମସ୍ତେ ଡିଫେଣ୍ଡର), ବିଷ୍ଣୁକାନ୍ତ ସିଂ, ରବିଚନ୍ଦ୍ର ସିଂ ମୋଇରଙ୍ଗଥେମ୍, ମନିନ୍ଦର ସିଂ (ସମସ୍ତେ ମିଡ୍‌ଫିଲ୍ଡର), ଦିଲ୍‌ପ୍ରୀତ୍ ସିଂ, ସୁଦୀପ୍ ଚିର୍‌ମାକୋ, ଗୁର୍‌ସାହିବଜିତ୍ ସିଂ, ଉତ୍ତମ ସିଂ, ରାହୁଲ କୁମାର ରାଜଭର ଓ ଶୀଳାନନ୍ଦ ଲାକ୍ରା (ସମସ୍ତେ ଫର୍‌ୱାର୍ଡ)।

# ୧୦୦ ଟି୨୦ କ୍ଲବରେ ଆଲିସା

**ସିଡ୍‌ନୀ,୩୦।୯(ପିଟି):** ଗତକିଛି ବର୍ଷ ହେଲା ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟା ହୋଇ ରହିଥିବା ଉଇକେଟକିପର ଆଲିସା ହେଲି ସୋମବାର କ୍ୟାରିୟରର ୧୦୦ତମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ମହିଳା କ୍ରିକେଟରଙ୍କ ମଧ୍ୟରେ ସେ ୯ମ ଖେଳାଳି ଭାବେ ଏହି ସମ୍ମାନଜନକ କ୍ଲବରେ ସାମିଲ ହୋଇଛନ୍ତି। ୨୯ ବର୍ଷୀୟା କ୍ରିକେଟର ଶ୍ରୀଲଙ୍କା ବିପକ୍ଷ ଟି୨୦ ମ୍ୟାଚ୍ ଅବସରରେ ଏହି ମାଇଲଷ୍ଟୋନ ଛୁଇଁଛନ୍ତି। ତେବେ କ୍ୟାରିୟରର ୧୦୦ ତମ ଟି୨୦ ମ୍ୟାଚ୍‌ରେ ଆଲିସା ସେତେଟା ଭଲ ପ୍ରଦର୍ଶନ କରିପାରି ନ ଥିଲେ। ସେ ୨୧ ରନ୍ କରି ଆଉଟ୍ ହୋଇଥିଲେ। ବେଥ ମୁନିଙ୍କ ୨୮ ଓ ଏରିନ ବର୍ନ୍ସଙ୍କ ଅପରାଜିତ ୩୦ ରନ୍ ବଳରେ ମାତ୍ର ୯.୪ ଓଭରରେ ୮୮ ରନ୍ କରି ଅଷ୍ଟ୍ରେଲିଆ ମ୍ୟାଚ୍ ଜିତିନେଇଥିଲା। ଆଲିସା ଅଷ୍ଟ୍ରେଲିଆର ଦ୍ୱିତୀୟ ମହିଳା ଖେଳାଳି ଭାବେ ୧୦୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।



# ଭାରତୀୟ ଦଳରେ ନାଗରକୋଟି

**ନୂଆଦିଲ୍ଲୀ,୩୦।୯(ପିଟି):** ଆସନ୍ତା ନଭେମ୍ବରରେ ବେଙ୍ଗାଲୁରୁଠାରେ ହେବାକୁ ଯାଉଛି ଏମର୍ଜିଂ ଏସିଆ କପ୍। ଏହି ଟୁର୍ନାମେଣ୍ଟ ଲାଗି ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଯୁବ ପେସର କମଲେଶ ନାଗରକୋଟି। ସେ ଦୀର୍ଘ ୧୯ ମାସ ଧରି ଆହତ ସମସ୍ୟା ଦେଇ ସଂଘର୍ଷ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ୧୯ ବର୍ଷରୁ କମ୍ ଚାମ୍ପିୟନ ଭାରତୀୟ ଦଳର ଷ୍ଟାର ସଦସ୍ୟ ଥିଲେ ନାଗରକୋଟି। ରାଜସ୍ଥାନ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ପ୍ରଥମଥର ହ୍ୟାଟ୍ରିକ ନେଇଥିବା କମଲେଶ ଗତ ବର୍ଷ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

**ଭାରତୀୟ ଏମର୍ଜିଂ ଦଳ:** ବିନାୟକ ଗୁପ୍ତା (ଏନ୍‌ସିଏ), ଆର୍ଯ୍ୟାନ ଜୁୟାଲ (ୟୁପିସିଏ), ବି.ଆର୍. ଶରଥ (ଅଧିନାୟକ ଓ ଉଇକେଟ କିପର) (କେଏସ୍‌ସିଏ), ଚିନ୍ମୟ ସୁତାର (ଏମ୍‌ସିଏ), ଯଶ ରାଥୋଡ (ଭିସିଏ), ଅର୍ମାନ ଜାଫର (ଏମ୍‌ସିଏ), ସାନବୀର ସିଂ (ପିସିଏ), କମଲେଶ ନାଗରକୋଟି (ରାଜସ୍ଥାନ), ହ୍ରିତିକ ଶୋକିନ (ଡିଡିସିଏ), ଏସ୍. ଦେସାଇ (ଜିସିଏ), ଅର୍ଶଦୀପ ସିଂ (ପିସିଏ), ଏସ୍. ଦୁବେ (ଭିସିଏ), କୁମାର ସୁରଜ (ଜେଏସସିଏ), ପି. ରେଖାଡେ (ଭିସିଏ) ଓ କୁଲଦୀପ ଯାଦବ (ଡିଡିସିଏ)।

# ସୁମୋ ରେସଲରଙ୍କ ସହ ଲଢ଼ିଲେ ଜୋକୋଭିଚ୍



**ଟୋକିଓ,୩୦।୯:** ସର୍ବିଆର ଷ୍ଟାର ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଏବେ ଜାପାନ ଓପନରେ ଭାଗ ନେବା ପାଇଁ ଏଠାରେ ଅଛନ୍ତି। ଟ୍ରେନିଂରୁ ବ୍ରେକ ନେଇ ସେ ଜାପାନର ଜାତୀୟ କ୍ରୀଡ଼ା ସୁମୋ ରେସଲିଂର ମଜା ନେଇଛନ୍ତି। ବିଶ୍ୱର ଶୀର୍ଷ ର୍ୟାଙ୍କଧାରୀ ଜୋକୋଭିଚ୍ ରେସଲରଙ୍କ ଫାଇଟ୍ ଦେଖିବା ସହ ଏହି କ୍ରୀଡ଼ାର କିଛି ଟେକନିକ ଶିକ୍ଷା କରିଥିଲେ। ରେଫରି ଭାବେ ମ୍ୟାଚ୍ ପରିଚାଳନା ମଧ୍ୟ କରିଥିଲେ। ୩୨ ବର୍ଷୀୟ ଜୋକୋଭିଚ୍ ଇନ୍‌ଷ୍ଟାଗ୍ରାମରେ ଏହାର କିଛି ଫଟୋ ଶେୟାର କରିଛନ୍ତି। ସୁମୋ ରେସଲିଂ ଜାପାନରେ ଏକ ଧାର୍ମିକ କ୍ରୀଡ଼ା। ଏହି କ୍ରୀଡ଼ାର ମଜା ନେବାକୁ ମୋତେ ସୁଯୋଗ ମିଳିବା ମୋ ପାଇଁ ସମ୍ମାନର ବିଷୟ ବୋଲି କ୍ୟାପଶନରେ ଲେଖିଛନ୍ତି। ଉଲ୍ଲେଖଥାଉ କି, ସୁମୋ ରେସଲରମାନେ ଦୈନିକ ଅତିକମ୍‌ରେ ୧୦ ହଜାର କ୍ୟାଲୋରି ଖାଦ୍ୟ ଖାଆନ୍ତି। ଯାହା ଫଳରେ ସେମାନେ ଶକ୍ତିଶାଳୀ ଓ ବଡ଼ ହୋଇପାରନ୍ତି।

# ଶୀର୍ଷ ସ୍ଥାନ ଦୃଢ଼ କରିବା ଲକ୍ଷ୍ୟରେ ଭାରତ

**ଦୁବାଇ, ୩୦।୯ (ପି.ଟି.)**

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ସିରିଜ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ହୋଇଥିବାରୁ ଭାରତ ଏଥିରେ ପୂର୍ବ ସଫଳତାର ଧାରା ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ସିରିଜ ସହ ପ୍ରଥମଥର ଲାଗି ଚାମ୍ପିୟନଶିପ୍‌ରେ ଏହାର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛି।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଏହାର ପ୍ରଥମ ସିରିଜରେ ୱେଷ୍ଟଇଣ୍ଡିଜକୁ ୨–୦ରେ ପରାସ୍ତ କରି ସଂପୂର୍ଣ୍ଣ ୧୨୦ ପଏଣ୍ଟ ହାସଲ କରି ଟେବୁଲ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ୧–୧ରେ ଡ୍ର’ ରହିବାରୁ ଉଭୟ ଦଳ ୬୦ ପଏଣ୍ଟ ଲେଖାଏ ପାଇ ସନ୍ତୁଷ୍ଟ ରହିଥିଲେ।



ସେହିଭଳି ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ହୋଇଥିବା ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜ ୨–୨ରେ ଡ୍ର ରହିଥିଲା। ଫଳରେ ଉଭୟ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ୫୬ ପଏଣ୍ଟ ଲେଖାଏ ପାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସେମାନଙ୍କ ଖାତା ଖୋଲିଥିଲେ। ଟେଷ୍ଟ ଫର୍ମାଟ୍‌କୁ ଆହୁରି ଅଧିକ ଲୋକପ୍ରିୟ କରାଇବା ପାଇଁ ଗତ ମାସରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଏହି ଚାମ୍ପିୟନଶିପ୍‌ର ଅୟମାରମ୍ଭ କରାଯାଇଥିଲା।

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ୩ଟି ଯାକ ମ୍ୟାଚ୍ ଯଥାକ୍ରମେ ବିଶାଖାପାଟନମ, ପୁଣେ ଓ ରାଞ୍ଚିରେ ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପଏଣ୍ଟ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଏହି ସିରିଜର ପ୍ରତ୍ୟେକ ମ୍ୟାଚ୍ ଲାଗି ୪୦ ପଏଣ୍ଟ ରହିଛି। ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରତ୍ୟେକ ମ୍ୟାଚ୍ ଲାଗି ୬୦ ପଏଣ୍ଟ ରହିଥିବାବେଳେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ମ୍ୟାଚ୍ ପିଛା ୨୪ ପଏଣ୍ଟ ବିଜୟୀ ଦଳକୁ ମିଳିବ।

### ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

ଯଦି ଭାରତ ଦକ୍ଷିଣ ଆଫ୍ରିକାକୁ ୩–୦ରେ ଜିତିନିଏ ତେବେ ଟେଷ୍ଟ ଚାମ୍ପିୟନଶିପ୍‌ରେ ଏହାର ମୋଟ୍ ପଏଣ୍ଟ ସଂଖ୍ୟା ୨୪୦ରେ ପହଞ୍ଚିବ। ଅପରପକ୍ଷରେ ଯଦି ଦକ୍ଷିଣ ଆଫ୍ରିକା ୩–୦ରେ ସିରିଜ ବିଜୟୀ ହୁଏ ତେବେ ପଏଣ୍ଟ ଟେବୁଲରେ ଭାରତ ସହ ଯୁଗ୍ମ ଭାବେ ଶୀର୍ଷରେ ରହିବ। ୨୦୨୧ ଜୁନ ସୁଦ୍ଧା ପଏଣ୍ଟ ଟେବୁଲର ଶୀର୍ଷ ଦୁଇ ସ୍ଥାନରେ ରହିଥିବା ଟିମ୍ ମଧ୍ୟରେ ଫାଇନାଲ ଇଂଲଣ୍ଡରେ ଖେଳାଯିବ। ଏଥିରେ ବିଜୟୀ ଲାଭ କରିଥିବା ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ମୁକୁଟ ପିନ୍ଧିବ।

# ଭାରତ କ୍ଲିୟର ଫେଭରାଇଟ

### ଗୌତମ ଗମ୍ଭୀର

ଭାରତ–ଦକ୍ଷିଣ ଆଫ୍ରିକା ଟେଷ୍ଟ ମୁକାବିଲାର ଅତୀତକୁ ଦେଖିଲେ ହାନ୍‌ସି କୋନିଏଙ୍କ କଥା ମନେପଡ଼େ। ସେ ବ୍ୟାଟିଂରେ ସର୍ବଦା ଉତ୍ସାହୀ ପ୍ରଦର୍ଶନ କରିଥାନ୍ତି। ଏହା ବ୍ୟତୀତ ଦ୍ରୁତ ବୋଲର ଆଲାନ ଡୋନାଲ୍ଡ ବିଶ୍ୱର ଯେ କୌଣସି ବ୍ୟାଟ୍ସମ୍ୟାନଙ୍କ ମନରେ ଭୟ ସଞ୍ଚାର କରିବାକୁ ଉଦ୍ୟମ କରିଥାନ୍ତି। ଫିଲ୍ଡିଂରେ ଜଣ୍ଟି ରୋଡ୍ସ ଅଦ୍ୱିତୀୟ ଥିଲେ। ସେ ଚମତ୍କାର ଢଙ୍ଗରେ ରନ ସେଭ୍ କରୁଥିଲେ। ସେତେବେଳେ କ୍ରିକେଟ ଭିନ୍ନ ଧରଣର ଥିଲା। ସେତେବେଳେ ଏହି ଖେଳାଳିଙ୍କ ପ୍ରଦର୍ଶନ ସହ ବର୍ତ୍ତମାନର ତୁଳନା କରାଯାଇ ପାରିବ ନାହିଁ। ନିକଟ ଅତୀତରେ ଡେଲ୍ ଷ୍ଟେଇନ, କାଗିଶୋ ରାବାଡା, ଏବି ଡିଭିଲର୍ସ, କ୍ୱିଣ୍ଟନ ଡି’କକ୍ ଆଦି ଦକ୍ଷ ଖେଳାଳି ଦଳ ପକ୍ଷରୁ ଖେଳିଛନ୍ତି। ମାତ୍ର ସେମାନଙ୍କୁ ନେଇ ଯୋଜନାର ଅଭାବରୁ ସମ୍ଭବତଃ ଦଳ ନିୟମିତଭାବେ ଭଲ ପ୍ରଦର୍ଶନ କରିପାରିନାହିଁ।

ବୁଧବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ମୋ ମତରେ ଏହି ସିରିଜ ପାଇଁ ଭାରତ କ୍ଲିୟର ଫେଭରାଇଟ। ଦକ୍ଷିଣ ଆଫ୍ରିକା ବୋଲିଂ ଲାଇନ୍‌ଅପ୍ ରାବାଡା, ଭେର୍ନନ ଫିଲାଣ୍ଡର ଏବଂ ଲୁନ୍‌ଗି ଏନଗିଡିଙ୍କୁ ନେଇ ସମୃଦ୍ଧ। ଏହି ବୋଲରମାନଙ୍କ ନିକଟରେ ପେସ୍, ସୁଇଂ, ସିମ୍ ଏବଂ ରିଭର୍ସ ସୁଇଂ କ୍ଷମତା ରହିଛି। ଭାରତ ଏହି ତିନିବୋଲରଙ୍କୁ ମୁକାବିଲା କରିପାରିଲେ ସିରିଜରେ ଆଧିପତ୍ୟ ବିସ୍ତାର କରିପାରିବ। ଆମ ବ୍ୟାଟ୍ସମ୍ୟାନମାନେ ବେପରୁଆ ବ୍ୟାଟିଂ କଲେ କିମ୍ବା ଦକ୍ଷିଣ ଆଫ୍ରିକା ବୋଲରମାନେ ଅତି ଚମତ୍କାର ବୋଲିଂ କଲେ ଯାଇ ଭାରତକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ନିଜକୁ ଜଣେ ଟେଷ୍ଟ ଓପନିଂ ବ୍ୟାଟ୍ସମ୍ୟାନଭାବେ ପ୍ରମାଣିତ କରବାକୁ ରୋହିତ ଶର୍ମାଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଅଭ୍ୟାସ ମ୍ୟାଚରେ ସେ ଡକ୍(୦)ରେ ଆଉଟ ହେବା କଥାକୁ ମୁଁ ଗୁରୁତ୍ୱ ଦେଉନାହିଁ। ମାତ୍ର ସେ ଯଦି ଏହି ସିରିଜରେ କ୍ଲିକ୍ ନ କରନ୍ତି ତେବେ ତାଙ୍କ ପାଇଁ ବିପଦ ଆସିବ। ଆମେ ସମସ୍ତେ ଜାଣିଛନ୍ତି ଯେ ରୋହିତ ଜଣେ କାମଚଳା ଓପନିଂ ବ୍ୟାଟ୍ସମ୍ୟାନ। ଧଳା–ବଲ୍ କ୍ରିକେଟରେ ସେ ସଫଳତା ପାଇଥିଲେ ହେଁ ତାହାକୁ ସେ ଟେଷ୍ଟ କ୍ରିକେଟରେ ପ୍ରତିଫଳିତ କରିପାରିବେ ବୋଲି ଗ୍ୟାରେଣ୍ଟି ନାହିଁ। ସତ କହିବାକୁ ଗଲେ ରୋହିତଙ୍କ ନିକଟରେ ଦକ୍ଷତା ଅଛି। ମାତ୍ର ସେହି ଦକ୍ଷତା ଆତ୍ମଦ୍ୱନ୍ଦ୍ୱରେ ପରିଣତ ନ ହେଲେ ଭଲ।

ବୋଲିଂ ବିଭାଗରେ ମୁଁ ଈଶାନ୍ତ ଶର୍ମା, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦେଖିବାକୁ ପସନ୍ଦ କରିବି। ଅଶ୍ୱିନ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ କୌତୁହଳ ରହିଛି। ମୋ ମତରେ ସେ ଜଣେ ଦକ୍ଷ ବୋଲରଏବଂ ତାଙ୍କୁ ତାଙ୍କର ଭୂମିକା ଏବଂ କ୍ୟାରିୟରକୁ ନେଇ ରୋଡ୍‌ମ୍ୟାପ ସମ୍ପର୍କରେ କେହି କହିଦେବା ଆବଶ୍ୟକ। ପ୍ରତିପକ୍ଷ ଦଳକୁ ଦେଖିଲେ ମୁଁ ଏଡେନ ମାରକ୍ରାମଙ୍କୁ ଚୂଡ଼ାନ୍ତ ଦଳରେ ଦେଖିବାକୁ ଚାହିଁବି। ସେ ଜଣେ ବିଚକ୍ଷଣ ଓପନିଂ ବ୍ୟାଟ୍ସମ୍ୟାନ ପରି ଜଣା ଯାଉଛନ୍ତି। ରୋହିତଙ୍କ ସହ ତାଙ୍କର ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ହୋଇପାରିବ।

–(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)




# କୋହଲିଙ୍କୁ ପଛରେ ପକାଇଲେ ଆଜାମ

**କରାଚୀ,୩୦।୯:** ପାକିସ୍ତାନ ଷ୍ଟାର ବ୍ୟାଟ୍ସମ୍ୟାନ ବାବର ଆଜାମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୧୧ତମ ଶତକ ଲଗାଇବାରେ ଭାରତୀୟ ବ୍ୟାଟିଂ ସେନସେଶନ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। ଭାରତୀୟ ଅଧିନାୟକ କୋହଲି କ୍ୟାରିୟରର ୮୨ତମ ଦିନିକିଆ ମ୍ୟାଚ୍‌ରେ ୧୧ତମ ଶତକ ଲଗାଇଥିଲେ। କିନ୍ତୁ ବାବର ୭୧ତମ ମ୍ୟାଚ୍‌ରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ତେବେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୧୧ ଶତକ ଲଗାଇବାରେ ବାବର ୩ୟ ଦ୍ରୁତତମ ବ୍ୟାଟ୍ସମ୍ୟାନ। ଏହି ତାଲିକାରେ ଦକ୍ଷିଣ ଆଫ୍ରିକାର ହାସିମ ଆମଲା ଶୀର୍ଷରେ ରହିଛନ୍ତି। ସେ ୬୪ତମ ମ୍ୟାଚ୍‌ରେ ୧୧ତମ ଦିନିକିଆ ଶତକ ଲଗାଇଥିଲେ। ତାଙ୍କ ପଛକୁ ଆଉ ଜଣେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି’କକ୍ (୬୫) ରହିଛନ୍ତି। ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ଅବସରରେ ଆଜାମ ୧୧୫ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ଇନିଂସ ଯୋଗୁ ପାକିସ୍ତାନ ଦଳ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୩୦୫ ରନ୍ କରପାରିଥିଲା।



ଶତକ ହାସଲ ପରେ ବାବର ଆଜାମ୍।

## ଦୂର ହୋଇନି କୋଇଲା ସମସ୍ୟା

# ନାଲ୍‌କୋ ସିପିପିର ୬ ୟୁନିଟ୍ ବନ୍ଦ

ବଅଁରପାଳ, ୩୦।୯ (ଡି.ଏନ୍.ଏ.)


ସିପିପି ପ୍ଲାଣ୍ଟ

ତାଳଚେରସ୍ଥିତ ଏମ୍‌ସିଏଲ୍‌ର କୋଇଲା ଖଣିରୁ ଆନ୍ଦୋଳନ ହଟିଯାଇଥିଲେ ବି ରାଷ୍ଟ୍ରାୟତ ଉଦ୍ୟୋଗ ନାଲ୍‌କୋକୁ ଆବଶ୍ୟକ ପରିମାଣର କୋଇଲା ଯୋଗାଣ ହୋଇପାରୁ ନାହିଁ। ଫଳରେ କିଛିଦିନ ହେଲା ନାଲ୍‌କୋ ନିଜସ୍ୱ ବିଦ୍ୟୁତ୍ ପ୍ଲାଣ୍ଟ (ସିପିପି)ର ଗୋଟିଏ ପରେ ଗୋଟିଏ ୟୁନିଟ୍ ବନ୍ଦ ହେବାରେ ଲାଗିଛି। ପୂର୍ବରୁ ସିପିପିର ୫ଟି ୟୁନିଟ୍ ବନ୍ଦ ରହିଥିବା ବେଳେ ସୋମବାର ଆଉ ଏକ ୟୁନିଟ୍‌କୁ ବନ୍ଦ କରାଯାଇଥିବା ସୂଚନା ମିଳିଛି। ଏଥିଯୋଗୁ ଶକ୍ତି ଉତ୍ପାଦନ ହ୍ରାସ ପାଇଥିବାରୁ ପ୍ରକଳ୍ପ ଚଳାଇବା ପାଇଁ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ବାହାରୁ ଚଢ଼ା ଦରରେ ବିଦ୍ୟୁତ୍ କିଣିବାକୁ ପଡୁଛି।

ପ୍ରକାଶ ଯେ, ନାଲ୍‌କୋ ସିପିପିର ମୋଟ୍ ୧୦ଟି ୟୁନିଟ୍‌ରୁ ଦୈନିକ ୧୨ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥାଏ। ଏହା କାର୍ଯ୍ୟକ୍ଷମ ପାଇଁ ଏମ୍‌ସିଏଲ୍‌ରୁ ପ୍ରତିଦିନ ୧୫ରୁ ୧୬ ହଜାର ମେଟ୍ରିକ ଟନ୍ କୋଇଲା ଯୋଗାଇ ଦିଆଯାଇଥାଏ। କିନ୍ତୁ ଏବେ ୬ରୁ ୭ ହଜାର ମେଟ୍ରିକ ଟନ୍ କୋଇଲା ଆସୁଥିବାରୁ ତାହା ୪ଟି ୟୁନିଟ୍ ଚଳାଇବା ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କାରଣ ସେଥିରୁ ବହୁ ପରିମାଣର କୋଇଲା ବ୍ୟବହାର ଉପଯୋଗୀ ନୁହେଁ। ଏହାଛଡ଼ା ଷ୍ଟକୟାର୍ଡରେ ବର୍ତ୍ତମାନ ପ୍ରାୟ ୩୫ ହଜାର ମେଟ୍ରିକ ଟନ୍ କୋଇଲା ଗଚ୍ଛିତ ରହିଛି। ତେଣୁ କର୍ତ୍ତୃପକ୍ଷ ମାତ୍ର ୪ଟି ୟୁନିଟ୍ ଚାଲୁ ରଖି ୪୨୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରୁଛନ୍ତି। ସିପିପିରେ ବିଦ୍ୟୁତ୍ ଉତ୍ପାଦନ କମିଯିବା ପରେ ସ୍ମେଲଟରର ପଟ୍‌ଗୁଡ଼ିକ ଲୋ-ଆମ୍ପିୟରରେ ଚାଲିଛି। ଏଥିଯୋଗୁ ଆଲୁମିନିୟମ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। ଏ ସମ୍ପର୍କରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ବିଭବ ଜେନା କୁହନ୍ତି, ଏମ୍‌ସିଏଲ୍‌ରୁ ଯୋଗାଣ ହେଉଥିବା କୋଇଲାରେ ବହୁ ପଥର ଆସୁଛି। ଫଳରେ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟର କ୍ରଶର ଓ ମିଲ୍ ବହୁ ସମୟରେ ବ୍ରେକ୍ ଡାଉନ୍ ହୋଇଯାଉଥିବା ଦେଖାଯାଉଛି। ନାଲ୍‌କୋର ଜଣେ ଅଧିକାରୀ କହିଛନ୍ତି, କୋଇଲା ସମସ୍ୟା ଯୋଗୁ ପ୍ଲାଣ୍ଟର ୬ଟି ୟୁନିଟ୍‌କୁ ବନ୍ଦ ରଖାଯାଇଛି।

## ଭଦ୍ରକ-ଧାମରା ରେଳପଥରେ ଦୁର୍ଘଟଣା

# କୋଇଲା ବୋଝେଇ ଟ୍ରେନ୍‌ର ୧୭ ବଗି ଲାଇନଚ୍ୟୁତ

ତିହିଡ଼ି, ୩୦।୯ (ଡି.ଏନ.ଏ.)


କୋଇଲା ବୋଝେଇ ଟ୍ରେନ୍ ବଗି ଲାଇନଚ୍ୟୁତ।

ଭଦ୍ରକ-ଧାମରା ରେଳପଥରେ ସୋମବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଟ୍ରେନ୍ ଦୁର୍ଘଟଣା ଘଟିଛି। ଧାମରାରୁ କୋଇଲା ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ଜିଆରପୁର ନିକଟରେ ଟ୍ରେନ୍‌ର ୧୭ଟି ବଗି ଲାଇନଚ୍ୟୁତ ହୋଇଛି। ଖବର ପାଇ ପୂର୍ବତଟ ରେଳପଥ ଖୋର୍ଦ୍ଧା ଏବଂ ଧାମରା ବନ୍ଦର କମ୍ପାନୀର ଯନ୍ତ୍ରୀ ଓ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ରେଳପଥରେ ରେଳ ଚଳାଚଳ ବ୍ୟାହତ ହୋଇଥିବା ବେଳେ ଏହା ଖୁବ୍‌ଶୀଘ୍ର ସ୍ୱାଭାବିକ ହେବ ବୋଲି କୁହାଯାଇଛି।

ସୂଚନା ଅନୁସାରେ, ଧାମରାରୁ କୋଇଲା ବୋଝେଇ ଟ୍ରେନ୍ ଭଦ୍ରକ ଅଭିମୁଖେ ଯାଉଥିଲା। ଜିଆରପୁର ନିକଟରେ ଟ୍ରେନର ଇଞ୍ଜିନ ଓ ୨ଟି ବଗି ଅତିକ୍ରମ କରିବା ପରେ ହଠାତ୍ ଅନ୍ୟ ଏକ ବଗି ଲାଇନଚ୍ୟୁତ ହୋଇଥିଲା। ପରେ ୧୬ଟି ବଗି ଲାଇନଚ୍ୟୁତ ହୋଇଥିଲା। ସେଥିମଧ୍ୟରୁ ୭ଟି ରେଳଧାରଣା ତଳକୁ ଓଲଟି ପଡ଼ିଥିବା ବେଳେ ଅନ୍ୟସବୁ ବଗି କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ ଚକର ଅସମାନ୍ତରାଳ ଗତି କିମ୍ବା ରେଳଧାରଣାରୁ ଫିସ୍‌ପ୍ଲେଟ ଚୋରି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନରୁ ଉଚ୍ଚପଦସ୍ଥ କର୍ମଚାରୀ ପହଞ୍ଚି ଯାଞ୍ଚ କରିବା ସହ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଧାମରା ବନ୍ଦର ଉଚ୍ଚପଦସ୍ଥ କର୍ମଚାରୀ ମରାମତି କାର୍ଯ୍ୟରେ ସହଯୋଗ କରିଥିଲେ। ପୂର୍ବତଟ ରେଳ ବିଭାଗର ବରିଷ୍ଠ ଡିଭିଜନାଲ ସେଫ୍ଟିଅଫିସର ଜି.କେ. ନାୟକ, ଡିଭିଜନାଲ ଇଞ୍ଜିନିୟର ପି.କେ. ପାଢ଼ୀ, ଡିଭିଜନାଲ ଅପରେଶନାଲ ମ୍ୟାନେଜର ସୁଜିତ୍ କନ୍‌ଗା, ଏରିଆ ମ୍ୟାନେଜର ଗୌରଭା ତିୱାରି ପ୍ରମୁଖ ଉପସ୍ଥିତ ଥିଲେ। ଧାମରା ବନ୍ଦର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ୍ ଦାସଗୁପ୍ତା, ଉପସଭାପତି ଜଗତ୍ ପରିଜା, ଯାନ୍ତ୍ରିକ ବିଭାଗ ମୁଖ୍ୟ ମୁଥୁରାମଲିଙ୍ଗମ୍, ରେଲୱେ ମୁଖ୍ୟ ଚିନ୍ମୟ ଦାସ ଓ ବହୁ ଅଧିକାରୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଏହି କାର୍ଯ୍ୟ ଜାରି ରହିଥିଲା।

## ବୀମା ଯୋଜନା ଅର୍ଥ ପୈଠ କରୁନାହାନ୍ତି ସରକାର

# ସେବା ନ ଯୋଗାଇବାକୁ ଘରୋଇ ଡାକ୍ତରଖାନା ସଂଘର ଚେତାବନୀ

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ) ଏବଂ ଓଡ଼ିଶା ଷ୍ଟେଟ୍ ଟ୍ରିଟ୍‌ମେଣ୍ଟ ଫଣ୍ଡ ଆଦି ଯୋଜନା ଦ୍ୱାରା ଗରିବଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ଏହିସବୁ ଯୋଜନାରେ ରାଜ୍ୟର ବିଭିନ୍ନ ଘରୋଇ ହସ୍ପିଟାଲରେ ଆର୍ଥିକ ଅନଗ୍ରସର ରୋଗୀ ଚିକିତ୍ସିତ ହେଉଥିବାବେଳେ ଏ ବାବଦ ଅର୍ଥ କିନ୍ତୁ ସରକାର ପୈଠ କରିବାରେ ବିଫଳ ହୋଇଛନ୍ତି। ଏ ପର୍ଯ୍ୟନ୍ତ ବାକି ପଡ଼ିଥିବା ୨୫କୋଟି ଟଙ୍କା ଘରୋଇ ହସ୍ପିଟାଲ୍‌କୁ ଦେଇନାହାନ୍ତି ରାଜ୍ୟ ସରକାର। ତେଣୁ ସରକାରଙ୍କ ପ୍ରଚଳିତ କୌଣସି ସ୍ୱାସ୍ଥ୍ୟ ବୀମା ଯୋଜନାରେ ସହଭାଗିତା ଯୋଗାଇଦେବ ନାହିଁ ବୋଲି ଚେତାବନୀ ଦେଇଛି ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ଫୋରମ୍।

ଫୋରମ୍ ପକ୍ଷରୁ ସୋମବାର ଆଇଏମ୍ଏ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟ ସମସ୍ୟା ମଧ୍ୟରେ ୨୦୧୪ରୁ ୭୫% ଘରୋଇ ଡାକ୍ତରଖାନାର ପଞ୍ଜୀକରଣ ଓ ନବୀକରଣ ଦରଖାସ୍ତ ପଡ଼ି ରହିଥିଲେ ବି ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ଫୋରମ୍ ଅଭିଯୋଗ କରିଛି। ଅନ୍ୟ ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ ଡାକ୍ତରଖାନା କ୍ଲିନିକାଲ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ଆଇନ୍‌ରେ ପଞ୍ଜୀକୃତ ହେଉଥିବାବେଳେ ଓଡ଼ିଶାରେ କେବଳ ବେସରକାରୀ ଡାକ୍ତରଖାନାକୁ ଏହି ଆଇନ୍ ଅନ୍ତର୍ଭୁକ୍ତ କରାଯାଇଛି। ସରକାରୀ ଡାକ୍ତରଖାନାକୁ ଏହି ଆଇନ୍‌ର ଅଗ୍ନିଶମ ଓ ପ୍ରଦୂଷଣ ପରି ନିୟାମକରୁ ବାହାରେ କାହିଁକି ରଖାଯାଇଛି ବୋଲି ଫୋରମ୍ ସଭାପତି ଡା. ଅଜୟ କୁମାର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତରଙ୍କ ସୁରକ୍ଷା ପାଇଁ ରାଜ୍ୟରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାବେଳେ ଅନେକ ସମୟରେ ଡାକ୍ତରମାନେ ଆକ୍ରମଣର ଶିକାର ହେଉଛନ୍ତି। ଏନେଇ ଫୋରମ୍ ପକ୍ଷରୁ ବାରମ୍ବାର ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବଙ୍କୁ ଅଭିଯୋଗ କରାଗଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର କରାଯାଇ ନ ଥିବା ସେ କହିଛନ୍ତି। ଡା. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫୋରମ୍‌ର ସଦସ୍ୟଙ୍କ ସହ ରାଜ୍ୟ ଆଇଏମ୍ଏ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ଡା. ଜନ୍ମେଜୟ ମହାପାତ୍ର, ସହସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନେତା, ସରକାରୀ ଅଧିକାରୀଙ୍କ ବିଦେଶ ଗସ୍ତ

# ନୂଆ ଗାଇଡ୍ ଲାଇନ୍ ଜାରିକଲା କେନ୍ଦ୍ର

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

- ୩ ସପ୍ତାହ ଆଗରୁ ଆବେଦନ ନ କଲେ ମିଳିବନି ଅନୁମତି
- ଗସ୍ତ ଉଦ୍ଦେଶ୍ୟ, ଏହାର ଫାଇଦା ଜଣାଇବାକୁ ହେବ

ସରକାରୀ ଅଧିକାରୀ କିମ୍ବା ରାଜନେତାମାନେ ମନଇଚ୍ଛା ହଠାତ ବିଦେଶ ଯାଇପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ଗସ୍ତର ୩ ସପ୍ତାହ ପୂର୍ବରୁ ଆବେଦନ କରିବାକୁ ପଡ଼ିବ। ଏ ନେଇ ଏକ ଗାଇଡ୍‌ଲାଇନ ଜାରି କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛି।

ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀମାନେ ବିଦେଶ ଗସ୍ତ କରିବା ସକାଶେ ଫାଇଲ ପାସ୍ କରିବା ପାଇଁ ଶେଷ ମୁହୂର୍ତ୍ତରେ ଅଧିକାରୀଙ୍କ ଉପରେ ଚାପ ପକାଇଥାଆନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏଣିକି ଆଉ ସେ ସବୁ ଚଳିବ ନାହିଁ। ଏ କ୍ଷେତ୍ରରେ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜଣାଇ ଦିଆଯାଇଛି ଯେ, ଯଦି ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ଶେଷ ନ ହେବ ତେବେ ବିଦେଶ ଗସ୍ତ ପାଇଁ ଅନୁମତି ମିଳିବା ସମ୍ଭବ ହେବନାହିଁ। ବିଦେଶ ଗସ୍ତ ପାଇଁ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ସରକାରୀ ବରିଷ୍ଠ ଅଧିକାରୀମାନେ ଅର୍ଥନୈତିକ ବ୍ୟାପାର ବିଭାଗ(ଡିଇଏ)ରୁ ରାଜନୈତିକ ଅନୁମତି ଏବଂ ବିଦେଶ ମୁଦ୍ରାବିନିମୟ ରୁଲ୍ ଆଇନରୁ ଅନୁମତି ନେଇଥାଆନ୍ତି। ବିଦେଶ ଗସ୍ତର ୩ ସପ୍ତାହ ପୂର୍ବରୁ ପ୍ରସ୍ତାବ ନ ଦେଲେ ସମସ୍ତ ପ୍ରକ୍ରିୟା ଶେଷହେବା କଷ୍ଟକର ହୋଇପଡ଼ିବ ବୋଲି ଡିଇଏ ପକ୍ଷରୁ କୁହାଯାଇଛି।

ଅନେକ ସମୟରେ ମନ୍ତ୍ରୀ ଓ ଅଧିକାରୀମାନେ ସେମାନଙ୍କର ବିଦେଶ ଗସ୍ତ ଏବଂ ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ କୌଣସି ସୂଚନା ଦିଅନ୍ତି ନାହିଁ। ଏଣିକି ବିଦେଶ ଗସ୍ତ ପାଇଁ ଏସବୁକୁ ପ୍ରସ୍ତାବ ସହ ଦାଖଲ କରିବାକୁ ପଡ଼ିବ। ନଚେତ ଅନୁମତି ମିଳିବା ସହଜ ହେବ ନାହିଁ। ଏ ନେଇ ଡିଇଏ ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ଏକ ଗାଇଡ୍‌ଲାଇନ ଜାରି କରିଛି। ଏହାକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ୩ ସପ୍ତାହ ପୂର୍ବରୁ ଯଦି ପ୍ରସ୍ତାବ ନ ଆସେ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁଥିବା ଆବାସିକ କମିଶନରମାନଙ୍କୁ ମଧ୍ୟ ନୂତନ ଗାଇଡଲାଇନ ବିଷୟରେ ଅବଗତ କରାଯିବ। ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସ୍ତାବଗୁଡ଼ିକୁ ମନ୍ତ୍ରଣାଳୟକୁ ପ୍ରଦାନ କରିବେ। ରାଜ୍ୟ ସରକାର ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି।

# ଗାନ୍ଧୀଙ୍କ ନାଁରେ ଲୋକଙ୍କ ପାଖକୁ ଯିବାକୁ ଯୋଜନା କରିଛି କଂଗ୍ରେସ

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

ଆର୍ଥିକ ଅନଟନ ଦେଇ ଗତିକରୁଥିବା ରାଜ୍ୟ କଂଗ୍ରେସ ଆସନ୍ତା ଏକବର୍ଷ ଲାଗି ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହା ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ବର୍ଷେ ପର୍ଯ୍ୟନ୍ତ ଚାଲିବ। ଏହାସହିତ ଦଳର ସଙ୍ଗଠନକୁ ମଜଭୁତ କରିବା ସକାଶେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନୂଆ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି। ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ ସୂଚନା ଦେଇ କହିଛନ୍ତି, ଗାନ୍ଧୀ ଜୟନ୍ତୀରୁ କଂଗ୍ରେସ ତା'ର ପଦଯାତ୍ରା ଆରମ୍ଭ କରିବ। କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଓଡିଶା ଗସ୍ତରେ ଆସି ଗାନ୍ଧୀ ଜୟନ୍ତୀ ଦିନ ଭୁବନେଶ୍ୱର ଜନତା ମଇଦାନ ନିକଟସ୍ଥ ଗାନ୍ଧୀ ପାର୍କରେ ଥିବା ଗାନ୍ଧୀମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାସହ ପଦଯାତ୍ରାର ଶୁଭାରମ୍ଭ କରିବେ। ସେହିଦିନ ସେ ନିଶ୍ଚିତକୋଇଲି ଯାଇ ସେଠାରେ ପଦଯାତ୍ରା ଓ ସାଧାରଣ ସଭାରେ ଯୋଗଦେବେ। ଏହାସହ ଏକ ଦଳିତ ପରିବାରରେ ଭୋଜନ କରିବେ। ଏହାପରେ ୩ ତାରିଖ ଦିନ ବିଜେପୁର ଗସ୍ତରେ ଯାଇ ସେଠାରେ ନିର୍ବାଚନ ପ୍ରଚାର କରିବେ। ସେଠାରେ ଏକ ବିଶାଳ ସାଧାରଣ ସଭାରେ ଯୋଗଦେଇ ଭୁବନେଶ୍ୱର ଫେରିଆସିବେ। ୪ ତାରିଖ ଦିନ ଭୁବନେଶ୍ୱରରେ ଦଳ ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ମଙ୍ଗଳବାର ଦଳର ପ୍ରେରକମାନଙ୍କ ଏକ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରତ୍ୟେକ ଜିଲାରୁ ୪-୫ଜଣ ପ୍ରେରକ ଏହି ବୈଠକରେ ଯୋଗଦେବେ। ସନ୍ଧ୍ୟାରେ ସେମାନଙ୍କ ସହ ଦଳର ସଙ୍ଗଠନକୁ କିପରି ସୁଦୃଢ଼ କରିହେବ ସେନେଇ ଆଲୋଚନା କରାଯିବ। ଏହାସହିତ ବିଜେପୁର ଉପନିର୍ବାଚନ ଉପରେ ଦଳ କିପରି ଅଧିକ ଦୃଷ୍ଟି ଦେଇପାରିବ ସେନେଇ ଆଲୋଚନା କରିବ। ଏତଦ୍‌ବ୍ୟତୀତ ରାଜ୍ୟବ୍ୟାପୀ ପଦଯାତ୍ରା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନିରଞ୍ଜନ କହିଛନ୍ତି। ଅନ୍ୟପଟେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସାରା ବିଶ୍ୱ ଅହିଂସା ଦିବସଭାବେ ପାଳନ କରିବାକୁ କଂଗ୍ରେସ ଯୋଜନା କରିଛି। ଗାନ୍ଧୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୨୩ରେ ପ୍ରତିଷ୍ଠିତ କଂଗ୍ରେସ ସେବାଦଳ ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତା'ର କାର୍ଯ୍ୟକ୍ରମ ଏ ପର୍ଯ୍ୟନ୍ତ ଜାରି ରଖିଆସିଅଛି। ଏହି ବୈଠକକୁ କଂଗ୍ରେସ ସେବାଦଳ ରାଜ୍ୟ ସଭାପତି ମନୋଜ ଜେନା ଅଧ୍ୟକ୍ଷତା କରିଥିଲେ।

## ଆନ୍ଧ୍ର-ଓଡ଼ିଶା ବର୍ଡର ମାଓବାଦୀ ସଙ୍ଗଠନ ପକ୍ଷରୁ ବନ୍ଦ ଡାକରା

**ମାଲକାନଗିରି, ୩୦।୯ (ଡି.ଏନ୍.ଏ.):** ଆନ୍ଧ୍ର ଓଡିଶା ବର୍ଡର ମାଓବାଦୀ ସଙ୍ଗଠନ ବନ୍ଦ ଡାକରା ଦେଇଛି। ଅକ୍ଟୋବର ୩ ତାରିଖ ଓଡ଼ିଶା ବନ୍ଦ ପାଇଁ ସଙ୍ଗଠନର ସମ୍ପାଦକ ଗଣେଶ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ସେ କହିଛନ୍ତି ଯେ, ଗତ ୨୨ ଓ ୨୩ ଦୁଇଦିନ ଧରି ଆନ୍ଧ୍ର ଗ୍ରେ ହଣ୍ଟସ୍ ପୋଲିସ ମାଲକାନଗିରି ସୀମାନ୍ତରେ ପ୍ରବେଶ କରି ୫ ଜଣଙ୍କୁ ହତ୍ୟା କରିଛନ୍ତି। ବିଶାଖାପାଟଣା ଓ ମାଲକାନଗିରି ସୀମାନ୍ତବର୍ତ୍ତୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଆଳରେ ୨୨ରେ ପ୍ରଥମେ ୩ଜଣଙ୍କୁ ଏନକାଉଣ୍ଟର କରି ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୩ରେ ବନ୍ଦ ଡାକରାକୁ ସମର୍ଥନ କରିବାକୁ ସେ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।


**PARADIP PORT TRUST**

**e-TENDERING NOTICE**

Name of the work : **Operational works of pump houses at different locations (BHC, Sector-04, JGH) in and around Paradip Port on job contract basis under P.H. Division(M) for two years.**
Estimated cost : **Rs. 72,92,056/-.**
Last Date & time of submission **17.10.2019 upto 15:00 Hrs.**
Refer our website : **https://eprocure.gov.in / eprocure/app**
**Executive Engineer, PHD(M), PPT**
**PPT/PR/362/2019-20, Dt.30.09.2019**



**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନୂଆପଡ଼ା**

ନୂଆପଡ଼ା ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ଗ୍ରାମୀଣ ଆବାସ ଯୋଜନାରେ ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିବର୍ତ୍ତନ ସକାଶେ ସରକାର ଯୋଜନା କରିଛନ୍ତି। ନୂଆପଡ଼ା ଜିଲ୍ଲାରେ ଏଥିପାଇଁ ନିମ୍ନଲିଖିତ ପଦକ୍ଷେପ ସବୁ ଗ୍ରହଣ କରାଯାଉଛି।
**୧.** ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଯୋଜନାରେ ହିତାଧିକାରୀ ଭାବେ ଚୟନ ହୋଇଥିବା ପରିବାରମାନଙ୍କ ପାଇଁ ସମଗ୍ର ପଞ୍ଚାୟତରେ ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି। ଏହି ସମ୍ମିଳନୀରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଅଛି। **୨.** ଗ୍ରାମୀଣ ଆବାସ ଯୋଜନାରେ ୪ ମାସ ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ୨୦,୦୦୦/- ଟଙ୍କା ଏବଂ ୬ ମାସ ଭିତରେ ସମ୍ପୂର୍ଣ୍ଣ କଲେ ୧୦,୦୦୦/- ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ଅଛି। **୩.** ଗ୍ରାମୀଣ ଆବାସ ଯୋଜନାରେ କାମ କରୁଥିବା ହିତାଧିକାରୀଙ୍କୁ MGNREGS ରେ ୯୫ ଶ୍ରମଦିବସର ମଜୁରି ପ୍ରଦାନ କରାଯିବ। BOCW Act ୧୯୯୬ ଅନୁଯାୟୀ MGNREGS ରେ ୯୦ ଦିନରେ ଗୃହ କାର୍ଯ୍ୟ ପରିସମାପ୍ତି କଲେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ପାଇଁ ଝିଅ ବାହାଘର, ଶିଶୁଙ୍କ ଶିକ୍ଷା ପାଇଁ ଶିକ୍ଷା ବୃତ୍ତି, ବାର୍ଦ୍ଧକ୍ୟ ଭତ୍ତା, ମୃତ୍ୟୁ ବୀମା ଇତ୍ୟାଦି ଦେବାର ବ୍ୟବସ୍ଥା ଅଛି। **୪.** ଗ୍ରାମୀଣ ଆବାସ ହିତାଧିକାରୀଙ୍କୁ ସ୍ୱଚ୍ଛ ଭାରତ ମିଶନ/ MGNREGS ତରଫରୁ ୧୨୦୦୦ ଟଙ୍କାର ପାଇଖାନା ନିର୍ମାଣ ପାଇଁ ଅନୁଦାନ ରାଶିର ବ୍ୟବସ୍ଥା ଅଛି। **୫.** ଗ୍ରାମୀଣ ଆବାସ ଯୋଜନାରେ ଗୃହ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିଃଶୁଳ୍କ ନମ୍ବର ୧୮୦୦-୩୪୫୬୭୮ରେ ଯୋଗାଯୋଗ କରନ୍ତୁ। **୬.** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ MGNREGS ରେ କାମ କରୁଥିବା କ୍ରିୟାଶୀଳ ଶ୍ରମିକମାନଙ୍କ ସୁଯୋଗ ସୁବିଧା ନିମନ୍ତେ ସମଗ୍ର ଗ୍ରାମରେ ଶ୍ରମିକ ସଂଘ ଗଠନ କରାଯାଉଅଛି। MGNREGS ରେ କାମ କରୁଥିବା କ୍ରିୟାଶୀଳ ଶ୍ରମିକ ଗ୍ରାମପଞ୍ଚାୟତରେ ନିଯୁକ୍ତି ପାଇଥିବା ଗ୍ରାମ ରୋଜଗାର ସେବକଙ୍କ ନିକଟରେ ନିଜ ନାମ ଏହି ସଂଘରେ ପଞ୍ଜୀକୃତ କରିପାରିବେ।
ଏହିଭଳି ସରକାରଙ୍କ ବିଭିନ୍ନ ଯୋଜନାରୁ ହିତାଧିକାରୀମାନଙ୍କୁ ସୁବିଧା ସୁଯୋଗ ଦେବା ପାଇଁ ସରକାର ବଦ୍ଧପରିକର ଅଛନ୍ତି। ଏଥିସହ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଯୋଜନାରେ ଏସ୍‌ଇସିସି ୨୦୧୧ ତାଲିକାଭୁକ୍ତ ସମସ୍ତ ପରିବାରଙ୍କୁ ନିଶ୍ଚିତ ଭାବରେ ଘର ଯୋଗାଇ ଦିଆଯିବ। ଏଣୁ ଘର ପାଇବା ପାଇଁ କୌଣସି ଅଧିକାରୀଙ୍କୁ ଲାଞ୍ଚ ଦିଅନ୍ତୁ ନାହିଁ, ଯଦି କେହି ଘର ଯୋଗାଇଦେବା ପାଇଁ ଅର୍ଥ ଦାବି କରନ୍ତି ତେବେ ତୁରନ୍ତ ଏହା ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କର ଦୃଷ୍ଟିକୁ ଆଣନ୍ତୁ। ଏହି ତାଲିକାରୁ ବାଦ ପଡ଼ିଥିବା ଓ କଚ୍ଚାଘରେ ବସବାସ କରୁଥିବା ଯୋଗ୍ୟ ପରିବାର ଗ୍ରାମପଞ୍ଚାୟତରେ ନିଯୁକ୍ତି ପାଇଥିବା ସର୍ବେକ୍ଷଣ ଦଳଙ୍କ ନିକଟରେ ସଠିକ ତଥ୍ୟ ପ୍ରଦାନ କରି ନିଜ ପରିବାରକୁ ପଞ୍ଜୀକୃତ କରିପାରିବେ।

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନୂଆପଡ଼ା**



**OFFICE OF THE ENGINEER-IN-CHIEF,**
**RURAL WATER SUPPLY & SANITATION,**
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA** 397-O
Tel: 0674 – 2395734, FAX: 0674-2394946, E-mail: cerwssodisha@gmail.com
**INVITATION FOR BIDS (IFB)**
**NATIONAL COMPETITIVE BIDDING**
NO.....8414..../Dt...27.09.2019
OWSM-WQ-01-239/2019

The Engineer-In-Chief, RWS&S Odisha, Bhubaneswar on behalf of Governor of Odisha in Panchayatiraj & Drinking water Department invites tenders in double cover system in ONLINE MODE only (from registeredManufacturer/ Authorised distributor / Authorised Dealer only) for Supply, Installation, Testing & Commissioning of different Laboratory Instrument throughout the state.

| Sl. No. | Name of Work | Bid Identification No. | Availability of Bid document for online Bidding | |
|---|---|---|---|---|
| | | | From | To |
| 1 | Supply, Installation, Testing & Commissioning of different Laboratory Instruments required for testing of different parameters of water samples throughout the State. | EIC/RWSS/11/19-20 | 10.10.2019 5.00 P.M. | 13.11.2019 5.00 P.M. |

Name & Address of officer inviting Bid: Engineer-in-Chief,RWSS
Jal "O" Parimal Bhawan,
Unit-V, Bhubaneswar
Ph:0674-2395734/0674-531533
E-mail: cerwssodisha@gmail.com
Further details can be seen from the e-procurement portal http: / /tendersorissa.gov.in
25040/11/0007/1920 Sd/- Engineer-in-Chief, RWSS



**OFFICE OF THE DISTRICT JUDGE, GANJAM, AT BERHAMPUR**

**No. 01/Rect./2019.**
**Advertisement.**
**Dated, the 30th. day of September, 2019**

Applications in the prescribed format are invited from intending candidates for filling up of the following Posts of Junior Clerk-cum-Copyist in the time scale of pay of ₹ 19900-63200 in Level 4 of Pay Matrix of ORSP Rules, 2017 (PB-1 -5200-20200/- + G.P. 1900/-), Jr. Typist in the time Scale of Pay ₹ 19900-63200 in Level 4 of Pay Matrix of ORSP Rules, 2017 (PB-1 -5200-20200/- + G.P. 1900/-), Stenographer Gr. III in the time scale of Pay of ₹ 25500-81100 in Level-7 of Pay Matrix of ORSP Rules, 2017 ( PB-1-5200-20200/- + G.P. 2400/-) and Salaried Amin in the time scale of pay of ₹ 21700-69100/- in Level-5 of Pay Matrix of ORSP Rules, 2017 ( PB-1 -5200-20200/- + G.P. 2000/-) with usual allowances as admissible from time to time. Applicability of Odisha Group-C & Group-D Posts ( Contractual appointment ) Rules, 2013 to these appointments and regular scale of pay prescribed against each post shall be subject to the result of **W.P (C ) No. 1273 of 2014** pending before the Hon'ble Orissa High Court.

| Sl. No. | Categories of Posts (Group-C) | UR | SC | ST | SEBC | Total |
|---|---|---|---|---|---|---|
| 1 | Jr. Clerk/Copyist. | 06 | 07 | 28 | 03 | 44 |
| 2 | Jr. Typist. | 07 | 01 | 08 | 02 | 18 |
| 3 | Stenographer Grade-III | 02 | -- | 06 | 01 | 09 |
| 4 | Salaried Amin. | -- | -- | 01 | -- | 01 |

(The number of above vacancies in different categories of the Post may increase or decrease. The reservation for physically handicapped/Ex. Servicemen/Sports person shall be in accordance with the orders/ rules issued from time to time. Further the vacancy reserved for Women/PH/Ex. Serviceman/Sports person is inclusive of vacancy of respective category to which they belong). The vacancies in all cadres against S.T. Categories of posts advertised above include backlog vacancies.

Other conditions of service shall be guided by the relevant provisions of Orissa District & Subordinate Courts' Non-Judicial Staff Services ( Method of Recruitment and Conditions of Service) Rules, 2008 as amended by Amendment Rules, 2010 & Odisha Group-C and Group-D posts ( Contractual appointment) Rules, 2013 subject to the final result of W.P (C ) No. 1273 of 2014 pending before the Hon'ble Orissa High Court.

The decision of the District Judge as to the result of examination shall be final and in no case shall be liable to be challenged.

The last date of receipt of application is fixed to **05.11.2019 at 5.00 P.M.** Applications alongwith the required documents and self attested copies of certificates shall be sent by the candidates by Registered Post/ Speed Post/or by hand by way of dropping the same in the Box available in the Civil Court premises at Berhampur during the office hours on the working days only so as to reach the Office of the **District Judge, Ganjam, Berhampur, Dist. Ganjam, State: Odisha, Pin-760004 on or before 05.11.2019 at 5.00 P.M** positively. **The applications received thereafter shall be summarily rejected.**

**Details** of advertisement, application form, eligibility criteria, scheme of examination along with detail syllabus and method of selection are available in the Notice Board of all Courts of this Judgeship, Notice Board of Collector, Ganjam, Chatrapur and S.P. Ganjam/ Berhampur, Employment Exchange Notice Board and Website of DIO, Ganjam and in our District Court Website.

**http://ecourts.gov.in/odisha/Ganjamdc**

**The candidates are advised to regularly visit the above Website for further updates.**

**Sd./- DISTRICT JUDGE-CUM-CHAIRMAN,**
**DISTRICT RECRUITMENT COMMITTEE,**
**BERHAMPUR, GANJAM**



**Directorate of**
**Sch. Castes & Sch. Tribes Research & Training Institute**
**Bhubaneswar-3** No.36-V :-

**TENDER NOTICE**

No. 2657 /[illegible]30/19 Date: 26.09.19

Sealed quotations are hereby invited from interested agencies / firms for "Videography & Still Photography. The bid must be addressed to Director & Spl. Secy. to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 10.10.2019 at 01: P.M. The interested Agency / firms can log on to the Govt. website **(www.odisha.gov.in)** & **(www.scstrti.in)** for detail.

**Sd./-**
**Director & Spl. Secy. to Govt.**
**SCSTRTI, Bhubaneswar**
26026/11/0006/1920



**STATE SELECTION BOARD**
**DEPARTMENT OF HIGHER EDUCATION**
**BHUBANESWAR-09**
**NOTICE**
**Letter No. SSB (EX) 06/2018 931 /SSB, Dated 24.09.19**
**Advertisement No. 003/18**

**No.49-N:-** The following candidates (Subject & Category wise) are provisionally selected for the Post of Lecturer in Non Govt. Aided Colleges of Odisha (Adv. No. 003/2018). This result is subject to the outcome of final decision in W.P. (C) No. 20253 of 2018 and W.P. (C) No. 20258 of 2018.

| Subject | Category | No. of Posts | Roll Nos. of Candidates Selected | | | |
|---|---|---|---|---|---|---|
| Urdu (01) | UR | 01 | BS2900009 | - | - | - |
| Sanskrit 23 (08) | UR | 08 | CT2400042 BH2400240 | BH2400421 BH2400471 | CT2400089 BH2400381 | BH2400266 BH2400293 |
| | UR(W) | 04 | BH2400380 | CT2400139 | SP2400251 | - |
| | SEBC | 01 | SP2400278 | - | - | - |
| | SEBC(W) | 01 | BH2400906 | - | - | - |
| | SC | 03 | BH2400627 | SP2400286 | BH2400382 | - |
| | SC(W) | 01 | BH2400084 | - | - | - |
| | ST | 03 | BH2400163 | SP2400281 | BH2400439 | - |
| | ST(W) | 02 | SP2400485 | BH2400707 | - | - |
| | One Post (01) from UR (W) Category is reserved for PwD (LV) | | | | | |

By order of President
11015/11/0005/1920 **Sd./- Secretary**




# ଘରକୁ ଦିଅନ୍ତୁ ଟ୍ରାଡିଶନାଲ ଲୁକ୍

ଦିନ କେଇଟା ପରେ ଦୁର୍ଗାପୂଜା। ଏହି ସମୟରେ ଫେଷ୍ଟିଭ ସିଜନ୍‌ରେ ଘରକୁ କିପରି ଦେବେ ଟ୍ରାଡିଶନାଲ ଲୁକ୍, ଜାଣନ୍ତୁ ଏ ସମ୍ପର୍କରେ...

❖ଡ୍ରଇଂରୁମ୍ ସେଣ୍ଟର ପିସ୍ କିମ୍ବା କର୍ନର ରଖା ହୋଇଥିବା ଫ୍ଲାୱାର ଆରେଞ୍ଜମେଣ୍ଟ ପୂଜାର ମାହୋଲକୁ ଆହୁରି ବଢ଼ାଇ ଦେଇଥାଏ। କାହିଁକି ନା ଫୁଲ ହେଉଛି ଖୁସିର ପ୍ରତୀକ। ଏହାଦ୍ୱାରା ଘରର ପରିବେଶ ନୂଆ ନୂଆ ଲାଗିଥାଏ ଓ ସୁନ୍ଦର ଦେଖାଯାଏ।

❖ଘରର ମୁଖ୍ୟ ଦ୍ୱାରରେ ଫୁଲରେ ତିଆରି ଘଣ୍ଟି ଟାଙ୍ଗିପାରିବେ। ଏହାକୁ ଫୁଲର ରଙ୍ଗୋଲିରେ ସଜାନ୍ତୁ।

❖ପୂଜାରେ ଘରକୁ ରଙ୍ଗବେରଙ୍ଗ ଫୁଲ ଦ୍ୱାରା ସଜେଇ ଆପଣ ଦେଇପାରିବେ ଟ୍ରାଡିଶନାଲ ଏବଂ ନୂଆ ଲୁକ୍।

❖ବଜାରରେ ବିଭିନ୍ନ ପ୍ରକାର ଆର୍ଟିଫିସିଆଲ ଫୁଲରେ ପ୍ରସ୍ତୁତ ଡେକୋରେଟିଭ୍ ପିସ୍ ମିଳୁଛି। ଯାହାକୁ ଆପଣ ଘରର କୋଣରେ ଦୀପ ଓ କ୍ୟାଣ୍ଡେଲ ଦ୍ୱାରା ସଜାଇପାରିବ।

❖ପର୍ଟ ହୋଲଡର୍ସରେ ଗେଣ୍ଡୁଫୁଲ ପକାଇ ତାକୁ କବାଟ ପାଖରେ ଟାଙ୍ଗି ଦିଅନ୍ତୁ। ମାଟିର ପର୍ଟ ଯଦି ଲଗାଇବାକୁ ଚାହୁଁଛନ୍ତି ପ୍ରଥମେ ତାକୁ ଡେକୋରେଟ୍ କରିଦିଅନ୍ତୁ। ସଜାହୋଇଥିବା ପର୍ଟ ସୁନ୍ଦର ଦେଖାଯାଇଥାଏ।

❖ଟେରାକୋଟା କରାହୋଇଥିବା କୁଣ୍ଡରେ ପାଣି ଦେଇ ସେଥିରେ ଗୋଲାପ ପାଖୁଡ଼ା ପକାଇ ସେଣ୍ଟର ଟେବୁଲ ପାଖରେ ସଜାଇ ଦିଅନ୍ତୁ।

❖କଲରଫୁଲ ଫ୍ଲାୱାର ନେଇ ସେଥିରେ ଘରର କୋଣ ସବୁକୁ ସଜାଇ ଦିଅନ୍ତୁ। ଏହା ଉପରେ ଛୋଟ ଛୋଟ ଦୀପ ରଖି ଦିଅନ୍ତୁ।

❖ଘରକୁ ଫେଷ୍ଟିଭ ଲୁକ୍ ଦେବାକୁ ହେଲେ ତୋରଣ ବି ଭଲ ଅପ୍‌ସନ। ମାର୍କେଟରେ ଫ୍ଲୋରାଲ ତୋରଣ ଉପଲବ୍ଧ । ଏହାକୁ ଆଣି ଘରେ ଆପଣ ସଜାଇପାରିବେ।



# ହୋମ୍‌ୱାର୍କ

ପିଲାମାନେ ହୋମ୍‌ୱାର୍କକୁ କିପରି ସୁଚାରୁ ରୂପେ କରିବେ ସେ ନେଇ କେବଳ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ନୁହନ୍ତି, ମା'ବାପାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ସେମାନେ କେମିତି ବେଶ୍ ସରଳ ଭାବରେ ଶେଷ କରିବେ ସେ ନେଇ ଉପସ୍ଥାପନା..





**ଟାଇମ୍ ଟେବୁଲ :** ଅଧିକାଂଶ ମାତାପିତା ପିଲାଙ୍କ ଲାଗି ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। ପିଲାଙ୍କୁ କୁହନ୍ତୁ ଯେ ସେ ବୁଦ୍ଧି ଖଟାଇ ନିଜର ଟାଇମ୍ ଟେବୁଲ ପ୍ରସ୍ତୁତ କରୁ। ସ୍କୁଲରୁ ଆସିବା ପରେ ଖେଳିବା,ଖାଇବା,ଶୋଇବାର ସମୟକୁ ମଧ ଟାଇମ୍ ଟେବୁଲରେ ସାମିଲ କରନ୍ତୁ। ଏପରି କରିବା ଦ୍ୱାରା ନିଜ ପସନ୍ଦର ହୋମ୍‌ୱାର୍କ ଠିକ୍ ସମୟରେ କରିପାରିବ। ଏହାଦ୍ୱାରା ପିଲାଟିର ମାନସିକତା ବିକଶିତ ହୋଇଥାଏ। ହୋମ୍‌ୱାର୍କ ପାଇଁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରନ୍ତୁ। ପିଲାର ପାଠପଢ଼ା ବୟସ ହିସାବରେ ୧୫ମିନିଟ୍,୩୦ମିନିଟ୍ କିମ୍ବା ଏକଘଣ୍ଟା ସମୟ ନିର୍ଦ୍ଧାରଣ କରିପାରିବେ।

**ପାଖାପାଖି ରୁହନ୍ତୁ :** କେତେକ ପିଲା ହୋମ୍‌ୱାର୍କ କରିବା ସମୟରେ ଅନ୍ୟମନସ୍କ ରହିଥାଆନ୍ତି। ତେଣୁ ହୋମ୍‌ୱାର୍କ କରିବା ବେଳେ ପିଲା ଉପରେ ନଜର ରଖନ୍ତୁ। ଆପଣ ସେଠାରେ ନିଜର କିଛି କାମ ବି ସମ୍ପାଦନ କରିପାରିବେ। ହେଲେ ଏହାଦ୍ୱାରା ପିଲାଟିର ଏକାଗ୍ରତା ଯେପରି ଭଙ୍ଗ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯେତେବେଳେ ସେ ତା'ର ହୋମ୍‌ୱାର୍କ କରୁଛି ସେତେବେଳେ ଆପଣ ନିଜ ପସନ୍ଦର ବହି ପଢ଼ିପାରିବେ। ଏହାଦ୍ୱାରା ପିଲା ଆପଣଙ୍କୁ ଦେଖି ସେ ନିଜ କାମ କରିବ। ଫଳରେ ଆପଣ ତା'ପାଖରେ ରହିବା ସହ ପିଲା ଉପରେ ନଜର ରଖିପାରିବେ।

**ଶିକ୍ଷକଙ୍କ ସହ ସମ୍ପର୍କରେ ରୁହନ୍ତୁ:** ଶିକ୍ଷକଙ୍କ ସହ ସବୁବେଳେ ଅଭିଭାବକମାନେ ସମ୍ପର୍କରେ ରୁହନ୍ତୁ। ଏହାଦ୍ୱାରା ପିଲା ସମ୍ବନ୍ଧିତ ସବୁ ବିଷୟରେ ଜାଣିପାରିବେ। ପ୍ୟାରେଣ୍ଟସ-ଟିଚର ମିଟିଂ ସବୁବେଳେ ଆଟେଣ୍ଡ କରନ୍ତୁ।

**ମୂଳଦୁଆ ହେବ ମଜଭୁତ :** ପିଲାର ମୂଳଦୁଆ କିପରି ମଜଭୁତ ହେବ ଚେଷ୍ଟା କରନ୍ତୁ। ପାଠକୁ ପିଲା ନିଜେ ପଢ଼ି କେତେ ମନେରଖୁଛି ତାହା ଦେଖନ୍ତୁ। ଏହି ସମୟରେ ତା' ଉପରେ ବିରକ୍ତି ଭାବ ପ୍ରକାଶ ନ କରି ଥଣ୍ଡା ମିଜାଜରେ ତାକୁ ବୁଝାନ୍ତୁ। ହୋମ୍‌ୱାର୍କ କରିବା ବେଳେ କିଛି ଅସୁବିଧା ସୃଷ୍ଟି ହୋଇଥାଏ। ସେଥିରେ ନିଜେ ବ୍ୟସ୍ତବିବ୍ରତ ହୋଇ ନ ପଡ଼ି ପିଲାଟିକୁ ସହଯୋଗ କରନ୍ତୁ।

**କେଉଁ ଜିନିଷଠାରୁ ଦୂରେଇରହିବେ :** କଥା ବହୁତ ସାମାନ୍ୟ କିନ୍ତୁ ଏହା ଉପରେ ଧ୍ୟାନ କମ୍ ଦେଇଥାନ୍ତି। ପିଲା ଯେଉଁଠି ପାଠ ପଢୁଛି ସେ ସ୍ଥାନରେ ଟିଭି,କମ୍ପ୍ୟୁଟର,ମୋବାଇଲ ଫୋନ୍ ରଖନ୍ତୁ ନାହିଁ। ପଢ଼ିବା ପାଇଁ ଅଲଗା ସ୍ଥାନ ଚୟନ କରନ୍ତୁ। ମା'ମାନେ ସାଧାରଣତଃ ପିଲାକୁ ହୋମ୍‌ୱାର୍କ ଦେଇ ଟିଭି ଦେଖନ୍ତି କିମ୍ବା ମୋବାଇଲ ଫୋନ୍ ବ୍ୟବହାର କରିଥାନ୍ତି। ଏଥିରୁ ବିରତ ରୁହନ୍ତୁ। ପିଲା ପାଠ ପଢୁଥିବା ସ୍ଥାନ ଶାନ୍ତ ହେବା ନିହାତି ଜରୁରୀ।

**ପିଲାକୁ ସାହାଯ୍ୟ କରନ୍ତୁ ନାହିଁ :** ଅଭିଭାବକମାନେ ସାଧାରଣତଃ ପିଲାର ଅଧିକ ହୋମ୍‌ୱାର୍କ ଦେଖି ତାକୁ ପ୍ରତିଟି ଷ୍ଟେପ୍‌ରେ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି। କିଛି ହୋମ୍‌ୱାର୍କ ବାଣ୍ଟି ନିଅନ୍ତି, ଉଦାହରଣ ସ୍ୱରୂପ ତା'ର ଆସାଇନ୍‌ମେଣ୍ଟ, ପ୍ରୋଜେକ୍ଟ ଆଦି ନିଜେ କରିବାକୁ ବସି ପଡ଼ନ୍ତି। ଏକଥା ଧ୍ୟାନ ରଖନ୍ତୁ ଯେ ଏସବୁ କାମ ପିଲାର, ଆପଣଙ୍କର ନୁହେଁ। ଆପଣଙ୍କ ହେଉଥିବା ହୋମ୍‌ୱାର୍କ ସେ ଆପଣଙ୍କ ଉପରେ ନିର୍ଭରଶୀଳ ହୋଇଯିବ। ପ୍ରଥମେ ସେ ତାକୁ କିପରି କରିପାରୁଛି ଲକ୍ଷ୍ୟ କରନ୍ତୁ। ଯଦି କିଛି ସମସ୍ୟା ଦେଖାଦିଏ ତାକୁ ସମାଧାନ କରିବାକୁ ସହଯୋଗର ହାତ ବଢ଼ାନ୍ତୁ।

## ଏମାନେ କ'ଣ କରନ୍ତି..

**ପାଠ ପଢ଼ାଇବା ସହ ହୋମ୍‌ୱାର୍କ ଉପରେ ଗୁରୁତ୍ୱ ଦିଏ : (ନୀହାରିକା ମହାନ୍ତି, ଶିକ୍ଷୟିତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖଣ୍ଡଗିରିବାରି, ଭୁବନେଶ୍ୱର)**


ନୀହାରିକା

ପିଲାମାନଙ୍କୁ ପାଠ ପଢ଼ାଇବା ବେଳେ ହୋମ୍‌ୱାର୍କ ପ୍ରତି ମୁଁ ସବୁବେଳେ ଗୁରୁତ୍ୱ ଦିଏ। କାରଣ କେବଳ ସ୍କୁଲରେ ପାଠ ପଢ଼ିଦେଲେ ହେବ ନାହିଁ, ଘରେ ପିଲାଟି କିପରି ପଢ଼ିଥିବା ପାଠକୁ ଅଭ୍ୟାସ କରିବ ସେଥିପାଇଁ ହୋମ୍‌ୱାର୍କ ଦିଆଯାଏ। ହେଲେ ଏକାଥରେ ପିଲାମାନଙ୍କ ଉପରେ ହୋମ୍‌ୱାର୍କ ବୋଝ ଲଦିଦେବା ଅପେକ୍ଷା ନିୟମିତି ପଢ଼ାଯାଉଥିବା ପାଠ ଅନୁସାରେ ହୋମ୍‌ୱାର୍କ ଦେଲେ ତାହାକୁ ସେମାନେ ସୁଚାରୁ ରୂପେ ତୁଲାଇପାରନ୍ତି। ମୁଁ କ୍ଲାସ୍ ଆରମ୍ଭ କରିବା ପରେ ସବୁବେଳେ ପ୍ରତ୍ୟେକ ପିଲା ପୂର୍ବଦିନ ଦିଆଯାଇଥିବା ହୋମ୍‌ୱାର୍କ ଠିକ୍ ଭାବରେ କରିଛି କି ନାହିଁ ତାହା ତଦାରଖ କରିଥାଏ। କେବଳ ସେତିକି ନୁହେଁ, ହୋମ୍‌ୱାର୍କ କରିବା ସମୟରେ ସେମାନଙ୍କର କିଛି ଅସୁବିଧା ହେଉଛି କି ନାହିଁ ତାହା ପଚାରି ବୁଝିନିଏ। ପିଲାମାନେ ହୋମ୍‌ୱାର୍କ କରିବା ନେଇ କେବଳ ଶିକ୍ଷୟିତ୍ରୀଶିକ୍ଷକ ନୁହନ୍ତି ମା'ବାପା ମଧ୍ୟ ସଚେତନ ରହିବା ନିହାତି ଦରକାର।

**ହୋମ୍‌ୱାର୍କକୁ ନେଇ ସବୁବେଳେ ସଚେତନ ଥାଏ (ରଶ୍ମିତା ମହାନ୍ତି, ଗୃହିଣୀ, ତେଲେଙ୍ଗାପେଣ୍ଠ, କଟକ)**


ରଶ୍ମିତା

ପିଲାମାନଙ୍କୁ ପାଠ ପଢ଼ାଇବା ବେଳେ ମୁଁ ହୋମ୍‌ୱାର୍କ ପ୍ରତି ସବୁବେଳେ ସଚେତନ ଥାଏ। କାରଣ ପିଲାମାନେ ସ୍କୁଲରୁ ଫେରିବା ପରେ ସେହିଦିନ କ'ଣ ହୋମ୍‌ୱାର୍କ ଦିଆଯାଇଛି ତାହା ପଚାରି ବୁଝିନିଏ। କାରଣ ତାହାକୁ ସେମାନେ କରିବା ସମୟରେ ମୁଁ ଯେହେତୁ ତଦାରଖ କରେ, ତେଣୁ ମୋତେ ସେଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼େ। ହୋମ୍‌ୱାର୍କ କରିବା ସମୟରେ ପିଲାମାନେ ଯଦି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାକୁ ଦୂର କରିବାକୁ ଚେଷ୍ଟାକରେ। ସେମାନେ ପାଠକୁ ହୋମ୍‌ୱାର୍କକୁ ଭଲ ଭାବରେ ବୁଝି ତା'ପରେ ଆଗେଇବାକୁ ମୁଁ ସେମାନଙ୍କୁ ସବୁବେଳେ କହିଥାଏ। କେବଳ ସେତିକି ନୁହେଁ, ସ୍କୁଲରେ ମୋ ପିଲାମାନେ କିପରି ପାଠ ପଢୁଛନ୍ତି ତାହା ନିୟମିତ ସମୟ ଅନ୍ତରାଳରେ ସ୍କୁଲରୁ ପଚାରି ବୁଝିନିଏ।

# ପୂଜାରେ ଶାଢ଼ି ଫ୍ୟାଶନ



କୌଣସି ପର୍ବପର୍ବାଣି ହେଉ କି ବିଶେଷ କିଛି ଅକେଜନ୍‌ରେ ମହିଳାମାନେ ନିଜକୁ ସଜେଇହେବାକୁ କେତେ ଉପାୟ ଆପଣାଇଥାନ୍ତି। ସେଥିମଧ୍ୟରୁ ଶାଢ଼ି ଅନ୍ୟତମ। ଆଉ ଦିନ କେଇଟା ପରେ ଦୁର୍ଗାପୂଜା । ଆପଣ ଶାଢ଼ି ମଧ୍ୟରେ କେଉଁ ଡିଜାଇନ ପିନ୍ଧିଲେ ସୁନ୍ଦର ଏବଂ ଗର୍ଜିୟସ୍ ଦେଖାଯିବେ ଜାଣନ୍ତୁ ସେ ସମ୍ପର୍କରେ...

**ରେଡ୍ ଆଣ୍ଡ ମେରୁନ୍ ଜର୍ଜେଟ ଷ୍ଟୋନ୍‌ୱାର୍କ**

ଯଦି ଆପଣ ନବବିବାହିତା ଆପଣ ଲାଲ କିମ୍ବା ମେରୁନ୍ ରଙ୍ଗ ବର୍ଡର ଶାଢ଼ି ପିନ୍ଧିପାରିବେ। ଶାଢ଼ି ହେଭି ହେବା ସହ ଆପଣ ହାଲ୍‌କା ଜୁଏଲେରି ପିନ୍ଧନ୍ତୁ। ଆପଣ ଚାହିଁଲେ ଷ୍ଟୋନ୍‌ୱାର୍କ କିମ୍ବା ପ୍ୟାଚ୍ ୱାର୍କ ମଧ୍ୟ ପିନ୍ଧିପାରିବେ।

**ମେରୁନ୍ ଶାଢ଼ି ଉଇଥ ଗୋଲ୍‌ଡେନ ବର୍ଡର**

ଯଦି ଆପଣ ଏହିଦିନରେ ସିମ୍ପଲ ଦେଖାଯିବାକୁ ଚାହୁଁଛନ୍ତି ତେବେ ହେଭି ଇୟରିଂ ସହ ପତଳା ଗୋଲ୍‌ଡେନ ବର୍ଡର ଥିବା ରେଡ୍,ମେରୁନ୍,ପିଙ୍କ୍,ଅରେଞ୍ଜ କିମ୍ବା ପର୍ପଲ କଲର ଶାଢ଼ି ପିନ୍ଧିପାରିବେ। ଏହା ଆପଣଙ୍କ ସିମ୍ପୁଲ ଓ କ୍ଲାସି ଲୁକ୍ ଦେଇଥାଏ।



**ଲେହେଙ୍ଗା ଶାଢ଼ି**

ଯଦି ଆପଣ ପୂଜାରେ ନିଜକୁ ଅଲଗା ଲୁକ୍ ଦେବାକୁ ଚାହୁଁଥାନ୍ତି ତେବେ ଲେହେଙ୍ଗା ଶାଢ଼ି ଏକ ଭଲ ଅପ୍‌ସନ ହେବ। ଲେହେଙ୍ଗା ଶାଢ଼ିକୁ ଆପଣ ବିଭିନ୍ନ ଡିଜାଇନ୍‌ରେ ଡ୍ରାପ୍ କରି ପିନ୍ଧିପାରିବେ। ଲେହେଙ୍ଗା ନବବିବାହିତ ମହିଳାଙ୍କୁ ଭଲ ମାନିଥାଏ।

**ପିଙ୍କ୍ ବ୍ରଡ୍ ଉଇଥ୍ ଅରେଞ୍ଜ ସିଲ୍‌କ ଶାଢ଼ି**

ପୂଜା ସିଜିନ୍‌ରେ ମହିଳାଙ୍କୁ ଲାଲ୍ ମେରୁନ୍ ରଙ୍ଗ ଶେଡ୍ସ ପିନ୍ଧିବାକୁ ଭଲ ଲାଗେ। ତେବେ ଏହି ସିଜନ୍‌ରେ ଗୋଲାପୀ,ଅରେଞ୍ଜ ମିକ୍ସ ଥିବା ସିଲ୍‌କ ଶାଢ଼ୀ ,ବନାରସୀ,କାଞ୍ଜିବରମ୍ ଶାଢ଼ି ପିନ୍ଧିପାରିବେ। ଆପଣଙ୍କୁ ଶାଢ଼ି ସହ ଲାଇଟ୍ ୱେଟ୍ ଜୁଏଲେରି ଭଲ ମାନିବ।

**ସିମୋର ଜର୍ଜେଟ ଶାଢ଼ି**

ସିଲ୍କ,କର୍ଟନ,ବନାରସୀ,ନେଟ୍ ସହ ଝିଅମାନଙ୍କୁ ସିମୋରି ବା ଚମକ ଶାଢ଼ି ବହୁତ ପସନ୍ଦ। କାହିଁକି ନା ଏହା ପିନ୍ଧିବାକୁ ଲାଇଟ୍ ୱେଟ୍ ହୋଇଥାଏ। ଏହି ଶାଢ଼ିରେ ଆପଣ ଏଥନିକ୍ ଜୁଏଲେରି ପିନ୍ଧିପାରିବେ।



# ତ୍ୱଚାରେ ଆସିବ ଚମକ

କ୍ଷୀରରେ କେତେ ପ୍ରକାର ଗୁଣ ରହିଛି । ଏହା ଆପଣଙ୍କ ସ୍ୱାସ୍ଥ୍ୟ ସହ ସୌନ୍ଦର୍ଯ୍ୟରେ ଚମକ ଆଣିଥାଏ। ଏମିତିରେ ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ କେତେକ'ଣ ଉପାୟ ଆପଣାଇଥାନ୍ତି। କିନ୍ତୁ ଆପଣ ସେ ସବୁ ଛାଡ଼ି ଘରୋଇ ଉପାୟରେ କ୍ଷୀରକୁ ବ୍ୟବହାର କରିପାରିବେ। ଯାହା ବିଷୟରେ ଆପଣ ହୁଏତ ଜାଣି ନ ଥିବେ। ମୁହଁରେ ଥିବା ବ୍ରଣଚିହ୍ନ, ଦାଗ, ଦୂର କରିବାକୁ ହେଲେ କ୍ଷୀର ଓ ମହୁ ଭଳି କେତେକ ଘରୋଇ ଉପଚାର କରିବା ଦ୍ୱାରା ଏସବୁ ଦାଗ ଦୂର ହୋଇଥାଏ....

**ମହୁ ଓ କ୍ଷୀର କ୍ଲିଞ୍ଜର**

ମୁହଁରେ ଥିବା ଅପରିଷ୍କାର ମଳି ଆଦିକୁ ଦୂର କରିବାକୁ ହେଲେ କ୍ଷୀରରେ ମହୁ ମିଶାଇ ଲଗାନ୍ତୁ। କାହିଁକି ନା ଏହା ଟନିକ୍ ପରି କାମ କରିଥାଏ। ଯାହାକୁ ଖାଇବା ଓ ଲଗାଇବା ଦ୍ୱାରା ସ୍କିନ୍ ଗ୍ଲୋ କରିଥାଏ। ସ୍କିନ୍‌କୁ ଗୋରା କରିବାକୁ ହେଲେ ଏକ ଛୋଟ ଚାମଚ ମହୁରେ କ୍ଷୀର ମିଶାଇ ୧୦ମିନିଟ୍ ଲଗାଇ ଛାଡି ଦିଅନ୍ତୁ। ଏହା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ଆପଣକୁ କେତେ ଅଲଗା ଲାଗିବ।

**ରଙ୍ଗ ସଫା ଓ ମୁଲାୟମ୍ ତ୍ୱଚା**

କ୍ଷୀରକୁ ପୂରା ଶରୀରରେ ଲଗାଇବା ଦ୍ୱାରା ତ୍ୱଚା ମୁଲାୟମ୍ ହୋଇଥାଏ ଓ ତ୍ୱଚା ସଫା ଦେଖାଯାଇଥାଏ। କ୍ଷୀରରେ ଗୋଲାପ ଜଳ ମିଶାଇ ଲଗାଇବା ଦ୍ୱାରା ତ୍ୱଚା ସୁନ୍ଦର ଦେଖାଯାଏ।

**ରୁକ୍ଷତାକୁ ଦୂର କରନ୍ତୁ**

ମୁହଁରୁ ଦାଗ କୁଞ୍ଚନ ଦୂର କରିବାକୁ ହେଲେ କ୍ଷୀର ବହୁତ ଲାଭକାରୀ ହୋଇଥାଏ। ଦୁଇଚାମଚ ମହୁରେ ତିନି ଚାରି ଚାମଚ କ୍ଷୀର ସର ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହାକୁ ବ୍ୟବହାର କରିବା ଦ୍ୱାରା ଚର୍ମରେ ଲୋଚାକୋଚା କମ୍ ଦେଖିବାକୁ ମିଳେ।

**ଓଠକୁ କରନ୍ତୁ ସଫ୍ଟ ଓ ଗୋଲାପୀ**

ଯଦି ଆପଣଙ୍କ ଓଠ କଳା ତେବେ କ୍ଷୀର ଓଠରେ ଲଗାଇବା ଦ୍ୱାରା ଓଠରେ ଥିବା କଳାପଣ ଦୂର ହୋଇଥାଏ। ଯଦି ଆପଣଙ୍କ ଓଠ ଫାଟୁଥାଏ ତେବେ ରାତିରେ ଶୋଇବା ପୂର୍ବରୁ ଏକ ବୁନ୍ଦା ଗୋଲାପ ଜଳ ଓ ଏକ ବୁନ୍ଦା ଲେମ୍ବୁ ରସ କ୍ଷୀର ସରକୁ ମିଶାଇ ଲଗାଇ ଦିଅନ୍ତୁ। ସକାଳୁ ଦେଖିବେ ଆପଣଙ୍କ ଓଠ ସଫ୍ଟ ଓ ଗୋଲାପୀ ଦେଖାଯିବ।

ଭାରତରେ ଅଭିବୃଦ୍ଧି ନେଇ ଆଶାବାଦୀ ଥିବା ବେଳେ ଭାରତ ସହ ଅନ୍ୟ ବଜାରଗୁଡ଼ିକରେ ନିଯୁକ୍ତି ପ୍ରଦାନ ଧାରା ଜାରି ରହିବ।

– ବ୍ରାଏନ ହମ୍ଫ୍ରିଏସ୍, କଗନିଜାଣ୍ଟ ସିଇଓ



ରପ୍ତାନି ଓ ବାଲାନ୍ସ ଶିଟ ଭଲ ଥିବା ଏମ୍ଏସ୍ଏମ୍ଇ ପୁଞ୍ଜି ବଜାରରୁ ଟଙ୍କା ଉଠାଣ ପାଇଁ ଆଗକୁ ଆସିବାର ଆବଶ୍ୟକତା ରହିଛି।

– ନୀତୀନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



## ଇ-ସିଗାରେଟ ରପ୍ତାନି ଉପରେ କଟକଣା

**ନୂଆଦିଲ୍ଲୀ,୩୦-୯:** ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଇ-ସିଗାରେଟ ସମେତ ଇ-ହୁକା ଏବଂ ଏଭଳି ଅନ୍ୟ ଡିଭାଇସଗୁଡିକର ରପ୍ତାନିକୁ ସୋମବାର ନିଷେଧ କରାଯାଇଛି। ଚଳିତ ମାସ ୧୮ରେ ସରକାର ଅଧାଦେଶ ଦ୍ୱାରା ଇ-ସିଗାରେଟର ଉତ୍ପାଦନ, ରପ୍ତାନି, ବିତରଣ ଏବଂ ବିକ୍ରିକୁ ନିଷେଧ କରିଥିବାବେଳେ ଏହାର ଅନୁପାଳନ ଲାଗି ବର୍ତ୍ତମାନ ବିଜ୍ଞପ୍ତି ଜାରି କରାଯାଇଛି। ସବୁ ବର୍ଗର ଇଲେକଟ୍ରୋନିକ୍ସ ନିକୋଟିନ ଡେଲିଭରି ସିଷ୍ଟମ, ହିଟ୍ ନଟ୍ ବର୍ନ ପ୍ରଡକ୍ଟ, ଯେକୌଣସି ନାମ, ଆକାର ଆସୁଥିବା ଇ-ହୁକା ଭଳି ଡିଭାଇସ ନିଷେଧ କରାଯାଇଥିବା ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ(ଡିଜିଏଫ୍‌ଟି) ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ଏହି କ୍ଷେତ୍ରରେ ନିୟମ ଉଲ୍ଲଂଘନ କଲେ ପ୍ରାଥମିକ ଭାବେ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ। ସେହିଭଳି ପୁନର୍ବାର ଏପରିକଲେ ୩ ବର୍ଷ ଜେଲ ବା ୫ ଲକ୍ଷ ଜରିମାନା କିମ୍ବା ଉଭୟ ଦେବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ସେହିଭଳି ଇ-ସିଗାରେଟ ରଖିବାକୁ ମଧ୍ୟ ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରାଯାଉଛି। ଏକ୍ଷେତ୍ରରେ ୬ ମାସ ଜେଲ ଏବଂ ୫୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ।

# ପିଏମ୍‌ସି ବ୍ୟାଙ୍କ ଠକେଇ ଆଖି ଖୋଲିଛି: ଅନୁରାଗ

**ନୂଆଦିଲ୍ଲୀ, ୩୦-୯**

ପଞ୍ଜାବ ମହାରାଷ୍ଟ୍ର ସମବାୟ (ପିଏମ୍‌ସି) ବ୍ୟାଙ୍କରେ ହୋଇଥିବା ବଡ ଧରଣର ଠକେଇ ବ୍ୟାଙ୍କ ଶିଳ୍ପର ଆଖି ଖୋଲିଛି। ରିଜର୍ଭ ବ୍ୟାଙ୍କ ଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ନଜର ରଖିଛି। ସେହିଭଳି ଅଡିଟରଙ୍କ ଦ୍ୱାରା ହୋଇଥିବା ଭୁଲକୁ ମଧ୍ୟ ବିଚାର କରାଯାଉଥିବା ସୋମବାର କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଆର୍ଥିକ ଅନିୟମିତତା ଯୋଗୁ ବ୍ୟାଙ୍କ ଏହାର ପରିଚାଳନା କ୍ଷେତ୍ରରେ ବିଭିନ୍ନ ଅସୁବିଧା ସାମ୍ନା କରିବା ପରେ କେନ୍ଦ୍ରୀୟ ବ୍ୟାଙ୍କ ମୁମ୍ବାଇ ଭିତ୍ତିକ ଉକ୍ତ ବ୍ୟାଙ୍କ ଉପରେ ବର୍ତ୍ତମାନ କଟକଣା ଜାରି କରିଛି। ଏକ୍ଷେତ୍ରରେ ନିୟାମକ ଭାବେ କାର୍ଯ୍ୟ



କରୁଥିବା କୌଣସି ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ଅନୁରାଗ କହିଛନ୍ତି। ଏହାବାଦ୍ ଅଡିଟର, ନିର୍ଦ୍ଦେଶକ ଏବଂ ବ୍ୟାଙ୍କ ଅଧିକାରୀଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଥିବା ସେ ମତ ଦେଇଛନ୍ତି।

ଏଭଳି ଘଟଣା ଘଟୁଥିବାବେଳେ ଏହା କେବଳ ଗଣମାଧ୍ୟମ ରିପୋର୍ଟରୁ ଜାଣିବାକୁ ମିଳିଛି। ଏହା ସମଗ୍ର ବ୍ୟାଙ୍କି ଶିଳ୍ପର ଆଖି ଖୋଲିଛି। ଏଭଳି ଘଟଣା କେବେ ବି ବାହାରର ଲୋକଙ୍କୁ ନେଇ ହୋଇ ନାହିଁ। ଏଥିରେ ବିଭିନ୍ନ ଅଂଶୀଦାରଙ୍କ ଭୂମିକା ରହିଛି ବୋଲି ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁର ଏହା ପ୍ରକାଶ କରିଛନ୍ତି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଭୂମିକା ଏହି ପ୍ରସଙ୍ଗରେ କ'ଣ ରହିବ ବୋଲି ଖବରଦାତାଙ୍କ ଏକ ପ୍ରଶ୍ନରେ ଠାକୁର କହିଛନ୍ତି ଏହା ସାଧାରଣ ଲୋକଙ୍କ ସମସ୍ୟା ସହ ଜଡିତ ଥିବାରୁ ସରକାର ସମସ୍ତ ପ୍ରସଙ୍ଗ ଉପରେ ବିଚାର କରୁଛନ୍ତି। ପିଏମ୍‌ସି ଉପରେ ଆର୍‌ବିଆଇ କଟକଣା ଲଗାଇଥିବାରୁ ଏଠାରେ ଟଙ୍କା ଜମା କରିଥିବା ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବ୍ୟାଙ୍କକୁ ନୂଆ ଋଣ ପ୍ରଦାନ ଲାଗି ବାରଣ କରାଯାଇଛି। ୬ ମାସ ଲାଗି ଗ୍ରାହକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଉଠାଣ କରିବା ନେଇ ନିର୍ଦ୍ଦେଶ ରହିଛି। ବ୍ୟାଙ୍କ ନିକଟରେ ବର୍ତ୍ତମାନ ୧୧,୦୦୦ କୋଟି ଟଙ୍କାର ଲୋକଙ୍କ ଜମା ରହିଛି। ସେହିଭଳି ଅନାଦାୟ ଋଣ ଆକାଉଣ୍ଟ ସମାଧାନ ଲାଗି କମ୍ପାନୀ ଲ ଟ୍ରିବ୍ୟୁନାଲ କାର୍ଯ୍ୟପନ୍ଥା ଉପରେ ସେ ମତ ରଖିଛନ୍ତି। ବିଭିନ୍ନ ବିକଳ୍ପ ପନ୍ଥା ଗ୍ରହଣ କରି ବ୍ୟାଙ୍କ ଏହାର ଋଣକୁ ଆଦାୟ କଲେ ଏହା ଅଂଶୀଦାରଙ୍କ ଲାଗି ଲାଭକାରି ହେବ। ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ ଲାଗି ବ୍ୟାଙ୍କିଙ୍ଗ୍ ଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଠାକୁର ମତ ରଖିଛନ୍ତି।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୫୨%

**ଭୁବନେଶ୍ୱର,୩୦-୯(ବ୍ୟୁରୋ)**

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜୁଲାଇରେ ୩୧୯ ପଏଣ୍ଟ ଥିଲା। ଏହା ଅଗଷ୍ଟରେ ୧ ପଏଣ୍ଟ ବଢି ୩୨୦ ପଏଣ୍ଟ ହୋଇଛି। ତାଳଚେର ଅନୁଗୋଳରେ ଏବଂ ରାଉରକେଲାର ଖାଉଟି ମୂଲ୍ୟସୂଚୀ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ। ଆର୍ଥିକ ଅର୍ଦ୍ଧବାର୍ଷିକ କ୍ଲୋଜିଂ ପାଇଁ ସେପ୍ଟେମ୍ବରରେ ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୬.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୩% ବଢି ୧୫୨% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଅକ୍ଟୋବର ପହିଲାରୁ ପାଇବେ।

ସେପ୍ଟେମ୍ବର ୨୬ ଏବଂ ୨୭ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ ଡାକରା ଦେଇଥିଲେ ସେମାନେ ଏବେ ୬୮.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୩% ବୃଦ୍ଧି ଘଟି ୭୧.୪% ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ସୋମବାର ଅନେକ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୬୧.୪ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୩% ବୃଦ୍ଧି ଘଟି ୬୪.୭% ହୋଇଛି। ଏହି ବର୍ଦ୍ଧିତ ଡିଏ ନଭେମ୍ବର ପହିଲାରୁ ସେମାନେ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୮% ବୃଦ୍ଧି ଘଟି ୨୦% ହୋଇଛି। ୫% ଏମାନେ ଚଳିତ ବର୍ଷ ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୩% ୨୦୨୦ ଜାନୁୟାରୀ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଡିସେମ୍ବରରେ ରିଜର୍ଭ ବ୍ୟାଙ୍କର ଅର୍ଦ୍ଧବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ ପରିବର୍ତ୍ତନ ହୁଏ ନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କର



ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୦% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଗତ ବର୍ଷ ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ଶନ ଏବଂ ପେନ୍‌ଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

## କୋର ସେକ୍ଟର ଉତ୍ପାଦନ କମିଲା

**ନୂଆଦିଲ୍ଲୀ,୩୦-୯**



ଦେଶର ୮ କୋର୍ ସେକ୍ଟର ଶିଳ୍ପଗୁଡିକର ଉତ୍ପାଦନ ଅଗଷ୍ଟ ମାସରେ ୦.୫%କୁ ହ୍ରାସ ଘଟିଛି। ଏହି ସମୟରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ସିମେଣ୍ଟ ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରର ଉତ୍ପାଦନ ପ୍ରଭାବିତ ହୋଇଥିବା ସରକାର ସୋମବାର ପ୍ରଦାନ କରିଥିବା ତଥ୍ୟରୁ ଜଣାପଡିଛି। ଗତ ବର୍ଷ ଅଗଷ୍ଟ ମାସରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ ଭଳି ୮ କୋର ସେକ୍ଟର ଶିଳ୍ପର ଅଭିବୃଦ୍ଧି ୪.୭% ରହିଥିଲା। ବର୍ତ୍ତମାନ ସମୟରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ସିମେଣ୍ଟ ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଏହି କ୍ଷେତ୍ରଗୁଡିକରେ ଅଭିବୃଦ୍ଧି ହ୍ରାସ ଘଟି ଯଥାକ୍ରମେ ୮.୬%, ୫.୪%, ୩.୯%, ୪.୯% ଏବଂ ୨.୯% ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହାବାଦ ସାର ଏବଂ ଇସ୍ପାତ ଉତ୍ପାଦନ ଅଭିବୃଦ୍ଧି ସକାରାତ୍ମକ ରହିବା ସହ ଯଥାକ୍ରମେ ୨.୯% ଏବଂ ୫% ରହିଛି। ଚଳିତ ବର୍ଷ ଏପ୍ରିଲ ଅଗଷ୍ଟ ସମୟରେ ୮ କୋର ସେକ୍ଟର ଶିଳ୍ପ ଅଭିବୃଦ୍ଧି ୨.୪% ରହିଥିବାବେଳେ ଗତ ବର୍ଷ ସମାନ ସମୟରେ ଏହା ୫.୭% ରହିଥିଲା।

## ଭଦ୍ରକ, ବାଲେଶ୍ୱରରେ ରିଲାଏନ୍ସ ସ୍ମାର୍ଟ ଷ୍ଟୋର

**ଭୁବନେଶ୍ୱର,୩୦-୯**

ରିଲାଏନ୍ସ ସ୍ମାର୍ଟ ପକ୍ଷରୁ ଭଦ୍ରକ ଏବଂ ବାଲେଶ୍ୱରରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଭଦ୍ରକର ଛପୁଲିଆ ବାଇପାସରେ ଥିବା ରିଲାଏନ୍ସ ଟ୍ରେଣ୍ଡ ନିକଟରେ ଏବଂ ବାଲେଶ୍ୱରର ରେଳ ଷ୍ଟେଶନ ନିକଟ ଷ୍ଟେଶନ ଛକରେ ଖୋଲିଛି। ଏହି ଷ୍ଟୋରଗୁଡିକ ଦ୍ୱାରା ଗ୍ରାହକମାନେ ଗୋଟିଏ ଛାତତଳେ ଗ୍ରୋସରୀ, ଫଳ, ପନିପରିବା, ଦୁଗ୍ଧଠାରୁ ଆରମ୍ଭ କରି କିଚେନୱେର, ହୋମୱେର ଭଳି ବ୍ୟାପକ ବର୍ଗରେ ସାମଗ୍ରୀ ଲାଭ କରିପାରିବେ। ସେହିଭଳି ଏମ୍ଆର୍‌ପି ଉପରେ ସର୍ବନିମ୍ନ ୫% ରିହାତି, ୧୪୯୯ ଟଙ୍କାର କିଣାକିଣି ଉପରେ ୯ ଟଙ୍କାରେ ୧ କିଲୋ ଚିନି, ଅନେକ ଆକର୍ଷଣୀୟ ଅଫର ସହ ମାସିକିଆ ଗ୍ରୋସରି କ୍ରୟର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ନିତିଦିନିଆ ଖାଦ୍ୟ ସାମଗ୍ରୀ, ଫଳ ଏବଂ ପନିପରିବା ଏଠାରେ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ୨ ନୂଆ ଷ୍ଟୋର ଦ୍ୱାରା ରିଲାଏନ୍ସ ସ୍ମାର୍ଟ ଷ୍ଟୋର ସଂଖ୍ୟା ରାଜ୍ୟରେ ୮ ଛୁଇଁଛି।

## ଜାନୁୟାରୀ ୮ରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଧର୍ମଘଟ

**ନୂଆଦିଲ୍ଲୀ,୩୦-୯:** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡିକ ଆସନ୍ତା ବର୍ଷ ଜାନୁୟାରୀ ୮ରେ ଦେଶବ୍ୟାପୀ ଧର୍ମଘଟକୁ ଓହ୍ଲାଇବେ ବୋଲି ସୋମବାର ଜଣାପଡିଛି। ଶ୍ରମିକଙ୍କ ବିଭିନ୍ନ ଦାବି ପୂରଣ ଲାଗି ସରକାର ବିଫଳ ହୋଇଥିବା ପ୍ରତିବାଦରେ ସଙ୍ଗଠନଗୁଡିକ ଧାରଣା ଦେବେ। ଏଥିରୁ ସାରା ଦେଶରୁ ୧୦ ଶ୍ରମ ସଙ୍ଗଠନ ଯୋଗଦେବା ନେଇ ଏକ ମିଳିତ ପ୍ରେସ ବିବୃତି ସୂଚନା ଦେଇଛନ୍ତି। ସରକାର ଶ୍ରମିକଙ୍କ ପ୍ରକୃତ ଦାବି ପୂରଣ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଶ୍ରମକ ଅଧିକାରକୁ ନିରନ୍ତର ଭାବେ କୁଠାରାଘାତ କରୁଥିବା ସଙ୍ଗଠନଗୁଡିକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କର୍ପୋରେଟଗୁଡିକର ସ୍ୱାର୍ଥକୁ ସରକାର ଅଧିକ ଗୁରୁତ୍ୱ ଦେଉଥିବା ସଂଘଗୁଡିକ ପ୍ରକାଶ କରିଛନ୍ତି। ଦାବିରେ କୁହାଯାଇଛି ଯେ, ସରକାର ସଙ୍ଗଠନଗୁଡିକର ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ୨୦୧୫ ଜାତୀୟସ୍ତରରେ କୌଣସି ଲେବର କନଫରେନ୍ସ ହୋଇ ନ ଥିବାବେଳେ ବଜେଟ ପୂର୍ବରୁ ଶ୍ରମିକଙ୍କ ପରାମର୍ଶ ଗ୍ରହଣ କରାଯାଉନାହିଁ। ନିଯୁକ୍ତି ହ୍ରାସ ଏବଂ ଦରବୃଦ୍ଧି ଭଳି ବିଭିନ୍ନ ସମସ୍ୟା ଏବେ ଚିନ୍ତାର କାରଣ ପାଲଟିଛି।

## ଆଜିଠାରୁ ବଦଳିଯିବ ଏସବୁ ନିୟମ

**ନୂଆଦିଲ୍ଲୀ,୩୦-୯**

ଅକ୍ଟୋବର ୧ଠାରୁ ସରକାର କିଛି ପରିବର୍ତ୍ତିତ ଆର୍ଥିକ ନିୟମ ଲାଗୁ କରିବେ। ଖାଉଟିଙ୍କ ଉପରେ ଏହାର କି ପ୍ରଭାବ ରହିବ ତାହା ବିଚାର କରିବାକୁ ହେବ। ଏସ୍‌ବିଆଇ ପକ୍ଷରୁ ଏହାର କେଉଁ ନିୟମ ବଦଳିବ, କର୍ପୋରେଟ ଟିକସ ପରିବର୍ତ୍ତନ ଯୋଗୁ କଣ ଫାଇଦା ହେବ, ଜିଏସ୍‌ଟିରେ କଣ ରହିଛି ଭଳି ପ୍ରସଙ୍ଗକୁ ଦେଖିବାକୁ ହେବ। କେଉଁ ସବୁ ନିୟମ ପରିବର୍ତ୍ତନ ହେଉଛି ତାହା ଏଠାରେ ଦିଆଗଲା..

**❍ ଏସ୍‌ବିଆଇ**

ଏସ୍‌ବିଆଇ ଇଣ୍ଟରନେଟ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ ନେଣଦେଣ ଉପରେ ମାସିକ ସୀମାକୁ ହଟାଇ ଦେଇଛି। ଖାତାରେ ୨୫ ହଜାର ମାସିକ ହାରାହାରି ବାଲାନ୍ସ ରଖୁଥିବା ଗ୍ରାହକମାନେ ବ୍ୟାଙ୍କ ଶାଖାରୁ ୨ଥର ଦେୟମୁକ୍ତ ଉଠାଣ କରିପାରିବେ। ସେହିଭଳି ମାସିକ ହାରାହାରି ୨୫ରୁ ୫୦ ହଜାର ବାଲାନ୍ସ ରଖିଥିବା ଗ୍ରାହକ ୧୦ ଥର ଦେୟମୁକ୍ତ ଉଠାଣ କରିବାକୁ ସକ୍ଷମ ହେବେ। ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଲାନ୍ସ ଥିଲେ ଗ୍ରାହକ ଅସୀମିତ ଉଠାଣ କରିପାରିବେ।

**❍ ପେଟ୍ରୋଲ ପମ୍ପରେ ଏସ୍‌ବିଆଇ କ୍ରେଡିଟ କାର୍ଡରେ ମିଳିବନି କ୍ୟାଶବ୍ୟାକ**

ପେଟ୍ରୋଲ ପମ୍ପରେ ଏସ୍‌ବିଆଇ କ୍ରେଡିଟ କାର୍ଡରେ ପେମେଣ୍ଟ ଉପରେ ୦.୭୫% ରିହାତି ଅକ୍ଟୋବର ପହିଲାରୁ ଆଉ ମିଳିବନି। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିଲେ। ଅନ୍ୟ ବ୍ୟାଙ୍କଗୁଡିକ ମଧ୍ୟ ଏଭଳି ସୁବିଧା ଦେଉଥିଲେ। ଏସ୍‌ବିଆଇର ଏଭଳି ନିଷ୍ପତ୍ତି ପରେ ଅନ୍ୟ କମ୍ପାନୀ ମଧ୍ୟ ଏନେଇ ବିଚାର କରିବାର ସମ୍ଭାବନା ରହିଛି।

**❍ ପେନଶନ ପଲିସି ନିୟମ**

୧୦ ବର୍ଷ ସର୍ଭିସ ପୂରା କରିବା ପୂର୍ବରୁ ଯଦି କୌଣସି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ୨୦୧୯ ଅକ୍ଟୋବର ପହିଲା ପୂର୍ବରୁ ହୋଇଥାଏ, ସେ ଲଗାତର ଭାବେ ୭ ବର୍ଷ ସେବା ଦେଇଥାନ୍ତି ତେବେ ତାଙ୍କ ପରିଜନଙ୍କୁ ଉପନିୟମ (୩) ଅନୁସାରେ ପେନଶନ ଲାଗୁ ହେବ।

**❍ କର୍ପୋରେଟ ଟିକସ ହ୍ରାସ ସୁବିଧା**

କର୍ପୋରେଟ ଟିକସ ହ୍ରାସର ଫାଇଦା ଉପଲବ୍ଧ ହେବ। ଅକ୍ଟୋବର ପହିଲା ପରଠାରୁ ସ୍ଥାପନ ହୋଇଥିବା ମାନୁଫାକଚରିଂ ୟୁନିଟ ଗୁଡିକ ଲାଗି ୧୫% ଟିକସ ପ୍ରଦାନର ବିକଳ୍ପ ରହିବ। ଏହି କମ୍ପାନୀଗୁଡିକ ଉପରେ ସରଚାର୍ଜ ସହ ମୋଟ ଟିକସ ହାର ୧୭.୦୧% ରହିବ।

**❍ ଶସ୍ତା ହେବ ହୋଟେଲ ରୁମ୍**

୧୦୦୦ ଟଙ୍କାର ରୁମ ଭଡା ଲାଗି ସରକାର ଜିଏସ୍‌ଟିକୁ ବାଦ ଦେଇଛନ୍ତି। ୧୦୦୧ରୁ ୭୫୦୦ ପର୍ଯ୍ୟନ୍ତ ହୋଟେଲ ରୁମ ଉପରେ ୧୮% ପରିବର୍ତ୍ତେ ୧୨% ଜିଏସ୍‌ଟି ଲାଗୁ ହେବ। ୭,୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ହୋଟେଲ ରୁମ ଉପରେ ୨୮% ବଦଳରେ ୧୮% ଜିଏସ୍‌ଟି ଲାଗିବ। ୧ ଅକ୍ଟୋବର ପରର ବୁକିଂ ଲାଗି ଏହା ମିଳିବ। ସେହିଭଳି ରେଳଗାଡି ଡବା ଉପରେ ଜିଏଟି ବଢାଯିବା ସହ ୫ରୁ ୧୨% ହୋଇଛି। ମୃଦୁପାନୀୟ କ୍ଷେତ୍ରରେ ଏହା ୧୮ରୁ ୨୮%କୁ ବଢିଛି।

**❍ ଜିଏସ୍‌ଟି ଫର୍ମରେ ପରିବର୍ତ୍ତନ**

ବାର୍ଷିକ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ସଂସ୍ଥାଗୁଡିକ ଲାଗି ଅକ୍ଟୋବର ପହିଲାରୁ ନୂଆ ଜିଏସ୍‌ଟି ରିଟର୍ନ ଫର୍ମ ଆସିବ। ଏମାନେ ଜିଏସ୍‌ଟିଆର୍-୧ ବଦଳରେ ଜିଏସ୍‌ଟି ଏଏନ୍ଏକ୍ସ-୧ ଫର୍ମ ଭରିବାକୁ ହେବ।


सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
(A Subsidiary of Coal India Limited)
cmpdi A Mini Ratna Company
Gondwana Place, Kanke Road, Ranchi - 834031, JHARKHAND, India
Phone- +91-0651-2232637, Fax No. +91-0651-2230875
Website: http://www.cmpdi.co.in & http://eprocure.gov.in/cppp

**OPEN DOMESTIC TENDER: (I) HEMAGIRI (SECTOR-I) BLOCK, (II) HEMAGIRI(SECTOR-II) BLOCK & (III) NORTH OF PIPARWAR PHASE-II BLOCK**

CMPDIL intends to offer outsourcing of Coal Exploration through **CIL Portal:** **(i)** Detailed Coal Exploration in Hemagiri(Sector-I) Block, Ib Valley Coalfield of Sundargarh District in the State of Odisha **(ii)** Detailed Coal Exploration in Hemagiri(Sector-II) Block, Ib Valley Caolfield of Sundargarh District in the State of Odisha & **(iii)**Regional/Promotional coal exploration in North of Piparwar Phase-II Block, North Karanpura Coalfield Chatra District in State of Jharkhand. The complete NIT, General Terms & Condition, Letter of Bid and Bill of Quantity can be seen and downloaded from http://www.coalindiatenders.nic.in from **01.10.2019** onwards. Office of the General Manager (Exploration) may be contacted for details/clarification on Phone on any working day between 10.00 Hrs. to 17.30 Hrs. (IST) or through mail (gmexpl.cmpdi@coalindia.in) or Fax.

Ranchi 26.09.2019 — On and behalf of CMPDIL, General Manager (Exploration)



**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**QUOTATION CALL NOTICE**
**No. 16877 / SSD, Dated Bhubaneswar the, 30th September, 2019**
**STSCD-OM-VCONT-0004-2014**

**No.38-V:-** Sealed quotations/tenders having valid GST Registration Certificate are invited in the prescribed format (given in Annexure-III) from interested reputed Travel agencies/ Tour operators or private individuals for providing 01 (one) no. of INNOVA vehicle for use of Advisor (Minorities Affairs), ST & SC Development, M&BC Welfare Department on monthly rent basis: The application form of quotation/ tender containing General Bid Information & Terms and Conditions for Hiring of vehicle will be available in the Office of Under Secretary to Govt. (OE-II), ST & SC Development Department on payment of Rs. 100/- or can be downloaded from Odisha Govt. Website **www.odisha.gov.in** and Department Website **www.stscodisha.gov.in** from 01.10.2019 to 22.10.2019. In case the application form is downloaded from the websites, the applicant shall furnish a Demand Draft for an amount Rs. 100/- (Rupees One Hundred) only towards the cost of application alongwith Terms and Conditions.

Sd./- Deputy Secretary to Govt.
26001/11/0015/1920



**OFFICE OF THE DISTRICT MAGISTRATE & COLLECTOR, KORAPUT**
**(District Child Protection Unit)**
**Department of Women & Child Development and Mission Shakti, Govt. of Odisha**
**No. 601 / 2019** — **Date: 25.09.2019**

**ବିଜ୍ଞପ୍ତି**

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭାରତ ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆଇନ ୨୦୦୫ ଦ୍ୱାରା ବିଧିବଦ୍ଧ ଭାବେ ନିର୍ଦ୍ଧାରିତ ଅଙ୍ଗ। ଶିଶୁମାନେ ସମ୍ବିଧାନ ଉଲ୍ଲେଖିତ ସମସ୍ତ ଅଧିକାରକୁ ବିଭିନ୍ନ ଆଇନରେ କରାଯାଇଥିବା ବିହିତ ବ୍ୟବସ୍ଥାକୁ ଉପଭୋଗ କରାଇବା ହେଉଛି ଏହି ଆୟୋଗର ମୁଖ୍ୟ ହୁକୁମନାମା।

ଏହି ଆୟୋଗ କୌଣସି ଶିଶୁ ବିରୁଦ୍ଧରେ ଘଟିଥିବା ଶିଶୁ ଅଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବା ନିମନ୍ତେ ଆପଣଙ୍କ ଜିଲ୍ଲା ପରିଦର୍ଶନ କରୁଛନ୍ତି। ଶିଶୁ ଅଧିକାର ନିମନ୍ତେ କାର୍ଯ୍ୟ କରୁଥିବା ଯେ କୌଣସି ବ୍ୟକ୍ତି ଯଥା ଶିଶୁ, ପିତାମାତା, ଅଭିଭାବକ, ଶିଶୁ ଯତ୍ନକାରୀ କିମ୍ବା ଅନ୍ୟ ଯେକୌଣସି ବ୍ୟକ୍ତିବିଶେଷ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ।

ପୁନଶ୍ଚ, ଏ ସମ୍ପର୍କିତ ସମସ୍ତ ଅଭିଯୋଗ ପତ୍ର ବା ଦରଖାସ୍ତ ଆସନ୍ତା ତା୨୬।୦୯।୨୦୧୯ ରିଖଠାରୁ ତା୦୩।୧୦।୨୦୧୯ରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯିବ।

ତାରିଖ:- ୦୪।୧୦।୨୦୧୯
ସ୍ଥାନ:- ସଦ୍‌ଭାବନା ସଭାଗୃହ, କୋରାପୁଟ
ପଞ୍ଜୀକରଣ ଆରମ୍ଭ: ସକାଳ ୯ ଘଣ୍ଟା ସମୟ
କ୍ୟାମ୍ପ ସମୟ:- ସକାଳ ୧୦ ଘଣ୍ଟା ସମୟ

**ସ୍ୱା./- ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, କୋରାପୁଟ**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MANJORE IRRIGATION DIVISION, ATHMALLIK,**
**DIST-ANGUL(ODISHA),PIN-759125**
**e-mail ID: ee.manjore@gmail.com**
**Government of Orissa "e" Procurement Notice**
**Bid Identification No.- EEMID No - 06/2019-20**
**Dated : 24.09.2019**

No.270-A :-

| | | | |
|---|---|---|---|
| 1. | Number of Works | : | Total 12 (Twelve) Nos of works |
| 2. | Estimated Cost | : | `63.04 Lakhs to` 88.28 Lakhs |
| 3. | Period of Completion | : | 5 (Five) calendar months |
| 4. | Date & Time of availability of Bid documents in portal | : | 10:00 A.M of 30.09.2019 |
| 5. | Last date / Time for receipt of bids in the portal | : | 5:00 P.M. of 14.10.2019 |
| 6. | Date of opening of Bid | : | 11:00 P.M of 15.10.2019 |
| 7. | Name and address of the officer inviting Bid | : | Executive Engineer, Manjore Irrigation Division, Athmallik |

Further details can be seen from the e-procurement portal **"http//tendersorissa.gov.in"**

**Executive Engineer, Manjore Irrigation Division, Athmallik**
**32198/11/0003/1920**



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 314 of 2018**

**Syndicate Bank, Sambalpur Branch, Sambalpur** ...Applicant
**AND**
**M/s. Seva Steel Furniture and others** ...Defendants

**To**

1. **M/s. Seva Steel Furniture,** Near Nurani Masjid, Sunapali, P.O.: Dhankauda, Dist.: Sambalpur-768006, **Represented through its proprietor, Muhammed Yousuf.**
2. **Mohammed Yousuf,** S/o- Mohammed Babar, At: Sunapali, P.O.: Dhankauda, P.S.: Dhanupali, Dist.: Sambalpur-768006.
3. **Mohammed Babar,** S/o- Mohammed Yasin, At: Sunapali, P.O.: Dhankauda, P.S.: Dhanupali, Dist.: Sambalpur-768006.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 314 of 2018** in the Court of Debts Recovery Tribunal at Cuttack for a recovery of **Rs.11,29,460.08** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **4th day of Nov 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **21st day of Sep 2019.**

**Sd/- Registrar**
**Manoj Kumar Patnaik**
**Debts Recovery Tribunal**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, BALASORE**
**INVITATION FOR BIDS (IFB)**
**"e" Procurement Notice-02/2019-20** — **272-A**
**e-mail:-eeddbls@gmail.com &FAX/TEL: 06782-267658**

The Executive Engineer, Drainage Division, Balasore (Procurement Officer) on behalf of Hon'ble Governor of Odisha invites Percentage rate bids to be received in on-line mode only for the work detailed in the table below.

| | | |
|---|---|---|
| 1 | Name of work:- | Drainage Projects (Under D.I.P. Scheme) |
| 2 | Total Number of Projects:- | 03 nos. individual work. |
| 3 | Estimated cost of individual works:- | From Rs. 8512278/- to Rs. 8776321/- (excluding G.S.T.) |
| 4 | Period of completion:- | 8 (Eight) Calendar months |
| 5 | Bid Identification Number | SEDCBLS/EEDDBLS-02/2019-20 |
| 6 | Date & Time of availability of Bid document in the Portal | From Dt.04.10.2019 at 10.00 hours To Dt.19.10.2019 up to 17.00 hours |
| 7 | Date of Opening of technical bid | Dt.21.10.2019 at 11.30 Hrs in the O/O The Executive Engineer, Drainage Division, Balasore |
| 8 | Date of Opening of financial bid | Dt.31.10.2019 at 11.30 Hrs in the O/O The Executive Engineer, Drainage Division, Balasore |
| 9 | Date of lottery (if required) | Dt.04.11.2019 at 11.30 Hrs in the O/O The Executive Engineer, Drainage Division, Balasore |
| 10 | Procurement Officer/ Name & address of the officer inviting Bids. | Executive Engineer, Drainage Division, Balasore |

**Further details can seen from the e-procurement portal website www.tendersorissa.gov.in**

32128/11/0002/1920 — Executive Engineer, Drainage Division, Balasore



**TENDER CALL NOTICE** 373-E

Sealed Tenders in plain papers are invited from intending retail medicine shop owners having valid drug license for 24 X 7 supply in and around, preferably within 200 mtrs. radius of SCB Medical College and Hospital, Campus for supply of Medicines, Medical consumables, Disposables, Suture materials, Orthopedic implants, Antiseptic and Disinfectants etc. to SCB Medical College Hospital, Cuttack for round the clock Emergency Purchase under BSKY, OSTF, Local Purchase and other welfare schemes of Govt. of Odisha as and when required by this hospital, so as to reach the office of the Superintendent, SCB MCH Cuttack by **4 PM on 11.11.2019** which will be opened **on 13.11.2019 at 4 PM** in the office of the undersigned. The tender papers and others sets of terms and conditions can be obtained from the Central Store (Tech. Section) on all working days between **10 AM to 4 PM** on deposit of Xerox copy of money receipt of a non refundable amount worth Rs 2000/-(Rupees Two Thousand) only, towards the cost of tender paper deposited in the Account Section of the office of the Superintendent, SCB MCH Cuttack or downloaded from our website www.scbmch.nic.in and submission of D.D worth Rs. 2000/- (Rupees Two thousand) only pledged in favour of Superintendent SCB MCH Cuttack towards the cost of tender paper and attached within the tender papers. The tender cost is around 15 Crores per annum.

**Sd/**
**Superintendent**
**SCB Medical College Hospital, Cuttack**
**10011/11/0021/1920**

## ସଂକ୍ଷେପରେ

### ହିଟ୍‌ରେ ବିଫଳ ଅଞ୍ଜଳି, ଅର୍ଚ୍ଚନା

**ଦୋହା, ୩୦।୯:** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୪୦୦ ମିଟର ରେସ୍‌ର ହିଟ୍‌ରେ ବିଫଳ ହୋଇଛନ୍ତି ଭାରତର ଅଞ୍ଜଳି ଦେବୀ। ୬ ନମ୍ବର ହିଟ୍‌ରେ ରେସ୍ କରିଥିବା ଅଞ୍ଜଳି ୫୨.୩୩ ସେକେଣ୍ଡ ସମୟ ନେଇ ୬ଷ୍ଠ ସ୍ଥାନରେ ରହିଥିଲେ। ଫଳରେ ସେ ୪୦୦ ମିଟର ସେମିଫାଇନାଲରେ ପ୍ରବେଶରୁ ବଞ୍ଚିତ ହୋଇଛନ୍ତି। ସେହିପରି ମହିଳା ୨୦୦ ମିଟର ହିଟ୍‌ରେ ଅଟକିଛନ୍ତି ଅର୍ଚ୍ଚନା ସୁସେନ୍ଦ୍ରନ। ୨ ନମ୍ବର ହିଟ୍‌ରେ ସେ ୨୩.୬୫ ସେକେଣ୍ଡ ସମୟ ନେଇଥିବାରୁ ସେମିଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।

### ଜାତୀୟ ସବଜୁନିୟର ବାଳିକା ହ୍ୟାଣ୍ଡବଲରେ ଭାଗନେବ ଓଡ଼ିଶା

**କଟକ ଅଫିସ, ୩୦।୯:** ଜାତୀୟ ସବ୍‌ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ ଉତ୍ତରାଖଣ୍ଡ ରୁଦ୍ରପୁର ଉଦ୍ଧାମସିଂହନଗରରେ ଆସନ୍ତା ୨ତାରିଖରୁ ଆରମ୍ଭ ହେବ। ୬ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ୬ଜଣିଆ ଓଡ଼ିଶା ଦଳ ମନୋନୟନ ହୋଇଛି। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ରବିବାର ଉତ୍ତରାଖଣ୍ଡ ଯାତ୍ରା କରିଛି। ପ୍ରତିପକ୍ଷା ପତି ଦଳର ନେତୃତ୍ୱ ନେବେ। ଗତବର୍ଷ ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦଳ ଗ୍ରୁପ୍ ପର୍ଯ୍ୟାୟରେ ବିଜୟୀ ହୋଇ ମୁଖ୍ୟ ଡ୍ର'ରେ ପହଞ୍ଚି ପାରିଥିଲା। ପୂର୍ବତନ ଜାତୀୟ ଖେଳାଳି ବୈଶାଳୀ ଭୋଇ ଦଳର କୋଚ ନିଯୁକ୍ତ ହୋଇଛନ୍ତି। ଏହି ଦଳକୁ ରାଜ୍ୟ ସଂଘର ଉପସଭାପତି ରମେଶ ପୃଷ୍ଟି, ପୂର୍ବତନ ଖେଳାଳି ଅର୍ଣ୍ଣବ ସିହ୍ନା ଓ ସମ୍ପାଦକ ବିରେନ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

### ରାଞ୍ଚିକୁ ଲୋକପ୍ରିୟ କରାଇଛନ୍ତି ଧୋନୀ

**ରାଞ୍ଚି,୩୦।୯(ପିଟି):** ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିକୁ ବିଶ୍ୱରେ ଲୋକପ୍ରିୟ କରାଇଛନ୍ତି। ସୋମବାର ରାଞ୍ଚି ବିଶ୍ୱବିଦ୍ୟାଳୟର ୩୩ତମ କନଭୋକେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଏଭଳି ମନ୍ତବ୍ୟ ଦେଇଛନ୍ତି। ଧୋନୀ ମୋତେ ରବିବାର ରାଜ ଭବନରେ ଭେଟିଥିଲେ। ଧୋନୀଙ୍କ ବ୍ୟତୀତ ମହିଳା ତୀରନ୍ଦାଜ ଦୀପିକା କୁମାରୀ, ୧୯୨୮ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଆଣିଥିବା ଭାରତୀୟ ହକି ଦଳର ଅଧିନାୟକ ଜୈପାଲ ସିଂ ମୁଣ୍ଡାଙ୍କୁ ମଧ ପ୍ରଶଂସା କରିଛନ୍ତି। ଉଭୟେ ଝାଡ଼ଖଣ୍ଡ ରାଜ୍ୟର।

---

ଗତ ୟୁଏସ୍ ଓପନ୍‌ରେ କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରରଙ୍କ ସହ ହୋଇଥିବା ମୁକାବିଲାରେ ପ୍ରଭାବୀ ପ୍ରଦର୍ଶନ ପରେ ମଧ ମୋତେ କେହି ସମର୍ଥନ ନ କରିବା ନିରାଶ କରିଛି।
—ସୁମିତ୍ ନାଗଲ, ଭାରତୀୟ ଟେନିସ ଖେଳାଳି



ଅବସର ନେବା ବ୍ୟକ୍ତିଗତ ନିଷ୍ପତ୍ତି। କିନ୍ତୁ ଭବିଷ୍ୟତ ଖେଳାଳିଙ୍କ ପ୍ରତି ମଧ ଦୃଷ୍ଟି ଦେବାକୁ ହୋଇଥାଏ। ତେଣୁ ମହେନ୍ଦ୍ର ସିଂ ଧୋନୀ ପରବର୍ତ୍ତୀ ବିଶ୍ୱକପ୍ ଖେଳନ୍ତୁ ତାହା ମୁଁ ଚାହୁଁନାହିଁ।
—ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ କ୍ରିକେଟର୍



# ମହିଳା ୨୦ କିଲୋମିଟର ଚାଲିରେ ଚାଇନାର ସୁଇପ୍

**ଦୋହା, ୩୦।୯**

ଚଳିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମହିଳା ୨୦ କିଲୋମିଟର ଚାଲିରେ ଚାଇନା ପ୍ରତିଯୋଗୀମାନେ କ୍ଲିନ୍ ସୁଇପ୍ କରିଛନ୍ତି। ହଂ ଲିଉ ୧:୩୨.୫୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଶେନ୍‌ଜି କ୍ୱିୟାଙ୍ଗ୍ ୧:୩୩.୧୦ ସେକେଣ୍ଡ ସହ ରୌପ୍ୟ ଏବଂ ଲିଉଜିଙ୍ଗ ୟାଙ୍ଗ୍ ୧:୩୩.୧୭ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨ ବର୍ଷର ବ୍ରେକ୍ ପରେ ଟ୍ରାକ୍‌କୁ ଫେରିଥିବା ୩୨ ବର୍ଷୀୟା ଲିଉ ପୁଣି ଚମକ ସୃଷ୍ଟି କରି କ୍ୟାରିୟରର ୩ୟ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ପୂର୍ବଥର ପରି ସେ ଏଥର ମଧ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଗରେ ରହି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ପ୍ରଥମଥରପାଇଁ କୌଣସି ଗୋଟିଏ ଦେଶର ୩ ପ୍ରତିଯୋଗୀ ମହିଳା ୱାକିଂ ଇଭେଣ୍ଟରେ ପଦକ ସୁଇପ୍ କରିଛନ୍ତି।



୨୦ କିମି ଚାଲିରେ ସ୍ୱର୍ଣ୍ଣ ବିଜୟିନୀ ହଂ ଲିଉ।

### ଟେଲରଙ୍କ ହ୍ୟାଟ୍ରିକ

ପୁରୁଷ ଟ୍ରିପଲ ଜମ୍ପରେ ଆମେରିକାର ଖ୍ରିଷ୍ଟିଆନ ଟେଲର ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥି ସହିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଟ୍ରିପଲ ଜମ୍ପ ଟାଇଟଲ ଜିତିବାରେ ସେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ୨୯ ବର୍ଷୀୟ ୨ ଥର ଅଲିମ୍ପିକ୍ ଚାମ୍ପିୟନ ଏବଂ ଏହାକୁ ମିଶାଇ ୪ ଥର ବିଶ୍ୱ ଚାମ୍ପିୟନ ଟେଲର ୧୭.୯୨ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଅନ୍ୟତମ ଆମେରିକୀୟ ଜମ୍ପର ୱିଲ୍ କ୍ଲାୟ ବ୍ୟକ୍ତିଗତ ଶ୍ରେଷ୍ଠ ୧୭.୭୪ ମିଟର ଜମ୍ପ କରି ରୌପ୍ୟ ଏବଂ ବୁର୍କିନା ଫାସୋର ହ୍ୟୁଗ୍ସ ଫାବ୍ରିକ୍ ଜାଙ୍ଗୋ ୧୭.୬୬ ମିଟର ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟେଲର ପୂର୍ବରୁ ୨୦୧୧, ୨୦୧୫ ଓ ୨୦୧୭ରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ପ୍ରଥମ ୨ଟି ଜମ୍ପରେ ଫାଉଲ୍ କରି ସେ ଏଲିମିନେଶନର ନିକଟତର ହୋଇଥିବାବେଳେ ତୃତୀୟ ଜମ୍ପରେ ୧୭.୪୨ ମିଟର କ୍ଲିୟର କରି ପ୍ରତିଯୋଗିତାରେ ତିଷ୍ଠି ରହିଥିଲେ। ଟେଲରଙ୍କ ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ କ୍ଲାୟ ଦ୍ୱିତୀୟ ଜମ୍ପରେ ୧୭.୭୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ଆଶା ଉଜ୍ଜୀବିତ କରିଥିଲେ। ସେ ନିଜ ୪ର୍ଥ ଓ ୫ମ ଉଦ୍ୟମରେ ୧୭.୭୪ ମିଟର ଜମ୍ପ ମଧ କରିଥିଲେ। ମାତ୍ର ଟେଲର ୫ମ ଉଦ୍ୟମରେ ୧୭.୯୨ ମିଟର ସ୍ପର୍ଶ କରି ବାଜି ମାରି ନେଇଥିଲେ। ଟେଲର ୨୦୧୨ ଓ ୨୦୧୬ରେ ଅଲିମ୍ପିକ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ମହିଳା ପୋଲ୍‌ଭଲ୍ଟରେ ବିନା ପତାକାରେ ଭାଗ ନେଇଥିବା ରୁଷିଆର ଆନ୍‌ଝେଲିକା ସିଡୋରୋଭା ୪.୯୫ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆମେରିକାର ସାଣ୍ଡି ମୋରିସ (୪.୯୦ ମିଟର) ରୌପ୍ୟ ଏବଂ ଗ୍ରୀସ୍‌ର କାଟେରିନା ଷ୍ଟିଫାନିଡି (୪.୮୫) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅଧିକାଂଶ ରୁଷୀୟ ଆଥଲେଟ୍ ଡୋପିଂ ବଳୟରେ ଥିବାବେଳେ ସିଡୋରଭାଙ୍କ ଡ୍ରଗ୍ସ ଟେଷ୍ଟ ରେକର୍ଡକୁ ଦେଖି ଭାଗ ନେବାର ସୁଯୋଗ ଦିଆଯାଇଥିଲା। ମାତ୍ର ସେ କୌଣସି ପତାକା ଅଧିନରେ ନୁହେଁ ବରଂ ନିରପେକ୍ଷ ଆଥଲେଟ୍‌ଭାବେ ଅଂଶଗ୍ରହଣ କରିଥିଲେ।






## ଜାତୀୟ ରେକର୍ଡ ସହ ଫାଇନାଲରେ ଅନୁ

ମହିଳା ଜାଭେଲିନ୍ ଥ୍ରୋ

**ଦୋହା, ୩୦।୯(ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତର ଶୀର୍ଷସ୍ଥାନୀୟ ମହିଳା ଜାଭେଲିନ ଥ୍ରୋୟର ଅନୁ ରାଣୀ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ସୋମବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ସେ ଏହି ସଫଳତା ପାଇଛନ୍ତି। ୨୭ ବର୍ଷୀୟା ଅନୁ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ 'ଏ'ରେ ପ୍ରଥମ ଉଦ୍ୟମରେ ୫୭.୦୫ ମିଟର ଜାଭେଲିନ ଥ୍ରୋ କରିଥିଲେ। ଏହାପରେ ସେ ଦ୍ୱିତୀୟ ରାଉଣ୍ଡରେ ୬୨.୪୩ ମିଟର ଥ୍ରୋ କରି ଜାତୀୟ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ସେ ଗତ ମାର୍ଚ୍ଚରେ ପଟିଆଲାରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ୬୨.୩୪ ମିଟର ଥ୍ରୋ ସହିତ ଜାତୀୟ ରେକର୍ଡର ଅଧିକାରିଣୀ ଥିଲେ। ତୃତୀୟ ତଥା ଅନ୍ତିମ ରାଉଣ୍ଡରେ ସେ ୬୦.୫୦ ମିଟର ଥ୍ରୋ କରି ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଥିଲେ। ଏସଆନ ଗେମ୍ସ ଚାମ୍ପିୟନ ଚାଇନାର ଲିଉ ଶିୟିଙ୍ଗ୍(୬୩.୪୮ ମିଟର) ଏବଂ ସ୍ଲୋଭେନିଆର ରତେଜ ମାର୍ଟିନା (୬୨.୮୭) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜାଭେଲିନ୍ ଥ୍ରୋ ଦୂରତା ଅନୁସାରେ ଅନୁ ଓଭରଅଲ୍ ୫ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ଭାବେ ବିଶ୍ୱ ଚାମ୍ପିୟନଶିପ୍ ମହିଳା ଜାଭେଲିନ୍ ଥ୍ରୋର ଫାଇନାଲ ରାଉଣ୍ଡରେ ପ୍ରବେଶ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଫାଇନାଲ ରାଉଣ୍ଡରେ ପ୍ରବେଶ କରିବାର କ୍ୱାଲିଫାଇଂ ମାର୍କ ହେଲା ୬୩.୫୦ ମିଟର। ଏଥିରେ କୋଟା ପୂରଣ ହୋଇ ନ ପାରିବାରୁ ଗ୍ରୁପ୍ 'ଏ' ଓ 'ବି'ରୁ ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ମହିଳା ପୋଲ୍‌ଭଲ୍ଟ ଇଭେଣ୍ଟ ଅବସରରେ କାନାଡ଼ାର ଆଲିଶା ନ୍ୟୁମ୍ୟାନ। | ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଜାମାଇକାର ଶେଲି ଆନ୍ ଫ୍ରାସର ପ୍ରାଇସ।

## ବିଶ୍ୱର ଦ୍ରୁତତମ ଧାବିକା ଶେଲି ଆନ୍

**ଦୋହା,୩୦।୯:** ଜାମାଇକାର ଶେଲି ଆନ୍ ଫ୍ରାସର ପ୍ରାଇସ ୪ର୍ଥ ଥର ପାଇଁ ବିଶ୍ୱର ଦ୍ରୁତତମ ଧାବିକା ହେବାର ସୌଭାଗ୍ୟ ପାଇଛନ୍ତି। ଦୁଇ ଥର ଅଲିମ୍ପିକ୍ ଚାମ୍ପିୟନ ଫ୍ରାସର ମହିଳା ବିଭାଗର ୧୦୦ ମିଟର ଦୌଡ଼କୁ ୧୦.୭୧ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚଳିତବର୍ଷର ମହିଳାଙ୍କ ମଧ୍ୟରେ ସେ ସବୁଠୁ ଦ୍ରୁତତମ। ସେ ୨୦୦୯, ୨୦୧୩ ଓ ୨୦୧୫ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିନ୍ତୁ ୨୦୧୭ ବିଶ୍ୱ ଚାମ୍ପିୟନଶପ୍‌ରୁ ପ୍ରଥମ ସନ୍ତାନର ଜନ୍ମ ଦେବା ପାଇଁ ଓହରି ଯାଇଥିଲେ। ବ୍ରିଟେନର ଡାଏନା ଆଶର ସ୍ମିଥ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାତେଇଛନ୍ତି। ସେ ୧୦.୮୩ ଟାଇମିଂ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଟାଇମିଂ। ଆଇଭରି କୋଷ୍ଟର ମାରିଏ ଜୋସ ତା ଲୋଉ (୧୦.୯୦ ସେ.) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ଅନ୍ତିମ ସଂସ୍କରଣରେ ରୌପ୍ୟ ପଦକ ଜିତିଥିଲେ। ମା' ହେଲା ପରେ ମଧ ମୁଁ ଏଠାରେ ଛିଡ଼ା ହୋଇପାରିଥିବାରୁ ବହୁତ ଆନନ୍ଦିତ। ମୁଁ ଗତ ରାତିରେ ଚିନ୍ତାରେ ଶୋଇ ପାରି ନ ଥିଲି। ୨୦୧୬ରେ ଅନ୍ତିମ ଥର ମେଜର ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲି। ଏଣୁ ରେସ ପୂର୍ବରୁ ନର୍ଭସ ଥିଲି। କିନ୍ତୁ ମାନସିକ ଶକ୍ତି ବଳରେ ନିଜ ଲକ୍ଷ୍ୟ ହାସଲ କରିହେବ ବୋଲି ୩୨ ବର୍ଷ ଚାମ୍ପିୟନ ଫ୍ରାସର ପ୍ରାଇସ କହିଛନ୍ତି।

## ବୋଲ୍ଟଙ୍କୁ ପଛରେ ପକାଇଲେ ମହିଳା ଆଥ୍‌ଲେଟ

**ଦୋହା,୩୦।୯:** ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଇତିହାସରେ ସଫଳତମ ଆଥ୍‌ଲେଟ କିମ୍ବଦନ୍ତୀ ଉସେନ ବୋଲ୍ଟଙ୍କୁ ପଛରେ ପକାଇଛନ୍ତି ଆମେରିକାର ମହିଳା ଧାବକ ଏଲିସନ ଫେଲିକ୍ସ। ସେ ଚଳିତ ବିଶ୍ୱ ଚାମ୍ପିୟନଶିପରେ ମିକ୍ସଡ୍ ୪ ଗୁଣା ୪୦୦ ମିଟର ରିଲେ ଇଭେଣ୍ଟରେ ଆମେରିକାକୁ ସ୍ୱର୍ଣ୍ଣ ପଦକ ଜିତାଇଛନ୍ତି। ଏହି ଇଭେଣ୍ଟକୁ ଆମେରିକା ଦଳ ୩ ମିନିଟ୍ ୯.୩୪ ସେକେଣ୍ଡରେ ଶେଷ କରି ଶୀର୍ଷ ସ୍ଥାନ ହାସଲ କରିଥିଲା। ଫେଲିକ୍ସ ୧୦ ମାସ ତଳେ ମାତୃତ୍ୱ ଲାଭ କରିଥିଲେ। ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ କ୍ୟାରିୟରର ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୨ରେ ପହଞ୍ଚିଛି। ୩୩ ବର୍ଷୀୟ ଆଥ୍‌ଲେଟ ବିଶ୍ୱ ଚାମ୍ପିୟନଶିପ୍‌ର ୨୦୦ ମି., ୪୦୦ ମି., ୪ ଗୁଣା ୧୦୦ ମି., ୪ ଗୁଣା ୪୦୦ ମି. ଓ ମିକ୍ସଡ୍ ୪ ଗୁଣା ୪୦୦ ମି.ଇଭେଣ୍ଟରେ ୧୨ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ଜାମାଇକାର ବୋଲ୍ଟଙ୍କଠାରୁ ଗୋଟିଏ ଅଧିକ। ବୋଲ୍ଟ ଶେଷ ଥର ପାଇଁ ୨୦୧୭ ସଂସ୍କରଣରେ ଟ୍ରାକ୍‌କୁ ଓହ୍ଲାଇଥିଲେ। ଏ ନେଇ ଫେଲିକ୍ସଙ୍କୁ ଆଇଏଏଫ୍ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ଉଲ୍ଲେଖଥାଉ କି, ୪ଥର ଅଲିମ୍ପିଆନ ଗତ ନଭେମ୍ବରରେ କନ୍ୟା ସନ୍ତାନର ମା' ହୋଇଥିଲେ।

---

ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ

## ସ୍ୱେତପଦ୍ମା ଦଳାଇଙ୍କୁ ତ୍ରିମୁକୁଟ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)**

ବଲାଙ୍ଗୀର ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ବଲାଙ୍ଗୀରର ମନୋହରପୁରସ୍ଥିତ ରିଜର୍ଭ ପୋଲିସ ଇନ୍‌ଡୋର ହଲ୍‌ରେ ୪ର୍ଥ ଆର.ଏନ. ସିଂଦେଓ ମେମୋରିଆଲ ଅଲ୍ ଓଡ଼ିଶା ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ସ୍ୱେତପଦ୍ମା ଦଳାଇ ଏବଂ ପୁରୁଷ ସିଙ୍ଗଲ୍ସରେ ମହମ୍ମଦ ଆଖାର ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସ୍ୱେତପଦ୍ମା ୪-୧(୯-୧୧, ୧୧-୬, ୧୧-୭, ୧୧-୮, ୧୧-୪)ରେ ମୟୂରୀ ଚାଟାର୍ଜୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆଖାର ୪-୦(୧୩-୧୧, ୧୧-୫, ୧୧-୯, ୧୧-୯)ରେ ସ୍ନେହନୟ ମଲିକଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। କେବଳ ମହିଳା ସିଙ୍ଗଲ୍ସରେ ନୁହେଁ, ସ୍ୱେତପଦ୍ମା ସବ୍‌ଜୁନିୟର ଓ ଜୁନିୟର ବାଳିକା ଟାଇଟଲ ଜିତି ତ୍ରିମୁକୁଟ ହାସଲ କରିଛନ୍ତି।

କ୍ୟାଡେଟ ବାଳିକାରେ ସୋହାଲିକା ସଦାବର୍ମନ ଏବଂ ବାଳକରେ ଅନିନ୍ଦ୍ୟ ଅନୁପମ ଦାସ ଚାମ୍ପିୟନ ହୋଇଛନ୍ତି। ସେହିପରି ସବ୍‌ଜୁନିୟର ବାଳିକାରେ ସ୍ୱେତପଦ୍ମା, ବାଳକରେ ଅନିନ୍ଦ୍ୟ ଅନୁପମ, ଜୁନିୟର ବାଳିକାରେ ସ୍ୱେତପଦ୍ମା, ବାଳକରେ ମୋହିତ ବେହୁରାୟ, ୟୁଥ୍ ବାଳକରେ ରୋହିତ ହାଲ୍‌ଦାର ଚାମ୍ପିୟନ ହୋଇଛନ୍ତି। ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି, ବଲାଙ୍ଗୀର ଆଡିଶନାଲ ଏସ୍‌ପି ସୁବାସ ଚନ୍ଦ୍ର ଜମାଦାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ହୋମ୍‌ଗାର୍ଡ) କୁମୁଦ ସେଠ୍, ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ କୋଷାଧ୍ୟକ୍ଷ ନୀହାର ରଞ୍ଜନ ମିଶ୍ର, ବଲାଙ୍ଗୀର ଜିଲା ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ସ୍ମୃତିରଞ୍ଜନ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରି କେ.ଏସ.ଏନ. ମୂର୍ତ୍ତି, ସହକାରୀ ରେଫରି ତପନ ଖା, ବିଜନ ଦାସ ମହାପାତ୍ର, ସୁଜିତ କୁମାର ରାୟ, ଏମ. ଚିନ୍ନା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ବେଙ୍ଗଲକୁ ଜିତାଇଲେ ଇଶାନ

**ଜୟପୁର,୩୦।୯(ପିଟି):** ଭାରତ ଏ' ଦଳର ସ୍ୱିଡ୍ ଷ୍ଟାର ଇଶାନ ପୋରେଲଙ୍କ ଘାତକ ବୋଲିଂ ବଳରେ ବେଙ୍ଗଲ ସହଜରେ ଜମ୍ମୁ-କଶ୍ମୀରକୁ ହରାଇ ଦେଇଛି। ସେହିଭଳି ଏକ ତରଫା ମ୍ୟାଚ୍‌ରେ ମଧ୍ୟପ୍ରଦେଶ, ଗୁଜରାଟ ଯଥାକ୍ରମେ ବିହାର ଓ ତ୍ରିପୁରାକୁ ପରାସ୍ତ କରିଛି। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପୋରେଲ ୩୪ ରନ୍ ଦେଇ ୬ ଉଇକେଟ ନେଇଥିଲେ। ଫଳରେ ଜମ୍ମୁ-କଶ୍ମୀର ୧୬୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସିନିୟର ପେସର ଅଶୋକ ଦିଣ୍ଡା ୨ ଉଇକେଟ ନେଇଥିଲେ। ପ୍ରତିପକ୍ଷ ଦଳ ଲାଗି ରାମ ଡାୟାଲ ୫୭ ଓ ଫାଜିଲ ରଶିଦ ୪୩ ରନ୍ କରିଥିଲେ। ସହଜ ଲକ୍ଷ୍ୟର ପିଛା କରୁଥିବା ବେଙ୍ଗଲ ମାତ୍ର ୨୮ ଓଭରରେ ୨ ଉଇକେଟ ହରାଇ ୧୭୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ପାଇଁ ଶ୍ରୀବାସ୍ତ ଗୌସ୍ୱାମୀ ୮୦ ଓ ଅଭିମନ୍ୟୁ ଈଶ୍ୱରନ ୫୧ ରନ୍ କରିଥିଲେ। ପୂର୍ବତନ ଅଧିନାୟକ ମନୋଜ ତିୱାରୀ ୨୭ ରନ୍ କରି ଅପରାଜିତ ଥିଲେ। ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୭ ଉଇକେଟରେ ବିହାରକୁ ପରାସ୍ତ କରିଛି। ବିହାର ପ୍ରଥମେ ବ୍ୟାଟିଂ କରି ୧୩୭ ରନ୍ କରିଥିବାବେଳେ ମଧ ପ୍ରଦେଶ ୨୭.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଆଉ ଏକ ମ୍ୟାଚ୍‌ରେ ଗୁଜରାଟ ୧୦୧ ରନ୍‌ରେ ତ୍ରିପୁରାକୁ ହରାଇଛି। ଭାର୍ଗବ ମେରାଇଙ୍କ ୧୨୫ ରନ୍‌ର ଇନିଂସ ବଳରେ ଗୁଜରାଟ ୩୦୫ ରନ୍ କରିଥିଲା। ଜବାବରେ ତ୍ରିପୁରା ସମସ୍ତ ଓଭର ବ୍ୟାଟିଂ କରି ୮ ଉଇକେଟ ହରାଇ ୨୦୪ ରନ୍ କରିପାରିଥିଲା।

## ଦାୟିତ୍ୱ ଗ୍ରହଣ କଲେ ଓସିଏ କର୍ମକର୍ତ୍ତା


ଓଡ଼ିଶା କ୍ରିକେଟ ଆସୋସିଶନର ନବନିର୍ବାଚିତ କର୍ମକର୍ତ୍ତା।

**କଟକ ଅଫିସ,୩୦।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବନିର୍ବାଚିତ କର୍ମକର୍ତ୍ତା ସୋମବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାନ, ଆପେକ୍ସ କାଉନସିଲ ସଦସ୍ୟ ଶୁଭାଶିଷ ସେନାପତି ଉପସ୍ଥିତ ଥିବା ବେଳେ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ବ୍ୟକ୍ତିଗତ କାରଣ ଯୋଗୁଁ ଅନୁପସ୍ଥିତ ଥିଲେ। ବିଭିନ୍ନ ବର୍ଗରୁ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅନ୍ୟପକ୍ଷରେ ସମ୍ପାଦକ ଚୌକିରେ ବସିବା ବେଳେ ସଞ୍ଜୟ ଭାବବିହ୍ୱଳ ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଥିଲା। ଯେଉଁ ଆସନରେ ତାଙ୍କ ବାପା ଆଶୀର୍ବାଦ ବେହେରା ୧୬ବର୍ଷ ବସିଛନ୍ତି ସେଠାରେ ବସିବା ତାଙ୍କ ପାଇଁ ସହଜ ନୁହେଁ ବୋଲି ସେ କହିଥିଲେ। ଏହାଛଡ଼ା ବାପାଙ୍କ ଅନୁପସ୍ଥିତି ଅନୁଭବ କରୁଛି ଏବଂ ଏହି ବିଜୟରେ ମୁଁ ଯେତେ ଖୁସି ହେବାକଥା ତାହା ହୋଇନାହିଁ ବୋଲି ସଞ୍ଜୟ କହିଛନ୍ତି।

## ଆଇସିସି ପୂର୍ଣ୍ଣ ସଦସ୍ୟ ଦଳକୁ ହରାଇଲା ସିଙ୍ଗାପୁର

**ଦୁବାଇ,୩୦।୯:** ସିଙ୍ଗାପୁର କ୍ରିକେଟ ଦଳ ରବିବାର ଜିମ୍ବାୱେକୁ ହରାଇ ଇତିହାସ ରଚିଛି। ସିଙ୍ଗାପୁର ପ୍ରଥମ ଥର ପାଇଁ ଆଇସିସି ପୂର୍ଣ୍ଣ ସଦସ୍ୟତା ପାଇଥିବା କୌଣସି ଦଳକୁ ହରାଇ ଦେଇଛି। ବର୍ଷା ଯୋଗୁ ୧୮ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସିଙ୍ଗାପୁର ଧାର୍ଯ୍ୟ ୧୮ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଦଳର କୌଣସି ଖେଳାଳି ଅର୍ଦ୍ଧଶତକ କରିପାରି ନ ଥିଲେ। ରୋହନ ରଙ୍ଗରାଜନ ୩୯, ସୁରେନ୍ଦ୍ରନ ଚନ୍ଦ୍ରମୋହନ ୨୩, ଟିମ୍ ଡେଭିଡ୍ ୪୧ ଓ ମନପ୍ରୀତ ସିଂ ୪୧ ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଆନ ବୁର୍ଲ ୩ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ସିନ ୱିଲିୟମ୍ସ ବିସ୍ଫୋରକ ୬୬ ଓ ରେଗିସ ଚକାବ୍‌ଭାଙ୍କ ୪୮ ରନ୍‌ର ଇନିଂସ ସତ୍ତ୍ୱେ ଜିମ୍ବାୱେ ଦଳ ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ଧାର୍ଯ୍ୟ ୧୮ ଓଭରରେ ଜିମ୍ବାୱେ ଦଳ ୭ ଉଇକେଟ ହରାଇ ୧୭୬ ରନ୍ କରିବାକୁ ସକ୍ଷମ ହୋଇଥିଲା।

DSPL-94
ରକ୍ତଦାନ କରନ୍ତୁ ଅନ୍ୟର ଜୀବନ ରକ୍ଷାରେ ସହାୟକ ହୁଅନ୍ତୁ
ବୁନ୍ଦାଏ ରକ୍ତପାଇଁ
ହୁଏତ କିଏ ନା କେଉଁଠି
ଆପଣଙ୍କୁ ଅପେକ୍ଷା କରିଛି...
ରକ୍ତଦାନ କରନ୍ତୁ
ଜୀବନ ବଞ୍ଚାନ୍ତୁ
▸ ସରକାରୀ ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ବିନାମୂଲ୍ୟରେ ରକ୍ତ ଯୋଗାଇଦିଆଯାଉଛି ।
▸ ଥାଲାସେମିଆ, ସିକିଲସେଲ, ହିମୋଫେଲିଆ ଆଦି ରୋଗୀମାନଙ୍କୁ ଡାକ୍ତରଖାନା ଯିବାଆସିବା ନିମନ୍ତେ ମାସିକ ୫୦୦ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ।
ଅଧିକ ସୂଚନା ପାଇଁ ଜିଲ୍ଲା /ଉପଖଣ୍ଡ ସ୍ତରୀୟ ବ୍ଲଡ୍‌ବ୍ୟାଙ୍କ କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0047/1920

## ସାପ କାମୁଡ଼ାରେ ଯୁବକ ମୃତ | ଡାକ୍ତରଖାନାରେ ଝଡ଼ାଫୁଙ୍କା

ଟିଟିଲାଗଡ଼, ୩୦।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅଦାବାହାଲ ଗ୍ରାମ ପଞ୍ଚାୟତ ତଥା ସିନ୍ଧେକେଲା ଥାନା ଅନ୍ତର୍ଗତ ସିଲଣ୍ଡା ଗ୍ରାମର ପିଙ୍କୁ ନାଗ(୩୫)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ତେବେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ପିଙ୍କୁଙ୍କୁ ଗୁଣିଆଙ୍କ ଝଡାଫୁଙ୍କା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ମଧ୍ୟାହ୍ନରେ ନିଜ କପା କିଆରିରେ କାମ କରୁଥିବା ବେଳେ ପିଙ୍କୁଙ୍କୁ ଏକ ସାପ କାମୁଡିଥିଲା। ଏନେଇ ପରିବାର ଲୋକେ ସନ୍ଧ୍ୟାରେ ତାଙ୍କୁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତା ପୂର୍ବରୁ କୁଡିଆମୁଣ୍ଡାର ନାଗବାଚାଙ୍କ ପାଖକୁ ପିଙ୍କୁକୁ ନିଆଯାଇଥିଲା। ପରେ ସନ୍ଧ୍ୟାରେ ଟିଟିଲାଗଡ ଡାକ୍ତରଖାନା ଆଣି ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରେ ଚିକିତ୍ସା ଜାରି ରହିଥିବା ବେଳେ ଜଣେ ଗୁଣିଆ ମଧ୍ୟ ପିଙ୍କୁଙ୍କ ଜୀବନ ରକ୍ଷା ନେଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଲାଗି ପଡିଥିବା ଆଲୋଚନାର ବିଷୟ ହୋଇଛି। ପରେ ସିନ୍ଧେକେଲା ଥାନା ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଟିଟିଲାଗଡ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିଥିଲା। ସୋମବାର ସକାଳେ ଡାକ୍ତରଖାନାରେ ବ୍ୟବଚ୍ଛେଦ ସହ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ ଉପଖଣ୍ଡ ମୁଖ୍ୟାଳୟରେ ସରକାରୀ ଡାକ୍ତରଖାନାରେ ଡାକ୍ତର, କର୍ମଚାରୀ, ନର୍ସଙ୍କ ଉପସ୍ଥିତିରେ ଗୁଣିଆଙ୍କ ଝଡାଫୁଙ୍କା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ଧବିଶ୍ୱାସ ଜୀବନ ନେଲା ବୋଲି ଆଲୋଚନା ହୋଇଛି। ଯୁବକଙ୍କ ସ୍ତ୍ରୀ ତଥା ଦୁଇ ନାବାଳକ ନାବାଳିକା ସନ୍ତାନ ରହିଛନ୍ତି। ଏ ନେଇ ଏସ୍‌ଡିଏମଓ ଡାକ୍ତର ସୁଜାତା ମିଶ୍ରଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ନାହିଁ। ଯଦି ଡାକ୍ତରଖାନାରେ ଏପରି ହୋଇଥାଏ ତେବେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।



ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ମୃତ ପିଙ୍କୁଙ୍କୁ ଝଡ଼ାଫୁଙ୍କା କରାଯାଉଛି।

### ପାରିବାରିକ କଳିର କରୁଣ ପରିଣତି

## ବାପାଙ୍କ ଠେଙ୍ଗା ମାଡ଼ରେ ୪ବର୍ଷର ପୁଅ ମୃତ, ସ୍ତ୍ରୀ ଗୁରୁତର

ଯୋଡ଼ା,୩୦।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପିଢପୋଖରୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ତାଙ୍କ ୪ବର୍ଷ ପୁଅର ମୃତ୍ୟୁ ଘଟିଛି। ସ୍ତ୍ରୀ ଗୁରୁତର ହୋଇଛନ୍ତି । ପୋଲିସ ଏକ ମାମଲା(ନଂ.୧୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅଭିଯୁକ୍ତ ବାପା ଫେରାର ଅଛନ୍ତି । ପୋଲିସ ତାଙ୍କୁ ଗିରଫ ପାଇଁ ତନାଘନା ଚଳାଇଛି । ମିଳିଥିବା ସୂଚନା ଅନୁଯାୟୀ, ପିଢପୋଖରୀ ଗ୍ରାମରେ ରହୁଥିବା ରାମ ମୁଣ୍ଡାଙ୍କ ସହ ତାଙ୍କ ସ୍ତ୍ରୀ ସରୋଜିନୀଙ୍କ କୌଣସି କାରଣରୁ ରବିବାର ସନ୍ଧ୍ୟାରେ ଝଗଡ଼ା ଲାଗିଥିଲା । ଏହି ପାରିବାରିକ କଳି ଶେଷରେ ଉଗ୍ରରୂପ ଧାରଣ କରିଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମ ଏକ ଠେଙ୍ଗାରେ ସରୋଜିନୀଙ୍କୁ ପିଟି ଚାଲିଥିଲେ । ସରୋଜିନୀଙ୍କ ଚିତ୍କାର ଶୁଣି ଘରେ ଖେଳୁଥିବା ତାଙ୍କ ୪ ବର୍ଷର ପୁଅ ମା'ଙ୍କ ପାଖକୁ ଦୌଡି ଆସିଥିଲେ । ହେଲେ ରାମଙ୍କ ଠେଙ୍ଗା ମାଡ଼ରୁ ସେ ବର୍ତ୍ତି ପାରି ନ ଥିଲେ । ରାମଙ୍କ ଠେଙ୍ଗା ମାଡ଼ରେ ଉଭୟ ମା' ଓ ପୁଅ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସୋମବାର ସକାଳେ ପୁଅର ମୃତ୍ୟୁ ଘଟିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି। ସରୋଜିନୀ ସେଠାରେ ଚିକିତ୍ସାଧୀନ ଅଛନ୍ତି ।

### ଆଜି କ'ଣ କେଉଁଠି

**କଣ୍ଟାବାଞ୍ଜି**
■ ଜିଲାସ୍ତରୀୟ ଖୋଖୋ ଓ କବାଡି ଚାମ୍ପିୟନଶିପ , ରେଳବାଇ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

**ବଲାଙ୍ଗୀର**
■ରାଧେଶ୍ୟାମ ଆଞ୍ଚଳିକ ଡିଗ୍ରୀ କଲେଜରେ ଯୁବଶକ୍ତି ଓ ଗାନ୍ଧୀ ଶୀର୍ଷକ ଆଲୋଚନାଚକ୍ର, ବିଲେଇସର୍ଡା, ପୂର୍ବାହ୍ନ ୧୦ଟା।

**ଲାଠୋର**
■ ସାନଗୁର୍ଜିଭଟା, କରୁଆଁଝର ଚାଷୀଙ୍କ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ହରିଶଙ୍କର ରୋଡ ରେଳ ଷ୍ଟେଶନ, ପୂର୍ବାହ୍ନ ୧୧ଟା।

**ଲୋଇସିଂହା**
■ ଯୁକ୍ତତିନି ଓଡିଆ, ଅର୍ଥଶାସ୍ତ୍ର ଓ ଇତିହାସ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ଲୋଇସିଂହା କଲେଜ, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
■ବରିଷ୍ଠ ନାଗରିକ ଦିବସ, ସାରାବଙ୍ଗ ହାଇସ୍କୁଲ ପରିସର, ଅପରାହ୍ନ ସାଢେ ୫ଟା ।

**କର୍ଲାମୁଣ୍ଡା**
■ ବିଶ୍ୱ ବରିଷ୍ଠ ନାଗରିକ ଦିବସ, କର୍ଲାମୁଣ୍ଡା ବ୍ଲକ ରାଜୀବ ସେବାକେନ୍ଦ୍ର, ପୂର୍ବାହ୍ନ ୧୧ଟା ।

**ଅମରପାଲି**
■ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ବୀରମହାରାଜପୁର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା ।
■ ନବାହ ପରାୟଣର ପୂର୍ଣ୍ଣାହୁତି, କର୍ଡାପାଳ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୦ଟା ।

**ଦେବଗଡ**
■ ପନିପରିବା ତାଲିମ ଶିବିର ଓ ଦକ୍ଷତା ବୃଦ୍ଧି ତାଲିମ, ବାରକୋଟ, ପୂର୍ବାହ୍ନ ୯।୩୦।
■ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ସମାରୋହ, କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା ୩୦।

### ■ ଇଟାଭାଟିରେ ନାବାଳକଙ୍କୁ ମାଡ଼ମାରି ହାତ ଭାଙ୍ଗିଦେବା ଘଟଣା

## ଶ୍ରମ ବିଭାଗ ସଚିବଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

କର୍ନାଟକର କୁଲବର୍ଗୀ ଜିଲାରେ ଏକ ଇଟାଭାଟିରେ ନିୟୋଜିତ ବଲାଙ୍ଗୀରର ଜଣେ ନାବାଳକଙ୍କୁ ମାଡ଼ ମାରି ହାତ ଭାଙ୍ଗିଦେବା ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି)। ଏହାସହ ରାଜ୍ୟର ଅନୁନ୍ନତ ଅଞ୍ଚଳର ଦାଦନ ଶ୍ରମିକଙ୍କ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ କମିଶନ ନିଜଆଡୁ ଏକ ମାମଲା ରୁଜୁ କରିବା ସହ ଶ୍ରମ ବିଭାଗ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଅକ୍ଟୋବର ୨୮ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। କମିଶନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ, ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ, ଅସୀମ ଅମିତାଭ ଦାଶ ଏହି ନୋଟିସ ଜାରି କରିଛନ୍ତି।

ସୂଚନାନୁଯାୟୀ, ୨୦୧୪ରେ ନାବାଳକଙ୍କୁ ଜଣେ ଦଲାଲ ଅର୍ଥ ପ୍ରଲୋଭନ ଦେଖାଇ କୁଲବର୍ଗୀ ଜିଲାର ଇଟାଭାଟିରେ ନିୟୋଜିତ କରିଥିଲେ। କିନ୍ତୁ ସେଠାରେ ନାବାଳକଙ୍କୁ ଅଧିକ କାମ କରିବାକୁ ମାଲିକ ବାଧ କରୁଥିଲେ। ଏଥିପାଇଁ ମାଡ଼ ମାରୁଥିଲେ। ଦିନେ ତାଙ୍କୁ ଇଟାଭାଟି ମାଲିକ ନିସ୍ତୁକ ମାଡ଼ ମାରିବା ଯୋଗୁ ତାଙ୍କ ହାତ ଭାଙ୍ଗି ଯାଇଥିଲା। ଏହି ଘଟଣାର ତଦନ୍ତ କରାଯାଇଛି କି ନାହିଁ, ମାମଲାର ସ୍ଥିତି କ'ଣ ସେନେଇ କମିଶନ ରିପୋର୍ଟ ତଲବ କରିଛନ୍ତି।

### ■ ରାଉରକେଲା ନିର୍ବାଚନକୁ ନେଇ ମାମଲା

## ବିଧାୟକ ସାରଦା ନାୟକଙ୍କ ସହ ୯ଜଣଙ୍କୁ ନୋଟିସ୍

କଟକ ଅଫିସ, ୩୦।୯

ରାଉରକେଲା ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାରେ ବିଧାୟକ ସାରଦା ନାୟକଙ୍କ ସହ ୯ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଭାଜପାର ପରାଜିତ ପ୍ରାର୍ଥୀ ନିହାର ରାୟଙ୍କ ପକ୍ଷରୁ ହାଇକୋର୍ଟରେ ରୁଜୁ ହୋଇଥିବା ଏହି ମାମଲାର ଶୁଣାଣି କରି ବିଚାରପତି ଏ.କେ. ମିଶ୍ର ସୋମବାର ଏହି ଆଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୨୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ଗତ ନିର୍ବାଚନରେ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଶାରଦା ନାୟକ ୬୦,୮୭୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିହାର ୫୦,୪୧୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି, ବିଧାୟକ ନାୟକ ନିର୍ବାଚନ ସମୟରେ ଦାଖଲ କରିଥିବା ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଛନ୍ତି । ସେ ଲାଭଜନକ ବ୍ୟବସାୟରେ ସାମିଲ ଥିବାବେଳେ ଏ ସମ୍ପର୍କରେ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି । ସତ୍ୟପାଠ ଏହା ଲୁଚାଇଥିବାରୁ ସେ ଜନ ପ୍ରତିନିଧି ଆଇନର ଉଲଂଘନ କରିଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ଦାସ ଏହି ମାମଲା ପରିଚାଳନା କରୁଛନ୍ତି।

## ଛେଳି ମୃତ୍ୟୁ ପାଇଁ କୋଇଲା ଖଣି ବନ୍ଦ

ସମ୍ବଲପୁର, ୩୦।୯ (ବ୍ୟୁରୋ)

**ଏମ୍‌ସିଏଲ୍‌ର ପ୍ରାୟ ୨.୬୮ କୋଟି ଟଙ୍କା କ୍ଷତି**

ତାଳଚେର କୋଇଲା ଖଣିରେ ସୋମବାର ଏକ ଛେଳିର ମୃତ୍ୟୁ ଘଟିଛି। ଖଣି କାମ ଚାଲିଥିବାବେଳେ ଏହି ଛେଳିଟି ହଠାତ୍ ପଶି ଯାଇଥିଲା। କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ଏକ ଚଳନ୍ତା ଟ୍ରିପର୍ ତଳେ ଛେଳିଟି ପଶିଯିବାରୁ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ରକରି ତାଳଚେର ଚଟିଆ ହଟିଂ ଗ୍ରାମବାସୀ ଜବରଦସ୍ତ ଖଣିକୁ ପ୍ରବେଶ କରି ହୋହାଲ୍ଲା କରିଥିଲେ । ଛେଳି ମୃତ୍ୟୁ ବାବଦକୁ ସେମାନେ ଖଣି କର୍ତ୍ତୃପକ୍ଷଙ୍କୁ ୬୦ ହଜାର ଟଙ୍କା କ୍ଷତି ପୂରଣ ଦାବି କରିଥିଲେ। ଫଳରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ଜଗନ୍ନାଥ ସାଇଡିଂ ୧ ଓ ୨ ସଂପୂର୍ଣ୍ଣ ବନ୍ଦ ରହିଥିଲା ।

ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ଏହି ଘଟଣା ଯୋଗୁ ରେଲୱେ ସାଇଡିଂଠାରୁ କୋଇଲା ପରିବହନ ଓ ଡେସପାଚ୍ କାର୍ଯ୍ୟ ହୋଇପାରି ନ ଥିଲା । ଫଳସ୍ୱରୂପ କୋଇଲା ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। ଏମ୍‌ସିଏଲ୍‌କୁ କୋଇଲା ପରିବହନରେ ୧.୪୦ କୋଟି ଟଙ୍କା କ୍ଷତି ହୋଇଛି। ରେଳ ମାଧ୍ୟମରେ କୋଇଲା ଡେସପାଚ୍ ବାବଦକୁ ମଧ ୧.୨୮ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ମୋଟାମୋଟି ଏମସିଏଲର ପ୍ରାୟ ୨.୬୮ କୋଟି ଟଙ୍କା କ୍ଷତି ହୋଇଛି । ଏଥିଯୋଗୁ ସରକାରଙ୍କୁ ରାଜସ୍ୱରେ ପ୍ରାୟ ୪୬ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡିବ। ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାମାନେ ମଧ କ୍ଷତି ସହିବେ। ୪ ର୍ୟାକ୍ କୋଇଲା ଯୋଗାଇବାରେ ବାଧା ସୃଷ୍ଟି ହୋଇଛି। ଦେଶର ୫ ଟ୍ରିଲିୟନ୍ ଆର୍ଥିକ ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରିଛି। ତେବେ ଏ ନେଇ ଏମ୍‌ସିଏଲ୍ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଛି।

DADLS-28
150 YEARS OF CELEBRATING THE MAHATMA

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ
ରାଜ୍ୟସ୍ତରୀୟ ସମାରୋହ
୦୨ ଅକ୍ଟୋବର, ୨୦୧୯
ପ୍ରାତଃ ଘ.୪.୩୦ମି. – ରାମଧୂନ (ସହର ପରିକ୍ରମା)
ସକାଳ ୭.୦୦ ଘଟିକା – ସ୍ଥାନ : ଆଚାର୍ଯ୍ୟବିହାର ଠାରୁ ଏ.ଜି.ଛକ ମାନବ ଶୃଙ୍ଖଳ ଓ ରାମଧୂନ ସଂକୀର୍ତ୍ତନ ପଦଯାତ୍ରା
ସକାଳ ୯.୦୦ ଘଟିକା – ସ୍ଥାନ : ଗୀତଗୋବିନ୍ଦ ସଦନ
ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର
ସମୟ – ସକାଳ ଘ.୧୦.୧୦ମି.
ପ୍ରାର୍ଥନା ସଭା ସ୍ଥାନ : ଓଡ଼ିଶା ବିଧାନସଭା ପରିସର, ଭୁବନେଶ୍ୱର
ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ ଜନପ୍ରତିନିଧି ଓ ଜନସାଧାରଣଙ୍କ ଆଗମନ
ପୂର୍ବାହ୍ନ ୧୧.୦୦ ଘଟିକା – ସ୍ଥାନ : ଜୟଦେବ ଭବନ
ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ ଓ ଗାନ୍ଧୀ କଥା
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ, କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଅତିଥି ଭାବେ ଯୋଗ ଦେବେ ।
ଶ୍ରୀଯୁକ୍ତ ସତ୍ୟନାରାୟଣ ସାହୁ, ବିଶିଷ୍ଟ ଗାନ୍ଧୀବାଦୀ ବିଦ୍ୱାନ ବକ୍ତା ଭାବେ ଯୋଗଦାନ କରିବେ ।
ଅପରାହ୍ନ ୩.୦୦ ଘଟିକା – ସ୍ଥାନ : ଗୀତଗୋବିନ୍ଦ ସଦନ
ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ କବିତା ଆସର ଓ ମୁଶାୟାରା
ସନ୍ଧ୍ୟା ଘ.୬.୩୦ ମି. – ସ୍ଥାନ : ଜୟଦେବ ଭବନ
ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ 'ବୈଷ୍ଣବ ଜନେ ତୋ' ସଙ୍ଗୀତରେ ଓଡ଼ିଶୀ ନୃତ୍ୟ ଏବଂ ସୁର ଭାଇବ୍ରେସନର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ କରାଯିବ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
15001/13/0046/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧/୨୦୧୯ Sambalpur, Tuesday, October 1 / 2019

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଯଶୋବନ୍ତ


ଫାଲ୍‌ଗୁନୀ


ଆଜାଦ୍


ସୁରେନ୍ଦ୍ର


ଧୀରେନ୍

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଛାତ୍ରାବାସ ଛାତରୁ ଖସିଲା କଂକ୍ରିଟ

**ବାଲେଶ୍ୱର ଅଫିସ, ୩୦।୯**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରାବାସ କୋଠାରୁ ସୋମବାର ମଧ୍ୟାହ୍ନରେ କଂକ୍ରିଟ୍ ଖଣ୍ଡ ଖସି ପଡିଥିଲା । ଏଥିରେ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାର ପ୍ରତିବାଦ କରି ଅନ୍ୟ ନର୍ସିଂ ଛାତ୍ରୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ଅଫିସ୍ ଘେରାଉ କରିଥିଲେ । ଦୀର୍ଘ ୩/୪ ଘଣ୍ଟା ପରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ଦୁର୍ଗା ପୂଜା ଛୁଟି ଭିତରେ ଉକ୍ତ କୋଠା ସମ୍ପୂର୍ଣ୍ଣ ମରାମତି କରିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ୧୯୫୯ ମସିହାରେ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ତିଆରି ହୋଇଥିଲା। କିଛିବର୍ଷ ହେଲା ଛାତରୁ ସିମେଣ୍ଟ, ବାଲି ଖଣ୍ଡ ଖସି ଏହା ଅସୁରକ୍ଷିତ ହୋଇପଡ଼ିଛି। ଏପରିକି ବର୍ଷା ସମୟରେ ଘର ଭିତରେ ପାଣି ପଶି ଯାଉଥିବାରୁ ହଇରାଣ ହରକତ ହେବାକୁ ପଡୁଛି। ଛାତ୍ରୀମାନେ ବାରମ୍ବାର ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଛାତ୍ରୀ ସୁକାନ୍ତି ବିନ୍ଧାଣୀ ସୋମବାର ମଧ୍ୟାହ୍ନରେ ଶୌଚାଳୟ ଯାଇଥିବା ବେଳେ ହଠାତ୍ ଛାତରୁ ସିମେଣ୍ଟ, ବାଲି ଖଣ୍ଡ ଖସିଥିଲା। ଏହି କଂକ୍ରିଟ ଖଣ୍ଡ ତାଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଛାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ଉତ୍ୟକ୍ତ ଛାତ୍ରୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଛୋଟରାୟଙ୍କ ଅଫିସ୍ ଘେରାଉ କରିବା ସହ ଏହାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ।


ନର୍ସିଂ ଛାତ୍ରୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ଘେରାଉ କରିଛନ୍ତି।


ଛାତରୁ ଖସିଥିବା କଂକ୍ରିଟ।


ଚିକିତ୍ସାଧୀନ ଛାତ୍ରୀ।

**ଛାତ୍ରୀ ଆହତ**
- ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ୍ ଘେରାଉ
- ଦୁର୍ଗା ପୂଜା ଛୁଟି ଭିତରେ ମରାମତି ପ୍ରତିଶ୍ରୁତି

## ଓକିଲ ସଂଘର ବନ୍ଦ ପାଳନ ତୃତୀୟ ଦିନରେ ପହଞ୍ଚିଲା

**ଦେବଗଡ଼, ୩୦।୯ (ଡି.ଏନ.ଏ.)**

ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ବନ୍ଦ ପାଳନ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ଆଜି ବି ଆନ୍ଦୋଳନକାରୀମାନେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ କୋର୍ଟ, କଚେରି, ପୋଷ୍ଟ ଅଫିସ ଓ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବନ୍ଦ କରିଦେଇଥିଲେ । ସଂଘର ସଭାପତି ରାଜୀବ ଲୋଚନ ପ୍ରଧାନ,ସମ୍ପାଦକ ତରଣୀକାନ୍ତ ଦାଶ, ଉପସଭାପତି ବିକାଶ ପ୍ରଧାନ, ମନୋଜ ପାଢ଼ୀ, ଦିଲୀପ ଗୁରୁ, କ୍ଷେତ୍ରବାସୀ ମେହେର, ସଚ୍ଚିକାନ୍ତ ଦାଶ, ଶ୍ରୀବସ୍ତ ମିଶ୍ର ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏଥିରେ ଜିଲାର ଓକିଲମାନେ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ, ଏହି ବନ୍ଦ ପାଳନରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା, ବ୍ୟବସାୟୀ ପ୍ରତିଷ୍ଠାନ, ଗମନାଗମନକୁ ବାଦ୍ ଦିଆଯାଇଛି ।

■ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

# ଦୋଷୀଙ୍କୁ ୧୦ ବର୍ଷ ଜେଲ

**ଚମ୍ପୁଆ, ୩୦।୯(ଡି.ଏନ.ଏ.)**

ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା । ସେହି ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଅଭିଯୁକ୍ତ ଦୋଳଗୋବିନ୍ଦ ବାରିକଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି । ତାଙ୍କୁ କୋର୍ଟ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ କାଞ୍ଚିପାଣି ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀ ତା ୨୪।୮।୨୦୧୪ ରିଖ ଅପରାହ୍ନରେ ପ୍ରାୟ ସାଢ଼େ ୫ଟା ସମୟରେ ଶୌଚ ପାଇଁ ଗାଁ ନିକଟ ପଡ଼ିଆକୁ ଯାଇଥିଲେ । ଏହି ସୁଯୋଗରେ ହୃଷୀକେଶ ତାଙ୍କୁ ଏକ ନିଛାଟିଆ ଇଟାଭାଟି ନିକଟକୁ ନେଇଯାଇ ବଳାତ୍କାର କରିଥିଲେ। ୧୨ ଜଣ ସାକ୍ଷୀଙ୍କ ବୟାନ ତଥା ପୀଡିତାଙ୍କ ଏତଲାକୁ ଭିତ୍ତିକରି କୋର୍ଟ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୭୬(୨)ରେ ହୃଷୀକେଶଙ୍କୁ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ୬ ମାସ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ତପନ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ବି ଦାୟିତ୍ୱ ହସ୍ତାନ୍ତର ହେଉନି

**ଲାଠୋର, ୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତର ଯୋଗାଣ ସହାୟକଙ୍କୁ ନେଇ ଚାଲିଥିବା ବିବାଦ ଥମିବାର ନାଁ ନେଉନାହିଁ। ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ତାଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉ ନାହିଁ। ଏପରିକି ପଞ୍ଚାୟତ କାର୍ଯ୍ୟାଳୟକୁ ତାଙ୍କୁ ପ୍ରବେଶ କରାଇ ଦିଆ ଯାଉ ନ ଥିବା ଯୋଗାଣ ସହାୟକ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ତୁରେକେଲା ବିଡିଓ କାର୍ଯ୍ୟାଳୟଙ୍କ ପତ୍ର ସଂଖ୍ୟା ୨୧୦୦/ ତା.୬।୧୦।୧୬ ରିଖ ଅନୁଯାୟୀ ବନମାଳୀ ଖୁରା ହଲନଭଟା ପଞ୍ଚାୟତରେ ଯୋଗାଣ ସହାୟକ ଭାବେ ଯୋଗଦେଇ ପିଡିଏସ ସାମଗ୍ରୀ ବଣ୍ଟନ ଦାୟିତ୍ୱ ତୁଲାଉଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କଠାରୁ ଦାୟିତ୍ୱ କାଢି ନିଆଯାଇ ନିଜେ ପଞ୍ଚାୟତ କର୍ତ୍ତୃପକ୍ଷ ପିଡିଏସ୍ ଚାଉଳ ବଣ୍ଟନ ଦାୟିତ୍ୱ ବହନ କଲେ। ପରେ ତା.୨୫।୧।୨୦୧୯ ରିଖରେ ସମ୍ପୃକ୍ତ ଯୋଗାଣ ସହାୟକଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଉ ବୋଲି ବିଡିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ ହେଲା। ଅଭିଯୋଗ ଅନୁଯାୟୀ ବିଡିଓଙ୍କ ଚିଠି ସଂଖ୍ୟା ୪୮୯ ତା୧୬।୨।୧୯ରିଖରେ ଯୋଗାଣ ସହାୟକଙ୍କୁ ଢ଼ୋଲମାନ୍ଦଲ ପଞ୍ଚାୟତରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଗଲା। ନିର୍ଦ୍ଦେଶ ଅନୁଯାୟୀ ଖୁରା ଢ଼ୋଲମାନ୍ଦଲ ଯାଇ ସରପଞ୍ଚଙ୍କୁ ସାକ୍ଷାତ କରିବାରୁ ସେ ମଧ୍ୟ ତାଙ୍କୁ ଦାୟିତ୍ୱ ଦେବାକୁ ମନା କରିଥିଲେ। ପରେ ହଲନଭଟା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସୁପାରିସ ଆଧାରରେ ବିଡିଓଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୦୫୫ ତା୧୩।୮।୧୯ରିଖରେ ଯୋଗାଣ ସହାୟକ ଖୁରାଙ୍କୁ ବହିଷ୍କାର କରି ନୂତନ ନିଯୁକ୍ତି ଦିଆଯାଉ ବୋଲି ହଲନଭଟା ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଗଲା। ଏହାକୁ ନେଇ ସମ୍ପୃକ୍ତ ଯୋଗାଣ ସହାୟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନକୁ ବିଚାର କରି ଉଚ୍ଚ ନ୍ୟାୟାଳୟଙ୍କ ମିସ କେସ ନଂ. ୧୧୭୮/୨୦୧୯ରେ ବହିଷ୍କାର ପତ୍ର ସଂଖ୍ୟା ୩୦୫୫ କୁ ସ୍ଥଗିତ ରଖି ମାମଲାର ବିଚାର ନ ହେବା ପର୍ଯ୍ୟନ୍ତ ଯୋଗାଣ ସହାୟକଙ୍କୁ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଆଦେଶ ଦେଇଥିଲେ। ସେହି ଆଦେଶ ପତ୍ରକୁ ଯୋଗାଣ ସହାୟକ ଖୁରା ଜିଲାପାଳ, ଡିପିଓ, ଉପଜିଲାପାଳ ଟିଟିଲାଗଡ, ବିଡିଓ ତୁରେକେଲା ଏବଂ ହଲନଭଟା ଓ ଢ଼ୋଲମାନ୍ଦଲ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କପି ପ୍ରଦାନ କରିଥିଲେ ସୁଦ୍ଧା ତାଙ୍କୁ କାର୍ଯ୍ୟରେ ଯୋଗଦେବାକୁ ସୁଯୋଗ ଦିଆଯାଉନାହିଁ। ହଲନଭଟା ସରପଞ୍ଚ ବଂଶୀ ତାଣ୍ଡିଙ୍କୁ ପଚାରିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପତ୍ର ମୁଁ ପାଇନାହିଁ, କିମ୍ବା ସମ୍ପୃକ୍ତ ଯୋଗାଣ ସହାୟକ ମୋତେ ଦେଇନାହାନ୍ତି। ତୁରେକେଲା ବିଡିଓ ପ୍ରଭାତ ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ସେ ହଲନଭଟା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଚିଠି କରିଥିବା କହିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କଠୁ ୪ ଲକ୍ଷ ଲୁଟ୍

**ଭଦ୍ରକ ଅଫିସ, ୩୦।୯:** ସୋମବାର ଅପରାହ୍ନରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୪ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ କର୍ମଚାରୀ ଜଣଙ୍କ ହେଲେ ଚାରିଘରିଆ ଅଞ୍ଚଳର ଆନନ୍ଦ ଜେନା। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନୂଆବଜାରସ୍ଥିତ ଏକ ବ୍ୟାଙ୍କରୁ ସେ ୪ ଲକ୍ଷ ଟଙ୍କା ଉଠାଇ ଆଉ ଜଣେ ବ୍ୟକ୍ତିଙ୍କ ସହ ବାଇକ୍‌ରେ ଆସୁଥିଲେ। ଲୋକନାଥ ମନ୍ଦିର ନିକଟରେ ବାଇକ୍‌ରେ ଆସି ଜଣେ ଦୁର୍ବୃତ୍ତ ଟଙ୍କା ଥିବା ବ୍ୟାଗ୍‌କୁ ଝାମ୍ପି ନେଇ ଚାଲିଯାଇଥିଲେ। ତାଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ତନାଘନା ଚଳାଇଥିଲା। ତେବେ ଅଭିଯୋଗକାରୀଙ୍କ ବୟାନ ଓ ସ୍ଥାନୀୟ ଲୋକଙ୍କ ବୟାନ ମଧରେ ତାଳମେଳ ରହୁନ ଥିବା ଥାନାଧିକାରୀ ସରୋଜିନୀ ସିଂ କହିଛନ୍ତି। ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ପାଞ୍ଚଦିନିଆ ଯୋଗ କର୍ମଶାଳା ଉଦ୍‌ଯାପିତ

ଦେଓଗାଁ,୩୦।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ପାଞ୍ଚଦିନଧରି ଚାଲିଥିବା ଯୋଗ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଜଗଦୀଶ ପଧାନ ଓ ଲଳିତ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଚାଲିଥିବା କର୍ମଶାଳାରେ ହରିଦ୍ୱାରରେ ପ୍ରଶିକ୍ଷିତ ଯୋଗଗୁରୁ ଅଚ୍ୟୁତ କୁମାର ସାହୁ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତ୍ୟହ ୫୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ଯୋଗ ପ୍ରଶିକ୍ଷଣ ନେଇଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଭାରତ ସ୍ୱାଭିମାନ ପ୍ରଭାରୀ ରଘୁନାଥ ଷଡଙ୍ଗୀ, ସମ୍ମାନୀତ ଅତିଥିଭାବେ ଯୋଗ ସମିତି ପ୍ରଭାରୀ ଅଶୋକ ଅଗ୍ରୱାଲ, ଭାରତ ସ୍ୱାଭିମାନ ସହପ୍ରଭାରୀ ରାଜୀବ ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ଲାଭ ବିଷୟରେ ଆଲୋକପାତ କରିଥିଲେ ।

### ଉପଖଣ୍ଡସ୍ତରୀୟ କୃଷକ ତାଲିମ ଶିବିର

ଟିଟିଲାଗଡ଼,୩୦।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ଅନୁକୂଲ୍ୟରେ ଟିଟିଲାଗଡ ଉପଖଣ୍ଡସ୍ତରୀୟ ଚାଷୀ ମାନଙ୍କୁ ନେଇ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜାତୀୟ କୃଷି ବଜାରରେ ଚାଷୀମାନଙ୍କ ଉତ୍ପାଦିତ ଶସ୍ୟକୁ କିପରି ଉଚିତ ମୂଲ୍ୟରେ ବିକ୍ରି କରାଯାଇ ପାରିବ ତାହା ଉପରେ ଶିବିରରେ ଆଲୋଚନା ହୋଇଥିଲା। ଟିଟିଲାଗଡ ଉପଜିଲାପାଳ ତଥା କଣ୍ଟାବାଞ୍ଜି ଆରଏମସି ଅଧକ୍ଷ ସୁଧାକର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧରେ ଟିଟିଲାଗଡ କୃଷି ଜିଲା ଅଧିକାରୀଙ୍କ ସହ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ, ସଇଁତଲା ବ୍ଲକର ସହକାରୀ କୃଷି ଅଧିକାରୀମାନେ ସାମିଲ ହୋଇଥିଲେ । ଅଧିକାରୀମାନେ କହିଥିଲେ ଯେ, କପା ଚାଷୀ ଫସଲର ଉପଯୁକ୍ତ ପଇସା ସିଧାସଳଖ ନିଜ ବ୍ୟାଙ୍କ ଆକାଉଣ୍ଟରେ ପାଇ ପାରିବ । ଏଥିପାଇଁ କେନ୍ଦ୍ର ସରକାର ଏକ ମୋବାଇଲ ଆପ୍ସ ଇ-ନାମ ମାଧମରେ ରେଜିଷ୍ଟ୍ରେଶନ କରିବାକୁ ଚାଷୀମାନଙ୍କୁ କୁହାଯାଇଥିଲା। ଏହି ଇ-ନାମ ମାଧମରେ ଚାଷୀ ସମସ୍ତ ପ୍ରକାର ଚାଷ କପା, ଧାନ, ପିଆଜ ଓ ବିଭିନ୍ନ ପନିପରିବା ବିକ୍ରି ଉପରେ ସୁବିଧା ପାଇପାରିବେ ବୋଲି ଉପଜିଲାପାଳ ନାଏକ କହିଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧରେ କଣ୍ଟାବାଞ୍ଜି ସେକ୍ରେଟାରୀ ତୁଷାରକାନ୍ତ ସେଠୀ, ଇ-ନାମ ପ୍ରତିନିଧି ବିଦ୍ୟାଧର ସାହୁ ଉପସ୍ଥିତ ଥିଲେ ।

### ବ୍ଲକ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ଦେଓଗାଁ,୩୦।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭାଜପା ତରଫରୁ ବରିଷ୍ଠ ନେତା ଅନନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ଭାଜପା ନେତା ଅଚ୍ୟୁତ କୁମାର ସାହୁ, ଗଣେଷ ବାଗ, ଶ୍ରୀକାନ୍ତ ଥନାପତି, ପ୍ରମୋଦ ସାହୁ, ଅଶୋକ କୁମ୍ଭାର, ଅଭି ରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ଦାବିପତ୍ର ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାଙ୍କୁ ପ୍ରଦାନ କରାଯାଇଥିଲା ।

# ଖପ୍ରାଖୋଲରେ ବ୍ୟାପୁଛି ଝାଡ଼ାବାନ୍ତି

- ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା
- ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ
- ଜନସଚେତନତା ପାଇଁ ସଭା, ମାଇକ ଯୋଗେ ପ୍ରଚାର

ଖପ୍ରଖୋଲ, ୩୦।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ସଦର ମହକୁମାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଶନିବାର ଆଠ ଜଣ ଆକ୍ରାନ୍ତ ହୋଇଥିବାବେଳେ ସୋମବାର ଏହି ସଂଖ୍ୟା ୧୩ରେ ପହଞ୍ଚିଛି । ଦୂଷିତ ପାଣି ଯୋଗୁଁ ଏଭଳି ହୋଇଥିବା ଅନୁମାନ କରି ସ୍ୱାସ୍ଥ୍ୟ ବିଭାଗ ପାଇପ ଜଳ ଯୋଗାଣ ବନ୍ଦ କରାଇଛି। ଏଥିସହିତ ଗାଁରେ ସଚେତନତା ପାଇଁ ସଭା କରାଯାଇଛି। ମାଇକ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ପାଣି ଫୁଟାଇ ପିଇବା, ନଳକୂଅ ପାଣି ବ୍ୟବହାର, ନିଜ ଘର ଚାରିପାଖ ସଫା କରିବା, ହେଲୋଜିନ ବଟିକା ଓ ବ୍ଲିଚିଙ୍ଗ ପାଉଡର ବଣ୍ଟନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଜିଲା ମହାମାରୀ ବିଶେଷଜ୍ଞ ଡା.ସତୀଶ କୁମାର ନାଏକ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ପ୍ରହରି ମଣ୍ଡପଠାରେ ଏକ ସଚେତନତା ସଭା ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ ବିଶେଷଜ୍ଞ ଡା. ନାଏକ, ଡା.ମିନତୀ ହେମ୍ବ୍ରମ୍, ସ୍ୱାସ୍ଥ୍ୟକର୍ମୀ ସୁଶୀଲ କୁମାର ଭୋଇ, ଏଏନଏମ୍ ରୀତାଞ୍ଜଳି ସାହୁ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଦଳ ମହିଳା ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଖପ୍ରାଖୋଲ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଉତ୍କଳମଣି ମେହେରଙ୍କୁ ପଚାରିବାରୁ ବର୍ତ୍ତମାନ ଖପ୍ରାଖୋଲ ଡାକ୍ତରଖାନାରେ ୩ ଜଣ, ପାଟଣାଗଡରେ ୪ଜଣ ଏବଂ ବଲାଙ୍ଗୀର ଡାକ୍ତରଖାନାରେ ଜଣେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ପାଞ୍ଚ ଆକ୍ରାନ୍ତଙ୍କୁ ଚିକିତ୍ସା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡାକ୍ତର ମେହେର ପ୍ରକାଶ କରିଛନ୍ତି।


ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସିତ ଜଣେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଡାକ୍ତର ପଚାରି ବୁଝୁଛନ୍ତି।


ସଚେତନ ନାଗରିକ ଘର ଘର ବୁଲି ପରିମଳ ବ୍ୟବସ୍ଥା ସୁଧାରିବାକୁ ଅନୁରୋଧ କରୁଛନ୍ତି।

## ପରିମଳ ବ୍ୟବସ୍ଥା ସୁଧାର ପାଇଁ ବୁଝାଇଲେ ସଚେତନ ନାଗରିକ

ଖପ୍ରଖୋଲ, ୩୦।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ସଦର ମହକୁମାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା । ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପାଖରେ ପଡିଛି କୁଢକୁଢ ମଇଳା। ଯାହା ଫଳରେ ଗାଁରେ ବ୍ୟାପୁଛି ଝାଡାବାନ୍ତି। ଏହି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ରବିବାର ସକାଳୁ ବାହାରିଥିଲେ ଗାଁର ୫୦ରୁ ଉର୍ଦ୍ଧ୍ୱ ସଚେତନ ନାଗରିକ । ଗାଁରେ ବୁଲିବା ସହ ଘର ସମ୍ମୁଖରେ ମଇଳା, ବର୍ଜ୍ୟବସ୍ତୁ ଆଦି ନ ପକାଇବାକୁ କହିଥିଲେ। ଘର ଚାରିପାଖ ସଫାସୁତୁରା ରଖିବାକୁ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ସମିତି ସଭ୍ୟ କଳାକାହ୍ନୁ ବାରିକ, ସନ୍ତୋଷ ଗଡତିଆ, ରୁଷି ରାଉତ, ବୁଲୁ ପଣ୍ଡା, ସୁନୀଲ ପଧାନ, ଧରମ ଭୋଇ, ରିଙ୍କୁ ବାରିକ, ନାରେନ ଦଣ୍ଡସେନା, ଯଦୁମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ। କେତେକ ସ୍ଥାନରେ ପଡିଥିବା ମଇଳା ସଫା କରାଇଥିଲେ ।

ଗୁଣିଗାରେଡି ସନ୍ଦେହରେ ଦମ୍ପତି ହତ୍ୟା ଘଟଣା

## ଶେଷରେ ଗାଁ ଛାଡ଼ିଲେ ମୃତାଙ୍କ ପରିବାର

ଖପ୍ରଖୋଲ, ୩୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ଭା ଥାନା ଚିଟିକାମାଲ ଗାଁର ବହୁ ଚର୍ଚ୍ଚିତ ଗୁଣିଗାରେଡି ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ଦମ୍ପତିଙ୍କ ପରିବାର ଶେଷରେ ଗାଁ ଛାଡିଛନ୍ତି। ନିଜ ଜନ୍ମମାଟିରେ ନିଜକୁ ଅସୁରକ୍ଷିତ ମଣି ମୃତକଙ୍କ ପୁଅ ରମେଶ ବରିହା ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଥିବା କାନ୍ଦି କାନ୍ଦି କହିଛନ୍ତି। ରବିବାର ନିଜ ଗାଁ ଚିଟିକାମାଲକୁ ଲରମ୍ଭା ପୋଲସର ସୁରକ୍ଷା ବଳୟରେ ପହଞ୍ଚି ରମେଶ ଘରେ ଥିବା ଆସବାବପତ୍ର, ଧାନ ଚାଉଳ, ନିତ୍ୟ ବ୍ୟବହୃତ ଜିନିଷ ସବୁ ଗାଡି ଯୋଗେ ନିଜ ମାମୁଁଘର ଗାଁ ଦେଦର୍ହକୁ ନେଇଯାଇଥିଲେ।

ସୂଚନାଯୋଗ୍ୟ ଗତ ୧୬ତାରିଖ ସକାଳେ ଗୁଣିଗାରେଡି ସନ୍ଦେହରେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା(୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ(୫୦)ଙ୍କୁ ପିଟିପିଟି ହତ୍ୟା କରି ଗାଁ ପାଖ ପାହାଡରେ ପିଙ୍ଗି ଦିଆଯାଇଥିଲା। ଘଟଣା ଜଣା ପଡିବା ପରେ ପୋଲିସ ମୃତଦେହ ଉଦ୍ଧାର କରିଥିଲା । ତେବେ ମୃତଦେହ ନିଜ ଗାଁକୁ ଅନ୍ତିମ ସଂସ୍କାର ପାଇଁ ନେବାକୁ ଭୟ କରିଥିଲେ ମୃତକଙ୍କ ପୁଅ । ଏ ନେଇ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇଥିଲେ ମଧ ଶେଷରେ ପାଟଣାଗଡରେ ହିଁ ଅନ୍ତିମ ସଂସ୍କାର କରାଯାଇଥିଲା । ଏବେ ଘଟଣାର ୨ ସପ୍ତାହ ପରେ ପରିବାର ଭୟରେ ଭିଟାମାଟି ଛାଡିଛନ୍ତି। ଏହି ଘଟଣାରେ ୪ ଜଣ ଗିରଫ ହୋଇଥିବାବେଳେ ଗିରଫ ଭୟରେ ଏବେବି ଗାଁ ପୁରୁଷ ଶୂନ୍ୟ ଥିବା ଜଣାଯାଇଛି । ଏ ନେଇ ଲରମ୍ଭା ଥାନା ଏସ୍‌ଆଇ କେ.କୋଶଲାଙ୍କୁ ପଚାରିବାରୁ ମୃତକଙ୍କ ପୁଅ ତାଙ୍କ ଘର ସାମଗ୍ରୀ ଗାଁରୁ ଅନ୍ୟତ୍ର ନେବା ପାଇଁ ପୋଲିସ ସହାୟତା ମାଗିଥିଲେ । ପୋଲିସ ଉପସ୍ଥିତିରେ ସେ ସାମଗ୍ରୀ ନେଇଥିବା କହିଛନ୍ତି।


ମୃତକଙ୍କ ପୁଅ ଘରୁ ବ୍ୟବହୃତ ସାମଗ୍ରୀ ବାହାର କରୁଛନ୍ତି।

ଧରିତ୍ରୀର ପ୍ରଭାବ

## ପାଇପ ଜଳ ଯୋଗାଣ ଆରମ୍ଭ

ଗୁଡଭେଲା,୩୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛଅ ଦିନ ପରେ ସୋମବାର ପାଇପ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଛି । ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ସହ ଯୋରସୋରରେ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ପାଇପକୁ ଯୁଦ୍ଧକାଳୀନଭିତ୍ତିରେ ସଂଯୋଗ କରାଯିବା ସହ କଂକ୍ରିଟ କରାଯାଇଥିଲା। ଏହାର ପ୍ରାୟ ୧୨ ଘଣ୍ଟାପରେ ସୋମବାର ଅପରାହ୍ଣ ପ୍ରାୟ ୧ଟାରୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଶୀଘ୍ର ସହରର ବିଭିନ୍ନ ପଡାକୁ ସ୍ୱାଭାବିକ ଜଳ ଯୋଗାଣ ହୋଇଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ

ଦେଓଗାଁ,୩୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ସୋମବାର ଓଡିଆ, ଇଂଲିଶ ଓ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ସନତ କୁମାର ରଥ ଓ ସରୋଜ କୁମାର ମହାନ୍ତି ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ହୋଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ବୋଲି ମାର୍ଗଦର୍ଶନ କରିଥିଲେ । ଛାତ୍ର ରାକେଶ ସେଠ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ମଧୁଲିକା ଦାନୀ ସଭା ପରିଚାଳନା କରିଥିଲେ । ଶେଷରେ ଛାତ୍ରୀ ଲିସା ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଦିଲୀପ ପଣ୍ଡା ସୋମବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

## ରାଜ୍ୟସ୍ତରୀୟ ଖୋଖୋ: ବଲାଙ୍ଗୀର ଦଳ ଚୟନ

ବଲାଙ୍ଗୀର ଅଫିସ,୩୦।୯

ଆସନ୍ତା ୫ତାରିଖ ଭୁବନେଶ୍ୱର ୟୁନିଟ ୧ ମଦର ପବ୍ଲିକ ସ୍କୁଲଠାରେ ରାଜ୍ୟସ୍ତରୀୟ ଖୋଖୋ ଜୁନିୟର ବାଳକ ବାଳିକା ଏବଂ ଖେଲୋ ଇଣ୍ଡିଆ ପାଇଁ ୨୧ ବର୍ଷରୁ କମ୍ ବାଳକ-ବାଳିକା ବିଭାଗର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବଲାଙ୍ଗୀର ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଖୋଖୋ ପ୍ରଶିକ୍ଷକ ପଦ୍ମଚରଣ ଦାସ, ହଳଦୀ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରସାଦି କମ୍ପ, ଜାତୀୟ ଖୋଖୋ ରେଫରି ସୁଶାନ୍ତ କୁମାର ନାଗ ଏବଂ ସନ୍ତୋଷ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ମୁରିବାହାଲ ବ୍ଲକ ହଳଦୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଚୟନ ଶିବିରରେ ହଳଦୀ ପଞ୍ଚାୟତ ସରପଞ୍ଚ ଗୋପିନାଥ ପାଣିଗ୍ରାହୀ, କ୍ରୀଡାବିତ୍ ଯୁଧିଷ୍ଠିର ଭରାସାଗରିଆ ଏବଂ ମୁରିବାହାଲ ବ୍ଲକ କ୍ରୀଡା ସମ୍ପାଦକ ଦେବାନନ୍ଦ ଦାସ ଅତିଥିଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ ତରଫରୁ କୃତି ଖୋଖୋ ଖେଳାଳି ଜନକ ବେହେରା, ସୁଜାତା ମଲ୍ଲିକ, ସସ୍ମିତା ପାତ୍ର, ପ୍ରତିମା କୁମ୍ଭାର ଏବଂ ଜାତୀୟସ୍ତରର ଖୋଖୋ ରେଫରୀ ସୁଶାନ୍ତ କୁମାର ନାଗ, ସନ୍ତୋଷ କୁମାର ମେହେର, ଗୋପାଳ ଚନ୍ଦ୍ର ବସ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ଜିଲାର ୫୧ଜଣ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ବାଳକ ଓ ୬ଜଣ ବାଳିକା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଆଶିଷଦେବ ସା, ଆର୍ଶିବାଦ ସା,ରଜତ କୁମାର ଦାସ, ସମ୍ପତ ସେଠ, ନବୀନ ମେହେର, ପାଣ୍ଡବ ବିଶି, ଭୋଜରାଜ ଗହିର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ହଳଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ଭାଜପାର ଗଣ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ଖପ୍ରଖୋଲ, ୩୦।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ନାଁ କାଟି ମିଛ ବିଜ୍ଞାପନ ଦେଇ ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବାର ପ୍ରତିବାଦ କରିଛି ଭାଜପା ଖପ୍ରାଖୋଲ ଶାଖା। ଦଳ ତରଫରୁ ସୋମବାର ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରିଥିଲେ । ଦାବୀପତ୍ରରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରାଯାଇଥିଲା। ଘର ପାଇବା ପାଇଁ ହିତାଧିକାରୀଙ୍କଠାରୁ ଲାଞ୍ଚ କାରବାର ମଧ୍ୟ ହେଉଥିବା ଅଭିଯୋଗ କରିଥିଲେ । ସେହିପରି ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ଦେଖାଉଥିବାରୁ ଏହାକୁ ତୀବ୍ର ବିରୋଧ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୋଲି ଲେଖିବାକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଖପ୍ରାଖୋଲ ମଣ୍ଡଳ ସଭାପତି ଭରତ ସାହୁ, ଲାଠୋର ମଣ୍ଡଳ ସଭାପତି ଶଶୀ ପୂଝାରୀ, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ରବି ସାହୁ, ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, କର୍ଣ୍ଣସିଂ ଠାକୁର, ସୀତାରାମ ବାଗ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ରଘୁନାଥ ସିଂ ବରିହା, ଦେବକାନ୍ତ ପାଣିଗ୍ରାହୀ, ଡାକ୍ତର ସାହୁ, ଶିର ନାଗ, ଦୟାନିଧି ସାହୁ, ଦେବାନନ୍ଦ ଭୋଇ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।


ବିଡିଓ ତରଣୀ ସୁନାଙ୍କୁ ଭାଜପା ନେତୃବର୍ଗ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗ୍ରାମ୍ୟ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ

## ଘଟଣା ଚପାଇ ଦେବାକୁ ଉଦ୍ୟମ

ଦେଓଗାଁ,୩୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ-ତୁଷୁରା ରାସ୍ତାର ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଜଙ୍ଗଲ ଉପରେ କରାଯାଉଛି। ଏଥିପାଇଁ ଅନେକ ମୂଲ୍ୟବାନ ଗଛକୁ କାଟି ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଅଭିଯୋଗ ଉଠିବା ପରେ ବ୍ଲକ ପ୍ରଶାସନ ତରଫରୁ ଉକ୍ତ କାମକୁ ବନ୍ଦ କରାଯାଇଛି । ଏଥିସହ ବନ ବିଭାଗ ମଧ ଗଛ କଟାର ତଦନ୍ତ ଆରମ୍ଭ କରିଛି । ହେଲେ ତଦନ୍ତ ଆରମ୍ଭ ହେବାର ଦିନକ ପରେ ରାଜନୈତିକ ଚାପରେ ପ୍ରଶାସନିକ ଅଧିକାରୀ ହାତବାନ୍ଧି ଘଟଣାକୁ ଚପାଇବାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଏକ ବେସରକାରୀ ରାସ୍ତା । ଉକ୍ତ ରାସ୍ତାରେ କାମ ଆରମ୍ଭ କରିବା ମାତ୍ରେ ସମ୍ପୃକ୍ତ ଜମି ମାଲିକ କାମକୁ ବାରଣ କରିଥିଲେ । ପରେ ସମ୍ପୃକ୍ତ ଠିକାଦାର ପୂର୍ବରାସ୍ତାକୁ ଲାଗି ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛ କାଟି ନୂଆରାସ୍ତା ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ । ତେବେ ମୂଲ୍ୟବାନ ଗଛଥିବା ଗ୍ରାମ୍ୟ ଜଙ୍ଗଲ କିସମରେ ରାସ୍ତା ନିର୍ମାଣ କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାକୁ ନେଇ କେତେକ ଲୋକ ପ୍ରଶାସନ ପାଖରେ ଅଭିଯୋଗ ଉଠାଇଥିଲେ । ଏଥିସହ ଉକ୍ତ ଜଙ୍ଗଲ ଜମିରେ ରହିଥିବା କେତେକ ଶାଗୁଆନ ଓ ନିମ୍ବ ଗଛକୁ କାଟି ରାସ୍ତାରେ ପକାଇ ଦିଆଯାଇ ମାଟିରେ ପୋତି ଦିଆଯାଇଥିବା ହାତିସରା ଗ୍ରାମର କେତେଜଣ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଥିଲେ। ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣ ଓ ଗଛ କାଟିବା ପୂର୍ବରୁ ଠିକାଦାର କିପରି ବିଭାଗର ଅନୁମତି ନ ନେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ବିଷୟରେ ଦେଓଗାଁ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଆରମ୍ଭ କରିଛୁ। ଏହି ରାସ୍ତା ଜଙ୍ଗଲ ଜମି ଉପରେ ନିର୍ମାଣ କରାଯାଇଛି। ଗଛଗୁଡିକ ମାଟିତଳେ ରହିଯାଇଥିବାରୁ ତଦନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ ବୋଲି କହିଥିଲେ । ଏ ସଂକ୍ରାନ୍ତରେ ଗୁଡଭେଲା ବିଡିଓ ରାମବିଳାସ ମଙ୍ଗରାଜଙ୍କୁ ପଚାରିବାରୁ ଅଭିଯୋଗ ପରେ ଜିଲା ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ପତ୍ର ମାଧରେ ଜମିର କିସମ ବିଷୟରେ ପଚାରିଛୁ। ରିପୋର୍ଟ ଆସିଲେ ଆଗକୁ ପଦକ୍ଷେପ ନେବୁ ବୋଲି କହିଥିଲେ ।


ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ମାଣ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି
ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗଦାନ

ବରଗଡ଼ ଅଫିସ,୩୦।୯
ବିଜେପୁର ଉପନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ମଧ୍ୟପ୍ରଦେଶ କ୍ୟାଡ଼ରର ଆଇଏଏସ ଅଧିକାରୀ ଅବିନାଶ ଲଭାନିଆ ରବିବାର ବରଗଡ଼ରେ ଯୋଗ ଦେଇଛନ୍ତି । ସେ ବିଜେପୁର ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇବେ ।

### ପୁଷ୍ଟିମାସ ପାଳିତ

ପାଇକମାଳ,୩୦।୯(ଡି.ଏନ.ଏ): ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ପଲ୍ଲୀକାର ପାଠାଗାର ଆନୁକୂଲ୍ୟରେ ପୁଷ୍ଟି ପୋଷଣ ମାସ ପାଳନ କରାଯାଉଛି । ରୋହିତ ମିର୍ଦ୍ଧା, ରଞ୍ଜନ ପାଣ୍ଡେ, ପ୍ରଶାନ୍ତ ଥପା ଯୋଗଦେଇ ପୁଷ୍ଟିକର ଖାଦ୍ୟ ଉପରେ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଯାଇ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲ ସ୍ତରରେ ଚିତ୍ରାଙ୍କନ ଓ କବିତା ପୁଷ୍ଟି ଉପରେ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରକାର ପନିପରିବାକୁ ନେଇ ଶୋଷଣ ତତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା।

### ମାଁ ମାହେଶ୍ୱରୀଙ୍କ ପୂଜା ପ୍ରସ୍ତୁତି

ଜହ୍ନାପଙ୍କ, ୩୦।୯ (ଡି.ଏନ.ଏ): ବୌଦ୍ଧ ବ୍ଲକ ଅନ୍ତର୍ଗତ ବଲାକିରାରେ ମାଁ ମାହେଶ୍ୱରୀଙ୍କ କୁମାର ପୂର୍ଣ୍ଣିମା ପୂଜା ପାଇଁ ବଲାକିରା ଆଞ୍ଚଳିକ ଡୁମ୍ବାଳ ସମାଜ ସଭାପତି ସୁଧୀର କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୩ ଓ ୧୪ ତାରିଖରେ କିପରି ମହାଆଡମ୍ବରରେ ଏହି ଉତ୍ସବ ପାଳନ କରାଯିବ, ସେଥିପାଇଁ ସମାଜର ସଭ୍ୟମାନେ ମତାମତ ଦେଇଥିଲେ । ଏଥିରେ ସଭ୍ୟ ଦାଶରଥି ମହାକୁଳ, ଘୁରୁଣ୍ଡୁ ମହାକୁଳ, ପଞ୍ଚାନନ ପ୍ରଧାନ, ଅଗସ୍ତି କର୍ଣ୍ଣ, ରବି ଦେହୁରୀ, ଧନମାଳି ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ।

### କଳା, ସଂସ୍କୃତିର ବିକାଶ ପ୍ରସ୍ତୁତି ବୈଠକ

ଜହ୍ନାପଙ୍କ, ୩୦।୯ (ଡି.ଏନ.ଏ): ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣନଗର ଗ୍ରାମ କମିଟିର ଏକ ପ୍ରସ୍ତୁତି ବୈଠକ ସୋମବାର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ରାଜେନ୍ଦ୍ର ମେହେର ଅଧକ୍ଷତା କରିଥିଲେ। ଅକ୍ଟୋବର ୨ ତାରିଖରେ ଜିଲାପାଳ ନାରାୟଣନଗରକୁ କଳା ଓ ସଂସ୍କୃତିର ଗାଁ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି । ଆଲୋଚନାରେ ଶ୍ରୀରାମଲୀଳା ସାଂସ୍କୃତିକ କମିଟିର ସଭାପତି କିଶୋର ଚନ୍ଦ୍ର ମେହେର, ସମ୍ପାଦକ ଗୋପାଳକୃଷ୍ଣ ମେହେର, ମନ୍ଦିର କମିଟି ସଭାପତି ଉପେନ୍ଦ୍ର ମେହେର, ଉପଦେଷ୍ଟା ହିମାଂଶୁ ଶେଖର ସାହୁ, ସଭ୍ୟ ଫକୀର ମେହେର, ଭବାନୀ କର୍ଣ୍ଣ, ବିଜୟ ମେହେର, ସହଦେବ ମେହେର, ରଘୁନାଥ ମେହେର ପ୍ରମୁଖ ଯୋଗ ଦେଇଥିଲେ ।

### ବିନ୍ଧ୍ୟବାସିନୀ ଦେବୀଙ୍କ ମହାନବମୀ ପୂଜା ପ୍ରସ୍ତୁତି

ପାଇକମାଳ,୩୦।୯(ଡି.ଏନ.ଏ): ପାଇକମାଳର ନୃସିଂହନାଥ ପୀଠରେ ମାଁ ବିନ୍ଧ୍ୟବାସିନୀ ଦେବୀଙ୍କ ମହାନବମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁନିକେଲ, ବରତୁଣ୍ଡା, ଗୁରୁଣ୍ଡା, ବଇଦପାଲି, ପାଇକମାଳ ଗ୍ରାମର ଭକ୍ତମାନେ ଯୋଗଦାନ କରିଥିଲେ । ଆସନ୍ତା ୭ତାରିଖ ଅପରାହ୍ନ ୨ଟାରେ ମାଁ ଦୁର୍ଗାଙ୍କ ପାଟଖଣ୍ଡା ଅଣାଯାଇ ପୂଜା କାର୍ଯ୍ୟ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ମାଁଙ୍କ କରୁଣା ଲାଭ କରିବେ ବୋଲି ବିନ୍ଧ୍ୟବାସିନୀ ଦେବୀଙ୍କ ପୂଜାରିଣୀ ନଳିନୀ ପୂଝାରୀ କହିଛନ୍ତି । ସଭାରେ ବ୍ରହ୍ମା ପଟେଲ, ଚତୁର୍ଭୁଜ ବରିହା, ଅଯୋଧ୍ୟା ବିନାୟଟ, ଜୟକୃଷ୍ଣ ସାହୁ, ଦନାର ବରିହା, ସତ୍ୟ ଭୋଇ, ହାଡୁ ସାହୁ ପ୍ରମୁଖ ଆଲୋଚନା କରିଥିଲେ ।

## ■ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ତୀବ୍ର ହେଲା

# ଆଜିଠୁ ପରିବହନ ଅଫିସ୍ ବନ୍ଦ

ବରଗଡ଼ ଅଫିସ,୩୦।୯

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରି ବରଗଡ଼ ଜିଲା ଓକିଲ ସଂଘ ତରଫରୁ କରାଯାଉଥିବା ଅର୍ଥନୈତିକ ଅବରୋଧ ଆହୁରି ତୀବ୍ରତର ହୋଇଛି। ପୂର୍ବରୁ ସଂଘ ତରଫରୁ ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ବନ୍ଦ କରାଯାଉଥିବା ବେଳେ ମଙ୍ଗଳବାର ଠାରୁ ଜିଲାର ପରିବହନ କାର୍ଯ୍ୟାଳୟ ବନ୍ଦ କରାଯିବାକୁ ସୋମବାର ହୋଇଥିବା ସଂଘର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ କୋର୍ଟ ସମ୍ମୁଖରେ ପିକେଟିଂ କରାଯାଇ କୋର୍ଟ କାର୍ଯ୍ୟ ଅଚଳ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂଘ ସଭାପତି ବେଲାଲସେନ ସରାଫଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଉପସଭାପତି ସରୋଜ ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।



ପରିବହନ ଅଫିସ୍ ବନ୍ଦ କରାଯିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

## ଏସ୍‌ଇଏମ ସଂଘର ଦାବିପତ୍ର ପ୍ରଦାନ

ଭେଡ଼େନ,୩୦।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ଗ୍ରାମପଞ୍ଚାୟତରେ ସ୍ୱାବଲମ୍ବୀ କାରିଗର ଭାବେ କାର୍ଯ୍ୟରତ ଅଦ୍ୱୈତ କୁମାର ପଣ୍ଡାଙ୍କୁ ପମ୍ପ ଡ୍ରାଇଭର ଭାବେ ନିଯୁକ୍ତ କରିବାକୁ ସ୍ୱାବଲମ୍ବୀ କାରିଗର ସଂଘର ବରଗଡ଼ ଜିଲା ଶାଖା ଦାବି କରିଛି । ଏସ୍‌ଇଏମ ଭାବେ କାର୍ଯ୍ୟରତ ପଣ୍ଡାଙ୍କୁ ପମ୍ପ ଡ୍ରାଇଭର ଭାବେ ପୂର୍ବରୁ ସରପଞ୍ଚ ନିଯୁକ୍ତ କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତ କରିବାକୁ ଗ୍ରାମପଞ୍ଚାୟତ ନିଷ୍ପତ୍ତି ନେଇଛି। ଏଣୁ ଏସଇଏମ ପଣ୍ଡାଙ୍କୁ ପମ୍ପ ଡ୍ରାଇଭର ଭାବେ ଆଗାମୀ ୧୫ ଦିନ ମଧ୍ୟରେ ନିଯୁକ୍ତ କରିବାକୁ ଦାବି କରି ସଂଘ ପକ୍ଷରୁ ସୋମବାର ଭେଡ଼େନ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ଏହି ଦାବି ପୂରଣ କରା ନ ଯାଏ ତେବେ ଆସନ୍ତା ୨୦ ତାରିଖରୁ ସମସ୍ତ ଏସଇଏମମାନେ ନଳକୂପ ମରାମତି କାମ ବନ୍ଦ କରି ବ୍ଲକ ଆଗରେ ଧାରଣା ଦେବା ପାଇଁ ଜିଲା ସଭାପତି ଜୟଦେବ ପାଣିଗ୍ରାହୀ ଏବଂ ଅନ୍ୟ ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

## ଜାତୀୟ ପୋଷଣ ମାସ ଉଦ୍‌ଯାପିତ

ମନମୁଣ୍ଡା, ୩୦।୯ (ଡି.ଏନ.ଏ)

କନ୍ଧମାଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସ୍ଥାନୀୟ ଉପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ଜାତୀୟ ପୋଷଣ ମାସ ଉଦ୍‌ଯାପିତ ହୋଇଯାଇଛି। ମନମୁଣ୍ଡା ସେକ୍ଟରର ୨୧ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀ କଳସ ସ୍ଥାପନ କରିଥିଲେ ଏବଂ ବିଭିନ୍ନ ଗ୍ରାମରୁ ଆସିଥିବା ଗର୍ଭବତୀ, ପ୍ରସୂତି ମା' ଏବଂ ୬ ମାସରୁ ୬ ବର୍ଷର ଶିଶୁମାନଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମନମୁଣ୍ଡା ସେକ୍ଟରର କ୍ଷେତ୍ର ପରିଦର୍ଶିକା ପଲ୍ଲବୀ ମେହେରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଓ ଶିଶୁମାନଙ୍କୁ ଅପପୃଷ୍ଟିରୁ ରକ୍ଷା କରିବା ଜାତୀୟ ପୋଷଣ ମାସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ଷେତ୍ର ପରିଦର୍ଶିକା ମେହେର ତାଙ୍କ ପ୍ରାରମ୍ଭିକ ଭାଷଣରେ ଉଦବୋଧନ ଦେଇଥିଲେ । ସେହିପରି କେତେକ ଖାଦ୍ୟ ପ୍ରସ୍ତୁତ କରାଯାଇ ମା'ମାନଙ୍କୁ ବଣ୍ଟନ କରାଯାଇଥିଲା । କର୍ମୀ ସବିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ପୋଷଣ ସଚେତନତା ରାଲି ହୋଇଥିଲା। ଏହା ପୂର୍ବରୁ ପଲସାଗୋରା ସେକ୍ଟରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ଶିଶୁଙ୍କ ମା'ମାନଙ୍କୁ ପାଠପଢ଼ା ବିଷୟରେ ଧାରଣା ଦେବା ସହ ଉତ୍ତମ ଶିଶୁ ଗଠନ କରିବାର ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ସଭାପତି ଆରତି ସାହୁ, ଉପସଭାପତି ସାର ପ୍ରଧାନ, ସମ୍ପାଦକ ରାଜକିଶୋର ମହାରଣା, ଉପଦେଷ୍ଟା ସାକ୍ଷୀଗୋପାଳ ପ୍ରଧାନ, ଆଚାର୍ଯ୍ୟ ନରେନ୍ଦ୍ର ମହାକୁଳ, ନବୀନ କୁମାର ସାହୁ ଉପସ୍ଥିତ ଥିଲେ । ସମସ୍ତ ଗୁରୁମା ଗୁରଜୀ ଉପସ୍ଥିତ ଥିଲେ ।

## ନିମ୍ନମାନର କାମ, ଦବିଗଲାଣି କଂକ୍ରିଟ ରାସ୍ତା

ଅତାବିରା, ୩୦।୯ (ଡି.ଏନ.ଏ)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଗମ୍ଭାଟିକ୍ରା ବ୍ରିଜ୍‌ରୁ ଭୂତଟିକ୍ରା ରାସ୍ତା, ପାଲିବୁଗବୁଗା-ଝାଉଁଯୋର ରାସ୍ତା, ବୁଗବୁଗା-ମହାଦେବ ମନ୍ଦିର ରାସ୍ତା କଂକ୍ରିଟ କରାଯାଇଥିଲେ ମଧ୍ୟ ଫାଟି ଗଲାଣି । ସେହିପରି ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଦେଶଭଟିଲି-ବିଶିପାଲି ରାସ୍ତା, ଉଦେପୁର-ଖସିଆପଡା କଂକ୍ରିଟ ରାସ୍ତା ନିର୍ମାଣ କରାଯିବାର ବର୍ଷେ ପରେ ଫାଟି ଆଁ କରିଛି । ବିଶିପାଲି କଂକ୍ରିଟ ରାସ୍ତା ଦବି ଯିବାରୁ ଛାତ୍ରୀଛାତ୍ର, ଯାନବାହନ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦି ତୁରନ୍ତ ବିଶିପାଲି କଂକ୍ରିଟ ରାସ୍ତା ମରାମତି କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମୋହନ ଭୋଇ, ଜଗନ୍ନାଥ ବିଶି, ଭରତ ଭୋଇ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏ ନେ ଭେଡେନ ବିଡିଓ ମୁରଲିଧର ନାୟକ ଓ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ଉଦେପୁରରେ ହନୁମାଙ୍କଡ ଉପଦ୍ରବ

ଅତାବିରା, ୩୦।୯ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗାଁକୁ ହନୁମାଙ୍କଡପଲ ଆସି ପନିପରିବା ଫସଲ ନଷ୍ଟ କରି ଦେଉଛନ୍ତି। ସେମାନେ ଜହ୍ନି, ଅମୃତଭଣ୍ଡା, ବାଇଗଣ, ଝୁଲେର ଆଦି ପରିବା ଖାଇ ଦେଉଥିବାରୁ ପରିବା ଚାଷୀ ହତାଶ ହୋଇ ପଡିଛନ୍ତି। ଏହି ମାଙ୍କଡ ପଲରେ ୪୦ରୁ ୫୦ଟି ହନୁମାଙ୍କଡ ଅଛନ୍ତି । ଏହାସହ ସେମାନେ ଆଡବେଷ୍ଟସ, ଖପର ଛାତ ଉପରେ ଡିଆଁ ମାରୁଥିବାରୁ ତାହା ଭାଙ୍ଗି ଯାଉଛି । ବନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ମାଙ୍କଡ ପଲକୁ ଜଙ୍ଗଲକୁ ଘୋଡାଇବା ପାଇଁ ଦାବି ହେଉଛି ।

## ସାଲେପାଲି-ତାଳମୁଣ୍ଡା ରାସ୍ତା ଶୋଚନୀୟ

ଭେଡ଼େନ,୩୦।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଓ ସୁବର୍ଣ୍ଣପୁର ଜିଲାର ବିନିକା ବ୍ଲକକୁ ସଂଯୋଗ କରୁଥିବା ସାଲେପାଲି ତାଳମୁଣ୍ଡା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଭେଡ଼େନ ବ୍ଲକର ଜନସାଧାରଣ ରାମପୁରକୁ ଯାତାୟାତ କରିଥାନ୍ତି। ଗ୍ରାମବାସୀ ପ୍ରାୟ ୫୦ ହଜାର ଟଙ୍କା ବ୍ୟୟ କରି ରାସ୍ତା ମରାମତି କରିଥିଲେ। ଏହି ରାସ୍ତାରେ ଥିବା ନାଳ ଉପରେ ବ୍ରିଜ୍‌ର ଆପ୍ରୋଚ ରୋଡ଼ ଗତ ବନ୍ୟାରେ ଧୋଇଯିବା ଫଳରେ ରାସ୍ତାରେ ଚାରିଚକିଆ ଯାନ ଯିବାଆସିବା ଅସମ୍ଭବ ହୋଇପଡ଼ିଛି । ଅପରପକ୍ଷରେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବାରୁ ରାସ୍ତା ଆହୁରି ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ଏହି ରାସ୍ତା ମରାମତି କରାଯିବାକୁ ଦାବି ହେଉଛି ।



ସାଲେପାଲି ତାଳମୁଣ୍ଡା ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି ।

## ବିଜ୍ଞାନ ସେମିନାର, ୨୭ ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନ ସେମିନାରରେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଭେଡ଼େନ,୩୦।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ବରପଦର ଅଛାଣ୍ଡପାଲି ଆଞ୍ଚଳିକ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। ରାସାୟନିକ ଉପାଦାନ ଗୁଡ଼ିକର ପର୍ଯ୍ୟାୟ ସାରଣୀ ମାନବ କଲ୍ୟାଣ ପାଇଁ ତାର ପ୍ରଭାବ ଶୀର୍ଷକ ଏହି ସେମିନାରେ ବିଭିନ୍ନ ହାଇସ୍କୁଲର ୨୭ ଜଣ ପ୍ରତିଯୋଗୀ ଭାଗନେଇ ନିଜ ନିଜ ପ୍ରକଳ୍ପମାନ ଉପସ୍ଥାପନ କରିଥିଲେ । ଏହି ସେମିନାରରେ ଗଣ୍ଡତୁରୁମ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ବୈଭବ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲା ସ୍ତରୀୟ ସେମିନାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ସାଲନା ହାଇସ୍କୁଲର ଛାତ୍ର ଅନିଶ କୁମାର ତ୍ରୀପାଠୀ ଦ୍ୱିତୀୟ ଏବଂ ଝରାପାଲି ହାଇସ୍କୁଲର ଛାତ୍ରୀ ସୀମା ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଚାରକ ଭାବେ ଗୋପବନ୍ଧୁ ନାୟକ, ଚୋଡ଼ଗଙ୍ଗ ମେହେର, ହେମନ୍ତ ମେହେର ଦାୟିତ୍ୱ ସମ୍ପାଦନ କରିଥିଲେ। ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ ଭେଡ଼େନ ବିଇଓ ମଛିନ୍ଦ୍ର ମଲିକ ମୁଖ୍ୟଅତିଥି, ଭେଡ଼େନ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମଣୀ ରାଉତ, ବରପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମୃତଲାଲ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶେଷରେ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଷ୍ଟ୍ରିଟ ଲାଇଟ ଅଚଳ

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ସାମ୍ଭୋଚ ପଞ୍ଚାୟତର ରାମ୍ବିକଟା ବସଷ୍ଟାଣ୍ଡ ଛକରେ ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡିଛି । ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଛକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଥିବାବେଳେ ଲୋକମାନେ ଏହି ଠାରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯିବା ଆସିବା କରିଥାନ୍ତି। କିନ୍ତୁ ଏହାରେ ଷ୍ଟ୍ରିଟ ଲାଇଟ ଅଚଳ ଥିବାରୁ ରାତି ଅଧରେ ବସରୁ ଓହ୍ଲାଉଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି । ଏଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବାରିକ ସଂଘର ନୂତନ କର୍ମକର୍ତ୍ତା

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ଶ୍ରୀ ଶ୍ରୀ ଚନ୍ଦ୍ରଚୁଡ ବାରିକ ସଂଘର ସୋମବାର ଜିଲା ସଭାପତି ବେଣୁଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ବେଣୁଧର ସାମଲ ସଭାପତି, ହରେକୃଷ୍ଣ ବାରିକ ଉପସଭାପତି, ସନ୍ତୋଷ କୁମାର ବାରିକ କାର୍ଯ୍ୟକାରୀ ସଭାପତି, ତପନ ବାରିକ ସମ୍ପାଦକ, ଅରୁଣ କୁମାର ବାରିକ ସହ ସମ୍ପାଦକ, ପ୍ରବଣ ବାରିକ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଥିଲେ ।

## ଅଗ୍ରସେନ ଜୟନ୍ତୀରେ ଶୋଭାଯାତ୍ରା

ପାଇକମାଳ,୩୦।୯(ଡି.ଏନ.ଏ)

ପାଇକମାଳ ମାରୱାଡି ସମାଜ ତରଫରୁ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜର ସମସ୍ତ ଭଉଣୀଭାଇ ଅଗ୍ରସେନ ମହାରାଜାଙ୍କ ପ୍ରତିମୂର୍ତ୍ତିକୁ ଏକ ରଥରେ ବସାଇ ପାଇକମାଳ ସହର ପରିକ୍ରମା କରାଇଥିଲେ । ସନ୍ଧ୍ୟାରେ ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ଠାରେ ମାରୱାଡି ଯୁବାମଞ୍ଚ ସଭାପତି କମଳେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମାରୱାଡି ଯୁବାମଞ୍ଚର ପୂର୍ବତନ ଅଧ୍ୟକ୍ଷ ମଧୁସୂଦନ ଶର୍ମା ମୁଖ୍ୟଅତିଥି, ସମାଜସେବୀ ସୁବାସ ପିତାନୀ ମୁଖ୍ୟବକ୍ତା, ରାମକୁମାର ଅଗ୍ରୱାଲ, ସୁଶୀଲ ଅଗ୍ରୱାଲ, ସବିତା ଜିନ୍ଦଲ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ନିଲେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।




ଅଗ୍ରସେନ ମହାରାଜାଙ୍କ ପ୍ରତିମୂର୍ତ୍ତିକୁ ଥରେ ବସାଇ ସହର ପରିକ୍ରମା କରାଯାଉଛି ।

## ■ ମଥୁରା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

## ୨ରୁ ଆମରଣ ଅନଶନ ଚେତାବନୀ

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମଥୁରା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାମରେ ଦୁର୍ନୀତି ଅଭିଯୋଗ କରି ଗତ ୨୫ ତାରିଖରେ ନାଏବ ସରପଞ୍ଚ ଓ କେତେକ ୱାର୍ଡସଭ୍ୟଙ୍କ ଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। କିନ୍ତୁ ପ୍ରଶାସନ ତଦନ୍ତ ନ କରି ଏଥିପ୍ରତି କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଛନ୍ତି ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ନିର୍ଗୁଣ ମହାକୁଡ । ପୂର୍ବରୁ ବିଭିନ୍ନ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେ କହିଛନ୍ତି । ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସେ ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ସୋମବାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ଓ ଜିଲା ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ।

# ଗୋରୁଙ୍କ ବେକରେ ରେଡିୟମ ପଟି

ବୌଦ୍ଧ, ୩୦।୯(ସ୍ୱ.ପ୍ର)

ରାତିରେ ରାସ୍ତା ଉପରେ ଶୋଇ ରହୁଥିବା ଗାଇଗୋରୁଙ୍କ ଯୋଗୁ ଦୁର୍ଘଟଣା ଘଟୁଛି। ଏହାକୁ ରୋକିବା ପାଇଁ ବୌଦ୍ଧ ଠାରେ ଥିବା ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ଜାତୀୟ ରାଜପଥରେ ବୁଲୁଥିବା ଗୃହପାଳିତ ପ୍ରାଣୀଙ୍କ ବେକରେ ରେଡିୟମ ପଟି ଲଗାଯାଉଛି । ବୌଦ୍ଧ ସହର ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥ ଉପରେ ଶତାଧିକ ଗୋରୁ ରହୁଥିବାରୁ ଅନେକ ସମୟରେ ବଡ ବଡ ଦୁର୍ଘଟଣାମାନ ଘଟୁଛି। ଫଳରେ ମାନବ ଜୀବନ ସହିତ ଅନେକ ଗୋରୁ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅନୁଷ୍ଠାନ ପକ୍ଷରୁ ପ୍ରଶାସନର ସହଯୋଗ କ୍ରମେ ଏହି ବୁଲା ଗୋରୁଙ୍କ ବେକରେ ରେଡିୟମ ପଟି ଲଗା ଅଭିଯାନ ଆରମ୍ଭ କରାଯାଇଛି । ଏହି ପଟି ଲଗାଯିବା ଫଳରେ ଦୂରରୁ ଗାଡି ଚାଳକମାନେ ସତର୍କ ହୋଇପାରୁଛନ୍ତି । ଏହି କାର୍ଯ୍ୟକ୍ରମରେ ସଦର ଥାନା ଅଧିକାରୀ ତପସ୍ୱିନୀ କହଁର ଏବଂ ଆରଟିଓ ଭାଗିରଥି ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଲା ଗୋରୁମାନଙ୍କୁ ରେଡିୟମ ପଟି ଲଗାଯିବା ଫଳରେ ଅନେକ ଦୁର୍ଘଟଣା ରୋକାଯାଇପାରିବ । ଫଳରେ ସରକାରଙ୍କ ସଡକ ସୁରକ୍ଷା, ଜୀବନ ସୁରକ୍ଷା ଅଭିଯାନ ସଫଳ ହୋଇପାରିବ ବୋଲି ସମିତିର ଆବାହକ ଇନ୍ଦ୍ରମଣି ମେହେର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତିର ବହୁ ସଦସ୍ୟ ସାମିଲ ହୋଇଥିଲେ ।

### ଦୁର୍ଘଟଣା ରୋକିବା ପାଇଁ ଉଦ୍ୟମ



ଗୋରୁଙ୍କ ବେକରେ ରେଡିୟମ ପଟି ଲଗାଯାଉଛି ।



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ
ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ୫୯ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ

**ମୁରିବାହାଲ, ୩୦।୯ (ଡି.ଏନ.ଏ):** ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ ମୁରିବାହାଲ ବ୍ଲକ ଅଫିସ ପରିସରରେ ୨୦୧୯-୨୦ ଆର୍ଥୀକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବିଡିଓ ସିପକ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଲକ୍ଷ୍ମଣ ବାଗ, ଜଗନ୍ନାଥ ନାଗ, ରମାକାନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟା ସ୍ମୃତିଧାରା ମହାପାତ୍ର, ହସିତା ବେହେରା, ଏମପି ପ୍ରତିନିଧି ଶ୍ରୀବସ୍ତ ବେହେରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୫୯ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିପିଇଓ ନୀଳକଣ୍ଠ କାଳସାଏ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ମିଳିତ ଜନଶୁଣାଣି ଶିବିର

ଗୁଡଭେଲା,୩୦।୯(ଡି.ଏନ.ଏ.): ଗୁଡଭେଲା ବ୍ଲକ ପରିସରରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠ ଯୋଗଦେଇ ୬୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୪୫ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ମଙ୍ଗଳ ଅଧିକାରୀ ପି.ପୃଷ୍ଟି, ଇଲେକ୍ଟ୍ରି ବିଭାଗ ଏସଡିଓ ସଞ୍ଜୀବ ପାଢ଼ୀ, ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ବିଡିଓ ରାମବିଲାସ ମଙ୍ଗରାଜ, ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ଜିପିଇଓ ହିମାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଅଗ୍ରସେନ ଜୟନ୍ତୀ

**ସଇଁତଲା, ୩୦।୯(ଡି.ଏନ.ଏ.):** ସଇଁତଲା କଅଁସରପଡ଼ାସ୍ଥିତ ଶାନ୍ତିଦେବୀ କିଣ୍ଡର ଗାର୍ଡେନ ବିଦ୍ୟାଳୟ ପରିସରରେ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମାରୱାଡ଼ି ସମ୍ମେଳନର ମହିଳା ସମିତି ଓ ମାରୱାଡି ଯୁବାମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ମେଳନ ସଭାପତି ମଦନଲାଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ସନ୍ତୋଷ ଶର୍ମା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶିବ ପ୍ରସାଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ମାରୱାଡ଼ି ମହିଳା ସମିତି ପକ୍ଷରୁ ନେତ୍ରଦାନ ପ୍ରମୁଖ ମଣୀ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଏକାଙ୍କିକା ପ୍ରଦର୍ଶନ ପୂର୍ବକ 'ଅଙ୍ଗଦାନ ଓ ନେତ୍ରଦାନ' ଉପରେ ସଚେତନତା ସୃଷ୍ଟି କରାଯାଇଥିଲା ।






(ବାମରୁ) ତୁଳସୀ ନଗର ଦୁର୍ଗାପୂଜା କମିଟି ତରଫରୁ ମା' ଦୁର୍ଗାଙ୍କ ନବରାତ୍ର ପୂଜା କରାଯାଉଛି । ବଲାଙ୍ଗୀରରେ ମା' ସମଲେଇଙ୍କ ବ୍ରହ୍ମଚାରିଣୀ ବେଶ । ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ରିନ୍‌ବଚନ ଗାଁରେ ବୁଢ଼ାରଜା ଯାତ୍ରାରେ ଭକ୍ତଙ୍କ ଭିଡ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାରେ 'ବାପୁଙ୍କୁ ଚିଠି' ଶୀର୍ଷକ ବିଷୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।(ଫଟୋ: ସୁନୀଲ

# ପୃଥକ ଡକାୟତି, ଚୋରି ଘଟଣା: ୩ ଗିରଫ

**ବଲାଙ୍ଗୀର ଅଫିସ/ ଦେଓଗାଁ (ଡି.ଏନ.ଏ.), ୩୦।୯**




ଗିରଫ ଦିଲୀପ ବଗର୍ତ୍ତୀ ଓ ବିକି, ନିମାଇଁ।

ପୃଥକ ଡକାୟତି ଘଟଣାରେ ବଲାଙ୍ଗୀର ଟାଉନ ଥାନା ଓ ଦେଓଗାଁ ପୋଲିସ ୩ ଡକାୟତଙ୍କୁ ଗିରଫ କରିଛି। ଏ ନେଇ ସୋମବାର ଟାଉନଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସେପ୍ଟେମ୍ବର ୧୨ତାରିଖରେ ବାଳକୃଷ୍ଣ ସୁନା ନାମକ ଏକ ଘରୋଇ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ରତନପୁର ଢ଼ାବାରୁ ଅର୍ଡା ରାସ୍ତାରେ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କଠାରୁ ମନିପର୍ସ, ଏଟିଏମ୍ କାର୍ଡ ଆଦି ଲୁଟି ନେଇଥିଲେ। ଏହି ଘଟଣାରେ ଦେଓଗାଁ ପୋଲିସ ଖର୍ଲିକାନୀର ଦିଲୀପ ବଗର୍ତ୍ତୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଲୁଟ୍ ଘଟଣାରେ ବ୍ୟବହୃତ ବୋଲେରୋକୁ ପୋଲିସ ଜବତ କରିଛି। ତେବେ ଏହି ଘଟଣାରେ ସଂଶ୍ଲିଷ୍ଟ ଅନ୍ୟ ୬ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଗିରଫ ଦିଲ୍ଲୀପ ବିଜାଖମନ-ସିନଖମନ ଗାଁରେ ଅନେକ ଛୋଟଛୋଟ ଅପରାଧ, ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ୍ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ସେହିପରି ବଲାଙ୍ଗୀର ଟାଉନ ଥାନା ପୋଲିସ ଡକାୟତି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିକି ନାଗ ଓ ନିମାଇ ସରଭଙ୍ଗା। ରବିବାର ଅପରାହ୍ନରେ ସହରର ସାଗରପଡାର ଲବଣୀଧର ନାୟକଙ୍କ ଘରକୁ କେତେକ ପଶି ପାଣି ପମ୍ପ, ଡ୍ରମ ଓ କଂସାବାସନ ଚୋରି କରୁଥିବା ବେଳେ ପଡୋଶୀ ଘର ଲୋକଙ୍କ ସହାୟତାରେ ବିକିକୁ ଧରି ପୋଲିସ ଜିମା ଦିଆଯାଇଥିଲା। ବିକିଠାରୁ ସମସ୍ତ ଚୋରି ଜିନିଷ ଉଦ୍ଧାର କରାଯାଇଛି। ଠିକ୍ ସେହିପରି ପଟେଲ ମହନ୍ତ ବ୍ରାହ୍ମଣ ପଡାରେ ଔଷଧ କିଣୁଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ପ୍ୟାକେଟରୁ ୧୨୦୦ ଟଙ୍କା ଓ ଏଟିଏମ୍ କାର୍ଡ ପକେଟ୍ ମାର କରୁଥିବା ବେଳେ ଲୋକେ ନିମେଇ ସରଭଙ୍ଗାଙ୍କୁ କାବୁ କରି ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ । ଏହି ଘଟଣାରେ ୧୨୦୦ ଟଙ୍କା ଓ ଏଟିଏମ୍ କାର୍ଡ ଜବତ କରିଥିଲା ପୋଲିସ।

# କୃଷକ ମୋର୍ଚ୍ଚାର ବ୍ଲକ ଘେରାଉ

**ବଙ୍ଗୋମୁଣ୍ଡା, ୩୦।୯(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ପରିସରରେ ସ୍ଥାନୀୟ କୃଷକ ମୋର୍ଚ୍ଚା ତରଫରୁ ସୋମବାର ଗଣଧାରଣା ଦିଆଯାଇଥିଲା। ବିଡିଓଙ୍କ ଜରିଆରେ ୫ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ଫସଲରେ ରୋଗ ପୋକ ପ୍ରାଦୁର୍ଭାବ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପିଛା ୩୦ ହଜାର ଟଙ୍କା ସହାୟତା, ରବି ଚାଷ ପାଇଁ ୧ ଲକ୍ଷ ଟଙ୍କା ଋଣ ପ୍ରଦାନ, ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ, ଧାନ ମୂଲ୍ୟ କୁଇଣ୍ଟାଲ ପିଛା ୩୫୦୦ ଟଙ୍କା ଆଦିଦାବିପତ୍ରରେ ଉଲ୍ଲେଖ ଅଛି। ଦାବିପତ୍ର ଭାରପ୍ରାପ୍ତ ବିଡିଓ ଦୀକ୍ଷିତ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଯୋଗେନ୍ଦ୍ର ବଛାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିବିକ୍ରମ ବଛା, ଡୋଲାମଣି ବଛା, ଦେବ କୁମାର ବଛା, ନରସିଂହ ଥନାପତି, ଜଗଦିଶ ଭୋଇ ପ୍ରମୁଖ ସାମିଲ ହୋଇଥିଲେ ।

# ଆକ୍ଷେପମୂଳକ ଖବରକୁ ଭାଇରାଲ କରି ଯୁବକ ଜେଲଗଲେ

**ସଇଁତଲା, ୩୦।୯ (ଡି.ଏନ.ଏ.)**

ସଇଁତଲା ଥାନା ଘୁନସର ଗ୍ରାମର ଅଜିତ ସାହୁ ନାମକ ଜଣେ ଯୁବକ ଏକ ୱେବ ଚ୍ୟାନେଲରେ ଜଣେ ଖବରଦାତାଙ୍କ ଚରିତ୍ର ସଂହାର କରିବା ଭଳି ପ୍ରକାଶିତ ଖବରକୁ ଭାଇରାଲ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। କିଛିଦିନ ତଳେ ଅଜିତ ନିଜକୁ ସାମ୍ବାଦିକ ପରିଚୟ ଦେଇ ଭଦ୍ରା ସରକାରୀ ବିଦ୍ୟାଳୟରେ ପଶି ମଧ୍ୟାହ୍ନଭୋଜନ ନିମ୍ନମାନର ଦିଆଯାଉଥିବା ଅଭିଯୋଗ ଆଣି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ କରିଥିବା ସଇଁତଲା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୦୪/୧୯)ରୁଜୁ କରି ପୋଲିସ ତାଙ୍କୁ ନୋଟିସ୍ ଦେଇଥିଲା । ଏ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଗଣମାଧମରେ ଗତ ୨୦ତାରିଖ ପ୍ରକାଶ ପାଇଥିଲା। ହେଲେ ଅଜିତ ସମ୍ପୃକ୍ତ ଖବରଦାତାଙ୍କ ଚରିତ୍ର ସଂହାର କଲାଭଳି ଏକ ୱେବ ଚ୍ୟାନେଲରେ ପ୍ରକାଶିତ ଖବରକୁ ନିଜ ମୋବାଇଲରୁ ଭାଇରାଲ କରିଥିଲେ। ସୋମବାର ସମ୍ପୃକ୍ତ ଖବରଦାତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାରେ ଦଫା ୫୦୦, ୫୦୬ରେ ଏକ ମାମଲା (ନଂ.୨୩୩/୧୯) ରୁଜୁ କରି ଏଏସଆଇ ମହେଶ୍ୱର ଦାସ ସୁନାନୀ ସଇଁତଲା ବ୍ଲକ ଛକରୁ ଅଜିତକୁ ଗିରଫ କରଥିଲେ। ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଜିତଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ନ ଖାଏ ଝିଅ**
**ତାକୁ ଜୋଇଁ ପତରରେ ଦିଅ ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାର ଯେମିତି କିଛି ଊଣା ରହି ନ ଯାଏ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘରକଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେଡ଼ିକି ଦିଅଁକୁ ତେଡ଼ିକି ପୂଜା,**
**ବାଲି ଗରଡ଼ାକୁ ଚାଉଳ ଭଜା ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ତହସିଲ କାର୍ଯ୍ୟାଳୟରେ ଓକିଲ ସଂଘର ତାଲା

**ବଙ୍ଗୋମୁଣ୍ଡା, ୩୦।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଓକିଲ ସଂଘ ସୋମବାର ତହସିଲ କାର୍ଯ୍ୟାଳୟରେ ତାଲା ପକାଯାଇଛି। ତହସିଲ କାର୍ଯ୍ୟାଳୟରେ ତାଲା ପଡିବା ଯୋଗୁ କୌଣସି କାର୍ଯ୍ୟ ହୋଇ ପାରିନାହିଁ। ତହସିଲ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ଓକିଲମାନେ ପିକେଟିଂ କରି କର୍ମଚାରୀଙ୍କୁ ବାହାରେ ଅଟକାଇଥିଲେ । ଫଳରେ କାର୍ଯ୍ୟାଳୟ ଭିତରକୁ କୌଣସି କର୍ମଚାରୀ ଯାଇପାରିନଥିଲେ । ପରେ ସେମାନେ ମୁଖ୍ୟ ଗେଟରେ ତାଲା ପକାଇଥିଲେ। ଦୀର୍ଘ ଦିନରୁ ପଡିରହିଥିବା ମ୍ୟୁଟେସନ କାର୍ଯ୍ୟ ବନ୍ଦ ରହିଥିବାରୁ ଅନେକ ବାର ପ୍ରସାସନର ନଜରକୁ ଓକିଲ ସଂଘ ଆଣିଥିଲା । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସଂଘ ପ୍ରତିବାଦ କରି କାର୍ଯ୍ୟାଳୟରେ ତାଲା ପକାଇଥିଲା। ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ଓକିଲ ସଂଘ ସଭାପତି ଉଦ୍ଧବ ହେବେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଇନଜୀବୀ ଭାସ୍କର ମେହେର, ହରିବନ୍ଧୁ ମେହେର, ବେଣୁଧର ମେହେର, ବୁଦ୍ଧଦେବ ଭରାସଗରିଆ, ରାଜୁ କୁମ୍ଭାର, ପ୍ରଦୀପ ଶର୍ମା ପ୍ରମୁଖ ସାମିଲ ଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




DHARITRI
Career appointment
Every Wednesday and Saturday



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ପାଞ୍ଚଦିନିଆ ଯୋଗ କର୍ମଶାଳା ଉଦ୍‌ଯାପିତ

**ଦେଓଗାଁ,୩୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ପାଞ୍ଚଦିନଧରି ଚାଲିଥିବା ଯୋଗ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଜଗଦୀଶ ପଧାନ ଓ ଲଳିତ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଚାଲିଥିବା କର୍ମଶାଳାରେ ହରିଦ୍ୱାରରେ ପ୍ରଶିକ୍ଷିତ ଯୋଗଗୁରୁ ଅଚ୍ୟୁତ କୁମାର ସାହୁ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତ୍ୟହ ୫୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ଯୋଗ ପ୍ରଶିକ୍ଷଣ ନେଇଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଭାରତ ସ୍ୱାଭିମାନ ପ୍ରଭାରୀ ରଘୁନାଥ ଷଡଙ୍ଗୀ, ସମ୍ମାନୀତ ଅତିଥିଭାବେ ଯୋଗ ସମିତି ପ୍ରଭାରୀ ଅଶୋକ ଅଗ୍ରୱାଲ, ଭାରତ ସ୍ୱାଭିମାନ ସହପ୍ରଭାରୀ ରାଜୀବ ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ଲାଭ ବିଷୟରେ ଆଲୋକପାତ କରିଥିଲେ ।

### ଉପଖଣ୍ଡସ୍ତରୀୟ କୃଷକ ତାଲିମ ଶିବିର

**ଟିଟିଲାଗଡ଼,୩୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ଅନୁକୂଲ୍ୟରେ ଟିଟିଲାଗଡ ଉପଖଣ୍ଡସ୍ତରୀୟ ଚାଷୀ ମାନଙ୍କୁ ନେଇ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜାତୀୟ କୃଷି ବଜାରରେ ଚାଷୀମାନଙ୍କ ଉତ୍ପାଦିତ ଶସ୍ୟକୁ କିପରି ଉଚିତ ମୂଲ୍ୟରେ ବିକ୍ରି କରାଯାଇ ପାରିବ ତାହା ଉପରେ ଶିବିରରେ ଆଲୋଚନା ହୋଇଥିଲା। ଟିଟିଲାଗଡ ଉପଜିଲାପାଳ ତଥା କଣ୍ଟାବାଞ୍ଜି ଆରଏମସି ଅଧ୍ୟକ୍ଷ ସୁଧାକର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ କୃଷି ଜିଲା ଅଧିକାରୀଙ୍କ ସହ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ, ସଇଁତଲା ବ୍ଲକର ସହକାରୀ କୃଷି ଅଧିକାରୀମାନେ ସାମିଲ ହୋଇଥିଲେ । ଅଧିକାରୀମାନେ କହିଥିଲେ ଯେ, କପା ଚାଷୀ ଫସଲର ଉପଯୁକ୍ତ ପଇସା ସିଧାସଳଖ ନିଜ ବ୍ୟାଙ୍କ ଆକାଉଣ୍ଟରେ ପାଇ ପାରିବ । ଏଥିପାଇଁ କେନ୍ଦ୍ର ସରକାର ଏକ ମୋବାଇଲ ଆପ୍ସ ଇ-ନାମ ମାଧ୍ୟମରେ ରେଜିଷ୍ଟ୍ରେଶନ କରିବାକୁ ଚାଷୀମାନଙ୍କୁ କୁହାଯାଇଥିଲା। ଏହି ଇ-ନାମ ମାଧ୍ୟମରେ ଚାଷୀ ସମସ୍ତ ପ୍ରକାର ଚାଷ କପା, ଧାନ, ପିଆଜ ଓ ବିଭିନ୍ନ ପନିପରିବା ବିକ୍ରି ଉପରେ ସୁବିଧା ପାଇପାରିବେ ବୋଲି ଉପଜିଲାପାଳ ନାଏକ କହିଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ସେକ୍ରେଟାରୀ ତୁଷାରକାନ୍ତ ସେଠୀ, ଇ-ନାମ ପ୍ରତିନିଧି ବିଦ୍ୟାଧର ସାହୁ ଉପସ୍ଥିତ ଥିଲେ ।

### ବ୍ଲକ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

**ଦେଓଗାଁ,୩୦।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭାଜପା ତରଫରୁ ବରିଷ୍ଠ ନେତା ଅନନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ଭାଜପା ନେତା ଅଚ୍ୟୁତ କୁମାର ସାହୁ, ଗଣେଷ ବାଗ, ଶ୍ରୀକାନ୍ତ ଥନାପତି, ପ୍ରମୋଦ ସାହୁ, ଅଶୋକ କୁମ୍ଭାର, ଅଭି ରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ଦାବିପତ୍ର ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାଙ୍କୁ ପ୍ରଦାନ କରାଯାଇଥିଲା ।

# ଖପ୍ରାଖୋଲରେ ବ୍ୟାପୁଛି ଝାଡ଼ାବାନ୍ତି

- ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା
- ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ
- ଜନସଚେତନତା ପାଇଁ ସଭା, ମାଇକ ଯୋଗେ ପ୍ରଚାର

**ଖପ୍ରଖୋଲ, ୩୦।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ସଦର ମହକୁମାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଶନିବାର ଆଠ ଜଣ ଆକ୍ରାନ୍ତ ହୋଇଥିବାବେଳେ ସୋମବାର ଏହି ସଂଖ୍ୟା ୧୩ରେ ପହଞ୍ଚିଛି । ଦୂଷିତ ପାଣି ଯୋଗୁଁ ଏଭଳି ହୋଇଥିବା ଅନୁମାନ କରି ସ୍ୱାସ୍ଥ୍ୟ ବିଭାଗ ପାଇପ ଜଳ ଯୋଗାଣ ବନ୍ଦ କରାଇଛି। ଏଥିସହିତ ଗାଁରେ ସଚେତନତା ପାଇଁ ସଭା କରାଯାଇଛି। ମାଇକ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ପାଣି ଫୁଟାଇ ପିଇବା, ନଳକୂଅ ପାଣି ବ୍ୟବହାର, ନିଜ ଘର ଚାରିପାଖ ସଫା କରିବା, ହେଲୋଜିନ ବଟିକା ଓ ବ୍ଲିଚିଙ୍ଗ ପାଉଡର ବଣ୍ଟନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଜିଲା ମହାମାରୀ ବିଶେଷଜ୍ଞ ଡା.ସତୀଶ କୁମାର ନାଏକ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ପ୍ରହରି ମଣ୍ଡପଠାରେ ଏକ ସଚେତନତା ସଭା ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ ବିଶେଷଜ୍ଞ ଡା. ନାଏକ, ଡା.ମିନତୀ ହେମ୍ବ୍ରମ୍, ସ୍ୱାସ୍ଥ୍ୟକର୍ମୀ ସୁଶୀଲ କୁମାର ଭୋଇ, ଏଏନଏମ୍ ରୀତାଞ୍ଜଳି ସାହୁ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଦଳ ମହିଳା ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଖପ୍ରାଖୋଲ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଉତ୍କଳମଣି ମେହେରଙ୍କୁ ପଚାରିବାରୁ ବର୍ତ୍ତମାନ ଖପ୍ରାଖୋଲ ଡାକ୍ତରଖାନାରେ ୩ ଜଣ, ପାଟଣାଗଡରେ ୪ଜଣ ଏବଂ ବଲାଙ୍ଗୀର ଡାକ୍ତରଖାନାରେ ଜଣେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ପାଞ୍ଚ ଆକ୍ରାନ୍ତଙ୍କୁ ଚିକିତ୍ସା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡାକ୍ତର ମେହେର ପ୍ରକାଶ କରିଛନ୍ତି।



ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସିତ ଜଣେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଡାକ୍ତର ପଚାରି ବୁଝୁଛନ୍ତି।



ସଚେତନ ନାଗରିକ ଘର ଘର ବୁଲି ପରିମଳ ବ୍ୟବସ୍ଥା ସୁଧାରିବାକୁ ଅନୁରୋଧ କରୁଛନ୍ତି।

# ପରିମଳ ବ୍ୟବସ୍ଥା ସୁଧାର ପାଇଁ ବୁଝାଇଲେ ସଚେତନ ନାଗରିକ

**ଖପ୍ରଖୋଲ, ୩୦।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ସଦର ମହକୁମାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା । ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପାଖରେ ପଡିଛି କୁଢକୁଢ ମଇଳା। ଯାହା ଫଳରେ ଗାଁରେ ବ୍ୟାପୁଛି ଝାଡାବାନ୍ତି। ଏହି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ରବିବାର ସକାଳୁ ବାହାରିଥିଲେ ଗାଁର ୫୦ରୁ ଉର୍ଦ୍ଧ୍ୱ ସଚେତନ ନାଗରିକ । ଗାଁରେ ବୁଲିବା ସହ ଘର ସମ୍ମୁଖରେ ମଇଳା, ବର୍ଜ୍ୟବସ୍ତୁ ଆଦି ନ ପକାଇବାକୁ କହିଥିଲେ। ଘର ଚାରିପାଖ ସଫାସୁତୁରା ରଖିବାକୁ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ସମିତି ସଭ୍ୟ କଳାକାହ୍ନୁ ବାରିକ, ସନ୍ତୋଷ ଗଡତିଆ, ରୁଷି ରାଉତ, ବୁଲୁ ପଣ୍ଡା, ସୁନୀଲ ପଧାନ, ଧରମ ଭୋଇ, ରିଙ୍କୁ ବାରିକ, ନାରେନ ଦଣ୍ଡସେନା, ଯଦୁମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ। କେତେକ ସ୍ଥାନରେ ପଡିଥିବା ମଇଳା ସଫା କରାଇଥିଲେ ।

### ଗୁଣିଗାରେଡି ସନ୍ଦେହରେ ଦମ୍ପତି ହତ୍ୟା ଘଟଣା

# ଶେଷରେ ଗାଁ ଛାଡ଼ିଲେ ମୃତାଙ୍କ ପରିବାର

**ଖପ୍ରଖୋଲ, ୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ଭା ଥାନା ଚିଟିକାମାଲ ଗାଁର ବହୁ ଚର୍ଚ୍ଚିତ ଗୁଣିଗାରେଡି ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ଦମ୍ପତିଙ୍କ ପରିବାର ଶେଷରେ ଗାଁ ଛାଡିଛନ୍ତି। ନିଜ ଜନ୍ମମାଟିରେ ନିଜକୁ ଅସୁରକ୍ଷିତ ମଣି ମୃତକଙ୍କ ପୁଅ ରମେଶ ବରିହା ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଥିବା କାନ୍ଦି କାନ୍ଦି କହିଛନ୍ତି। ରବିବାର ନିଜ ଗାଁ ଚିଟିକାମାଲକୁ ଲରମ୍ଭା ପୋଲିସର ସୁରକ୍ଷା ବଳୟରେ ପହଞ୍ଚି ରମେଶ ଘରେ ଥିବା ଆସବାବପତ୍ର, ଧାନ ଚାଉଳ, ନିତ୍ୟ ବ୍ୟବହୃତ ଜିନିଷ ସବୁ ଗାଡି ଯୋଗେ ନିଜ ମାମୁଁଘର ଗାଁ ଦେଦର୍ହକୁ ନେଇଯାଇଥିଲେ।

ସୂଚନାଯୋଗ୍ୟ ଗତ ୧୬ତାରିଖ ସକାଳେ ଗୁଣିଗାରେଡି ସନ୍ଦେହରେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା(୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ(୫୦)ଙ୍କୁ ପିଟିପିଟି ହତ୍ୟା କରି ଗାଁ ପାଖ ପାହାଡରେ ପିଙ୍ଗି ଦିଆଯାଇଥିଲା। ଘଟଣା ଜଣା ପଡିବା ପରେ ପୋଲିସ ମୃତଦେହ ଉଦ୍ଧାର କରିଥିଲା । ତେବେ ମୃତଦେହ ନିଜ ଗାଁକୁ ଅନ୍ତିମ ସଂସ୍କାର ପାଇଁ ନେବାକୁ ଭୟ କରିଥିଲେ ମୃତକଙ୍କ ପୁଅ । ଏ ନେଇ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇଥିଲେ ମଧ ଶେଷରେ ପାଟଣାଗଡରେ ହିଁ ଅନ୍ତିମ ସଂସ୍କାର କରାଯାଇଥିଲା । ଏବେ ଘଟଣାର ୨ ସପ୍ତାହ ପରେ ପରିବାର ଭୟରେ ଭିଟାମାଟି ଛାଡିଛନ୍ତି। ଏହି ଘଟଣାରେ ୪ ଜଣ ଗିରଫ ହୋଇଥିବାବେଳେ ଗିରଫ ଭୟରେ ଏବେବି ଗାଁ ପୁରୁଷ ଶୂନ୍ୟ ଥିବା ଜଣାଯାଇଛି । ଏ ନେଇ ଲରମ୍ଭା ଥାନା ଏସ୍‌ଆଇ କେ.କୋଶଲାଙ୍କୁ ପଚାରିବାରୁ ମୃତକଙ୍କ ପୁଅ ତାଙ୍କ ଘର ସାମଗ୍ରୀ ଗାଁରୁ ଅନ୍ୟତ୍ର ନେବା ପାଇଁ ପୋଲିସ ସହାୟତା ମାଗିଥିଲେ । ପୋଲିସ ଉପସ୍ଥିତିରେ ସେ ସାମଗ୍ରୀ ନେଇଥିବା କହିଛନ୍ତି।



ମୃତକଙ୍କ ପୁଅ ଘରୁ ବ୍ୟବହୃତ ସାମଗ୍ରୀ ବାହାର କରୁଛନ୍ତି।

**ଧରିତ୍ରୀର ପ୍ରଭାବ**

### ପାଇପ ଜଳ ଯୋଗାଣ ଆରମ୍ଭ

**ଗୁଡଭେଲା,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛଅ ଦିନ ପରେ ସୋମବାର ପାଇପ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଛି । ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ସହ ଯୋରସୋରରେ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ପାଇପକୁ ଯୁଦ୍ଧକାଳୀନଭିତ୍ତିରେ ସଂଯୋଗ କରାଯିବା ସହ କଂକ୍ରିଟ କରାଯାଇଥିଲା। ଏହାର ପ୍ରାୟ ୧୨ ଘଣ୍ଟାପରେ ସୋମବାର ଅପରାହ୍ନ ପ୍ରାୟ ୧ଟାରୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଶୀଘ୍ର ସହରର ବିଭିନ୍ନ ପଡାକୁ ସ୍ୱାଭାବିକ ଜଳ ଯୋଗାଣ ହୋଇଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ

**ଦେଓଗାଁ,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ସୋମବାର ଓଡିଆ, ଇଂଲିଶ ଓ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ସନତ କୁମାର ରଥ ଓ ସରୋଜ କୁମାର ମହାନ୍ତି ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ହୋଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ବୋଲି ମାର୍ଗଦର୍ଶନ କରିଥିଲେ । ଛାତ୍ର ରାକେଶ ସେଠ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ମଧୂଳିକା ଦାନୀ ସଭା ପରିଚାଳନା କରିଥିଲେ । ଶେଷରେ ଛାତ୍ରୀ ଲିସା ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

# ରାଜ୍ୟସ୍ତରୀୟ ଖୋଖୋ: ବଲାଙ୍ଗୀର ଦଳ ଚୟନ

**ବଲାଙ୍ଗୀର ଅଫିସ,୩୦।୯**

ଆସନ୍ତା ୫ତାରିଖ ଭୁବନେଶ୍ୱର ୟୁନିଟ ୧ ମଦର ପବ୍ଲିକ ସ୍କୁଲଠାରେ ରାଜ୍ୟସ୍ତରୀୟ ଖୋଖୋ ଜୁନିୟର ବାଳକ ବାଳିକା ଏବଂ ଖେଲୋ ଇଣ୍ଡିଆ ପାଇଁ ୨୧ ବର୍ଷରୁ କମ୍ ବାଳକ-ବାଳିକା ବିଭାଗର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବଲାଙ୍ଗୀର ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଖୋଖୋ ପ୍ରଶିକ୍ଷକ ପଦ୍ମଚରଣ ଦାସ, ହଳଦୀ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରସାଦି କମ୍ପ, ଜାତୀୟ ଖୋଖୋ ରେଫରି ସୁଶାନ୍ତ କୁମାର ନାଗ ଏବଂ ସନ୍ତୋଷ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ମୁରିବାହାଲ ବ୍ଲକ ହଳଦୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଥିଲା । ଉକ୍ତ ଚୟନ ଶିବିରରେ ହଳଦୀ ପଞ୍ଚାୟତ ସରପଞ୍ଚ ଗୋପିନାଥ ପାଣିଗ୍ରାହୀ, କ୍ରୀଡାବିତ୍ ଯୁଧିଷ୍ଠିର ଭରାସାଗରିଆ ଏବଂ ମୁରିବାହାଲ ବ୍ଲକ କ୍ରୀଡା ସମ୍ପାଦକ ଦେବାନନ୍ଦ ଦାସ ଅତିଥିଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ ତରଫରୁ କୃତି ଖୋଖୋ ଖେଳାଳି ଜନକ ବେହେରା, ସୁଜାତା ମଲ୍ଲିକ, ସସ୍ମିତା ପାତ୍ର, ପ୍ରତିମା କୁମ୍ଭାର ଏବଂ ଜାତୀୟସ୍ତରର ଖୋଖୋ ରେଫରୀ ସୁଶାନ୍ତ କୁମାର ନାଗ, ସନ୍ତୋଷ କୁମାର ମେହେର, ଗୋପାଳ ଚନ୍ଦ୍ର ବସ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଚୟନ ପ୍ରକ୍ରିୟାରେ ଜିଲାର ୫୧ଜଣ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ବାଳକ ଓ ୬ଜଣ ବାଳିକା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଆଶିଷଦେବ ସା, ଆର୍ଶିବାଦ ସା,ରଜତ କୁମାର ଦାସ, ସମ୍ପତ ସେଠ, ନବୀନ ମେହେର, ପାଣ୍ଡବ ବିଶି, ଭୋଜରାଜ ଗହିର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ହଳଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ମେଳା ପ୍ରସ୍ତୁତି ବୈଠକ

**ଦେଓଗାଁ,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ପାଇଁ କୁତୁର୍ଲା ସୁରଧନୁ ହାଇସ୍କୁଲରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁମାର ଷାଣ୍ଡଙ୍କ ଆବାହକତ୍ୱ ତଥା ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୫ଟି ହାଇସ୍କୁଲର ପ୍ରଧାନଶିକ୍ଷକ, ବିଜ୍ଞାନ ଶିକ୍ଷକ ତଥା ସିଆରସିସି ବୃନ୍ଦ ଉପସ୍ଥିତ ଥିଲେ । ସଭାକୁ ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ସଂଯୋଜନା କରିଥିଲେ । ଚଳିତ ବିଜ୍ଞାନ ମେଳାରେ କେମିତି ଅଧିକ ସଂଖ୍ୟକ ଗୁଣାତ୍ମକ ବିଜ୍ଞାନଭିତ୍ତିକ ପ୍ରକଳ୍ପ ସ୍ଥାନ ପାଇପାରିବ ସେ ଦିଗରେ ସମସ୍ତ ବିଜ୍ଞାନ ଶିକ୍ଷକ ତଥା ସିଆରସିସିମାନେ ଧ୍ୟାନଦେବା ଦିଗରେ ମତପ୍ରକାଶ ପାଇଥିଲା । ବୈଠକରେ ଶିକ୍ଷକ ଗୀରିଶ ଚନ୍ଦ୍ର ପଣ୍ଡା, ଏବିଇଓ ଲୋଚନ ଛତ୍ରିୟା, ଅର୍ଜୁନ କୁମାର ନନ୍ଦ, ମୋହନ ଦଲାଇ, ସୁଶାନ୍ତ ସାହୁ, କୈଳାସ କର୍ତ୍ତି ପ୍ରମୁଖ ଯୋଗଦେଇ ସ୍ୱମତ ଉପସ୍ଥାପନ କରିଥିଲେ। ମେଳାର ଆୟୋଜକ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ରତନ କୁମାର ମେହେର ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଭାଜପାର ଗଣ ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ଖପ୍ରଖୋଲ, ୩୦।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ନାଁ କାଟି ମିଛ ବିଜ୍ଞାପନ ଦେଇ ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବାର ପ୍ରତିବାଦ କରିଛି ଭାଜପା ଖପ୍ରାଖୋଲ ଶାଖା। ଦଳ ତରଫରୁ ସୋମବାର ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରିଥିଲେ । ଦାବୀପତ୍ରରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରାଯାଇଥିଲା। ଘର ପାଇବା ପାଇଁ ହିତାଧିକାରୀଙ୍କଠାରୁ ଲାଞ୍ଚ କାରବାର ମଧ୍ୟ ହେଉଥିବା ଅଭିଯୋଗ କରିଥିଲେ । ସେହିପରି ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ଦେଖାଉଥିବାରୁ ଏହାକୁ ତୀବ୍ର ବିରୋଧ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୋଲି ଲେଖିବାକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଖପ୍ରାଖୋଲ ମଣ୍ଡଳ ସଭାପତି ଭରତ ସାହୁ, ଲାଠୋର ମଣ୍ଡଳ ସଭାପତି ଶଶୀ ପୂଝାରୀ, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ରବି ସାହୁ, ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, କର୍ଣ୍ଣସିଂ ଠାକୁର, ସୀତାରାମ ବାଗ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ରଘୁନାଥ ସିଂ ବରିହା, ଦେବକାନ୍ତ ପାଣିଗ୍ରାହୀ, ଡାକ୍ତର ସାହୁ, ଶିର ନାଗ, ଦୟାନିଧି ସାହୁ, ଦେବାନନ୍ଦ ଭୋଇ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।





ବିଡିଓ ତରଣୀ ସୁନାଙ୍କୁ ଭାଜପା ନେତୃବର୍ଗ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଗ୍ରାମ୍ୟ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ

# ଘଟଣା ଚପାଇ ଦେବାକୁ ଉଦ୍ୟମ

**ଦେଓଗାଁ,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ-ତୁଷୁରା ରାସ୍ତାର ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଜଙ୍ଗଲ ଉପରେ କରାଯାଉଛି। ଏଥିପାଇଁ ଅନେକ ମୂଲ୍ୟବାନ ଗଛକୁ କାଟି ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଅଭିଯୋଗ ଉଠିବା ପରେ ବ୍ଲକ ପ୍ରଶାସନ ତରଫରୁ ଉକ୍ତ କାମକୁ ବନ୍ଦ କରାଯାଇଛି । ଏଥିସହ ବନ ବିଭାଗ ମଧ ଗଛ କଟାର ତଦନ୍ତ ଆରମ୍ଭ କରିଛି । ହେଲେ ତଦନ୍ତ ଆରମ୍ଭ ହେବାର ଦିନକ ପରେ ରାଜନୈତିକ ଚାପରେ ପ୍ରଶାସନିକ ଅଧିକାରୀ ହାତବାନ୍ଧି ଘଟଣାକୁ ଚପାଇବାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଏକ ବେସରକାରୀ ରାସ୍ତା । ଉକ୍ତ ରାସ୍ତାରେ କାମ ଆରମ୍ଭ କରିବା ମାତ୍ରେ ସମ୍ପୃକ୍ତ ଜମି ମାଲିକ କାମକୁ ବାରଣ କରିଥିଲେ । ପରେ ସମ୍ପୃକ୍ତ ଠିକାଦାର ପୂର୍ବରାସ୍ତାକୁ ଲାଗି ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛ କାଟି ନୂଆରାସ୍ତା ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ । ତେବେ ମୂଲ୍ୟବାନ ଗଛଥିବା ଗ୍ରାମ୍ୟ ଜଙ୍ଗଲ କିସମରେ ରାସ୍ତା ନିର୍ମାଣ କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାକୁ ନେଇ କେତେକ ଲୋକ ପ୍ରଶାସନ ପାଖରେ ଅଭିଯୋଗ ଉଠାଇଥିଲେ । ଏଥିସହ ଉକ୍ତ ଜଙ୍ଗଲ ଜମିରେ ରହିଥିବା କେତେକ ଶାଗୁଆନ ଓ ନିମ୍ବ ଗଛକୁ କାଟି ରାସ୍ତାରେ ପକାଇ ଦିଆଯାଇ ମାଟିରେ ପୋତି ଦିଆଯାଇଥିବା ହାତିସରା ଗ୍ରାମର କେତେଜଣ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଥିଲେ। ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣ ଓ ଗଛ କାଟିବା ପୂର୍ବରୁ ଠିକାଦାର କିପରି ବିଭାଗର ଅନୁମତି ନ ନେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ବିଷୟରେ ଦେଓଗାଁ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଆରମ୍ଭ କରିଛୁ। ଏହି ରାସ୍ତା ଜଙ୍ଗଲ ଜମି ଉପରେ ନିର୍ମାଣ କରାଯାଇଛି। ଗଛଗୁଡିକ ମାଟିତଳେ ରହିଯାଇଥିବାରୁ ତଦନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ ବୋଲି କହିଥିଲେ । ଏ ସଂକ୍ରାନ୍ତରେ ଗୁଡଭେଲା ବିଡିଓ ରାମବିଳାସ ମଙ୍ଗରାଜଙ୍କୁ ପଚାରିବାରୁ ଅଭିଯୋଗ ପରେ ଜିଲା ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ପତ୍ର ମାଧ୍ୟରେ ଜମିର କିସମ ବିଷୟରେ ପଚାରିଛୁ। ରିପୋର୍ଟ ଆସିଲେ ଆଗକୁ ପଦକ୍ଷେପ ନେବୁ ବୋଲି କହିଥିଲେ ।



ଡଙ୍ଗାପଥର ଛକରୁ ଟେବଡାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ମାଣ କରାଯାଇଛି।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ୧୦୯ ବର୍ଷରେ ବୃଦ୍ଧଙ୍କ ପରଲୋକ

**ତୁଣ୍ଡଲା, ୩୦।୯ (ଡି.ଏନ.ଏ.)**- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମର ଧର୍ମପ୍ରାଣ ବୃଦ୍ଧ ଚନ୍ଦ୍ରଭାନୁ ପଧାନ (୧୦୯)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ନିଷ୍ଠାପର, ଚରିତ୍ରବାନ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କୁ ୧୦୯ ବର୍ଷ ହୋଇଥିଲେ ମଧ କୌଣସି ଆଶା ବାଡିର ସାହାର ଦରକାର ପଡୁ ନ ଥିଲା। ହଠାତ୍ ସେ ବସିଥିବା ସମୟରେ ତାଙ୍କ ପ୍ରାଣବାୟୁ ଚାଲିଯାଇଥିଲା । ତାଙ୍କର ୪ ପୁଅ, ୨ ଝିଅ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ତାଙ୍କ ବଡପୁଅ ଜଗନ୍ନାଥ ପଧାନ ମୁଖାଗ୍ନୀ ଦେଇଥିଲେ। ଗ୍ରାମବାସୀ ସମସ୍ତେ ମିଶି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ ।

# ୪୫ ବର୍ଷରେ କର୍ଲାମୁଣ୍ଡା ଦୁର୍ଗାପୂଜା



କର୍ଲାମୁଣ୍ଡାଠାରେ ଦୁର୍ଗା ପୂଜା ।

**କର୍ଲାମୁଣ୍ଡା,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ହାଟପଦା ପଡିଆଠାରେ କର୍ଲାମୁଣ୍ଡା ସାର୍ବଜନୀନ ଦୁର୍ଗାପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ୪୫ ବର୍ଷରେ ପଦାର୍ପଣ କରିଥିବାରୁ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୯ ଦିନ ବ୍ୟାପି ଦୁର୍ଗାଙ୍କ ବିଭିନ୍ନ ବେଶରେ ସଜ୍ଜିତ ହେବେ। ପ୍ରତ୍ୟୋକ ଦିନ ଅପରାହ୍ନ ୪ଟାରେ ଅନ୍ନ ପ୍ରସାଦର ବ୍ୟବସ୍ଥା ମଧ କରାଯାଇଥିବା କମିଟିପକ୍ଷରୁ କୁହାଯାଇଛି। ଗାୟକ ମିଳନ କୁମାର ମିଶ୍ର, ପରିକ୍ଷୀତ ମହାରାଜ, ଗୀତାଞ୍ଜଳି ଦାସ, ମାନ ଭଞ୍ଜନ ମହାରାଜ, ଜ୍ୟୋସ୍ନାମୟୀ ଦୀକ୍ଷିତ ପ୍ରମୁଖ ବିଶିଷ୍ଟ ଗାୟକ ମାନଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମଗୁଡିକ ପ୍ରତ୍ୟୋକ ଦିନ ହେବାକୁ ସ୍ଥିର ହୋଇଛି। ଚଳିତବର୍ଷ ପୂଜା କର୍ତ୍ତା ଭାବେ ନୀଳାମ୍ବର ସାହୁ ଓ ଯଶୋଦା ସାହୁ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ନୃସିଂହ ଚରଣ ଦାସ ରହିଛନ୍ତି। ଶାନ୍ତି ଶୃଙ୍ଖଳା ସହିତ ପୂଜାର ସୁପରିଚାଳନା ନିମନ୍ତେ ସଭାପତି ଭାବେ ଦେବେନ୍ଦ୍ର ସାହୁ, ସମ୍ପାଦକ ଦୁଲାମଣି ଭୋଇ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଭାନୁ ସାହୁ, ଉପସଭାପତି ନନ୍ଦି କିଶୋର ଭୋଇ, ସହ ସମ୍ପାଦକ ଅକ୍ଷୟ ସାହୁ, କୋଷାଧ୍ୟକ୍ଷ ହେମଶଙ୍କର ସାହୁ, ସଭ୍ୟ ରୂପେ କୁଞ୍ଜ ସାହୁ, ମୀନକେତନ ସାହୁ, ଆକାଶ ସାହୁ, କୁମୁଦ ସାହୁ, ଅକୁର ସାହୁ, ପର୍ଶୁରାମ ସାହୁ, ନୀଳାମ୍ବର ସାହୁ, ମହେନ୍ଦ୍ର, ଆଲୋକ, ସେହିପରି ଉପଦେଷ୍ଟା କମିଟରେ ଶେଷଦେବ ସାହୁ, ଦିନବନ୍ଧୁ ସାହୁ, ଘନଶ୍ୟାମ ସାହୁ, ସୁରେନ୍ଦ୍ର ଭୋଇ, ଭୂବନ ବିହାରୀ ସିଂ, ବିଷ୍ଣୁ ସାହୁ ରହିଛନ୍ତି।

### ସେମାନେ କୁହନ୍ତି...



"୧୯୭୪ରୁ ଦୁର୍ଗାପୂଜାକୁ ଆମେ ଭାଇଚାର ପର୍ବ ଭାବେ ପାଳନ କରି ଆସୁଛୁ। ଲୋକଙ୍କ ସହଯୋଗ ହିଁ ଆମକୁ ଉତ୍ସାହିତ କରେ।
**-ଦେବେନ୍ଦ୍ର ସାହୁ, ସଭାପତି, ପୂଜା କମିଟି**



"ମା'ଙ୍କ ପୂଜା ମହାଆଡମ୍ବର ଭାବେ ଚାଲିଛ ୪୫ ବର୍ଷ ହେବ। ମୁଁ ଦୁର୍ଗାପୂଜାର ମୁଖ୍ୟ ପୂଜକ ଭାବେ ଯୋଗଦେଇ ଆସୁଅଛି।
**-ନୃସିଂହ ଚରଣ ଦାସ, ମୁଖ୍ୟ ପୂଜକ**



"ଯୁବଗୋଷ୍ଠୀଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଛୁ।
**-ନନ୍ଦି କିଶୋର ଭୋଇ, ଉପସଭାପତି, ପୂଜା କମିଟି**

# ବ୍ଲକସ୍ତରୀୟ ଜାତୀୟ ପୋଷଣ ମାସ କାର୍ଯ୍ୟକ୍ରମ

**ଜୁନାଗଡ,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ଗ୍ରାମରେ ସୋମବାର ବ୍ଲକସ୍ତରୀୟ ଜାତୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେୟାର ଇଣ୍ଡିଆର ତରିନା ପ୍ରକଳ୍ପ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୨୨ଟି ଗ୍ରାମର ଶହେରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ (ବିପିଏମ୍) ସୁମେଶ୍ୱର ନାଏକ, ଆରଏଣ୍ଡଟିସିପିର ଏସଟିଏସ୍ ଉଦିତ ପ୍ରସାଦ ଯୋଷୀ, ଆଇସିଡିଏସ୍ ସୁପରଭାଇଜର ବୃନ୍ଦାବତୀ ନାଏକ, କେୟାର ଇଣ୍ଡିଆର ଡିପିଓ ପାର୍ଥ ସାରଥି ମାଝି, ଏଫ୍‌ଓବିସିସି ନିରାକାର ଦଣ୍ଡସେନା, ଏଫ୍‌ଓ କୃଷି ସୁଧାଂଶୁ ଶେଖର ନାଏକ, ରଣଜିତ ସୋନି, ଅସିତ କୁମାର ରାଉତ ପ୍ରମୁଖ ଯୋଗଦେଇ ଅପପୁଷ୍ଟିର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଏଫ୍‌ଓବିସିସି ତ୍ରିପତୀ ଖୁରା ପରିଚାଳନା କରିଥିବା ବେଳେ ସିଆରପି ସାମନ୍ତ, ବିଶ୍ୱନାଥ, ନରେନ୍ଦ୍ର, ପବିତ୍ର, ବୃନ୍ଦା, ମାଧବୀ, ନିଳେନ୍ଦ୍ରୀ, ତନୟ ସହଯୋଗ କରିଥିଲେ। ବିପ୍ଳବ ଜେନା ଧନ୍ୟବାଦ ଦେଇଥିଲେ।




ବ୍ଲକସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କୁରାଳ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି କୁରାଳ ସମାଜ (କୁମ୍ଭାର) ପକ୍ଷରୁ ନୂଆଁଖାଇ ଭେଟଘାଟ ଭବାନୀପାଟଣାସ୍ଥିତ ଭଙ୍ଗାବାଡିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇ ନୂଆଁଖାଇ ଭେଟଘାଟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଯୋଗଦେଇଥିଲେ। କୁରାଲ ସମାଜ ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ଏମ୍‌ପି ଓ ବିରୋଧୀ ଦଳ ନେତାଙ୍କୁ ଦିଆଯାଇଥିଲା। ଏହି ଦାବିପତ୍ରରେ କୁରାଲ ସମାଜ ଅଫିସ ଗୃହ ଓ କମ୍ୟୁନିଟି ଘର ନିର୍ମାଣ ପାଇଁ ଏମ୍‌ପି ଓ ବିରୋଧୀ ଦଳ ନେତା ସେମାନଙ୍କ ପାଣ୍ଠିରୁ ଅନୁଦାନ ପ୍ରଦାନ ଆଦି ଦାବି କରିଥିଲେ। ବିରୋଧି ଦଳ ନେତା ନାଏକ କମ୍ୟୁନିଟି ସେଣ୍ଟର ପାଇଁ ଏକ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେବା ପାଇଁ ସଭାରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲା ସଭାପତି ରାଧେଶ୍ୟାମ ରଣା, ଖରିଆର ବ୍ଲକ ସଭାପତି ଦେବସିଂ ରଣା ସିନାପାଲି ସଭାପତି ଚତୁର୍ଭୂଜ ରଣା, ବୁଡେନ୍ ବ୍ଲକ ସଭାପତି ଉମାସଙ୍କର ରଣା, କୋମନା ବ୍ଲକ ସଭାପତି, କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା ଦେବାଚନ୍ ରଣା, ଲୋହିତ ରଣା, ଗଙ୍ଗାଧର ରଣା, ନିରଞ୍ଜନ ରଣା, ଶିବରାମ ନାଏକ, ଖଗେଶ୍ୱର ନାଏକ, ସୁଧୀର ରଣା, ଘନଶ୍ୱାମ ରଣା ଓ ମହିଳା ସମାଜର ମହିଳା ନେତ୍ରୀ ଗଗନୀମଞ୍ଜରୀ ନାଏକ, ଯୁବ ଗୋଷ୍ଠୀ ଶିବପ୍ରସାଦ ନାଏକ, ଧବଳେଶ୍ୱର ରଣା ପ୍ରମୁଖ ଯୋଗଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଜୁନାଗଡ଼ ରେଲୱେ ଫୁଟ ଓଭରବ୍ରିଜ ନିର୍ମାଣ କାମ ନିମ୍ନମାନର

# କାର୍ଯ୍ୟ ନ ସରୁଣୁ କଂକ୍ରିଟ ଖୁଣ୍ଟରେ ଫାଟ

**ଜୁନାଗଡ,୩୦।୯ (ଡି.ଏନ.ଏ.)**

ସାଧାରଣତଃ ରେଳ ବିଭାଗର କାମ ଉନ୍ନତମାନର ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ହେଲେ ଜୁନାଗଡ ରେଲୱେ ଷ୍ଟେଶନରେ ହେଉଥିବା ଉନ୍ନୟନ କାମକୁ ଦେଖିଲେ ଏହା ମନେ ହେଉ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଏବେ ସନ୍ଦେହ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେଲା ଜୁନାଗଡ ଷ୍ଟେଶନରେ ଯାତ୍ରୀମାନଙ୍କ ଏ ପାଖ ସେ ପାଖକୁ ଯିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ଫୁଟ ଓଭରବ୍ରିଜ ନିର୍ମାଣ ଚାଲିଛି। ତେବେ ନିମ୍ନମାନର କାମ ଯୋଗୁ କାର୍ଯ୍ୟ ଆରମ୍ଭର କିଛି ଦିନ ମଧ୍ୟରେ ଫୁଟ ଓଭର ବ୍ରିଜ କଂକ୍ରିଟ ଖୁଣ୍ଟ (ପିଲର)ରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରି କି କେତେକ ସ୍ଥାନରେ କଂକ୍ରିଟ ବାହାରି ଲୁହାରଡଗୁଡିକ ଦେଖାଯାଉଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି କାମକୁ ଟିଟଲାଗଡର ଜଣେ କଣ୍ଟ୍ରାକ୍ଟର କରୁଥିବା ବେଳେ ଅର୍ଥ ଲାଲସାରେ ଠିକ ଭାବେ କାମ କରୁ ନ ଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ଏପରିକି କାର୍ଯ୍ୟସ୍ଥଳରେ ତଦାରଖ କରିବା ପାଇଁ କେହି ମଧ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳିଛି। ଫଳରେ କଣ୍ଟ୍ରାକ୍ଟର ଜଣକ ଏପରି ନିମ୍ନମାନର କାମ କରି ଚାଲିଥିବା ଜଣାପଡିଛି। ରେଳ ଷ୍ଟେଶନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ନିମ୍ନମାନର କାମ ହେବା ଦ୍ୱାରା ଭବିଷ୍ୟତରେ ଏହା ଯାତ୍ରୀଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଏଥିପ୍ରତି ରେଳ ବିଭାଗ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ସମ୍ବଲପୁର ଡିଭିଜନ ରେଳ ବିଭାଗର ଡିଆରଏମ ଜୟଦୀପ ଗୁପ୍ତାଙ୍କୁ ପଚାରିବାରୁ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଓଭର ବ୍ରିଜ ପାଇଁ କରାଯାଇଥିବା କଂକ୍ରିଟ ଖମ୍ବରେ ସିମେଣ୍ଟ ବାହାରି ଲୁହାରଡ ଦେଖାଯାଉଛି।

### ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

# ପଲିଥିନମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

**କଲମପୁର,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁରଠାରେ ବିଡିଓ ହେମସାଗର ଭୋଇଙ୍କ ତତ୍ତ୍ୱାବଧାନରେ ସୋମବାର ପଲିଥିନ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲମପୁର ସିଡିପିଓ କାର୍ଯ୍ୟାଳୟରୁ ସମସ୍ତ ଅଙ୍ଗନୱାଡି କର୍ମୀ ଏବଂ ବ୍ଲକ କର୍ମଚାରୀମାନେ ପଲିଥିନ ମୁକ୍ତ ଅଭିଯାନ ରାଲିରେ ବାହାରିଥିଲେ। ସ୍ଥାନୀୟ ଚାରିଛକଠାରେ ଉପସ୍ଥିତ ଜନସାଧାରଣଙ୍କୁ ନେଇ ପଲିଥିନ ମୁକ୍ତ କରିବା ଉଦ୍ଦେଶ୍ୟରେ ସମସ୍ତେ ଶପଥ ପାଠ କରିଥିଲେ। ପରେ ଅଙ୍ଗନୱାଡି କର୍ମୀମାନେ କଲମପୁର ଦୁର୍ଗା ମଣ୍ଡପ, ଜଗନ୍ନାଥ ମନ୍ଦିର ପରିସର, କର୍ମେଲ ରାସ୍ତା, ମେଡିକାଲ ରାସ୍ତା ଆଦି ସ୍ଥାନରେ ସଫେଇ କରିଥିଲେ । କାର୍ଯ୍ୟକ୍ରମରେ ସିଡିପିଓ ନିୟତିବାଲା ସୁରେନ, ଜିପିଓ କରୁଣାକର ବାଗ, ବ୍ଲକ ଉପାଧ୍ୟକ୍ଷ ଦୁଃଖିରାମ ମାଝି, ଅଙ୍ଗନୱାଡି ସୁପରଭାଇଜରର ବାସନ୍ତି ନାଏକ, ସୂର୍ଯ୍ୟକାନ୍ତି ବେହେରା ଏବଂ ସମସ୍ତ ଅଙ୍ଗନୱାଡି କର୍ମୀ, କଲମପୁର ପଞ୍ଚାୟତ ପିଇଓ ଶ୍ୟାମାପ୍ରସାଦ ମିଶ୍ର, ଦିଲୀପ ସାହୁ, ଘନ ନାଏକ, ଚନ୍ଦ୍ରଶେଖର ନାଏକ, ଜଗନ୍ନାଥ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।



ଅଙ୍ଗନୱାଡି କର୍ମୀ ଏବଂ ବ୍ଲକ କର୍ମଚାରୀମାନେ ସଫେଇ କରୁଛନ୍ତି ।

# ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି କମିଟି ବୈଠକ

**କେସିଙ୍ଗା,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରେଞ୍ଜସ୍ତରୀୟ ବନ ସୁରକ୍ଷା ସମିତି କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଦୀନବନ୍ଧୁ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଏହି ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି ଅଧୀନରେ ଥିବା କେସିଙ୍ଗା, ନର୍ଲା ଓ କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଜଣ ସଭାପତିମାନେ ଯୋଗଦେଇଥିଲେ। ଏହି ତିନୋଟି ବ୍ଲକର ବିଭିନ୍ନ ଗ୍ରାମ ସଭାପତିମାନଙ୍କୁ ନେଇ ବନ ସୁରକ୍ଷା ସମିତି କମିଟି ଗଠନ କରାଯାଇଥିଲ। ଏଥିରେ ସର୍ବସମ୍ମତିକ୍ରମେ ଚେୟାରମ୍ୟାନ ଭାବେ ରେଞ୍ଜର ଦୀନବନ୍ଧୁ ମେହେର, ସମ୍ପାଦକ ଭାବେ ହେଡକ୍ୱାର୍ଟର ଫରେଷ୍ଟର ଦେବବ୍ରତ ମିଶ୍ର, ଏହି ରେଞ୍ଜର ଫରେଷ୍ଟର, ଫରେଷ୍ଟଗାର୍ଡ ଓ ପ୍ରତ୍ୟେକ ବନ ସୁରକ୍ଷା ସମିତି ସଭାପତିମାନେ ମେମ୍ବର ଭାବେ ମନୋନୀତ ହୋଇଛନ୍ତି । ଏହି ରେଞ୍ଜ ଅଧୀନରେ ଥିବା ପ୍ରତ୍ୟେକ ଜଙ୍ଗଲକୁ ସମସ୍ତଙ୍କ ମିଳିତ ଉଦ୍ୟମକ୍ରମେ ରକ୍ଷଣାବେକ୍ଷଣ କରି ସୁରକ୍ଷା ଓ ସୁଦୃଢ଼ କରିବା ପାଇଁ ଏହି କମିଟି ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ଜଙ୍ଗଲ ସୁରକ୍ଷା ସମେତ ଚାରା ରୋପଣ, ବୃକ୍ଷର ଯତ୍ନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । ଏଥିରେ ପାଟନର୍ ଏନଜିଓ ମଧ ମେମ୍ବର ଭାବେ ମନୋନୀତ କରାଯାଇଛି ।

## କଳାହାଣ୍ଡିରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# କେନ୍ଦ୍ର, ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ

**ଭବାନୀପାଟଣା,୩୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ସ୍ଥାୟୀ ହାଇକୋର୍ଟ ପ୍ରତିଷ୍ଠା ଦାବି ନେଇ ଚାଲିଥିବା ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । କଳାହାଣ୍ଡି ଜିଲା ଓକିଲ ସଂଘର ଆହ୍ୱାନକ୍ରମେ ସୋମବାର ଭବାନୀପାଟଣାରେ ସମସ୍ତ କୋର୍ଟ, କଚେରୀ, ତହସିଲ ସମେତ ସମସ୍ତ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ ୧୨ ଘଣ୍ଟିଆ ବନ୍ଦ ରହିଛି । ଏହି ଆନ୍ଦୋଳନକୁ ସମର୍ଥନ କରି ଜିଲାର ଧର୍ମଗଡ, କୋକସରା, ଜୟପାଟଣା, ଜୁନାଗଡ, କେସିଙ୍ଗା ଓ ମ.ରାମପୁରରେ ସମସ୍ତ କୋର୍ଟ କଚେରୀ ବନ୍ଦ ରହିଛି । ଏହି ଆନ୍ଦୋଳନ ଜିଲାବାସୀଙ୍କ ସ୍ୱାଭିମାନ ଓ ହକ୍‌ର ଆନ୍ଦୋଳନ ହୋଇଥିବାରୁ ସମସ୍ତ ରାଜନୈତିକ ଦଳ ଓ ସଙ୍ଗଠନ ଦୃଢ଼ ସମର୍ଥନ କରିଛନ୍ତି । ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ କଳାହାଣ୍ଡିରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନ କରନ୍ତି ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ସାରା ଜିଲାକୁ ବ୍ୟାପିବା ସହିତ ଏହା ଏକ ଜନଆନ୍ଦୋଳନର ରୂପ ନେବ ଏବଂ ଅନିର୍ଦ୍ଦିଷ୍ଟକାଳ ପାଇଁ ଜିଲାର ସମସ୍ତ କୋର୍ଟ, କଚେରୀ, ସରକାରୀ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସକୁ ବନ୍ଦ କରିବା ସହିତ କଳାହାଣ୍ଡି ବନ୍ଦ ଆହ୍ୱାନ ଦିଆଯିବ ବୋଲି ଓକିଲ ସଂଘ ସଭାପତି ଭବାନ୍ଦ୍ରେ ପଣ୍ଡା ଓ ସମ୍ପାଦକ ଅଶ୍ୱିନୀ କୁମାର ଦାସ ପ୍ରକାଶ କହିଛନ୍ତି । ଆନ୍ଦୋଳନ ଯୋଗୁ ଜିଲା ଅତିରିକ୍ତ ଦୌରାଜଜ୍‌ଙ୍କ ସମେତ ଅନ୍ୟ ସମସ୍ତ ବିଚାରପତିମାନେ ଆସି କୋର୍ଟ ଭିତରକୁ ଯାଇପାରି ନ ଥିଲେ। ଦୀର୍ଘ ସମୟ ଧରି ବିଚାରପତିମାନେ କୋର୍ଟ ବାହାରେ ଅପେକ୍ଷା କରି ଫେରିଯାଇଥିଲେ। ସେହିପରି ଆଇନଜୀବୀମାନେ ଭବାନୀପାଟଣାର ସମସ୍ତ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସମ୍ମୁଖରେ ଆଇନଜୀବୀମାନେ ପିକେଟିଂ କରିବା ଯୋଗୁ କର୍ମଚାରୀମାନେ ଅଫିସ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ । ଜିଲାର ହକ୍ ପାଇଁ କଳାହାଣ୍ଡି ଓକିଲ ସଂଘ ଆହ୍ୱାନକ୍ରମେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଫିସ ୧୨ ଘଣ୍ଟିଆ ବନ୍ଦ ରହିଥିଲା। ଓକିଲ ସଂଘ ସଭାପତି ପଣ୍ଡା, ସମ୍ପାଦକ ଦାସ, ଉପସଭାପତି ଦିଲୀପ କୁମାର ପ୍ରହରାଜ, ସହକାରୀ ସମ୍ପାଦକ ନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମାନସ ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ କ୍ଷୀରୋଦ ପ୍ରସାଦ ନେଗୀ, ଅବଦୁଲ ସାଜିଦ୍, ଲୋକନାଥ ନାୟକଙ୍କ ସମେତ ସତ୍ୟ ନାରାୟଣ ପଣ୍ଡା, ଶୈଳେଶ କୁମାର ବେହେରା, ସଞ୍ଜୟ କୁମାର ବେହେରା, ରାଜେଶ କୁମାର ନାଏକ, ହରଜିନ୍ଦର ସିଂହ, ବିଶ୍ୱଜିତ୍ କର, ଜୟଶଙ୍କର ନାଏକ ପ୍ରମୁଖଙ୍କ ନେତୃତ୍ୱର ସମସ୍ତ ଆଇନଜୀବୀମାନେ କୋର୍ଟ ସମ୍ମୁଖରେ ଧାରଣା ଦେଇଥିଲେ।




ଓକିଲମାନେ କୋର୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି ।

# ଜିଲା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ ପାଇଁ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ

**ଭବାନୀପାଟଣା,୩୦।୯(ଡି.ଏନ.ଏ.)**

କଳାହାଣ୍ଡି ପୋଲିସ ପ୍ରଶାସନ ପକ୍ଷରୁ ଗତ ୨୯ ତାରିଖଠାରୁ ଗାଡି ମୋଟର ଯାଞ୍ଚ ପାଇଁ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ କରିବା ସହିତ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲା ପୋଲିସ ବିଭାଗ ପକ୍ଷରୁ ୧୦ ଜଣ ପୋଲିସ ଅଫିସରଙ୍କୁ ଇ-ଚାଲାଣ ବ୍ୟବସ୍ଥା ସମ୍ପର୍କରେ କୋରାପୁଟ ପ୍ରଶିକ୍ଷଣ ପାଇଁ ପଠାଯାଇଥିଲା। ସେଠାରେ ଏହି ପୋଲିସ ଅଧିକାରୀମାନଙ୍କୁ ଗାଡିମଟର ଯାଞ୍ଚରେ ଇ-ଚାଲାଣ କିପରି କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା। ସେମାନେ ତାଲିମ୍ ପାଇ ଫେରିବା ପରେ ଗତ ରବିବାର କଳାହାଣ୍ଡି ଆରଟିଓ ଦିନବନ୍ଧୁ ଶୁଣ୍ଠି, ଟ୍ରାଫିକ୍ ଇନିସପେକ୍ଟରଙ୍କ ସହଯୋଗରେ ଇ-ଚାଲାନ ସମ୍ପର୍କରେ ତାଲିମ୍ ପାଇ ଆସିଥିବା ପୋଲିସ ଅଧିକାରୀମାନେ ଇ-ଚାଲାନକୁ କାର୍ଯ୍ୟକ୍ଷମ କରିଥିଲେ। ପରେ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଇ-ଚାଲାଣ କାର୍ଯ୍ୟ ପ୍ରାକ୍ଟିକାଲ କରିଥିଲେ। ଏହି ଯାଞ୍ଚ ସମୟରେ ୫୦ ରୁ ୬୦ ଉର୍ଦ୍ଧ୍ୱ ଗାଡି ମଟର ଯାଞ୍ଚ କରାଯାଇ ୪୫ କେସ ରୁଜୁ କରାଯାଇଥିଲା। ସେମାନଙ୍କଠାରୁ ଇ-ଚାଲାଣ ବ୍ୟବସ୍ଥା ଅନୁଯାୟୀ ୧୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ଇ-ଚାଲାଣ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏହି ଅଧିକାରୀମାନେ ସମସ୍ତଙ୍କୁ ସଚେତନ କରିବା ସହିତ ଗାଡି ମୋଟର ସମସ୍ତ କାଗଜପତ୍ର ଗାଡିରେ ରଖିବା ଏବଂ ହେଲମେଟ୍ ଓ ସିଟ୍ ବେଲ୍ଟ ପିନ୍ଧି ଚଳାଇବା ପାଇଁ ସଚେତନ କରିଥିଲେ।



ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଇ-ଚାଲାଣ କରୁଛନ୍ତି ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଫାଇନାଲରେ ବିନପୁର-ଫରସରା ଟକ୍କର

ବୋଡେନ,୩୦।୯(ଡି.ଏନ.ଏ.)- ନୂଆପଡା ଜିଲା ବୋଡେନ ବ୍ଲକ ଟେମରି (ଦଣ୍ଡେଇବସା) ଛାରିଛକ ଖେଳପଡିଆରେ ଗତ ୨୪ ତାରିଖଠାରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବିନପୁର ଓ ଉଲଭା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିନପୁର ଦଳ ଟ୍ରାଇବ୍ରେକର ଜରିଆରେ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଟେମରି ଓ ଫରସରା ଦଳ ମଧ୍ୟରେ ହୋଇଥିଲା। ଏଥିରେ ମଧ୍ୟ ଟ୍ରାଇବ୍ରେକର ଜରିଆରେ ଫରସରା ଦଳ ୧-୦ ଗୋଲରେ ଟେମରିକୁ ହରାଇ ବିଜୟୀ ହୋଇଥିଲା। ସେମିଫାଇନାଲ ବିଜେତା ବିନପୁର ଓ ଫରସରା ଦଳ ମଧରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ନାଗପଡା ହାଇସ୍କୁଲ ସହକାରୀ ଶିକ୍ଷକ ଚିତରଞ୍ଜନ ସାମନ୍ତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଭିରାମ ମାଝି, କନ୍ଦର୍ପ ଜଗତ ଗୋଲ ଜଜ୍ ଦାୟିତ୍ୱ ତୁଲାଇଥିଲେ। ଖେଳକୁ ତପନ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ଅଷ୍ଟପଲ୍ଲି ଯୁବକ ସଂଘ ଦ୍ୱାରା ଆୟୋଜନ କରାଯାଇଛି ।

### ସିନାପାଲିରେ ଅଗ୍ରସେନ ଜୟନ୍ତୀ ପାଳନ

ସିନାପାଲି,୩୦।୯ (ଡି.ଏନ.ଏ.)- ନୂଆପଡା ଜିଲା ସିନାପାଲିସ୍ଥିତ ଅଗ୍ରସେନ ଭବନଠାରେ ସ୍ଥାନୀୟ ମାରୱାଡି ଯୁବା ମଞ୍ଚ ଏବଂ ଅଗ୍ରସେନ ଭବନ କମିଟି ଆନୁକୂଲ୍ୟରେ ରବିବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅଗ୍ରସେନ ଭବନ ସଭାପତି ହରିପ୍ରସାଦ ଅଗ୍ରୱାଲ, ଅଗ୍ରସେନ ଭବନ ସଚିବ ମଧୁକୁମାର ଜୈନ, ମାରୱାଡି ଯୁବା ମଞ୍ଚ ଫାଉଣ୍ଡର ସଭାପତି ପ୍ରମୋଦ କୁମାର ଜୈନ, ମାରୱାଡି ଯୁବା ମଞ୍ଚ ଫାଉଣ୍ଡର ସଚିବ ପ୍ରବୀଣ ବଂସଲ, ମାରୱାଡି ଯୁବା ମଞ୍ଚ ସଭାପତି ଉମାଶଙ୍କର ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ସଚିବ ଅମିତ କୁମାର ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ।କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିବା ସହିତ ଜୟନ୍ତୀ ପାଳନ ଦ୍ୱାରା ବିଭିନ୍ନ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇ କଳା ଓ ସଂସ୍କୃତିକୁ ବଜାୟ ରଖାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାରୱାଡି ଯୁବାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ୱିଟ୍ କପଲ, କ୍ୟାରମ, ଚେସ୍, ୱାନମିନିଟ ଅନ୍ତାକ୍ଷରୀ, ମେହେନ୍ଦି, ହେଡ ଟୁ ହଙ୍କି, କିଉଟ ବେବି, ମ୍ୟୁଜିକ ଚେୟାର୍, ଫେନସି ଡ୍ରେସ୍ ସହିତ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଏକ ଭବ୍ୟ ନଗର ପରିକ୍ରମା କରାଯାଇଥିଲା ।

### ମା' ଆରପାରେ, ବାପ୍ ଯାଇଛନ୍ ଦାଦନ

# ଅଜାଆଈର ହାତେ ଦୁଇ ନିଷ୍ପାପ ଛୁଆର ଭବିଷତ୍

ସିନାପାଲି, ୩୦।୯ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ମା' ଆର ଛୁଆର ସୁରକ୍ଷା ଲାଗି ଅନେକ୍ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ସାରୁଛନ୍। ହେଲେ ଆଏଜ୍ ବି ପଶ୍ଚିମ ଓଡ଼ିଶାର ଅନେକ୍ ଜାଗାରେ ମା' ଆର ଛୁଆମାନେ ଅପପୁଷ୍ଟିର ଶିକାର ହେଉଛନ୍, ଠିକ୍‌ନା ସମସିଆରେ ଚିକିଛା ସୁବିଧା, ଉଷୋକଷା ଅଭାବୁ ତାକର ଜୀବନ୍ ପଲେଇଯାଉଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ପଁଚେତ୍ ମାଲପଡ଼ା ଗାଁରେ।

ସୂଚନା ଅନ୍‌ସାରେ ମାଲପଡ଼ା ଗାଁର ହେରାମ୍ବ ବାଗକଁର ପରିବାର କହେଲେ ବୁଢ଼ା ମା'ବାପ୍ ଆର ଦୁଇ ପୁଓ ଚୈତନ୍ୟ(୩ମାସ), ନବୀନ(୨)କେ ନେଇ ସଁସାର। ପରିବାରଟା ନିହାତି ଗରିବ୍ ଆର ଦରିଦ୍ରିଆ ସୀମାରେଖା ତଲେ ରହିଛନ୍। ହେରାମ୍ବ ଦାଦନ ଖଟି କୁଟୁମ୍ ପୁଷୁଛନ୍। ୩ ମାସ ତଲେ ହେରାମ୍ବକଁର ମାଏକିନା ଭୋଜନେ ବାଗ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁଓ ଚୈତନ୍ୟକୁଁ ଜନମ୍ ଦେଇଥିଲେ। ହେଲେ ପରିବାର ଲୁକ୍‌କର ଅଭିଯୋଗ ଅନ୍‌ସାରେ ପୁଓ ଜନମ୍ ହେଲା ଉତାରୁ ଭୋଜନେକଁର ଗର୍ଭାଶୟ ଠିକ୍‌ହିସାବେ ସାଫ୍‌ସୁତର ନାଇଁ କରାଯାଇ। ଯେନ୍‌ଥିରଲାଗି ପଛେ ତାକର ଅବସ୍ତା ଗୁରୁତର ହେଇଥିଲା ଆର ଉଚ ଚିକିଛା ଲାଗି ନୂଆପଡ଼ା ଜିଲା ଡାକ୍ତରଖାନାକେ ପଠେଇ ଦିଆଯାଇଥିଲା। ସେଠାନେ ଅନେକ୍ ଦିନ୍ ଚିକିଛା ଉତାରୁ ବି କିଛି ଲାଭ୍ ନାଇଁହେଲା। ପଛେ ପରିବାର ଲୋକ୍ ଧାନ୍ ବୁନ୍‌ଲା ଖେତ୍‌କେ ଗହନା ଦେଇ ଭୋଜନେକୁଁ ଚିକିଛା ଲାଗି ଖଡ଼ିଆଳ ମିଶନ ଡାକ୍ତରଖାନାରେ ଭରତି କଲେ। ହେଲେ ପଛେ ଟଙ୍କା ପାଏସା ଅଭାବୁ ପରିବାର ଲୋକ୍ ଭୋଜନେକୁଁ ଅଧାପନ୍ତରିଆ ଚିକିଛା କରେଇ ଘରକେ ଫିରେଇ ଆନ୍‌ଲେ। ଭୋଜନେ ଘରକେ ଆଏବାର ୩ ଦିନ୍ ଉତାରୁ ଗଲା ୧୭ ତାରିଖ୍ ତାକର ମୁର୍‌ତୁ ହେଇଯାଇଥିଲା। ଦୁଇ ନିଷ୍ପାପ ଛୁଆ ମା' ଛେଉଁଡ଼୍ ପାଲଟିଯାଇଛନ୍। ଏହେଦେ ଇ ଦୁଇ ନିଷ୍ପାପ୍ ଛୁଆର ଭବିଷତ୍ ଅଜା ନକୁଳ ଆର ଆଈ ପାଲସରକଁର ଉପରେ ନିରଭର କରୁଛେ। ଅଜାଆଈ ଦିନ୍‌କେ ରାଏତ୍ ନାତିକର ପିଛାରେ ଲାଗିଛନ୍। ହେଲେ ସେମାନକର ବଏସ୍ ଅଧିକା ହେବାରଲାଗି ଅପାରୁ ହେଲେନ। ଏନ୍‌ତାଥି ଇ ଛୁଆକର ଭବିଷତ୍ କାଣା ହେବା କିଛି କହି ନାଇଁ ହେବାର। ଇଆଡ଼େ ଅଭାବ ଅନାଟନ ପରିବାରର ମେରୁହାଡ଼ ଭାଂଗିଦେଇଛେ। ବହର ଚିକିଛାରେ ଜମିବାଡ଼ି ଗହନା ଦେଇ ପରିବାରଟା ସରବ୍‌ସୁଆଁତ୍ ହେଇଛନ୍। ଏନ୍‌ତାଥି ଦୁଇ ଛୁଆକୁ ପାଲବାର ଲାଗି ଅଜାଆଈ ପାଖିପଡ଼ିଶାକଁରନେ ହାତ୍ ପତଉଛନ୍। ଇଆଡ଼େ ଯେ ବାପ୍ ହେରାମ୍ବ ପରିବାର ଚିନ୍‌ତାରେ ଚେନ୍ନାଇରେ ଦାଦନ୍ ଖଟୁଛନ୍। ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚରାଲାରୁ ପଁଚେତ୍ ଇଓକୁଁ ପଠେଇ ଘଟନା ବାବ୍‌ଦେ ବୁଝିମି। ସରକାରୀ ହିସାବେ ଇ ପରିବାର ଲାଗି କାଣା ସୁବିଧା କରାଯାଇପାରବା ସେ ବାବ୍‌ଦେ ଉଚ୍ କତୁରପକ୍ଷକଁର ସଂଗେ ଆଲୋଚନା କରମି ବଲି ସେ କହିଥିଲେ।



ଅଜାଆଈର ସଂଗେ ଦୁଇ ମା' ଛେଉଁଡ୍ ନାତି।

# ଜିଲାପାଳଙ୍କୁ ଦଳିତ ଅଧିକାରୀ ମଞ୍ଚ ପକ୍ଷରୁ ଦାବିପତ୍ର

ଖଡିଆଳ,୩୦।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକକୁ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସୋମବାର ଦଳିତ ଅଧିକାର ମଞ୍ଚ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ମଧ୍ୟରେ ଭାରିଯାନ ଚଳାଚଳକୁ ସକାଳ ୬ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ବନ୍ଦ କରିବା, ଖଡିଆଳ ଥାନାଠାରୁ ୧୦୦ ମିଟର ଦୂରରେ ଚାଲିଥିବା ସଟ୍ଟା କାରବାର ଓ କୁଟିଆ ମଦ ବିକ୍ରି କରିବା ବନ୍ଦ କରିବା, ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଦେବା, ରାଜା ଏଟି ହାଇସ୍କୁଲ ପାଖରେ ସହରର ଦୁର୍ଗମ ପାରିଜମା ରହିବା ଏହି ସବୁ ପ୍ରମୁଖ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଦଳିତ ଅଧିକାର ମଞ୍ଚ ସଭାପତି କମଳଚରଣ ତାଣ୍ଡି, ମଞ୍ଚର ସଦସ୍ୟ ମାୟାଧର ସୁନାନୀ, ତପେଶ୍ୱର ଜଗତ, ବେଣୁଧର ଜଗତ, ଗୋବିନ୍ଦା ଅଦା, ନକୁଳ ବେହେରା, ଝସକେତନ ବେହେରା, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଏକତ୍ରିତ ହୋଇ ଅଧିକାର ପାଇଁ ଲଢ଼ିବା

### ଡମ, ଗଣା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡା ଅଫିସ/ତରବୋଡ, ୩୦।୯ (ଡି.ଏନ.ଏ.)

ସମାଜରେ ଶିକ୍ଷାର ଆବଶ୍ୟକତା ରହିଛି । ଶିକ୍ଷିତ ହୋଇ ସଙ୍ଗଠିତ ହେବା। ଏକତ୍ରିତ ହୋଇ ନିଜର ସାମ୍ବିଧାନିକ ଅଧିକାର ପ୍ରତି ସଜାଗ ହୋଇ ଲଢିବା ଦରକାର ବୋଲି ମତ ପ୍ରକାଶ ପାଇଛି। ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡଠାରେ ଆୟୋଜିତ ଡମ, ଗଣା ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି । ଆୟୋଜକ ଆମ୍ବେଡକର ଯୁବୋଦୟ କ୍ଲବ ପକ୍ଷରୁ ରାଜେଶ କୁମାର ଜଗତ ସଭାପତିତ୍ୱ କରିଥିବାବେଳେ ଭୁବନେଶ୍ୱରରୁ ଆସିଥିବା ମୂଳନିବାସୀ ସମତା ପରିଷଦର ରାଜ୍ୟ ସଭାପତି ଅଭିରାମ ମଲ୍ଲିକ ମୁଖ୍ୟଅତିଥି, କଳାହାଣ୍ଡିରୁ ଦୟାନିଧି ନାୟକ, ଜିଲା ପରିଷଦ ସଭ୍ୟା ଭୁଗୁଲି ସୁନାନୀ, ଯୁବନେତା କାର୍ତ୍ତିକ ଦୀପ, ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ପରିଚାଳନା କମିଟିସଭାପତି ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ତରବୋଡ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷମାନେ ଯୋଗଦେଇଥିଲେ। ଡ. ଭୀମରାଓ ବାବାସାହେବ ଆମ୍ବେଡକରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଜାତି ପ୍ରତି ଉତ୍ସର୍ଗୀକୃତ ଭାବେ କାମ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଠୁଳ ହୋଇଥିବା ସମସ୍ତ ପରିବାର ପାରମ୍ପରିକ ଭାବେ ନୂଆଁଖାଇଥିଲେ। ପରେ ପରସ୍ପର ମଧ୍ୟରେ ନୂଆଁଖାଇ ଭେଟଘାଟ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକଳାପ ସକାଶେ ପୁରସ୍କୃତ କରାଯାଇଥିଲା। ଏଥିରେ ସମସ୍ତ ସାମାଜିକ କଳାକାରମାନେ ନିଜର କୃତୀତ୍ୱ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢୋର୍ଲା ସରପଞ୍ଚ ସାନ ମହାନନ୍ଦ, ସାମାଜିକ କର୍ମୀ ଉପାସୁ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରବୀନ୍ଦ୍ର ମଙ୍ଗରାଜ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ବଲାଙ୍ଗୀର ବିଜୟୀ

କୋମନା,୩୦।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ଖେଳ ପଡିଆରେ ଜୟ ମା' ବସ୍ତ୍ରାଣୀ ଫୁଟବଲ କ୍ଲବ ଆନୁକୁଲ୍ୟରେ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ପ୍ରତିଷ୍ଠିତ ଫୁଟବଲ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ଓ ଜେମ୍‌ବିଏଫସି କୁରେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ କୁରେଶ୍ୱର ଦଳକୁ ୫-୦ ଗୋଲ ଦେଇ ବିଜୟ ହୋଇ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହରିକେଶ ଜାଲ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁରେଶ୍ୱର ସରପଞ୍ଚ ଅନନ୍ତ ଚରଣ ସାହୁ, ବଣିକ ସଂଘ ସଭାପତି ଜହରଲାଲ ସୁନାନୀ, ଡାକ୍ତର କୁଳପଦ୍ମ ପଣ୍ଡା, ଶ୍ୟାମ ମାଝି, ରତ୍ନମଣି ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ବଳରାମ ସରାଫ, ମଗଶିର ମଲ୍ଲିକ, ଅମନ ଛତ୍ରିଆ ଓ ଚୁଡାମଣି ନାୟକ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।











ଅତିଥିମାନେ ଶହୀଦଙ୍କ ପୂଜାର୍ଚ୍ଚନା କରୁଛନ୍ତି ।

# ସାଲିହାର ସଂଗ୍ରାମୀ ଚିରନମସ୍ୟ

ନୂଆପଡ଼ା ଅଫିସ,୩୦।୯

ସଦର ବ୍ଲକ ସାଲିହା ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ସୋମବାର ସାଲିହା କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଖାମସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମହାସମୁନ୍ଦ ଏମପି ଚୁନ୍ନିଲାଲ ସାହୁ ମୁଖ୍ୟଅତିଥି, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ. ଭି .ସ୍ୱାମୀ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଧନିରାମ ସାହୁ, ଇଂ ହୋମସିଂ ମାଝି, ବରିଷ୍ଠ ଆଇନଜୀବୀ ଚନ୍ଦ୍ରହାସ ସାହୁ, କେଶବନାନ୍ଦ ପଣ୍ଡା, ଟିଟୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଥମେ ପୋଲିସ ବିଭାଗ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ତୋପ ସଲାମି ଦେଇ ସମ୍ମାନ ଜଣାଇଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମରେ ସାଲିହା ସଂଗ୍ରାମୀମାନଙ୍କ ଅବଦାନ ଅତୁଳନୀୟ । ତାଙ୍କ ବଳିଦାନ ପାଇଁ ଆମେ ସ୍ୱାଧୀନତା ପାଇଛୁ । ଏବେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ସଂଗ୍ରାମୀଙ୍କ ବଳିଦାନକୁ ଅଣଦେଖା କରୁଛି। ଏଠିକାର ସଂଗ୍ରାମୀମାନେ ଚିର ନମସ୍ୟ ରହିବେ ବୋଲି ବକ୍ତାମାନେ କହିଥିଲେ। ଆମେ ସଂଗ୍ରାମୀଙ୍କ ଦାୟାଦମାନେ କେମିତି ତାଙ୍କର ଇତିହାସକୁ ଉନ୍ମୋଚନ କରି ଲୋକ ଲୋଚନାକୁ ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ମୁଖ୍ୟଅତିଥି ଏମପି ସାହୁ ଉଦବୋଧନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛତିଶଗଡ ଓ ନୂଆପଡ଼ା ଜିଲାର କଳାକାରମାନେ ସଂଗ୍ରାମୀଙ୍କ ସ୍ମୃତିରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆୟୋଜକ କମିଟି ସଭାପତି ଭୀମାରାମ ସାହୁ, ଉପ ସଭାପତି ଖୁମନଲାଲ ସାହୁ, ସମ୍ପାଦକ ମହେଶରାମ ସାହୁ, ସହ ସମ୍ପାଦକ କୁଲହରସିଂ ମାଝି, କୋଷାଧ୍ୟକ୍ଷ ଭୁବନଲାଲ ସାହୁ, ଉପଦେଷ୍ଟା ତେଜରାମ ଦେବାଙ୍ଗନ ପ୍ରମୁଖ ନେତୃତ୍ୱ ନେଇଥିଲେ। ସାଲିହା ସମେତ ଆଖପାଖ ଗାଁ ଲୋକେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଖାମସିଂ ମାଝି ଧନ୍ୟବାଦ ଦେଇଥିଲେ।






ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

## ସଂକ୍ଷେପରେ

### କୋଲାବିରାରେ ବିଏସ୍ଏନ୍ଏଲ୍ ସେବା ବିପର୍ଯ୍ୟସ୍ତ

କୋଲାବିରା,୩୦।୯ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା କୋଲାବିରା ଟେଲିଫୋନ ଏକ୍ସଚେଞ୍ଜ ଅଧୀନରେ ଥିବା ଉପଭୋକ୍ତା ଦୀର୍ଘମାସ ହେଲା ଲ୍ୟାଣ୍ଡ ଲାଇନ ସେବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ଏନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳରେ ଇଣ୍ଟରନେଟ ବହୁତ ଧୀମା ଗତିରେ ଚାଲୁଥିବାବେଳେ ଦୀର୍ଘମାସ ହେଲା ଫୋନ୍‌ସେବା ବନ୍ଦ ରହିଛି। ଫଳରେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

### ଗାଁ ରାସ୍ତା ମରାମତି କଲେ ଯୁବଗୋଷ୍ଠୀ

ତଳଗା, ୩୦।୯(ଡି.ଏନ.ଏ.): ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ରାଣିଗଞ୍ଜ ଗ୍ରାମର ଯୁବକମାନେ ସୋମବାର ଗାଁ ରାସ୍ତା ସଫେଇ ଓ ମରାମତି କିଛନ୍ତି। ରାଣିଗଞ୍ଜ ଗାଁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡରେ ଅବସ୍ଥିତ। ଜାତୀୟ ରାଜପଥ ଠାରୁ ଗ୍ରାମକୁ ଥିବା ଅଧକିମି ରାସ୍ତା ଉପରେ କାଦୁଅ ଜମି ରହିବା ସହ ରାସ୍ତା ଖାଲଖମା ଥିଲା। ଫଳରେ ଲୋକମାନେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ଏଥିପ୍ରତି କାହାର ଦୃଷ୍ଟି ନ ପଡିବାରୁ ଶେଷରେ ଗ୍ରାମର ରାଜୀବ କହଁର, ଉଗ୍ରସେନ କହଁର, ଦିଲୀପ କହଁର, ସର୍ଦ୍ଦାର କହଁର, କୁନା ବାଘ, ସନ୍ତୋଷ ବାଘ, ଭାବ ବାଘ, ଜୟନ୍ତୀ ବେହେରାଙ୍କ ସମେତ ବହୁ ଯୁବକ ଏହି ରାସ୍ତାକୁ ମରାମତି କରିଥିଲେ।

### ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ

ବରଗଡ଼ ଅଫିସ,୩୦।୯-ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ତିଥି ସୋମବାର ନବରାତ୍ର ପୂଜାର ଦ୍ୱିତୀୟ ଦିବସରେ ବରଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ବିହିତ ପୂଜା ହୋଇଥିଲା। ଏହି ଅବସରରେ ମାଁଙ୍କୁ ବ୍ରହ୍ମଚାରିଣୀ ବେଶରେ ସଜ୍ଜିତ କରି ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ସମଲେଶ୍ୱରୀଙ୍କ ମନ୍ଦିର ସମେତ ଶ୍ୟାମା କାଳୀ ମନ୍ଦିର ତଥା ଜିଲାର ବିଭିନ୍ନ ଶକ୍ତିପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା। ସେହିପରି ଗୌରୀ ମଣ୍ଡପ ନାୟକ ପଡାର ସନ୍ଧ୍ୟା ଆରତିରେ ଶହ ଶହ ଭକ୍ତଙ୍କ ଉପସ୍ଥିତି ପରିବେଶକୁ ଭକ୍ତିମୟ କରିଥିଲା।

# ଛତିଶଗଡ଼ରେ ମିଶିବା ପାଇଁ ସୀମାନ୍ତବାସୀଙ୍କ ଚେତାବନୀ

ଲଖନପୁର,୩୦।୯ (ଡି.ଏନ୍.ଏ.)





ଛତିଶଗଡ଼ ଜିରୋ ପଏଣ୍ଟରେ ନିର୍ମାଣାଧୀନ ବିଜୁସେତୁ(ବାମ)। କାଦୁଅ ରାସ୍ତାରେ ଛାତ୍ରୀଛାତ୍ର ପାଠପଢ଼ିବା ପାଇଁ ଯାଉଛନ୍ତି।

**ପ୍ରତିଶ୍ରୁତି ପାଣିର ଗାର**
- ସୁଧୁରିଲାନି ରାସ୍ତାଘାଟ ଅବସ୍ଥା
- ସୀମାନ୍ତବାସୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

ଗତବର୍ଷ ମେ' ମାସରେ ବିଜେଡିର ମହାନଦୀ ବଞ୍ଚାଅ ଅଭିଯାନ ଓଡ଼ିଶାର ମହାନଦୀ ପ୍ରବେଶପଥ ସୁଖାସୋଢ଼ାରୁ ଆରମ୍ଭ ହୋଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସୀମାନ୍ତବାସୀଙ୍କୁ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳସେଚନ ଆଦି ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ଏଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ ସୁଖାସୋଢ଼ା ଗ୍ରାମବାସୀ।

ସୂଚନାନୁସାରେ ସୁଖାସୋଢ଼ା ଗ୍ରାମ ଛତିଶଗଡ଼ ସୀମାନ୍ତକୁ ଲାଗିରହିଛି। ଗାଁ ପାର୍ଶ୍ୱରେ ମହାନଦୀ ପ୍ରବାହିତ ହେଉଛି। ଗ୍ରାମର ଅଧିକାଂଶ ଲୋକ ମତ୍ସ୍ୟଜୀବୀ ଓ କୃଷି ଉପରେ ନିର୍ଭର କରନ୍ତି। ମହାନଦୀ ଉପରମୁଣ୍ଡ ଛତିଶଗଡ଼ରେ ବ୍ୟାରେଜ୍ ହେବାଫଳରେ ଓଡ଼ିଶାରେ ଏହାର ପ୍ରଭାବ ପଡିଛି। ଏଥିରେ ମହାନଦୀର ପ୍ରବେଶପଥ ଓଡ଼ିଶାର ସୁଖାସୋଢ଼ା ଗ୍ରାମର ମତ୍ସ୍ୟଜୀବୀ ଓ କୃଷକମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହି ଗ୍ରାମ ଛତିଶଗଡ଼ ଜିରୋ ପଏଣ୍ଟରେ ରହିଛି। ଗ୍ରାମକୁ ଲାଗି ମହାନଦୀ ରହିଥିବାରୁ ବର୍ଷାଋତୁରେ ନଦୀର ପଛୁଆଜଳ ଗ୍ରାମର ପଶ୍ଚିମ ଦିଗରେ ଭରି ରହୁଛି। ବର୍ଷାଋତୁରେ ଜିରୋ ପଏଣ୍ଟରେଥିବା ଛତିଶଗଡ ସୀମାନ୍ତ ଗ୍ରାମକୁ ଯିବାପାଇଁ ୧୨ କି.ମି. ବୁଲି ଯିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀଙ୍କ ତରଫରୁ ଏକ ବ୍ରିଜ ନିର୍ମାଣ ପାଇଁ ଦାବି ହୋଇଥିଲା। ଏଠାରେ ସରକାରଙ୍କ ତରଫରୁ ଏକ ବିଜୁସେତୁ ନିର୍ମାଣ ଚାଲିଛି। ହେଲେ ଏହା ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଗ୍ରାମର ଉତ୍ତର ଦିଗରେ ଏକମାତ୍ର ରାସ୍ତା ରହିଛି, ଯାହା ମୁରଲୀପାଲି ଆରଡ଼ି ରାସ୍ତାକୁ ସଂଯୋଗ କରୁଛି। ଏହି ରାସ୍ତା ପୂର୍ବରୁ ଖାଲଖମାରେ ଭର୍ତ୍ତିହୋଇ ରହିଛି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରେ ମାଟି ପକାଯାଇ ମରାମତି କରାଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ପକ୍କାରାସ୍ତା କରିବା ସମ୍ଭବ ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଏହାକୁ ପକ୍କାରାସ୍ତା କରାଯିବ ବୋଲି ସେ ସମୟରେ ମନ୍ତ୍ରୀଙ୍କଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ବର୍ଷେରୁ ଊର୍ଦ୍ଧ୍ୱ ହେଲାଣି, ରାସ୍ତା ସେମିତି ପଡ଼ିରହିଛି। ଏହି କାଦୁଅ ରାସ୍ତାରେ ଗ୍ରାମର ଛାତ୍ରୀଛାତ୍ର ମୁରଲୀପାଲି ହାଇସ୍କୁଲକୁ ପାଠପଢ଼ିବାକୁ ଯାଉଛନ୍ତି। ଗ୍ରାମବାସୀ ମାଛ ଓ ପନିପରିବା ବିକ୍ରି ପାଇଁ ପଡୋଶୀ ରାଜ୍ୟ ଛତିଶଗଡ଼ର ରାୟଗଡ଼ ସହର ଉପରେ ନିର୍ଭର କରିଥାନ୍ତି। ହେଲେ ଗ୍ରାମରୁ ଏସବୁ ସ୍ଥାନକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଗ୍ରାମବାସୀ ଭାବିଥିଲେ ମୁଖ୍ୟମନ୍ତ୍ରୀ ଆସିଲେ ଖାଲି ମହାନଦୀ ଜଳବିବାଦ ସମସ୍ୟା ନୁହେଁ, ଏହି ଗ୍ରାମ ଓ ଅଞ୍ଚଳର ବହୁବିଧ ସମସ୍ୟାର ସମାଧାନ ହୋଇଯିବ। ହେଲେ ଗ୍ରାମବାସୀଙ୍କ ଏ ଆଶା ଆଶାରେ ରହିଯାଇଛି। ୨ମାସ ତଳେ ପୂର୍ବତନ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୁଖାସୋଢ଼ା ଗ୍ରାମ ପରିଦର୍ଶନରେ ଯାଇ ନିର୍ମାଣାଧୀନ ବିଜୁସେତୁ ଓ ରାସ୍ତା ବୁଲି ଦେଖିଥିଲେ। ସେ ମଧ୍ୟ ଏକ ମାସ ମଧ୍ୟରେ ରାସ୍ତା ମରାମତି ହୋଇଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏସବୁ ଦେଖିଲେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିଶେଷଭାବେ ସୀମାନ୍ତବାସୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ରାଜ୍ୟ ସୀମାନ୍ତରେ ଦୁଃଖଦୁର୍ଦ୍ଦଶା ଭୋଗିବା ଅପେକ୍ଷା ପଡ଼ୋଶୀ ଛତିଶଗଡ ରାଜ୍ୟ ସରକାରଙ୍କ ସୁବିଧା ସୁଯୋଗ ହାତେଇ ଛତିଶଗଡ଼ରେ ମିଶିଯିବା ପାଇଁ ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି।

# ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ବଲାଙ୍ଗୀର ବିଜୟୀ

କୋମନା,୩୦।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ଖେଳ ପଡିଆରେ ଜୟ ମା' ବସ୍ତ୍ରାଣୀ ଫୁଟବଲ କ୍ଲବ ଆନୁକୁଲ୍ୟରେ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ପ୍ରତିଷ୍ଠିତ ଫୁଟବଲ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ଓ ଜେମ୍‌ବିଏଫସି କୁରେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ କୁରେଶ୍ୱର ଦଳକୁ ୫-୦ ଗୋଲ ଦେଇ ବିଜୟ ହୋଇ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହରିକେଶ ଜାଲ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁରେଶ୍ୱର ସରପଞ୍ଚ ଅନନ୍ତ ଚରଣ ସାହୁ, ବଣିକ ସଂଘ ସଭାପତି ଜହରଲାଲ ସୁନାନୀ, ଡାକ୍ତର କୁଳପଦ୍ମ ପଣ୍ଡା, ଶ୍ୟାମ ମାଝି, ରତ୍ନମଣି ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ବଳରାମ ସରାଫ, ମଗଶିର ମଲ୍ଲିକ, ଅମନ ଛତ୍ରିଆ ଓ ଚୁଡାମଣି ନାୟକ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

# ଫାଇନାଲରେ ବରଡ଼ୋଲ, ଧାଙ୍ଗେର

ବରଗଡ଼ ଅଫିସ,୩୦।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲକୁ ବରଡ଼ୋଲ ଏବଂ ଧାଙ୍ଗେର ଦଳ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ବରଡ଼ୋଲ ଦଳ ଲୁହୁରାଚଟି ଦଳକୁ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଧାଙ୍ଗେର ଦଳ ଖଳିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ଅକ୍ଟୋବର ୨ରେ ଫାଇନାଲ ମ୍ୟାଚ ଖେଳାଯିବ। ସୋମବାର ମ୍ୟାଚକୁ ରେଫରୀ ମନୋଜ ପ୍ରଧାନ, ଶ୍ୟାମା ପ୍ରସାଦ ବିଶି, ରାଜାରାମ ବାଗ, ଶିବାନନ୍ଦ ଦାଶ, ଅନୀଲ ବାଗ ଏବଂ ଅରକ୍ଷିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ନ ଖାଏ ଝିଅ**
**ତାକୁ ଜୋଇଁ ପତରରେ ଦିଅ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାର ଯେମିତି କିଛି ଊଣା ରହି ନ ଯାଏ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘରକଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେଡ଼ିକି ଦିଅଁକୁ ତେଡ଼ିକି ପୂଜା,**
**ବାଲି ଗରଡ଼ାକୁ ଚାଉଳ ଭଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କିର୍ମିରାରେ ଜନ ଅଭିଯୋଗ ଶୁଣାଣି

କିର୍ମିରା, ୩୦।୯ (ଡି.ଏନ୍.ଏ.)



ଜିଲାପାଳ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରସ୍ଥିତ ରାଜୀବଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ଅଧ୍ୟକ୍ଷତା କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଏଥିରେ ୧୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ୟକ୍ତିଗତରେ ପେନ୍‌ସନ, ମୋ କୁଡ଼ିଆ, ବିଜୁ ପକ୍କାଘର, ରାଶନ କାର୍ଡ ଆଦି ଅଭିଯୋଗ ରହିଥିଲା। ସେହିଭଳି ସାମୂହିକ ଅଭିଯୋଗ ମଧ୍ୟରେ ଅର୍ଡ଼ା ଅଲଟ୍ରାଟେକ୍ ଛକରେ କାଦୁଅପୂର୍ଣ୍ଣ ରାସ୍ତା ମୁଖ୍ୟ ପ୍ରସଙ୍ଗ ରହିଥିଲା। ଏଥିରେ ଫସଲ ବୀମା ମିଳିବାର ଅସୁବିଧା ନେଇ ମଧ୍ୟ ଅନେକ ଅଭିଯୋଗ ହୋଇଥିଲା। ସେହିପରି କିର୍ମିରା ରାସ୍ତାର ଗଛ କାଟିବା, କିର୍ମିରା ସ୍କୁଲ କୋଠା ଓ ପାଚେରି, ଅଗ୍ରିଆ ବାଗଡ଼ିହିରେ ରାସ୍ତା ଅବରୋଧ ଆଦି ଅଭିଯୋଗ ରହିଥିଲା। ଜିଲାପାଳ ଅଭିଯୋଗ ଶୁଣି ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଆରକ୍ଷୀ ଅଧୀକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ବିଡିଓ ଜୟନ୍ତ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଜିଲାପରିଷଦ ସ୍ୱପ୍ନାମୟୀ ପଟେଲ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106



GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)



ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





DHARITRI
Career appointment
Every Wednesday and Saturday



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହ୍ରିତିକ ରୋଶନ୍,
ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ବାଲିଶଙ୍କରା, ୩୦।୯ (ଡି.ଏନ.ଏ) ତଲସରା ଥାନା ସଭା ଗୃହରେ ଥାନା ଅଧିକାରୀ କୃପାସିନ୍ଧୁ ଭୋଇଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତେ ଏକତ୍ରିତ ହୋଇ ପୂଜାରେ ସହଯୋଗ କଲେ ଶାନ୍ତିଶୃଙ୍ଖଳା ବଜାୟ ରହିବ ବୋଲି ପୋଲିସ କହିଛି। ଏହି ଶାନ୍ତି କମିଟି ବୈଠକରେ ଚୁମ୍ବନମଣି ପଟେଲ, ଅଜୟ ପଟେଲ, ଅଲେଖ ନେଗୀ, ଯଶକେଶନ ନେଗୀ, ମନୋଜ ସା, ସଞ୍ଜୀବ ବିଶି, ପ୍ରଦୀପ କୁମାର ନନ୍ଦ, ସତ ସେଠ, ରାଧାକାନ୍ତ ସାହୁ, ପ୍ରଦୀପ ନାଏକ, ଅନୀଲ ବିଶି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

### ଲକ୍ଷେଘର ସମାଜର ନୂଆଁଖାଇ ଭେଟଘାଟ

ବାଲିଶଙ୍କରା, ୩୦।୯ (ଡି.ଏନ.ଏ.) ଲକ୍ଷେଘର ସେବା ସଂଘ ସଉନାମୁରା ଗ୍ରାମ ପଞ୍ଚାୟତର ନୂଆଁଖାଇ ଭେଟଘାଟ କେଲୋଖଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଗଠକ ବୈରାଗୀ ତନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲିଶଙ୍କରା ବ୍ଲକ ସଭାପତି ବୈକୁଣ୍ଠ ତନ୍ତିଙ୍କ ସହ ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଗ୍ରାମ ପଞ୍ଚାୟତର ସଭାପତି କିଶୋର ମହାନନ୍ଦିଆଙ୍କ ଅଧକ୍ଷତାରେ ସଂଗଠକ ଓ ସଭାପତି ନୂଆଁଖାଇର ମହତ୍ୱ ତଥା ଉଦ୍ଦେଶ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥାପନ କରିଥିଲେ । ନୂଆଁଖାଇ ଭେଟଘାଟରେ ପଞ୍ଚାୟତ ତଥା ଅନ୍ୟାନ୍ୟ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ଗ୍ରାମ ପଞ୍ଚାୟତ ସମ୍ପାଦକ ପ୍ରଦୀପ ତଣ୍ଡିଆ, କୋଷାଧକ୍ଷ ଦୁଲଭ ତନ୍ତି, ତଲସରା ଗ୍ରାମ ପଞ୍ଚାୟତ ସଭାପତି ସାଧୁ ବିରଗଣ୍ଡିଆ ସହିତ ସାରଦା ଧାନ୍ଧୀ, ଧଶମି ଧାନ୍ଧୀ, କ୍ଷମା ଧାନ୍ଧୀ, ଦିନବନ୍ଧୁ ତନ୍ତି, ରଣ ଜୟପୁରିଆ ତଥା ଅନ୍ୟାନ୍ୟ ମହିଳା, ପୁରୁଷ ଯୋଗ ଦେଇଥିଲେ । ଶେଷରେ କଳବତୀ ତନ୍ତି ଧନ୍ୟବାଦ ଦେଇଥିଲେ।

### ଆଧାତ୍ମିକତାକୁ ଛାଡି ସୁସ୍ଥ ସମାଜ ପରିକଳ୍ପନା ଅସମ୍ଭବ

ସୁନ୍ଦରଗଡ, ୩୦।୯ (ଡି.ଏନ.ଏ) ଆଧାତ୍ମିକତାରେ ହିଁ ସର୍ବେ ଭବନ୍ତୁ ସୁଖିନଃରେ ବିଚାର ଭରି ରହିଛି। ଆଧାତ୍ମିକତାରେ ହିଁ ରହିଛି ସତ୍ୟ, ଶାନ୍ତି, ଦୟା କ୍ଷମାର ଅନୁଭବ । ହେଲେ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନ ପାଇଁ ମାନବ ଦିନକୁ ଦିନ ଆଧାତ୍ମିକ ସାଧନାରୁ ବହୁ ଦୂରକୁ ଚାଲିଯାଉଛି । ଫଳସ୍ୱରୂପ ସମାଜରେ ଦିନକୁ ଦିନ ଅଶାନ୍ତି, ବିଶୃଙ୍ଖଳା ତଥା ନିଷ୍ଠୁରତା ବୃଦ୍ଧି ପାଇବାରେ ଲାଗିଛି । ହେଲେ ଏକ ସୁସ୍ଥ ଓ ସଂଗଠିତ ସମାଜ ଗଢ଼ି ତୋଲିବାକୁ ହେଲେ ଆଧାତ୍ମିକତାର ରାସ୍ତାକୁ ଅନୁସରଣ କରିବାକୁ ହେବ । କାରଣ ଆଧାତ୍ମିକତାକୁ ଛାଡି ଏକ ସୁସ୍ଥ ଓ ସଂଗଠିତ ସମାଜର ପରିକଳ୍ପନା ଅସମ୍ଭବ। ହେମଗିର ବ୍ଲକ ଆଙ୍କେଲବିରା ପଞ୍ଚାୟତ ସୀମାରେ ଅବସ୍ଥିତ କୋଇଲିଘୁଗର ଶୈବପୀଠରେ ଅନୁଷ୍ଠିତ ଧର୍ମପ୍ରସାର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଶାନ୍ତନୁ କୁସୁମ ଯୋଗଦେଇ ଏଭଳି ମତ ରଖିଛନ୍ତି।

■ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଯୌନ ନିର୍ଯାତନା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ରାଜଗାଙ୍ଗପୁର,୩୦।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ ଆଦିବାସୀ ମହିଳା କର୍ମଚାରୀଙ୍କୁ ଦୀର୍ଘ ବର୍ଷେ ହେଲା କଲେଜର ଜଣେ କିରାଣି ଓ ଜଣେ ଅଧ୍ୟାପକ ଶାରୀରିକ ଓ ମାନସିକ ଯୌନ ନିର୍ଯାତନା ଦେଉଛନ୍ତି। ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ହେଲେ ରାଜନୈତିକ ଚାପ ଯୋଗୁ ପୋଲିସ ଅଭିଯୁକ୍ତଙ୍କୁ ଧରୁ ନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। ଏହି ଘଟଣା ସମ୍ବେଦନଶୀଳ ହୋଇଥିଲେ ବି ପୋଲିସ ହାଲୁକା ଭାବେ ନେଉଛି। ତେବେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ନେଇ ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କିଙ୍କ ନେତୃତ୍ୱରେ ସୋମବାର ଦେଢ଼ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ରାଜଗାଙ୍ଗପୁର ଥାନା ଘେରାଉ କରିଛନ୍ତି। ୧୦ ତାରିଖ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ୧୧ ତାରିଖ ଦିନ ରାଜଗାଙ୍ଗପୁର ଅଞ୍ଚଳକୁ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ବିଜୟ କୁମାର ନନ୍ଦ ପହଞ୍ଚି ଆଲୋଚନା କରିଥିଲେ। ଦଶହରା ପାଇଁ ପୋଲିସ ଚାପରେ ଅଛି। ନିଶ୍ଚୟ ପୋଲିସ ଅଭିଯୁକ୍ତଙ୍କୁ ଧରିବ ବୋଲି କହିବା ପରେ ଥାନା ସମ୍ମୁଖରୁ ଆନ୍ଦୋଳନକାରୀ ଉଠିଥିଲେ।



ରାଜଗାଙ୍ଗପୁର ଥାନା ସମ୍ମୁଖରେ କଂଗ୍ରେସ କର୍ମୀ ଧାରଣାରେ ବସିରହିଛନ୍ତି।

### ୧୧ରେ ରାଜଗାଙ୍ଗପୁର ବନ୍ଦ ଚେତାବନୀ

ଗତ ୪ ତାରିଖ ସୁନ୍ଦରଗଡ ଏସ୍‌ପିଙ୍କୁ ଅନ୍‌ଲାଇନରେ ମହିଳା କର୍ମଚାରୀ ଜଣକ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଅଭିଯୋଗ କରିଥିଲେ। ହେଲେ ଏହି ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆ ଗଲା ନାହିଁ। ଏଣୁ ପୋଲିସର ନିରବତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା। ଏହାପରେ ରାଜଗାଙ୍ଗପୁର ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚ ଏହି ମହିଳା କର୍ମଚାରୀ ଜଣଙ୍କୁ ନେଇ ରାଜଗାଙ୍ଗପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା। ଏହି ଅଭିଯୋଗକୁ ଭିତ୍ତି କରି ରାଜଗାଙ୍ଗପୁର ଥାନାରେ ଏକ ମାମଲା (ନଂ. ୨୬୬/୧୯) ରୁଜୁ କରାଯାଇଥିଲା । ହେଲେ ମାମଲା ରୁଜୁ ହେବା ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଏଣୁ ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କି କଂଗ୍ରେସ କର୍ମୀଙ୍କ ସହିତ ୨୪ ତାରିଖ କଲେଜକୁ ଯାଇଥିଲେ। ସେ ଉକ୍ତ ମହିଳାଙ୍କୁ ଭେଟିବା ସହିତ କଲେଜ ଆଗରେ ଧାରଣା ମଧ୍ୟ ଦେଇଥିଲେ। ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରା ନ ଗଲେ ଆନ୍ଦୋଳନ ପାଇଁ ଚେତାବନୀ ବି ଦେଇଥିଲେ। ଏହି ଚେତାବନୀକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଏଣୁ ସୋମବାର ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, କଂଗ୍ରେସ କର୍ମୀଙ୍କ ସହିତ ଏକ ରାଲିରେ ଜର୍ଜ ତିର୍କି ରାଜଗାଙ୍ଗପୁର ଥାନାକୁ ଯାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

## ଗୋରକ୍ଷା ସଂଯୁକ୍ତ ମହାଅଭିଯାନ ଓଡ଼ିଶା ଆବାହକଙ୍କୁ ସମ୍ବର୍ଦ୍ଧନା

ବେଦବ୍ୟାସ, ୩୦।୯ (ଡି.ଏନ.ଏ)

ଓଡିଶା ଗୋ ରକ୍ଷା ସଂଯୁକ୍ତ ମହାଅଭିଯାନ ଆବାହକ ସନ୍ଥ କୃଷ୍ଣ ଦାଶଙ୍କୁ କଲୁଙ୍ଗା ବଜରଙ୍ଗଦଳ ପକ୍ଷରୁ ସୋମବାର ବେଦବ୍ୟାସ ଛକରେ ସ୍ୱାଗତ କରାଯାଇଛି। ଏହି ଅବସରରେ ସନ୍ଥ କୃଷ୍ଣ ଦାଶ କହିଛନ୍ତି ଯେ, ଓଡିଶାର ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ପରିବେଶ ଓ ଆର୍ଥିକ ଉନ୍ନତିରେ ଭାରତୀୟ ଗୋବଂଶର ଅବଦାନ ଅତୁଳନୀୟ। ଏଣୁ ଗୋ ବଂଶର ସୁରକ୍ଷା, ସମ୍ବର୍ଦ୍ଧନା, ଉପାସନା ଓ ସେବା ଆଜିର ପରିସ୍ଥିତିରେ ଅତ୍ୟାବଶ୍ୟକ ହୋଇପଡିଛି। ଏଣୁ ଏପରି ଏକ ମହତ୍ତ୍ୱକାଂକ୍ଷା ନେଇ ସମଗ୍ର ରାଜ୍ୟରେ ଗୋ ପ୍ରେମୀ ସଜ୍ଜନମାନଙ୍କ ସାମୂହିକ ପ୍ରୟାସରେ ଗୋବଂଶର କଲ୍ୟାଣ ପାଇଁ ପ୍ରାୟ ୨୧ଟି ପ୍ରସ୍ତାବକୁ ନେଇ ଏକ ହସ୍ତାକ୍ଷର ମହା ଅଭିଯାନ ସମଗ୍ର ଓଡ଼ିଶା ରାଜ୍ୟର ବିଭିନ୍ନ ପ୍ରାନ୍ତର ଭ୍ରମଣକରି ସଂଗ୍ରହ କରାଯାଉଛି। ଏହା ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଓଡିଶା ରାଜ୍ୟପାଳଙ୍କ ଜରିଆରେ ଦିଆଯିବ। ତେବେ ସଂଗ୍ରାମ କିଶୋର ପରିଡା, ଶଙ୍କର ବର୍ମା, ବିଭୂତି ପଲାଇ, ଅଭିଷେକ ସାହୁ ପ୍ରମୁଖ ସନ୍ଥ କୃଷ୍ଣ ଦାଶଙ୍କୁ ସ୍ୱାଗତ କରିଥିଲେ।

## ଭାଜପା ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା ଅଫିସ,୩୦।୯

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୩ ଦିନିଆ ରାଉରକେଲା ଗସ୍ତ ପରିପ୍ରେକ୍ଷୀରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଷ୍ଟିଲ ସିଟିର ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଇଯାଇଥିଲା। ରାଉରକେଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବିଭିନ୍ନ ଖଣିଜ ଉତ୍ତୋଳନ ହେଉଥିବା ବେଳେ ଏହାର କାର୍ଯ୍ୟାଳୟ କଲିକତାରେ ରହିବା ଦୁଃଖଦାୟକ ବୋଲି ଏଥିରେ କୁହାଯାଇଥିଲା। ସେହିପରି ଇସ୍ପାତ୍ କର୍ମଚାରୀଙ୍କ ବେତନ ଓ ପେନସନ ନେଇ ଲାଗି ରହିଥିବା ଅନିଶ୍ଚିତତା ଦୂର କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ।

## ୧୪୨ ଲିଟର ଦେଶୀ ମଦ ଜବତ, ୬ ଗିରଫ

ରାଜଗାଙ୍ଗପୁର, ୩୦।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶକ୍ରମେ ରାଜଗାଙ୍ଗପୁର ଓ ବଡଗାଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ ଲିଟିବେଡା ଗ୍ରାମର ମୋହନ ଟପ୍ପୋ, ତେଲିଘଣା ଗ୍ରାମର ଭାସ୍କର ଟପ୍ପୋ, ଡାହିଜିରା ଗ୍ରାମର ବଳମତୀ ଲାକ୍ରା, ନେତା ଏକ୍କା, ପୂର୍କାପାଲି ଗ୍ରାମର ଲାଡ୍ରୋ କିରୋ ଓ ଗଙ୍ଗାଜଳ ଗ୍ରାମର ସୁକାନ୍ତି ଲାକ୍ରା । ଏମାନଙ୍କଠାରୁ ଜବତ ବହୁ ପରିମାଣର ପୋଚ ନଷ୍ଟ କରାଯିବା ସହ ୧୪୨ ଲିଟର ଦେଶୀ ମଦ ଜବତ କରାଯାଇଛି।



ମଦ କାରବାର ଅଭିଯୋଗରେ ଗିରଫ ହୋଇଥିବା ୬ ଅଭିଯୁକ୍ତ।

# ଆମେ ଚାହୁଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ




ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ସୁନ୍ଦରଗଡ଼ରେ ଓକିଲମାନେ କୋର୍ଟ ଗେଟ୍ ଆଗରେ ପିକେଟିଂ କରି ବସି ରହିଛନ୍ତି।

ସୁନ୍ଦରଗଡ, ୩୦।୯ (ଡି.ଏନ.ଏ.)

ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ। ଏହି ଦାବିରେ ପଶ୍ଚିମ ଓଡିଶା ହାଇକୋର୍ଟ ବେଞ୍ଚ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମାସର ଶେଷ ୩ ଦିନ କାର୍ଯ୍ୟ ଦିବସ ବନ୍ଦ ପାଳନ କରି ପ୍ରତିବାଦ ଜଣାଇବାକୁ ଆହ୍ୱାନ ଦେଇଛି। ଏହି ଡାକରାକୁ ସମର୍ଥନ କରି ସୁନ୍ଦରଗଡ ଜିଲା ଓକିଲ ସଂଘ ତରଫରୁ ୨୬, ୨୭ରେ ବନ୍ଦ ପାଳନ ହୋଇଥିଲା। ସୋମବାର ଶେଷ ଦିନ ମଧ୍ୟ ପିକେଟିଂ କରି ସୁନ୍ଦରଗଡ ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆ ଯାଇଥିଲା। ପୂର୍ବାହ୍ନ ୧୦ଟାରେ ଜିଲା ଓକିଲ ସଂଘ ସଭାପତି ଦୁଷ୍ମନ୍ତ କୁମାର ନାଏକ, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆବାହକ ଅଶୋକ କୁମାର ଦାସ, ଜିଲା ଓକିଲ ସଂଘ ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ପରମେଶ୍ୱର ନାଏକ, ଏମଡି ନବି ଇମାମ, ପ୍ରସନ୍ନ ବେହେରା, ଯୁଗଳ କିଶୋର ଠାକୁର, ତାରାକାନ୍ତ ରକ୍ସା, କିଶୋର କୁମାର ନାଏକ, ଧର୍ମେଶ ଚନ୍ଦ୍ର ପଟେଲ, ସୁବୋଧ ପାଣିଗ୍ରାହୀ, ପ୍ରଦୀପ ମହାପାତ୍ର, ସୁକାନ୍ତ ମହାପାତ୍ର, ସୁନୀଲ ଚୌଧୁରୀ, ନିରଜ ସାମନ୍ତରାୟ, ବୁଧଦେବ ନାଏକ, ନରେଶ କୁମାର ନାଏକ, ପ୍ରଣବ ସିଂ, ମନୋଜ ମହାରଣା, ପ୍ରେମ କୁମାର, ପ୍ରଭାତ ଚୌଧୁରୀ, କୈଳାଶ ନାଏକ, ବିଭୋର ଆନନ୍ଦ ପଟେଲ, ସଞ୍ଜୟ ମାଝୀ, ରବୀନ୍ଦ୍ର ମାଲି, ନୃସିଂହ କିସାନ, ଗୌତମ ହାତୀ, ପ୍ରଣବ ହାତୀ, ଅଶୋକ ନାଏକ, ପ୍ରମୋଦ ମିଶ୍ର, ଅରୁଣ ଯୋଶୀ, ବାଦଲ ଚୌଧୁରୀ, ଚତୁର୍ଭୁଜ ନାଏକ, ଡିଗାନନ୍ଦ ଚୌଧୁରୀ, ସୁନୀଲ ପଟେଲ, ଦଶରଥ ଗହୀର, ଗଜି ପାତ୍ର, ସଞ୍ଜୟ ମାଝୀ, ନୃସିଂଙ୍ଗ କିସାନ, ମାଳି ଟପ୍ପୋ, ଦୁଲାରୀ ନାଗ, ବବିତା ସୁନ୍ଦରୀ ଦାସ, ପ୍ରଭାତୀ ଯୋଶୀ, କଳ୍ପନା ମୈତି, ଅଲିଭା ମହାପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଜିଲା ଓକିଲ ସଂଘ ସମୁଖରେ ଏକତ୍ରିତ ହୋଇଥିଲେ। ଏହାପରେ ମିଳିତ ପିକେଟିଂ କରି କୋର୍ଟ କଚେରି କାର୍ଯ୍ୟ ବନ୍ଦ କରିଥିଲେ। ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଆରଟିଓ ଅଫିସ, ପୌର ପାଳିକା କାର୍ଯ୍ୟାଳୟ ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ, ସମସ୍ତ ବୀମା କାର୍ଯ୍ୟାଳୟ, ଡାକ ବିଭାଗ କାର୍ଯ୍ୟାଳୟ, ସମସ୍ତ ଘରୋଇ ଫାଇନାନ୍ସ କାର୍ଯ୍ୟାଳୟଗୁଡିକୁ ବନ୍ଦ କରି ଦିଆଯାଇଥିଲା । ହେମଗିର ବ୍ଲକ ତରଫରୁ କାଶୀନାଥ ରାଉତ, ସୁକାନ୍ତ ମିଶ୍ର, କେଶବ ପଧାନ, ସୁନୀଲ ଭୋଇ, କୁଶ ପଧାନ, ନରେଶ ଶତପଥୀ ପ୍ରମୁଖ ପିକେଟିଂ କରି ବ୍ଲକ ଅଞ୍ଚଳରେ ଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କଗୁଡିକୁ ବନ୍ଦ କରି ଦିଆଯାଇଥିଲା। ଲେଫ୍ରିପଡା ବ୍ଲକରେ ସୁଶୀଲ ମିଞ୍ଜ, ଅକ୍ଷୟ ବିରଗଣ୍ଡିଆ, ରାଜୁ ପଟେଲ, ଟାଙ୍ଗରପାଲି ବ୍ଲକ ତରଫରୁ ସୁଶାନ୍ତ ପାଣ୍ଡେ, ସନ୍ତୋଷ ଆଚାର୍ଯ୍ୟ, ମାନସ ପଣ୍ଡା, ବାଲିଶଙ୍କରା ବ୍ଲକ ତରଫରୁ ରାଜ କୁମାର ଶତପଥୀ, କେଶବ ରଣା, ସବଡେଗା ବ୍ଲକ ତରଫରୁ ଜେମ୍ସ ଲାକ୍ରା, ମାଳି ଟପ୍ପୋଙ୍କ ସହଯୋଗରେ ବ୍ଲକ ଅଞ୍ଚଳରେ ଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟଗୁଡିକୁ ପିକେଟିଂ କରି ବନ୍ଦ କରି ଦିଆଯାଇଥିଲା।

# ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ତାତି

ସମ୍ବଲପୁର, ୩୦।୯ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟି ବେଞ୍ଚ ପ୍ରତିଷ୍ଠା ଦାବିରେ ସୋମବାର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତର, ବୀମା, ବ୍ୟାଙ୍କ ଗୁଡିକ ସଂପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । ସମ୍ବଲପୁରସ୍ଥିତ ରେଳମଣ୍ଡଳ ପ୍ରବନ୍ଧକଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ପୂର୍ବାହ୍ନ ସାଢ଼େ ୯ଟାରେ ପିକେଟିଂ କରିଥିଲେ। ଏହି ସମୟରେ ଜଣେ କର୍ମଚାରୀ ଅଫିସ ଭିତରକୁ ଯିବାକୁ ଅଡି ବସିଥିଲେ। ଏହାକୁ କେନ୍ଦ୍ର କରି ଆନ୍ଦୋଳନକାରୀ ଓ ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତି ସମୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ପୋଲିସ ହସ୍ତକ୍ଷେପରେ ପରିସ୍ଥିତି ଶାନ୍ତ ପଡିଥିଲା । ଗେଟ୍ ସମ୍ମୁଖରେ ଅଟକି ରହିଥିବା ସମସ୍ତ କାର୍ମଚାରୀ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରିଯାଇଥିଲେ। ସେହିଭଳି ସମ୍ବଲପୁର କଚେରି ଛକଠାରେ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ଏହାଦ୍ୱାରା ବିଚାରପତିମାନେ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରି ଯାଇଥିଲେ। ବୁର୍ଲାସ୍ଥିତ ଏମ୍‌ସିଏଲ୍ ମୁଖ୍ୟ ଗେଟ୍ ଆଗରେ ମଧ୍ୟ ପିକେଟିଂ କରି ବନ୍ଦ କରାଯାଇଥିଲା। ତେବେ ନାଗରିକ କ୍ରିୟାନୁଷ୍ଠାନ କମିଟି, ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ମିଳିତ ଭାବେ ସମ୍ବଲପୁର ସହରର ବିଭିନ୍ନ ଅଫିସ ଫାଟକ ଆଗରେ ଆନ୍ଦୋଳନ କରି ବନ୍ଦ କରିଥିଲେ।



ସମ୍ବଲପୁର ଡିଆରଏମ୍ ଅଫିସ ମୁଖ୍ୟ ଫାଟକରେ ଆନ୍ଦୋଳନକାରୀ ପିକେଟିଂ କରୁଛନ୍ତି ।

**କୁଚିଣ୍ଡା,(ଡି.ଏନ.ଏ.)**

କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦରେ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ଗତ ୨୬, ୨୭ ଓ ୩୦ ତାରିଖ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, କମ୍ପାନୀ ଆଦି ସଂସ୍ଥା କାର୍ଯ୍ୟାଳୟ ଆଗରେ ପିକେଟିଂ କରି ଗେଟ ବନ୍ଦ କରି ଓକିଲମାନେ ବସି ରହିଥିଲେ । ଏହା ଦ୍ୱାରା ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ ହୋଇଯାଇଥିଲା । ଓକିଲଙ୍କ ତିନି ଦିନିଆ ବନ୍ଦର ସୋମବାର ଥିଲା ୩ୟ ଦିବସ । ଯଦି ସରକାର ଏଥିରେ ବି କର୍ଣ୍ଣପାତ ନ କରନ୍ତି କିମ୍ବା ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରନ୍ତି ତେବେ ଆଗାମୀ ଦିନରେ କଠୋର ପଦକ୍ଷେପ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୋମବାର କୋର୍ଟ ସମ୍ମୁଖ ଗେଟରେ ତାଲା ବନ୍ଦ କରାଯାଇଥିଲା। ସେଠାରେ ଓକିଲ ସଂଘ ସଭାପତି ଅକ୍ଷୟ କୁମାର ନାୟକ, ଓକିଲ ରଶ୍ମିନ ଶର୍ମା, ମିନକେତନ ମିଶ୍ର, କୈଳାଶ ଅଗ୍ରୱାଲ, ରବିନ୍ଦ୍ର ପରିଡା, ସରକାରୀ ଓକିଲ ରବିନ୍ଦ୍ର ନାୟକ, ଅସିତ ଗଙ୍ଗଦେବ, ଦେବେନ୍ଦ୍ର ପଟେଲ, ମୁରଲୀ କୁସୁମ, ନିଳିନ୍ଦ୍ର କୁମାର ପଟେଲ ପ୍ରମୁଖ ବସି ରହିଥିଲେ। କ୍ଷୁଦ୍ରଜଳ ସେଚନ ଓ କୃଷି ବିଭାଗଠାରେ କେନ୍ଦ୍ରୀୟ କମିଟି ସଭ୍ୟ ପ୍ରମୋଦ ଛୁରିଆ, ତୁଳାରାମ ବାଘ, ପ୍ରଫୁଲ୍ଲ ବାରିକଙ୍କ ସମେତ ବହୁ ଓକିଲ ସାମିଲ ଥିଲେ। ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା, ସଞ୍ଜୟ ପାଣିଗ୍ରାହୀ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ବନ୍ଦରେ ସାମିଲ ଥିଲେ।

# ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି କବି ରାଧାନାଥ ରାୟ

ବେଦବ୍ୟାସ, ୩୦।୯ (ଡି.ଏନ.ଏ.)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ବ୍ୟାସ ପୀଠ ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କବିବର ରାଧାନାଥ ରାୟଙ୍କର ୧୭୧ତମ ଜୟନ୍ତୀ ବୈଶାଖି ସାହିତ୍ୟ ସଂସଦ ଆନୁକୂଲ୍ୟରେ ପାଳିତ ହୋଇଛି । ସଂସଦର କାର୍ଯ୍ୟକାରୀ ସଭାପତି ତଥା ସଂସ୍କୃତ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡ. ଉମାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା । ବେଦବ୍ୟାସ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ପାଠଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ କବିଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ତଥା ପ୍ରଫେସର ଡ. ରମାକାନ୍ତ ପଣ୍ଡା ସଭାପରିଚାଳନା କରିଥିଲେ । ଏହି ଅବସରରେ ଆଶ୍ଲେଷା ଅଭିଲିପସା ପଣ୍ଡା, ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଇତିହାସ ସଂକଳନ ସମିତିର କାମେଶ୍ୱର ସିଂ, ସୌମ୍ୟରଞ୍ଜନ ତ୍ରିପାଠୀ, ଅଧ୍ୟାପିକା ପ୍ରୀତିରେଖା ମିଶ୍ର, ଯୁଗଳ କିଶୋର ସିଂହ, ରୋହିତ କୁମାର ପଟେଲଙ୍କ ସମେତ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ କାଳୀକିଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ କବିବର ରାଧାନାଥ ରାୟଙ୍କର ୧୭୧ତମ ଜୟନ୍ତୀ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡେ।

- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ସତ୍ୟ, ଅହିଂସା ନୀତିକୁ ସମର୍ଥନ କରିବ ଶକ୍ତି କ୍ଲବ

ରାଉରକେଲା ଅଫିସ,୩୦। ୯

ଶକ୍ତି କ୍ଲବ, ସୋସିଆଲ ହୋମ ମିଳିତ ଆନୁକୂଲ୍ୟରେ ପୂର୍ବବର୍ଷ ପରି ଚଳିତ ବର୍ଷ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ହେବ । ଏହି ଅବସରରେ ସତ୍ୟ, ଅହିଂସା, ନୀତି ଓ ନୈତିକତାକୁ ସବୁକ୍ଷେତ୍ରରେ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଗତ୧୫ ତାରିଖରେ ଷ୍ଟିଲ ସିଟିର ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗତ ୨୯ରେ ଏକାଧିକ ଓଡ଼ିଆ ମାଧ୍ୟମ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକବିଂଶ ଶତାବ୍ଦୀରେ ଅହିଂସା ଓ ସତ୍ୟାଗ୍ରହ ପ୍ରାସଙ୍ଗିକତା ଶୀର୍ଷକ ଏକ ଅଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖରେ ଗାନ୍ଧିଜୀଙ୍କ ପ୍ରିୟ ରାମଧୂନ ଓ ପ୍ରଭାତ ଫେରି ସହ ଆଲୋଚନାଚକ୍ର ଆୟୋଜନ କରାଯାଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ସାମୁହିକ ସତ୍ୟାପାଠ ସାଙ୍ଗକୁ କୃତୀ ପ୍ରତିଯୋଗୀ ତଥା ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି ।

# ଆଇଜିଏଚ୍ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ହେବ: ପ୍ରଧାନ

ରାଉରକେଲା ଅଫିସ, ୩୦।୯

ସମ୍ପ୍ରତି ଇସ୍ପାତ୍ ଶିଳ୍ପ ସଙ୍କଟଜନକ ସ୍ଥିତିରେ ଗତି କରୁଛି। କିନ୍ତୁ ଖର୍ଚ୍ଚ କାଟ ଆଳରେ ଲୋକମାନଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଅବହେଳା କରାଯାଇ ପାରିବ ନାହିଁ। ଆଗାମୀ ଦିନରେ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରାଯିବ ବୋଲି ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ପକ୍ଷରୁ ଆୟୋଜିତ ଏକ ସଭାରେ ଯୋଗଦେଇ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସୋମବାର ପୂର୍ବାହ୍ନରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ପ୍ରଧାନ ଆର୍‌ଏସ୍‌ପିର ସ୍ୱୀକୃତିପ୍ରାପ୍ତ ୟୁନିୟନ ବିଏମ୍ଏସ୍‌ର ସେକ୍ଟର-୪ ସ୍ଥିତ କାର୍ଯ୍ୟାଳୟ ଓ ବିଶ୍ୱକର୍ମା ଭବନ ପରିଦର୍ଶନ କରିଥିଲେ । ମନ୍ତ୍ରୀ ପ୍ରଧାନଙ୍କ ସହିତ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ସିଇଓ ଦୀପକ ଚଟ୍ଟରାଜ, ରାଜବୀର ସିଂ ପ୍ରମୁଖ ସାମିଲ ହୋଇଥିଲେ। ୟୁନିୟନର କର୍ମକର୍ତ୍ତାମାନେ ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ




ସୋମବାର ବିଏମ୍ଏସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଦନ ଦେଉଛନ୍ତି।

ୟୁନିୟନର ସଭାପତି ବିବେକାନନ୍ଦ ମହନ୍ତ ଓ ଫେଡେରେଶନର ସାଧାରଣ ସମ୍ପାଦକ ରାଜେନ୍ଦ୍ରନାଥ ମହନ୍ତଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କହିଲେ ଆଇଜିଏଚ୍‌ର ଉନ୍ନତି ପାଇଁ ସରକାର ଚିନ୍ତା କରିଛନ୍ତି । ଏହି ହସ୍‌ପିଟାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ଏହାସହ ଆଗାମୀ ଦିନରେ ଆର୍‌ଏସ୍‌ପି କାରଖାନାର ସଂପ୍ରସାରଣ କରାଯାଇ କ୍ଷମତା ବୃଦ୍ଧି କରାଯିବ। ଏଥିପାଇଁ ଜନସାଧାରଣଙ୍କ ସମେତ କର୍ମଚାରୀଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ୨୦୧୨ରୁ ସେଲ୍ କର୍ତ୍ତୃପକ୍ଷ ପେନସନ ଯୋଜନା ପାଇଁ ରାଜି ହୋଇଥିଲେ ମଧ ତାହା କାର୍ଯ୍ୟକାରୀ କରା ନ ଯିବା ଅତ୍ୟନ୍ତ ଦୁଃଖର ବିଷୟ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ମଜୁରୀ ଚୁକ୍ତିନାମା ନେଇ ତୁରନ୍ତ ଏନ୍‌ଜେସିଏସ୍ ବୈଠକ ଡାକିବା ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ବେତନ ଚୁକ୍ତିନାମା ଏକ ଭଲ ଏବଂ ଶ୍ରମିକ ହିତକାରୀ ହେଉ ବୋଲି ତାଙ୍କର ଆନ୍ତରିକ ଇଚ୍ଛା ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବେତନ ଚୁକ୍ତିନାମା ସମ୍ପନ୍ନ କରିବା, ପେନସନ ଯୋଜନା କାର୍ଯ୍ୟକାରୀ କରିବା, ପୂଜା ପୂର୍ବରୁ ବୋନସ ପ୍ରଦାନ, ଆଇଟିଆଇ ଓ ଡିପ୍ଲୋମାଧାରୀଙ୍କ ଡିଗ୍ରେଡେଶନ ବ୍ୟବସ୍ଥା ଉଠାଇ ସେମାନଙ୍କୁ ଏସ-୩ ଓ ଏସ-୬ ଗ୍ରେଡରେ ନିଯୁକ୍ତି ପ୍ରଦାନ, ରିୱାର୍ଡ ସ୍କିମର ବୃଦ୍ଧି କରିବା ଏବଂ ଡିପ୍ଲୋମାଧାରୀମାନଙ୍କୁ ଜୁନିୟର ଇଞ୍ଜିନିୟର ପଦବୀ ପ୍ରଦାନ କରିବା ଉପରେ ଉକ୍ତ ଦାବିପତ୍ରରେ ଗୁରୁତ୍ୱାରୋପ କରାଯାଇଛି । ମନ୍ତ୍ରୀ ପ୍ରଧାନ ଉପରୋକ୍ତ ଦାବିଗୁଡ଼ିକ ପ୍ରତି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସାଧାରଣ ସମ୍ପାଦକ ହିମାଂଶୁ ବଳ ଧନ୍ୟବାଦ ଦେଇଥିଲେ। ପ୍ରଦୋଷ ପଣ୍ଡା, ପ୍ରଭାତ ବେହେରା, ସତ୍ୟାନନ୍ଦ ଦାସ, ଗୁରୁଚରଣ ମହାନ୍ତି, ଉମାକାନ୍ତ ସାମଲ, ରାମଚନ୍ଦ୍ର ହାସଁଦା, ଅଜିତ ପୃଷ୍ଟି, ମଙ୍ଗଳ ବଡ଼ାଇକ, ସୁବାସ ପାଢ଼ୀ, ଦୀନବନ୍ଧୁ ପାତ୍ର, କେଦାର ମାନସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ରେ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ

ରାଉରକେଲା ଅଫିସ,୩୦।୯

ଆସନ୍ତା ୩ ତାରିଖରେ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ ପାଳିତ ହେବ । ସେକ୍ଟର- ୭ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଜୋରସୋର ପ୍ରସ୍ତୁତି ଚାଲିଛି । ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ କହିଲେ , ଆଜିକାଲି ଦେବ ସୁଲଭ ଗୁଣାଧାରୀଙ୍କ ସାନ୍ନିଧ୍ୟ ପାଇବା ସ୍ୱପ୍ନ ପାଲଟିଲାଣି। ପ୍ରଜ୍ଞା ପୁରୁଷଙ୍କ ଅଭାବ ସାମାଜିକ ଜୀବନରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସେହିପରି ଜଣେ ବ୍ୟକ୍ତିଙ୍କୁ ମନେପକାଇବା ପାଇଁ ଆମେ ଏଥର ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ ସଭାର ଆୟୋଜନ କରିଛୁ । ଏଥିରେ ବହୁ ବାଗ୍ମୀ ବକ୍ତା ଓ ଅତିଥି ଉପସ୍ଥିତ ରହିବେ। ଏହି ଅବସରରେ ଆକର୍ଷଣୀୟ ରବିନ୍ଦ୍ର ସଙ୍ଗୀତ ପରିବେଷଣ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଦିବାକର ମହାନ୍ତି, ଭାରତ ଭୂଷଣ ମହାନ୍ତି, ରଶ୍ମିରଞ୍ଜନ ବୋଇତାଇ, ରାଧାମୋହନ ନାୟକ, ଘନଶ୍ୟାମ ଧଳ, ନଗେନ ଦାସ, ଲକ୍ଷ୍ମଣନାଥ ଦାସ. ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ରମାକାନ୍ତ ସ୍ୱାଇଁ, ବିପିନ ପଟ୍ଟନାୟକ, ଶୁଭ୍ରାଂଶୁଶେଖର ମହାପାତ୍ର ଓ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଔଷଧ ବ୍ୟବସାୟୀ ସଂଘ ସାଧାରଣ ପରିଷଦ ବୈଠକ




ସୁନ୍ଦରଗଡ଼ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ବ୍ରାହ୍ମଣୀ କ୍ଲବଠାରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ, ୩୦। ୯

ସୁନ୍ଦରଗଡ ଜିଲା ଔଷଧ ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ ଜିଲା ସଭାପତି ରଶ୍ମିତ୍ ବିଶ୍ୱାଳଙ୍କ ଅଧକ୍ଷତାରେ ସ୍ଥାନୀୟ ବ୍ରାହ୍ମଣୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ସମ୍ମାନିତ ଅତିଥି ରୂପେ ରାଉରକେଲା ବିଧାୟକ ସାରଦା ନାୟକ, ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ମାମିନା ଗଡ଼ନାୟକ, ରାଉରକେଲା ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ ସାହୁ, ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ହୃଷୀକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଓରାମ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ନୀତି ଓ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ କେନ୍ଦ୍ର ସରକାରଙ୍କ ନୀତି ହେଉଛି ସର୍ବେ ଭବନ୍ତୁ ସୁଖିନ୍ଃ, ସର୍ବେସନ୍ତୁ ନିରାମୟ। ଏହାର ସଫଳ ରୂପାୟନ କିପରି ହୋଇ ପାରିବ ସେ ଦିଗରେ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିବା ଆବଶ୍ୟକ ରହିଛି। ଔଷଧ ବ୍ୟବସାୟ ଏପରି ଏକ ବୃତ୍ତି ଯାହା ରୋଗୀଙ୍କ କଲ୍ୟାଣର୍ଥେ ସର୍ବଦା ପ୍ରେରିତ ହେବା ଆବଶ୍ୟକ। ତେବେ ବ୍ୟବସାୟୀଙ୍କ ସମସ୍ୟା ନେଇ ସରକାର ଅବଗତ ଅଛନ୍ତି ବୋଲି ଓରାମ କହିଥିଲେ। ସମ୍ମାନୀତ ଅତିଥି ନାୟକ ରାଜ୍ୟ ସରକାରଙ୍କ ଔଷଧ ନୀତି ଉପରେ ଆଲୋକପାତ କରି କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ସମସ୍ୟା ନେଇ ଯଥାବିଧି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ବୈଠକ ଶେଷରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ରୂପେ ଅନିଲ ଅଗ୍ରୱାଲ, ସମ୍ପାଦକ ରଞ୍ଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ଶ୍ରୀପତିରଞ୍ଜନ ଜେନା ପ୍ରମୁଖ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମକୁ ହୃଷିକେଶ ମିଶ୍ର ପରିଚାଳନା କରିଥିଲେ। ଏଥିରେ ସମସ୍ତ ବ୍ୟବସାୟୀ ଯୋଗଦେଇ ବୈଠକର ସଫଳତା କାମନା କରିଥିଲେ। ଶରଶିମୋହନ ପାତ୍ର, ଗୌରୀ ଗୁପ୍ତା, ପ୍ରଜ୍ଞାପ୍ରଦୀପ୍ତ ଲେଙ୍କା, ସୁବାସ ସିଂ, ମନୋଜ ଅଗ୍ରୱାଲ, ମନୋଜ ପାଣିଗ୍ରାହୀ, ଅଜୟ ଶର୍ମା, ସିଦ୍ଧାର୍ଥ ପଣ୍ଡାଙ୍କ ସମେତ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ।

# ଓଡିଆ ଭାଷା, ସାହିତ୍ୟ ପ୍ରଚାର ପାଇଁ ପଦକ୍ଷେପ

ରାଉରକେଲା ଅଫିସ,୩୦। ୯

ଅଗ୍ରଣୀ ମହିଳା ଅନୁଷ୍ଠାନ ଯାଜ୍ଞସେନୀ ପକ୍ଷରୁ ସୋମବାର ଓଡିଆ ଭାଷା ସାହିତ୍ୟର ପ୍ରଚାରପ୍ରସାର ପାଇଁ ଏକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ସେକ୍ଟର-୨୦ ଏନଏସି(ଏସଟି) ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା, ଡିଆଇପିଆର୍‌ଓ ଅଶ୍ୱିନୀ ଭୋଇ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦିକା ନିଭାରାଣୀ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସବିତା ମାନକି ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ କେତେକ ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ଯାଜ୍ଞସେନୀ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଭାଷା ସାହିତ୍ୟର ଉତ୍‌ଥାନ ଦିଗରେ କାମ କରିବାକୁ ଆଗ୍ରହ ବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡିଭାଇନ ଲାଇଫ ସ୍କୁଲ ଠାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାତୃଭାଷା ଓ ମାତୃଭୂମିର ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ମିନାରାଣୀ ଜେନାଙ୍କ ଦ୍ୱାରା ସଂସ୍କୃତି ଅଧିକାରୀ ଅନୀଲ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ ଅଶ୍ୱିନୀ ଭୋଇଙ୍କୁ ସମ୍ମାନୀତ କରିଥିଲେ।









# ଇସ୍ପାତ୍ ଶ୍ରମିକଙ୍କ ସମସ୍ୟା ସମାଧାନ ଚିନ୍ତା

## ସିଟୁ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା ଅଫିସ, ୩୦।୯

ଇସ୍ପାତ୍ ଶ୍ରମିକଙ୍କ ସମସ୍ୟାର ସାମଧାନ ଉପରେ ସିଟୁ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ରବିବାର ଅପରାହ୍ନରେ ବସନ୍ତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସାକ୍ଷାତ୍‌କାର ସମୟରେ ଇସ୍ପାତ୍ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ତା'ର ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ।

ଦାବିପତ୍ରରେ ଇସ୍ପାତ୍ ଶ୍ରମିକଙ୍କ ନୂତନ ମଜୁରି ଚୁକ୍ତିକୁ ୩୩ ମାସ ଅତିବାହିତ ହୋଇଯାଇଥିବା ବେଳେ ଏନ୍‌ଜେସିଏସ୍ ବୈଠକ ଡାକି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମଜୁରି ଚୁକ୍ତି କରାଯାଉ। ୨୦୧୪ ମସିହାରୁ ସ୍ୱାକ୍ଷରିତ ହୋଇଥିବା ପେନସନ ସ୍କିମ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଅବସର ଗ୍ରହଣ କରୁଥିବା ଶ୍ରମିକମାନଙ୍କୁ ୨ମାସ ପରିବର୍ତ୍ତେ ୩ବର୍ଷ ପାଇଁ ଘର ରଖିବାର ବ୍ୟବସ୍ଥା କରିବା ଦାବି ରହିଛି। ଏହାସହ ଆଇଜିଏଚ୍‌ରେ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା, ସମସ୍ତ ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ସହ ପାରାମେଡିକାଲ କର୍ମଚାରୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି । ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତା ୧୨ ମିଲିୟନ ଟନ୍‌କୁ ବୃଦ୍ଧି କରିବା ସହ ସିଆରଏମ୍ ପ୍ଲେଟ ମିଲ୍ ପାଇପ ପ୍ଲାଣ୍ଟର ଆଧୁନିକକରଣ କରାଯିବା ପାଇଁ ଦାବି କରାଯାଇଛି। ଠିକା ଶ୍ରମିକମାନଙ୍କୁ ସର୍ବନିମ୍ନ ମାସିକ ୨୧ ହଜାର ଟଙ୍କା ଦରମା ପ୍ରଦାନ ସହ ଆଇଟିଆଇ ଡିପ୍ଲୋମା୍‌ମାନଙ୍କୁ ପୂର୍ବ ପ୍ରଚଳିତ ଗ୍ରେଡ ଅନୁସାରେ ନିଯୁକ୍ତି ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ମେଡିକାଲ ଅନ୍‌ଫିଟ ଥିବା ସର୍ତ୍ତକୁ କୋହଳ କରିବା ସହ କୌଣସି କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ପାଇଁ ଏହି ଦାବିପତ୍ରରେ ଅନୁରୋଧ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ସୁରେନ୍ଦ୍ର ମହାନ୍ତି ଓ ପି.ସି. ପ୍ରଧାନ ଥିଲେ।

# ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତି

ରାଉରକେଲା ଅଫିସ, ୩୦।୯

## ପୁରସ୍କୃତ ହେବେ କୃତୀ ପ୍ରତିଯୋଗୀ

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆନୁକୂଲ୍ୟରେ ସେକ୍ଟର-୩ ସିୟର ଅଫିସ ଗୃହ(ବି-୪୦)ରେ ଆସନ୍ତା ୨ ତାରିଖରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହେବ। ଏହି ଅବସରରେ ବିଭିନ୍ନ ସ୍କୁଲରେ ଗାନ୍ଧିଜୀଙ୍କ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁଷ୍ଠାନର ଆବାହକ ବୈଦ୍ୟନାଥ ଦାସ ନିବେଦନ କରିଛନ୍ତି । ସେହିପରି ସେଦିନ ଉତ୍କଳ ନବ ଜୀବନ ମଣ୍ଡଳ ଓ ଜଗଦା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ। ଏହି ଅବସରରେ ଜଗଦା ଉତ୍କଳ ନବ ଜୀବନ ମଣ୍ଡଳ କେନ୍ଦ୍ରଠାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନିଃଶୁଳ୍କ ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲରେ ଗାନ୍ଧିଜୀଙ୍କ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ସଞ୍ଜୀବ ମହାନ୍ତି, ପୀତାମ୍ବର ନାୟକ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ନିବେଦନ କରିଛନ୍ତି।


